

ଇଶାନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ, ପାକିସ୍ତାନ ଧରାଶାୟୀ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-231 ♦MONDAY ♦16 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୩୧ ♦ସୋମବାର ♦୧୬ ଫେବ୍ରୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ମ.ୱ.୦୦

LOVED IN 100 COUNTRIES

BAJAJ THE WORLD'S FAVOURITE INDIAN

THE ALL NEW pulsar 150 / 125

NOW WITH LEDs.

DARE THE DARK

ଏକ୍ସ ଶୋରୁମ୍ ମୂଲ୍ୟ ₹87 721/-

25 ବର୍ଷୀୟ ଉତ୍ସବ
ସଞ୍ଚରୁ
₹7 000* ପର୍ଯ୍ୟନ୍ତ

ଛାଡ଼ ₹3 000* ପର୍ଯ୍ୟନ୍ତ | ଶୂନ୍ୟ ପିଏଫ୍ | 5 ମାଗଣା ସର୍ଭିସ୍

N160 ମଡେଲ୍ ରେ ମିଳୁଛି*

PLATINA ରେ 3 000 ଛାଡ଼

pulsar DEFINITELY DARING

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ପ୍ରସ୍ତାବ 28 ଫେବ୍ରୁଆରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ପ୍ରସ୍ତାବ ହେଉଛି କ୍ୟାଶ୍ ଡ୍ୟାଡ୍‌ଜନିତ ପ୍ରସ୍ତାବ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ପ୍ରସ୍ତାବରୁ ନିର୍ଦ୍ଦିଷ୍ଟ ଲେବର୍ ଚାର୍ଜେସ୍ ଇଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ପ୍ରସ୍ତାବ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍‌ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସବାଙ୍ଗେ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293• Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979

ଶିବ ପଞ୍ଚାକ୍ଷର ମନ୍ତ୍ରରେ କମ୍ପିଲା ଶୈବପୀଠ







ଭବାନୀପାଟଣା, ୧୫।୨(ସମିସ)

ମହାଶିବରାତ୍ରି ଅବସରରେ କଳାହାଣ୍ଡିର ପ୍ରତ୍ୟେକ ଶୈବପୀଠ ଶିବ ପଞ୍ଚାକ୍ଷର ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହୋଇଉଠିଥିଲା। ସମଗ୍ର କଳାହାଣ୍ଡିର ଶୈବ ପୀଠ ଗୁଡିକରେ ସକାଳୁ ଭକ୍ତଙ୍କ ଭିଡ ଜମିଥିଲା। ପ୍ରାତଃ ସମୟରୁ ସନ୍ଧ୍ୟା ମହାଦୀପ ଉଠିବା ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ପ୍ରଭୁ ଶିବଙ୍କ ଆରାଧନା କରିଥିଲେ। କେଉଁଠି ଷୋଳ ପ୍ରହରୀ, ଅଷ୍ଟ ପ୍ରହରୀ, ନାମଯଜ୍ଞ ହେଉଥିବାବେଳେ ଶିବସ୍ତୋତ୍ର ପାଠରେ ପ୍ରକମ୍ପିତ ହେଉଥିଲା ଶିବାଳୟ। ଜାଗର ବ୍ରତଧାରୀମାନେ ମନ୍ଦିର ସମ୍ମୁଖରେ ଦୀପଟିଏ ଜାଳି ଜାଗର ଉପାସନା କରିଥିଲେ। ନର୍ଲା ବ୍ଲକ ବୁଢ଼ୀପଦର ଗ୍ରାମର ଦେବଗିରି ଶୈବ ପୀଠ, କର୍ଲାମୁଣ୍ଡା ବ୍ଲକ ବେଲଖଣ୍ଡି ସ୍ଥିତ ଉମା ମାହେଶ୍ୱର, ଧବଳେଶ୍ୱର ମହାଦେବ ମନ୍ଦିର, ଧର୍ମଗଡ଼ର ପାରଦେଶ୍ୱର ମହାଦେବ ମନ୍ଦିର, କୁସୁମଖୁଣ୍ଟିର ନୀଳକଣ୍ଠେଶ୍ୱର ମହାଦେବ, ମୂଷାପାଲି ଗୁପ୍ତେଶ୍ୱର ପୀଠ, ବେହେରାଗୁଡ଼ାର ବାଲୁଙ୍କେଶ୍ୱର ପୀଠ, ଜୟପାଟଣା ବ୍ଲକର ପୂଜାରୀଗୁଡ଼ା, ଭବାନୀପାଟଣାର ଭବାନୀଶଙ୍କର ମନ୍ଦିର, ଜଳେଶ୍ୱର ମନ୍ଦିର, ସୋମେଶ୍ୱର ଶିବ ମନ୍ଦିର, ଭଣ୍ଡେଶ୍ୱର ମନ୍ଦିର, ବାଲାଜୀ ଶିବ ମନ୍ଦିର, ପୁରୁଣାପଡ଼ା ବାଲୁଙ୍କେଶ୍ୱର ଶିବ ମନ୍ଦିର, ବାଦୋପଲା ଶିବ ମନ୍ଦିର, ଗୁର୍ଜିମୁଣ୍ଡା ଶିବ ମନ୍ଦିର, ଇଛାପୁରର କେଦାରେଶ୍ୱର ଅଷ୍ଟଶମ୍ଭୁ ଶିବ ମନ୍ଦିର, କୋକସରା ବ୍ଲକର କାଳେଶ୍ୱର ମନ୍ଦିର, ମୋହନଗିରି ଶିବମନ୍ଦିରରେ ବିଳମ୍ବିତ ରାତ୍ରରେ ମହାଦୀପ ଉଠିଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପୁରୁଣାପଡ଼ା ବାଲୁଙ୍କେଶ୍ୱର ମନ୍ଦିର

ଭବାନୀପାଟଣା ସହର ପୁରୁଣାପଡ଼ା ବାଲୁଙ୍କେଶ୍ୱର ମନ୍ଦିରରେ ମହାଶିବରାତ୍ରି ଅବସରରେ ପ୍ରାତଃ ୪ଟା ସମୟରେ ନୀତିକାନ୍ତି ଆରମ୍ଭ ହୋଇଥିଲା। ଭକ୍ତମାନଙ୍କ ପ୍ରବଳ ଭିଡ଼ ସତ୍ତ୍ୱେ ରୀତିନୀତି କରାଯିବା ପରେ ରାତ୍ର ୧୦ଟା ସମୟରେ ମହାଦୀପ ଉଠିଥିଲା। ପରେ ରାତ୍ର ୧୧ଟା ସମୟରେ ହରିହର ଭେଟ ହୋଇଥିଲା। ହରଙ୍କ ପକ୍ଷରୁ କର୍ତ୍ତା ଭାବରେ କିଶୋର ସାହୁ ଏବଂ ହରିଙ୍କ ପକ୍ଷରୁ କର୍ତ୍ତା ଭାବରେ ମନୋଜ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଶିବ ମନ୍ଦିର ପୂଜାରୀ ଉଦ୍ଧବ ମୁନି ଓ ରାଧାକୃଷ୍ଣ ମନ୍ଦିର ପୂଜାରୀ ରଥାଙ୍ଗ ଠାକୁରଙ୍କ ଉପସ୍ଥିତିରେ ମୋହନ ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ବାଲୁଙ୍କେଶ୍ୱର ମନ୍ଦିରର ସମସ୍ତ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ସିଦ୍ଧାର୍ଥ ନାୟକ, ସମ୍ପାଦକ ମାନସ ପ୍ରଧାନ, ଭଣ୍ଡାର ରକ୍ଷକ ରବୀନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ମନ ମୋହନ ପ୍ରଧାନ, ଜୟରାମ ପ୍ରଧାନ, କମ୍ବୁପାଣି ପରିଛା, ଦୀପକ ପ୍ରଧାନ, ରାମକୃଷ୍ଣ ପ୍ରଧାନ, ଇନ୍ଦ୍ରମଣି ଦକୁଆ, କାହ୍ନୁ ଚରଣ ପ୍ରଧାନ, ବୁଦ୍ଧୁ ଚନ୍ଦନ, ସୁଶାନ୍ତ ମହାରଣା, ଗିରିନ୍ଦ୍ର ଭୂଷଣ ପ୍ରଧାନ, ନିମାଞ୍ଚଳ ନାଏକ ପ୍ରମୁଖ ସହଯୋଗ କରିଥିଲେ।

ଭବାନୀଶଙ୍କର ମନ୍ଦିର

ପରମ୍ପରା ଅନୁଯାୟୀ ଭବାନୀପାଟଣା ସ୍ଥିତ ଭବାନୀଶଙ୍କର ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ସନ୍ଧ୍ୟା ୬ଟାରେ ପୂଜକ ମନୋଜ ମୁନି ଓ ପଦ୍ମନାଭ ମୁନି ମହାଦୀପ ଉଠାଇଥିଲେ। ପରେ ପ୍ରଥମ ପ୍ରହର ଆଳତି ସହ ଜାଗର ଯାତ୍ରା ଆରମ୍ଭ ହୋଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଜାଗର ଜାଳି ରାତି ଉଜାଗର ରହିଥିଲେ। ପ୍ରଥମ ପ୍ରହର ଆଳତି ପରେ ଭବାନୀ ଶଙ୍କରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ର ଶେଖରଙ୍କୁ ପୂଜକ ସରୋଜ କୁମାର ମୁନି ମନ୍ଦିର ଚାରିପଟେ ତିନିଥର ବେଢ଼ା ପରିକ୍ରମା କରାଇଥିଲେ। ରାତି ୯ଟାରେ ଦ୍ୱିତୀୟ ପ୍ରହର ଆଳତି ଅନୁଷ୍ଠିତ ହୋଇଥିଲା। ଶିବରାତ୍ରି ଉପଲକ୍ଷେ ମନ୍ଦିରର ଯଜ୍ଞ ମଣ୍ଡପରେ ଏକ ଦିବସୀୟ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାତି ୧୧ଟା ୩୦ରେ ହରିହର ଭେଟ ନିମନ୍ତେ ଭବାନୀ ଶଙ୍କରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ର ଶେଖରଙ୍କୁ ଏକ ସୁସଜ୍ଜିତ ଖଟୁଲିରେ ବିରାଜମାନ କରି ଘଣ୍ଟ, ଘଣ୍ଟା ଓ ନାଗରା ବାଦ୍ୟର ତାଳେତାଳେ ମନ୍ଦିରରୁ ବାହାର କରି ଜଗନ୍ନାଥ ମନ୍ଦିର ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ଅନୁରୂପ ଭାବେ ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ବିରାଜମାନ କରାଇ ପୂଜକ ଅଜୟ ମହାପାତ୍ର ଶୋଭାଯାତ୍ରାରେ ଭବାନୀ ଶଙ୍କର ମନ୍ଦିର ଅଭିମୁଖେ ବାହାରିଥିଲେ। ମଝି ରାସ୍ତାରେ ହରିହର ଭେଟ ହେବ ଓ ଉଭୟ ଠାକୁରଙ୍କୁ ଭବାନୀ ଶଙ୍କର ମନ୍ଦିରକୁ ଶୋଭାଯାତ୍ରାରେ ଆଣିଥିଲେ। ମନ୍ଦିରର ଯଜ୍ଞ ମଣ୍ଡପରେ ଉଭୟ ହରି ଓ ହରଙ୍କୁ ପୂଜାର୍ଚ୍ଚନା, ବନ୍ଦାପନା ଓ ହୋମ ପରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତାପରେ ରୁଦ୍ର ଯଜ୍ଞର ପୂର୍ଣ୍ଣାହୁତି ହୋଇଥିବା ମନ୍ଦିରର ପୂଜକ ମନୋଜ କୁମାର ମୁନି ପ୍ରକାଶ କରିଛନ୍ତି।

କୋକସରା: ମହାଶିବରାତ୍ରି ଜାଗର ପାଇଁ ରବିବାର କୋକସରା ବ୍ଲକର ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଏଥିପାଇଁ ଭୋରରୁ ସମସ୍ତ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ରିତୀନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଶ୍ରଦ୍ଧାଳୁମାନେ ଜାଗରଜାଳି ମାନସିକ ପୂରଣ ପାଇଁ





ମହାଦେବଙ୍କ ନିକଟରେ ପ୍ରାର୍ଥନା କରିଥିବା ବେଳେ ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଶୈବପୀଠ। ବ୍ଲକର ବଡକେନ୍ଦୁଗୁଡା ସ୍ଥିତ ଝାରବନ୍ଧଠାରେ ଥିବା କଳାହାଣ୍ଡିର ସର୍ବୋଚ୍ଚ ମନ୍ଦିର କାଳେଶ୍ୱର ମହାଦେବଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ସହିତ ଭକ୍ତମାନେ ଯେପରି ଦର୍ଶନ କରିପରିବେ ସେନେଇ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଟ୍‌ର ବ୍ୟବସ୍ଥା କରାଯାଇଥିଲା। ବ୍ଲକର କୁସୁମଖୁଣ୍ଟି ସ୍ଥିତ ଶୈବପୀଠରେ ମଧ୍ୟ ଜାଗର ପାଇଁ ଶହଶହ ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ବ୍ଲକର ଓଲମା, ବଡପୋଡାଗୁଡା, ସିଉନୀ, ଝରିଆଗୁଡା, ରେଙ୍ଗାଲପାଲି, କୋକସରା, ଭାଲିଆଯୋର, ଖଲିଗଡ଼, ଡୁମେରବାହାଲ, ବରାଡଙ୍ଗା, ମୁଷାପାଲି, ଲଡୁଗାଁ, ଚିକିଲି, ମୋଟେର ଚମ୍ପେଶ୍ୱର ଶୈବପୀଠ, ଘଣ୍ଟିଗୁଡା, ଗୋତମୁଣ୍ଡା, ଡହଗାଁ, ମୁଗୁନାପଦର ସ୍ଥିତ କପାଟଦର ଶୈବପୀଠ, କୁମୁଡାମୁଣ୍ଡା, ଡେଙ୍ଗାଗୁଡା, ଫୁପଗାଁ, ସାନପୋଡାଗୁଡା, ଗୋତମୁଣ୍ଡା ଆଦି ସ୍ଥାନମାନଙ୍କରେ ଥିବା ଶୈବପୀଠ ଗୁଡିକରେ ମଧ୍ୟ ଶିବରାତ୍ରି ପାଇଁ ଭକ୍ତଙ୍କ ଭିଡ ଲାଗିରହିଥିଲା। ଶୈବପୀଠ ଗୁଡିକରେ ଶାନ୍ତିଶୃଙ୍ଖଳା ନିମନ୍ତେ ପରିଚାଳନା କମିଟି ପକ୍ଷରୁ ବ୍ୟପକ ବନ୍ଦୋବସ୍ତ କରାଯାଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ପୁଲିସ ଫୋର୍ସ ମୁତାୟନ କରାଯାଇଥିଲା। ଜାଗର ଅବସରରେ ରାତିରେ ବିଭିନ୍ନ ଶୈବପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଗୋଲାମୁଣ୍ଡା: ମହାଶିବରାତ୍ରି ଓ ଜାଗର ପାଇଁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଫରଙ୍ଗ ଗ୍ରାମ ପଞ୍ଚାୟତର ଚୋରାପାହାଡ ପାଦଦେଶରେ ଅବସ୍ଥିତ ଗଦଲାଝରନ ଶୈବପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପଡୋଶୀ ରାଜ୍ୟ ଛତିଶଗଡ଼ ତଥା ପଡୋଶୀ ଜିଲ୍ଲାରୁ ଭକ୍ତମାନେ ମହାଦେବଙ୍କ ଦର୍ଶନ ପାଇଁ ଆସିଥିଲେ। ନୂଆଗାଁ ଗ୍ରାମପଞ୍ଚାୟତର କରଞ୍ଜକୋଟ ଶୈବପୀଠରେ ମଧ୍ୟ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ସେହିଭଳି ମହାଲିଙ୍ଗ, ଉଦେଶୃଙ୍ଗ, ଚପୁରିଆ, ମକରାଗୁଡା, ଗୋଲାମୁଣ୍ଡା, ମାନଝରୀର ଶୈବପୀଠରେ ସକାଳ ୫ଟା ୩୦ରୁ ଅପରାହ୍ନ ଯାଏଁ ଭିଡ଼ ଦେଖିବାକୁ ମିଳିଥିଲା। ଗୋଲାମୁଣ୍ଡା ବ୍ଲକରେ ବିଭିନ୍ନ ଶୈବପୀଠମାନଙ୍କରେ ଅଖଣ୍ଡ ନାମ ଯଜ୍ଞ ମଧ୍ୟ ହୋଇଥିବା ଦେଖିବାକୁ ମିଳିଛି।

କେସିଙ୍ଗା: କେସିଙ୍ଗା ବ୍ଲକର ବେଲଖଣ୍ଡିରେ ଥିବା ଐତିହାସିକ ସପ୍ତମାତୃକା ଶୈବପୀଠ ସମେତ ଗିର୍ଜିମୁଣ୍ଡା ଯୋଗମାୟା ପୀଠ, ଡଙ୍ଗରମୂଲି ଶୈବ ପୀଠ, ଅମାଠ ଗଡ଼, ତହଁଶିର ସମେତ କେସିଙ୍ଗା ସହରର ମଧ୍ୟ ଭାଗରେ ଥିବା ଧବଳେଶ୍ୱର ପୀଠରେ ପବିତ୍ର ମହାଶିବରାତ୍ରି ଅବସରରେ ଅହେତୁକ ଭିଡ଼ ପରିଲକ୍ଷିତ ହୋଇଥିଲା। ଆୟୋଜକ କମିଟି ପକ୍ଷରୁ ଶୈବପୀଠଗୁଡିକରେ ନାମ ଯଜ୍ଞ ସମେତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯୋଗମାୟା ପୀଠରେ ଥିବା ପ୍ରଭୁ ପାତାଳେଶ୍ୱର ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ୧୪ ତାରିଖରୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ପୂଜକମାନଙ୍କ ଦ୍ୱାରା ଏକ ରୁଦ୍ରଯଜ୍ଞ ଆରମ୍ଭ ହୋଇଛି। ୧୬ ତାରିଖ ପର୍ଯ୍ୟନ୍ତ ଏହି ଯଜ୍ଞ ଚାଲିବାକୁ ଥିବା ନେଇ କମିଟି ପକ୍ଷରୁ କୁହାଯାଇଛି। ସପଟେ ଐତିହାସିକ ବେଲଖଣ୍ଡି ଶୈବପୀଠରେ ମଧ୍ୟ ଜିଲ୍ଲା ତଥା ଜିଲ୍ଲା ବାହାରର ଅନେକ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

ବେଆଇନ ବାଲି ଚାଲାଣ; ୩ ହାଇୱା ଜବତ



ଥୁଆମୂଳ ରାମପୁର, ୧୫।୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ସ୍ଥାନୀୟ ପୁଲିସ ପକ୍ଷରୁ ବେଆଇନ ଭାବେ ବାଲି ପରିବହନ କରି ଚାଲାଣ ହେଉଥିବା ତିନୋଟି ହାଇୱାକୁ ଜବତ କରାଯାଇଛି। ସୂଚନାନୁଯାୟୀ, ଥାନା ଅଧିକାରୀ କୈବଲ୍ୟ ସେଠ୍ ଏବଂ ସବ୍ ଇନ୍ସପେକ୍ଟର ସେଠୀଙ୍କ ନେତୃତ୍ୱରେ ଚାଲୁଥିବା ଯାଞ୍ଚ ସମୟରେ ଏହି ଗାଡିଗୁଡ଼ିକୁ ଧରିଥିଲା। ଯାଞ୍ଚ ସମୟରେ ବାଲି ପରିବହନ ସମ୍ପର୍କିତ କୌଣସି ବୈଧ ଅନୁମତିପତ୍ର ତଥା ଚାଲାଣ/ପରମିଟ ଦେଖାଇ ପାରି ନଥିବାରୁ ଗାଡି ଗୁଡ଼ିକୁ ସିଜ୍ କରାଯାଇଛି। ପୁଲିସ ସୂଚନାନୁଯାୟୀ, ଅଟକ ରଖାଯାଇଥିବା ଓଡି୦୮ ୱାଇ ୩୪୩୪, ଓଡି୦୮ ଡବ୍ଲ୍ୟୁ ୩୩୩୫ ଏବଂ ଓଡି୦୮ ଡବ୍ଲ୍ୟୁ ୩୩୬୩ ନମ୍ବରର ତିନି ଗାଡିକୁ ଥାନା ପରିସରକୁ ନେଇ ରଖାଯାଇଛି। ଥାନାରେ କେସ୍ ନମ୍ବର ୨୫, ୨୬, ଏବଂ ୨୭/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ଘଟଣା ସହିତ ସମ୍ପୃକ୍ତ ଡ୍ରାଇଭର ଓ ମାଲିକଙ୍କୁ ପଚାରାଉଚାରା କରାଯାଉଛି। ନିୟମ ଉଲ୍ଲଂଘନ ପ୍ରମାଣିତ ହେଲେ ସମ୍ବନ୍ଧିତ ଆଇନ ଅନୁଯାୟୀ କଡା ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଛି। ଜବତ ହାଇୱାଗୁଡିକରେ କଳମପୁର ବ୍ଲକ ଦେପୁର ନିକଟ ନଦୀରୁ ଥୁଆମାଳ ରାମପୁରର ଗୋପାଳପୁରକୁ ବାଲି ଚାଲାଣ ହେଉଥିବା ଜଣାପଡ଼ିଛି।

କର୍ଣ୍ଣାଟକରୁ ୯ ଶିଶୁ ସମେତ ୩୪ ଶ୍ରମିକ ଉଦ୍ଧାର

ଗୋଲାମୁଣ୍ଡା, ୧୫।୨(ସମିସ): ଶ୍ରମ ବାହିନୀର ଅଭିଯୋଗ ଓ ହସ୍ତକ୍ଷେପ ପରେ କର୍ଣ୍ଣାଟକର ବାଗାଲକୋଟ ଜିଲ୍ଲାର ଇଲକାଲ ତହସିଲ ଅନ୍ତର୍ଗତ ସଂକଲାପୁର ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରୁ ୩୪ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି ପ୍ରଶାସନ। ସେମାନଙ୍କ ମଧ୍ୟରୁ ୯ ଜଣ ଶିଶୁ ଶ୍ରମିକ ରହିଥିବା ଜଣାପଡ଼ିଛି। ସମସ୍ତେ ସୁରକ୍ଷିତ ଭାବେ ଓଡ଼ିଶାର ନିଜସ୍ୱ ଜନ୍ମସ୍ଥାନକୁ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚାଯାଇଛି।

ଶ୍ରମ ବାହିନୀର ହସ୍ତକ୍ଷେପ ପରେ ଇଟାଭାଟିରୁ ଉଦ୍ଧାର




ସୂଚନାନୁଯାୟୀ, କର୍ଣ୍ଣାଟକକୁ ଦାଦନ ଖଟିବାକୁ ଯାଇ କିଛି ଶ୍ରମିକ ଫସି ରହିଥିବା ନେଇ ଶ୍ରମ ବାହିନୀ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ତହସିଲଦାର ଅମରେଶ ପମ୍ମାରଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରମ ବିଭାଗର ସହଯୋଗରେ କର୍ଣ୍ଣାଟକର ବାଗାଲକୋଟ ଜିଲ୍ଲାର ଇଲକାଲ ତହସିଲ ଅନ୍ତର୍ଗତ ସଂକଲାପୁର ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରେ ଛାପାମାରି ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଚଢ଼ଉ ସମୟରେ ନଅ ଜଣ ଡ୍ରପଆଉଟ୍ ଶିଶୁ ମଧ୍ୟ ଶ୍ରମ କରୁଥିବା ଅବସ୍ଥାରେ ମିଳିଥିଲେ। ସୂଚନାରୁ ପ୍ରକାଶ ଯେ, ମଧ୍ୟସ୍ଥିମାନେ ଚାକିରିର ପ୍ରଲୋଭନ ପ୍ରତିଶ୍ରୁତି ଦେଇ ଏହି ଶ୍ରମିକମାନଙ୍କୁ ପ୍ରାୟ ତିନି ମାସ ପୂର୍ବରୁ ସେଠାକୁ ନେଇଯାଇଥିଲେ। ଶ୍ରମିକମାନେ କମ୍ ଦରମା ଓ ଅପବ୍ୟବହାରର ଅଭିଯୋଗ କରିଛନ୍ତି। ଇଟାଭାଟି ମାଲିକମାନଙ୍କ ବିରୋଧରେ ସମ୍ବନ୍ଧିତ ଶ୍ରମ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିବା ବେଳେ ମାନବ ଚାଲାଣ ସମ୍ଭାବନାକୁ ନଜରରେ ରଖି ତଦନ୍ତ ଚାଲିଥିବା ସୂଚନା ମିଳିଛି। ପୁନର୍ବାସନ ପ୍ରକ୍ରିୟା ସମୟରେ ଶ୍ରମ ବାହିନୀର ଅଧକ୍ଷ ଖସକେତନ ବାଗ ଟିଟିଲାଗଡ଼ ରେଳଷ୍ଟେସନରେ ଉପସ୍ଥିତ ରହି କଳାହାଣ୍ଡି ଶ୍ରମ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ହେଉଥିବା ପୃଷ୍ଠାଚାର, ଦଳିଲପତ୍ର ପ୍ରସ୍ତୁତି ଓ ପୁନର୍ବାସନ କାର୍ଯ୍ୟରେ ଶ୍ରମିକମାନଙ୍କୁ ସହଯୋଗ କରିଥିଲେ। ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କ ମଧ୍ୟରୁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ୧୬, ବଲାଙ୍ଗୀର ଜିଲ୍ଲାର ସିନ୍ଦେକେଲାର ୭, ନୂଆପଡ଼ା ଜିଲ୍ଲାର ବୋଡେନ ଅଞ୍ଚଳର ୧୧ ଜଣ ରହିଥିବା ଜଣାପଡ଼ିଛି।

ପିତୃମାତୃ ପୂଜନ କାର୍ଯ୍ୟକ୍ରମ

କେସିଙ୍ଗା, ୧୫।୨(ସମିସ): କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପିତୃମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଶିଶୁମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ମାତାପିତାଙ୍କୁ ଆରତୀ କରି ପୁଷ୍ପ ଅର୍ପଣ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ଅଭୟ କୁମାର ଦେବତା ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ପ୍ରବୀଣ କୁମାର ବେହେରା ଉପସ୍ଥିତ ଥିଲେ। ମାତାପିତା ହେଲେ ସନ୍ତାନଙ୍କ ପ୍ରଥମ ଗୁରୁ ଓ ସଂସ୍କାରର ମୂଳସ୍ତମ୍ଭ। ସେମାନଙ୍କର ସେବା ଓ ସମ୍ମାନ ଆମ ସମାଜର ଶ୍ରେଷ୍ଠ ପରମ୍ପରା ବୋଲି ସମ୍ପାଦକ କହିଥିଲେ। ଗୁରୁ ସେବା ଟ୍ରଷ୍ଟ ଟିଟିଲାଗଡ଼ର ସମ୍ପାଦକ କେଦାର କପାଟ, ସଭାପତି ଶରତ ବର୍ଗଡି ଓ ତାଙ୍କର ସହଯୋଗୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆଇନଜୀବୀ ପ୍ରେମଲାଲ ପ୍ରଧାନଙ୍କ ପରଲୋକ

ଧର୍ମଗଡ଼, ୧୫।୨(ସମିସ): ଧର୍ମଗଡ଼ ଅଞ୍ଚଳର ବରିଷ୍ଠ ଆଇନଜୀବୀ ପ୍ରେମଲାଲ ପ୍ରଧାନଙ୍କର ୯୦ ବର୍ଷ ବୟସରେ ରବିବାର ସକାଳ ୯ଟା ୩୦ରେ ଧର୍ମଗଡ଼ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ସେ କିଛି ବର୍ଷ ହେଲା ଘରେ ରହି ଚିକିତ୍ସିତ ହେଉଥିଲେ। ସେ ଧର୍ମଗଡ଼ ହାଇସ୍କୁଲ ରେ ଶିକ୍ଷକ ରୂପେ ଚାକିରି ଆରମ୍ଭ କରି ପରେ ଆଇନଜୀବୀ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏଥିସହ ସେ ଧର୍ମଗଡ଼ ହାଇସ୍କୁଲ ପରିଚାଳନା ସମିତିର ସମ୍ପାଦକ ମଧ୍ୟ ରହିଥିଲେ। ଜଣେ ସ୍ପଷ୍ଟବାଦୀ, ଶିକ୍ଷାନୁରାଗୀ ଓ ଆଇନଜୀବୀ ରୂପେ ଅଞ୍ଚଳରେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନିପୁଅ ବେଣୁଲାଲ ପ୍ରଧାନ, କହ୍ନେଇ ପ୍ରଧାନ ଓ ଶିବୁ ପ୍ରଧାନ, ପୁତ୍ର ବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ସମେତ ଅନ୍ୟ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷାବିତ ଓ ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଶିକ୍ଷାବିତ ସତ୍ୟ ପଟ୍ଟନାୟକ, ଆଚାର୍ଯ୍ୟ ହୃଷିକେଶ ମିଶ୍ର, ଆଇନଜୀବୀ ଚିନ୍ତାମଣି ପାତ୍ର, ଚନ୍ଦ୍ରଶେଖର ପଟ୍ଟଯୋଶୀ, ତୁଷାର ରଞ୍ଜନ ପଟ୍ଟଯୋଶୀ, ଓକିଲ ସଂଘ ସଭାପତି କୃପାସିନ୍ଧୁ ପଣ୍ଡା, ଏନଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ପୂର୍ବତନ ସରକାରୀ ଓକିଲ ରାଜେନ୍ଦ୍ର ମୁନି, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକବ୍ୟକ୍ତ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ତାଙ୍କର ପୈତୃକ ଗ୍ରାମ କେସିଙ୍ଗା ବ୍ଲକ ଉକ୍‌ଲା ନିକଟସ୍ଥ କଣ୍ଡାମାଳଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।



ବିପଦସଂକୁଳ କୋଠାରେ ବଡକୁଟ୍ଟ ପ୍ରାଣୀ ଚିକିତ୍ସାଳୟ

ଅସୁନାହାନ୍ତି ପ୍ରାଣୀଧନ ସହାୟକ; ଅଣସରକାରୀ ବାବୁ ଚିକିତ୍ସକ ସାଜିଛନ୍ତି

କଳମପୁର, ୧୫।୨(ସମିସ)

କଳାହାଣ୍ଡି ଜିଲ୍ଲା କଳମପୁର ପ୍ରାଣୀଧନ ଚିକିତ୍ସାଳୟ ଅଧିନସ୍ଥ ବଡକୁଟ୍ଟ ପ୍ରାଣୀ ଚିକିତ୍ସାଳୟ ଦୀର୍ଘବର୍ଷ ହେଲା ବିପଦ ସଂକୁଳ କୋଠାରେ ଚାଲିଛି। କାର୍ଯ୍ୟାଳୟର ଅଧା ଅଂଶ ଭୁଷୁଡି ପଡ଼ିଥିବା ବେଳେ ଅବଶିଷ୍ଟ କେତେବେଳେ ମଧ୍ୟ ଭୁଷୁଡି ପଡ଼ିବ କହି ହେବ ନାହିଁ। ଏଭଳି ପରିସ୍ଥିତିରେ ସେଠାରେ ପ୍ରାଣୀ ଚିକିତ୍ସା କରିବା ସମ୍ଭବ ନ ହେବାରୁ କର୍ମଚାରୀମାନେ କେତେବେଳେ କେମିତି ସେଠାକୁ ନାମକୁ ମାତ୍ର ଯାଇ ଫେରି ଆସନ୍ତି। ଦୀର୍ଘଦିନ ହେବ ଏହାର ପୁନରୁଦ୍ଧାର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ବିଭାଗ ପ୍ରାଣୀଧନ ଚିକିତ୍ସା ନିମନ୍ତେ ଜଣେ ପ୍ରାଣୀଧନ ସହାୟକଙ୍କୁ ନିୟୋଜିତ କରିଛନ୍ତି। କିନ୍ତୁ ଉକ୍ତ ପ୍ରାଣୀ ଧନ ସହାୟକ ମାସ ମାସ ଧରି ଅନୁପସ୍ଥିତ ରହୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଅତ୍ୟନ୍ତ ଆବଶ୍ୟକ ନ ଥିଲେ ସେ କେନ୍ଦ୍ରକୁ ଆସନ୍ତି ନାହିଁ ବୋଲି ବଡକୁଟ୍ଟ ଅଞ୍ଚଳବାସୀ କହିଛନ୍ତି। ଏହାର ସୁଯୋଗ ନେଇ ଜଣେ ଅଣସରକାରୀ ବାବୁ ଏହାର ବେଶ ଫାଇଦା ଉଠାଇ ଚାଲିଛନ୍ତି। ଏହି ଅଣସରକାରୀ ବାବୁ ମାଟ୍ରିକ ଫେଲ ହୋଇଥିବା ବେଳେ ପ୍ରାଣୀ ଧନ ସହାୟକଙ୍କ ପ୍ରତିନିଧି ଭାବେ ନିୟୋଜିତ ଥିବା ଶୁଣିବାକୁ ମିଳୁଛି। ଏହି ବାବୁ ଜଣକୁ ଖୋଦ ପ୍ରାଣୀ ଧନ ସହାୟକ ନିୟୋଜିତ କରିଛନ୍ତି ନା ବିଭାଗ ନିୟୋଜିତ କରିଛି ତାହାର ସ୍ପଷ୍ଟ ସୂଚନା ମିଳିପାରି ନଥିବା ବେଳେ ଏହି ଅଣସରକାରୀ ବାବୁ ଜଣକ ଗାଁ ଗାଁ ବୁଲି ଗୃହପାଳିତ ପଶୁମାନଙ୍କ ଚିକିତ୍ସା କରୁଥିବା ନଜରକୁ ଆସୁଛି। ବିଭାଗର ଭ୍ରାମ୍ୟମାଣ ଗାଡ଼ିରେ ମଧ୍ୟ ସେ ବୁଲୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ଉକ୍ତ ଅଣସରକାରୀ ବାବୁଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଲୋକେ ତାଙ୍କୁ ପ୍ରାଣୀଧନ ସହାୟକ ବୋଲି ଜାଣିଛନ୍ତି। ଏପରିକି ସେ କିଛି ଜଣଙ୍କ ସହ ଯୋଗାଯୋଗ କରି କୃତ୍ରିମ ପ୍ରଜନନ ମଧ୍ୟ କରୁଛନ୍ତି। ଏକାଧିକ ଥର ଇଞ୍ଜେକ୍ସନ ଦେଇ ସଫଳ ନ ହେଲେ ବିଭାଗ ସହିତ ଯୋଗାଯୋଗ କରି ପ୍ରଜନନ କରୁଥିବା ଶୁଣିବାକୁ ମିଳିଛି। ତେବେ କେତେବେଳେ ସଫଳ ଓ କେତେବେଳେ ବିଫଳ ହେଉଥିବା ବେଳେ ବାବୁ ଜଣକ ଗାଈଙ୍କ ପ୍ରଜନନ ନିମନ୍ତେ ୫ ଶହରୁ ହଜାରେ ପାରିଶ୍ରମିକ ନେଉଥିବା ମଧ୍ୟ ଅଞ୍ଚଳବାସୀଙ୍କ ନିକଟରୁ ଶୁଣିବାକୁ ମିଳିଛି। ଏପରିକି ମେଣ୍ଢା ଛେଳିମାନଙ୍କ ପାଇଁ ଭିନ୍ନ ଭିନ୍ନ ଦର ରହିଥିବା ପଶୁପାଳକ ମହଲରୁ ଜଣାଯାଇଛି। ଏନେଇ ଗୋଷ୍ଠୀ ପ୍ରାଣୀ ଧନ ଚିକିତ୍ସାଧିକାରୀ ଡଃ ସିଆଲ ବାବୁଙ୍କ ସହିତ ଯୋଗାଯୋଗ କରିବାରୁ, ଏଭଳି ଅଭିଯୋଗ ଆମ ଦୃଷ୍ଟିକୁ ଆସିନାହିଁ, ଯଦି ହୋଇଥାଏ ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ବିଭିନ୍ନ ସ୍ଥାନରେ ମହାଶିବରାତ୍ରୀ

ନାଉଗାଁ,୧୫।୨(ସମିସ)

ନାଉଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମହାଶିବରାତ୍ରୀ ଅନୁଷ୍ଠିତ ହୋଇଯାଇଛି। ନନ୍ଦିଗ୍ରାମର ନନ୍ଦକେଶ୍ୱର ମହାଦେବ, ଗଜରାଜପୁର ସ୍ଥିତ ତୁମ୍ବେଶ୍ୱର, ଗଙ୍ଗଦା ସ୍ଥିତ ମାଉଳାଭଣଜା, ଘୋଡାଂଶ ସ୍ଥିତ ଘୋଡ଼େଶ୍ୱର, ବଛାଳୋ ସ୍ଥିତ ସିଦ୍ଧେଶ୍ୱର, ନାଉଗାଁସ୍ଥିତ ସାଧୁଗୋସ୍ୱାମି ପୀଠ ସମେତ ବ୍ଲକରେ ଅବସ୍ଥିତ ସମସ୍ତ ଶୈବପୀଠ ଗୁଡିକରେ ମହାଶିବରାତ୍ରୀ ଉପଲକ୍ଷେ ଜାଗରଯାତ୍ରା ଅନୁଷ୍ଠିତ ହେଉଅଛି। ଏହି ଅବସରରେ ଉକ୍ତ ବ୍ଲକର



ସର୍ବପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ନନ୍ଦିଗ୍ରାମର ନନ୍ଦମଣୀଙ୍କ ପୀଠରେ ଏହି ଯାତ୍ରା ବେଶ୍ ଧୁମଧାମର ସହିତ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ସେହିପରି ସମସ୍ତ ପୀଠ ଗୁଡିକରେ ରଙ୍ଗବେରଙ୍ଗର ଆଲୋକମାଳା ସହିତ ମନ୍ଦିର ଗୁଡିକୁ ସାଜସଜ୍ଜା କରାଯାଇଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଯାତ୍ରା ଦେଖିବାକୁ ପ୍ରତ୍ୟେକ ସ୍ଥାନରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

ପାରାଦୀପ ବନ୍ଦରର ରେକର୍ଡ

ଗୋଟିଏ ଦିନରେ ସର୍ବାଧିକ ତାପଜ କୋଇଲା ଖଲାସ

ପାରାଦୀପ,୧୫।୨(ସମିସ): ଓଡ଼ିଶା ପଣ୍ୟ ପରିଚାଳନାରେ ପାରାଦୀପ ବନ୍ଦର ପ୍ରାଧିକରଣ ସର୍ବଭାରତୀୟ ସ୍ତରରେ ରେକର୍ଡ ଭାଙ୍ଗିବା ଧାରା ଜାରି ରଖିଛି। ଏହି କ୍ରମରେ ଗୋଟିଏ ଦିନରେ ସର୍ବାଧିକ ତାପଜ କୋଇଲା ଖଲାସ କରି ପାରାଦୀପ ବନ୍ଦର ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି। ଚଳିତ ଫେବୃଆରୀ ୧୪ ତାରିଖରେ ସଫଳତାର ସହ ୪୭ଟି ରେକ୍ ଅନଲୋଡ୍ କରାଯାଇ ୪୧ଟି ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ (ବିଓବିଆରଏନ) ରେକ୍, ୬ଟି ବଗି ଓପନ୍ ହାଇ ସାଇଡେଡ୍ (ବିଓଏକ୍ସଏନ) ରେକ୍‌ରୁ ତାପଜ କୋଇଲା ଖଲାସ କରାଯାଇଥିଲା। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର



ଅଧ୍ୟକ୍ଷ ପି.ଏଲ.ହରନାଦ ସମସ୍ତ କର୍ମଚାରୀ ଓ ସହଯୋଗୀଙ୍କୁ ସେମାନଙ୍କ ଉତ୍ସର୍ଗତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ମାଇଲଖୁଣ୍ଟ କେବଳ ଏକ ସଂଖ୍ୟା ନୁହେଁ ବରଂ ବନ୍ଦରରେ ବର୍ତ୍ତମାନ ଥିବା ନିରନ୍ତର ପ୍ରୟାସ, ଯତ୍ନବାନ ଯୋଜନା ଏବଂ ଦୃଢ଼ କାର୍ଯ୍ୟକ୍ଷମ ଭିତ୍ତିଭୂମିର ଏକ ପ୍ରମାଣ। କାର୍ଯ୍ୟକ୍ଷମ ସମୟକୁ ଅନୁକୂଳତମ କରି ଏବଂ ପଣ୍ୟ ପରିଚାଳନା ପ୍ରକ୍ରିୟାକୁ ସୁଗମ କରି ପାରାଦୀପ ବନ୍ଦର ଭାରତର ଶକ୍ତି ଯୋଗାଣ ଶୃଙ୍ଖଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଚାଲିଛି।

ଅଳକା ଆଶ୍ରମରେ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ



ଜଗତସିଂହପୁର,୧୫।୨(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚାତ୍ରା ଠାରେ ଥିବା ଐତିହାସିକ ଅଳକା ଆଶ୍ରମ ପରିସରରେ ଓଡିଶା ମାଟିର ଅନ୍ୟତମ ବରପୁତ୍ର ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର ଉପସଭାପତି ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ନନ୍ଦଙ୍କ ରଚିତ 'ଆହେ ଦୟାମୟ ବିଶ୍ୱ ବିହାରୀ' ପ୍ରାର୍ଥନା ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ଆବାହକ ଅଧ୍ୟାପକ ନୀରଞ୍ଜନ ବିଶ୍ୱାଳ, ପ୍ରତାପ ଲେଙ୍କା, ଉକ୍ରଳ ରଞ୍ଜନ ମହାନ୍ତି, ଭଗବାନ ଦାଶ, ବିଜୟ କୁମାର ରଥ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଲାଲା ସଂଗ୍ରାମ କେଶରୀ ରାୟ ଏବଂ ସବିତା ମହାନ୍ତି ପ୍ରମୁଖ ଯୋଗଦେଇ ରାମକୃଷ୍ଣ ନନ୍ଦଙ୍କ କର୍ମମୟ ଜୀବନ ଏବଂ ନୀତି ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ଯୁବପିଢ଼ି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା।

ଇଫ୍‌କୋର ଗୋସେବା କାର୍ଯ୍ୟକ୍ରମ

ପାରାଦୀପ,୧୫।୨(ସମିସ): ପାରାଦୀପ ଇଫ୍‌କୋ କାରଖାନା ପକ୍ଷରୁ କୋପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ ସହାୟତାରେ ଗୋସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ତାରେଣୀଗଡା ସ୍ଥିତ ମା' ଶାରଳା ଗୋ-ସେବା ଆଶ୍ରମ ପରିସରରେ ଥିବା ୨୧୪ଟି ଗୋମାତା ଓ ନନ୍ଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ଔଷଧ ଓ ଟିକା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, କୋପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟର ଅଧ୍ୟକ୍ଷ କୁଳମଣି ମାଝୀ, ମାଇକ୍ରୋ ବାୟୋଲୋଜିଷ୍ଟ ଅଫିସର ଅଭ୍ରୋ ଦେ, ମା' ଶାରଳା ଗୋସେବା ଆଶ୍ରମର ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ, ପାରାଦୀପ ପଶୁସମ୍ପଦ ଅଧିକାରୀ ଡାକ୍ତର ନିରଞ୍ଜନ ବେହେରା, ବାବା ପ୍ରଶାନ୍ତ ଦାସ, ଗୋଶାଳା ଆଶ୍ରମର ସଦସ୍ୟ ଅରୁଣ କୁମାର ଓଝା ପ୍ରମୁଖ ଯୋଗଦେଇଥିଲେ। ପ୍ରାଣିସମ୍ପଦ ଅଧିକାରୀ



ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆଶ୍ରମ ପରିସରରେ ରହୁଥିବା ୨୧୪ଟି ଗୋମାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ଔଷଧ ଦେଇ ଚିକିତ୍ସା କରିଥିଲେ। ଏହି ଗୋସେବା ଆଶ୍ରମ ଗତ ୧୦ ବର୍ଷ ହେଲା ପାରାଦୀପ, ଜଗତସିଂହପୁର ଓ କେନ୍ଦ୍ରାପଡା ଅଞ୍ଚଳରେ ଦୁର୍ଘଟଣାର ଶିକାର ହେଉଥିବା ଗୋମାତା ଓ ଷଣ୍ଢମାନଙ୍କୁ ଆଣି ଚିକିତ୍ସା କରିବା ସହିତ ସେମାନଙ୍କୁ ଆଶ୍ରମ ପରିସରରେ ରଖି ସେବା କରାଯାଉଛି। ଗତ ଜାନୁଆରୀ ମାସରେ ମହାନଦୀର ଏକ ଟାପୁରୁ ଭୋକ ଉପାସରେ ଥିବା ୬୯ଟି ଗୋମାତା ଓ ନନ୍ଦୀଙ୍କୁ ଉଦ୍ଧାର କରି ଆଶ୍ରମ ପରିସରରେ ରଖି ସେମାନଙ୍କୁ ଚିକିତ୍ସା କରିବା ସହିତ ଖାଦ୍ୟ ଦେଇ ରଖାଯାଇଛି। ଗୋଶାଳା ପ୍ରତି ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ କେଜେ ପଟେଲ ଓ ଇଫିକୋ ୟୁନିଟ୍ ମୁଖ୍ୟ ପିକେ ମହାପାତ୍ରଙ୍କ ସହଯୋଗକୁ ଗୋଶାଳା ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ ଓ ସଦସ୍ୟ ଅରୁଣ ଓଝା ପ୍ରଶଂସା କରିଥିଲେ।

ଲାଥାଙ୍ଗ ସତସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ

କୁଜଙ୍ଗ,୧୫।୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତ ଲଥାଙ୍ଗ ସତସଙ୍ଗ କେନ୍ଦ୍ରର ବାର୍ଷିକ ସତସଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିବସ ବ୍ୟାପୀ ଏହି ଉତ୍ସବରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଲାଥାଙ୍ଗ ବାରୁଣୀ ଯାତ୍ରା ପଡିଆରେ ପ୍ରତ୍ୟୁଷରୁ ବେଦମାଙ୍ଗଳିକୀ, ଉଷାକୀର୍ତ୍ତନ ସମବେତ ବିନତି ପ୍ରାର୍ଥନା, ପ୍ରଣାମ ଏବଂ ଧର୍ମଗ୍ରନ୍ଥାଦି ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଶୋଭାଯାତ୍ରା ଓ ନଗରକୀର୍ତ୍ତନ ମଧ୍ୟାହ୍ନ, କିଶୋର ସତସଙ୍ଗ, ମାତୃ ସମ୍ମେଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ହୃଷୀକେଶ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଭଜନ, କୋରସ, କୀର୍ତ୍ତନ, ସଦା ଆଲୋଚନାରେ ସ୍ୱରଜିତ୍ ଶତପଥୀ, ସତ୍ୟଜିତ ଶତପଥୀ, ଧୃତିକାମ ରାଜଗୁରୁ, ଜ୍ୟୋତ୍ସ୍ନା ଆଚାର୍ଯ୍ୟ, ଦେବାଂଶୁ ପଣ୍ଡା, ରୁଦ୍ରନାରାୟଣ କର, ଅଶ୍ୱିନୀ ସାହୁ, କୁଳମଣି ବାରିକ ପ୍ରମୁଖ ଭାଗ ନେଇଥିଲେ। ସତସଙ୍ଗ କେନ୍ଦ୍ରର ନୀରଦ କୁମାର ଆଚାର୍ଯ୍ୟ, ଦୀପକ ରଞ୍ଜନ ରାଜଗୁରୁ, ମହେଶ୍ୱର ରାଉତ, ଗୌରାଙ୍ଗ ଚରଣ ସାହୁ, ରଜତ କୁମାର ଶତପଥୀ, ବିନୋଦ ଲେଙ୍କା, ବିନୋଦ ଆଚାର୍ଯ୍ୟ, ଡ. ନନ୍ଦଦ୍ୟୁତି ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

ଓକିଲ ସଂଘ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ



ଜଗତସିଂହପୁର,୧୫।୨(ସମିସ): ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ମ୍ୟାଚ୍ ଉଦଘାଟନ କରିଥିଲେ। ସିନିୟର୍ ଓ ଜୁନିୟର୍ ଆଇନଜୀବୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ବିଧାୟକ ସିନିୟର୍ ଦଳ ପକ୍ଷରୁ ଖେଳି ୧୪ ରନ୍ ସଂଗ୍ରହ କରିବା ସହିତ ବୋଲିଂ କରି ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ପ୍ରକାଶ ଥାଉକି ବିଧାୟକ ଶ୍ରୀ ଦାସ ଜିଲ୍ଲା ଓକିଲ ସଂଘର ଜଣେ ସଭ୍ୟ ଭାବରେ ଆଗରୁ ମଧ୍ୟ ଓକିଲ ସଂଘ ପକ୍ଷରୁ ମ୍ୟାଚ୍ ଖେଳିଛନ୍ତି।

ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଜଗତସିଂହପୁର,୧୫।୨(ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣା ସ୍ଥିତ ଆଶ୍ରମପାଟଣା ଭଲିବଲ ୟୁନିଅନ ଏବଂ ପ୍ରଫୁଲ ପାଠାଗାର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩୩ତମ ରାଜ୍ୟସ୍ତରୀୟ ଦିବାରାତ୍ର ବାଳକ/ବାଳିକା ବର୍ଗର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଉଦଯାପନ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଖଇରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଲିପକ କୁମାର ସାହୁ, କଳ୍ପନା ମହାନ୍ତି, ସର୍ଜନ ସିଂହ, ଆଶ୍ରମପାଟଣା ଭଲିବଲ ୟୁନିଅନର ମୁଖ୍ୟ ଉପଦେଷ୍ଟା ତଥା ସମାଜସେବୀ ନିରଞ୍ଜନ ଦାଶ, ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ବିଜୟ କୁମାର ପତି, ସୁରେନ୍ଦ୍ର କୁମାର ରାୟ, ପ୍ରଶାନ୍ତ କୁମାର ଦାଶ, ସମାଜସେବୀ ରାଜେନ୍ଦ୍ର ଲେଙ୍କା, ମହେଶ ପ୍ରସାଦ ମିଶ୍ର, ଡାକ୍ତର ଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାଳକ ବର୍ଗ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଆଶ୍ରମପାଟଣା ଭଲିବଲ ୟୁନିଅନ ଓ ମାଖୁନ ମାଇନ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୬ଟି ଶ୍ରେଷ୍ଠ ଟିମ ଅଂଶ ଗ୍ରହଣ କରିଥିଲେ। ଏହି ଖେଳକୁ ରେଫରୀ ଗଗନ ଭଞ୍ଜ ଏବଂ ଚନ୍ଦନ ଚଇନ ପରିଚାଳନା କରିଥିଲେ। କରନ ଖାନ ଏବଂ ପପୁନି ରାୟ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଅଞ୍ଜନ କୁମାର ରାୟ ସ୍କୋରର ଥିଲେ। ଫାଇନାଲ ମ୍ୟାଚରେ ରେନବୋ କ୍ଲବ ଭୁବନେଶ୍ୱରକୁ ୨-୧ ସେଟରେ ହରାଇ ଓଡିଶା ସ୍ମାଇକର ନାଲିବର ବାଳକ ବର୍ଗର ଚାମ୍ପିଅନ ହୋଇଛି। ଏହି ଅବସରରେ ଦେବୀ ପ୍ରସାଦମହାନ୍ତି ଓ ପୁଷ୍ପାଞ୍ଜଳି ସାହୁଙ୍କୁ କ୍ରୀଡ଼ାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା।

ମେଧାବୃତ୍ତି ପରୀକ୍ଷାରେ ଶିଶୁ ବିଦ୍ୟାମନ୍ଦିରର ସଫଳତା

ପାରାଦୀପ,୧୫।୨(ସମିସ): ବିଭିନ୍ନ ମେଧାବୃତ୍ତି ପରୀକ୍ଷାରେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଯୋଜିତ ଶିକ୍ଷାବର୍ଷ ୨୦୨୪-୨୫ରେ ତୃତୀୟ ଓ ପଞ୍ଚମ ଶ୍ରେଣୀର ସରକାରୀ ବୃତ୍ତି (ସ୍କଲାରଶିପ)ରେ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା, ସଞ୍ଜୁଶ୍ରୀ ବରିସଲ, ଶ୍ରୀୟା ସୁଦର୍ଶନୀ ବଳ, ଶ୍ରୀୟଂଶୀ ଜେନା, ପଞ୍ଚମ ଶ୍ରେଣୀର ଶ୍ରୀରାମଚନ୍ଦ୍ର ପ୍ରଧାନ, ସାଇ ଶୁଭଙ୍କର, ସାଇଶ୍ରୀ ପରିଡ଼ା, ଅନ୍ୱେଷା ନାୟକ ସଫଳ ହୋଇଛନ୍ତି। ସେହିପରି ୨୦୨୪-୨୫ ଶିକ୍ଷାବର୍ଷର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ଷଷ୍ଠ ଶ୍ରେଣୀର (ଷ୍ଟେଜ-୧)ରେ ପ୍ରିୟାଂଶୁ ତ୍ରିପାଠୀ, ଲିପ୍ସା ଦାସ, କରନ୍ ରାଉତ, (ଷ୍ଟେଜ-୨) ନବମ ଶ୍ରେଣୀରେ ପ୍ରଜ୍ଞାଶା ସାହୁ, ଶ୍ରୀକାନ୍ତ ପାତ୍ର, ସ୍ୱୟଂସିଦ୍ଧା ଦାଶ, ମୈତ୍ରିସୁଧା ମହାନ୍ତି ଓ ୨୦୨୩-୨୪ ଶିକ୍ଷାବର୍ଷର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ଷଷ୍ଠଶ୍ରେଣୀର (ଷ୍ଟେଜ-୧) ସୋମନାଥ ଜେନା, ସମୀକ୍ଷା ଖଣ୍ଡାୟତରାୟ, ସୋମ୍ୟଜିତ୍ ମହାନ୍ତି, ଓମ୍ ପ୍ରକାଶ ସାହୁ, ଶୁଭଶ୍ରୀ ସାହୁ, ହାର୍ଦ୍ଦିକ ପ୍ରିୟାଂଶୁ ବେଉରା, ଆୟୁଷ ମଲ୍ଲିକ ଓ (ଷ୍ଟେଜ-୨) ନବମ ଶ୍ରେଣୀରେ ମୋହନ ପୃଷ୍ଟି, ଜାହ୍ନବୀ ପ୍ରଧାନ, ରୁଦ୍ରନାରାୟଣ ପରିଡ଼ା, ସ୍ୱାତୀ ଷଡ଼ଙ୍ଗୀ ପ୍ରମୁଖ କୃତିତ୍ୱ ହାସଲ କରିଛନ୍ତି।

ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

ଜଗତସିଂହପୁର,୧୫।୨(ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ କଲେଜ ଛକରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। କଲେଜ ଛକ ସ୍ଥିତ ଶିବପାର୍ବତୀ ପୂଜା ମଣ୍ଡପର ସୌନ୍ଦର୍ଯ୍ୟକରଣ, ବିଶ୍ରାମ ଗୃହର ନବୀକରଣ, ଥଣ୍ଡା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଏବଂ ସୁଉଚ୍ଚ ଆଲୋକୀକରଣ କାର୍ଯ୍ୟକୁ ବିଧାୟକ ଅମରେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂ, ୭ନଂ. ପାରିଷଦ ଗୋଲାମ ଅଲ୍ଲୀ ଖାଁଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ନିମନ୍ତ୍ରଣ କପ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ପାରାଦୀପ,୧୫।୨(ସମିସ): ପାରାଦୀପ ଗଲ୍ଫ କ୍ଲବର ବାର୍ଷିକ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଦୁଇ ଦିନ ଧରି ପାରାଦୀପ ପୋର୍ଟ ଗଲ୍ଫ କୋର୍ସରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁଗୋପାଳ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ବନ୍ଦର ପରାମର୍ଶଦାତା (ଟ୍ରାଫିକ୍) ଏକେ ବୋଷ ଅନ୍ୟାନ୍ୟ ବିଭାଗ ମୁଖ୍ୟଙ୍କ ସହିତ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପାରାଦୀପ ଗଲ୍ଫ କ୍ଲବର ଅକ୍ଷୟ ଚନ୍ଦ୍ର ସୂତାର ହ୍ୟାଣ୍ଡିକ୍ୟାପ୍ (୦-୧୦) ବର୍ଗରେ ଚାମ୍ପିଅନ୍ ହୋଇଥିଲେ। ଭୁବନେଶ୍ୱର ଗଲ୍ଫ କ୍ଲବର ଡ. ଦେବଦର୍ଶୀ ରଥ ହ୍ୟାଣ୍ଡିକ୍ୟାପ୍ (୧୧-୧୯) ବର୍ଗରେ ଚାମ୍ପିଅନ୍ ହୋଇଥିଲେ। ପାରାଦୀପ ଗଲ୍ଫ କ୍ଲବର ରଞ୍ଜିତ କୃଷ୍ଣ ବୋମାଲି ହ୍ୟାଣ୍ଡିକ୍ୟାପ୍ (୨୦-୨୪) ବର୍ଗରେ ଚାମ୍ପିଅନ୍ ଟାଇଟଲ୍ ଜିତିଥିଲେ। ଭୁବନେଶ୍ୱର ଗଲ୍ଫ କ୍ଲବର ଶାଶ୍ୱତ ପଣ୍ଡା ଶ୍ରେଷ୍ଠ ଗ୍ରସ୍ ପୁରସ୍କାର ପାଇଛନ୍ତି। ପାରାଦୀପ ଗଲ୍ଫ କ୍ଲବର ସଭାପତି ସୁଶୀଲ ଚନ୍ଦ୍ର ନାହାକ, କାର୍ଯ୍ୟକାରୀ ସଭାପତି ଡ. ଦୁର୍ଗା ପ୍ରସାଦ ସେଠୀ, କ୍ୟାପଟେନ୍ ଏସି ସୁତାର ଏବଂ ସଚିବ ମନୋଜ ମହନ୍ତ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଭାରତର ବିଭିନ୍ନ ସ୍ଥାନରୁ ୭ଟି ପ୍ରମୁଖ ଗଲ୍ଫ କ୍ଲବର ମୋଟ ୭୧ ଜଣ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

ଡିଏଭି ପବ୍ଲିକ୍ ସ୍କୁଲରେ ମେଗା ରକ୍ତଦାନ ଶିବିର

ପାରାଦୀପ,୧୫।୨(ସମିସ): ପାରାଦୀପ ପୌରାଞ୍ଚଳ ମଧ୍ୟରେ ଥିବା ଡିଏଭି ପବ୍ଲିକ୍ ସ୍କୁଲ୍, ପାରାଦୀପ ପୋର୍ଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ପାରାଦୀପ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଦ୍ୟାଳୟ ପରିସରରେ ଆଜି ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ଓ ଏଥିରେ ମୁଖ୍ୟ ଅତିଥି ଭାବେ ଡ. ପ୍ରିତମ ଜେନା (ମେଡିକାଲ୍ ଅଫିସର, ସେଣ୍ଟ୍ରାଲ ରେଡକ୍ରସ ବ୍ୟାଙ୍କ, କଟକ) ଯୋଗ ଦେଇ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ବିଦ୍ୟୁଶ୍ରୀ ମହାନ୍ତି ରକ୍ତଦାନ ଶିବିରକୁ ପରିଚାଳନା କରିବା ସହ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଅନେକ ଅଭିଭାବକ, ଅଭିଭାବକଙ୍କ ସମ୍ପର୍କୀୟ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର ମୁଖ୍ୟମାନେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ଭାଗ ନେଇଥିଲେ। ପରେ ପ୍ରତ୍ୟେକ ରକ୍ତଦାତାଙ୍କୁ ରକ୍ତଦାନର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।



ବନ୍ଦର ନିଷିଦ୍ଧାଞ୍ଚଳରେ ଅଗ୍ନିକାଣ୍ଡ

ପାରାଦୀପ, ୧୫।୨ (ସମିସ): ବିଳମ୍ବିତ ରାତିରେ ବନ୍ଦର ନିଷିଦ୍ଧାଞ୍ଚଳରେ ଘଟି ଯାଇଛି ଏକ ଭୟାବହ ଅଗ୍ନିକାଣ୍ଡ। ଏହି ଅଗ୍ନିକାଣ୍ଡରେ ରେଲୱେ ୱାଗନରେ ବନ୍ଧା ଯିବାକୁ ଥିବା ଲକ୍ଷାଧିକ ଟଙ୍କାର ଜରି ପାଲ ପୋଡ଼ି ନଷ୍ଟ ହୋଇଯାଇଛି। ବନ୍ଦରର ୧୪ ନମ୍ବର ଲାଇମଷ୍ଟୋନ ପ୍ଲଟ ନିକଟରେ ଘଟିଛି ଏହି ଘଟଣା। ହାଇମାକ୍ସ ବିଦ୍ୟୁତ ଖୁଣ୍ଟରେ ସଟ୍‌ସର୍କିଟ ଯୋଗୁଁ ନିଆଁ ଝୁଲା ଜରି ପାଲ ଉପରେ ପଡ଼ି ଜରିରେ ନିଆଁ ଲାଗିଥିବା ସୂଚନା ମିଳିଛି। ଖବର ପାଇ ଘଟଣାସ୍ଥଳରେ ବନ୍ଦର ସିଆଇଏସ୍ଏଫ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଲାଇମଷ୍ଟୋନ ପ୍ଲଟରୁ ଲାଇମଷ୍ଟୋନ ପରିବହନ ବନ୍ଦ ଥିବାରୁ ଘଟଣାସ୍ଥଳରେ ହାଇୱା ଗାଡ଼ି କୌଣସି ଲୋକ ନଥିବାରୁ ଏକ ବଡ଼ ଅଘଟଣାରୁ ବର୍ତ୍ତି ଯାଇଛନ୍ତି ଡ୍ରାଇଭର ଓ ହାଇୱା।

ପୁନଙ୍ଗ ସାଇ ସଂଗଠନର ବାର୍ଷିକ ଉତ୍ସବ

ଜଗତସିଂହପୁର,୧୫।୨(ସମିସ): ଶ୍ରୀସତ୍ୟସାଇ ସେବା ସମିତି ପୁନଙ୍ଗ ଆନୁକୂଲ୍ୟରେ ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ତଥା ରାଜ୍ୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରଥମେ ସଂଗଠନର ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ଶୁଭ ଉଦ୍‌ଘାଟନ କରିଥିଲେ। ତତ୍ ସହିତ ସଂଗଠନର ରାଜ୍ୟ ଆଧାତ୍ମିକ ସଂଯୋଜିକା ପୁଷ୍ପମିତ୍ରା ମହାନ୍ତି, ଜିଲ୍ଲା ଆଧାତ୍ମିକ ସଂଯୋଜକ ଚିତ୍ତରଞ୍ଜନ ଜେନା, ରାଜ୍ୟ ପାଦୁକା ଯାତ୍ରା କାର୍ଯ୍ୟନିର୍ବାହୀ ସୁବ୍ରତ ରାଉତ, ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଅମିୟ ମହାନ୍ତି, ଯୁବ ସଂଯୋଜକ ମନୋରଞ୍ଜନ ମାଝୀ, ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଓତା, ପ୍ରିୟ ଭାଇ ଓ ବଦ୍ରିନାଥ ଶତପଥୀ ଯୋଗଦେଇଥିଲେ। ସତ୍ୟସାଇ ସଂଗଠନର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବାଳ ବିକାଶ ପିଲାମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ସମିତି ଆବାହକ କବିଚନ୍ଦ୍ର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତାପ ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ରଜନୀକାନ୍ତ ଚୌଧୁରୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶଶିରେଖା ବେହେରା, ଗୌରୀ ବେହେରା, ଅଞ୍ଜନା ଦାସ, ରଶ୍ମିରେଖା ସାହୁ, ନିର୍ମଳା ବେହେରା, କ୍ରିଷ୍ଣା ଦତ୍ତ, ସ୍ମୃତିରଞ୍ଜନ ବେହେରା, ମହେନ୍ଦ୍ର ମଲ୍ଲିକ, ନିହାର ମହାନ୍ତି, କ୍ଷେତ୍ରମୋହନ ମଲ୍ଲିକ, କୃଷ ଦାସ, ରବୀନ୍ଦ୍ର ଦାସ, ରାମକୃଷ୍ଣ ଦାସ, କମଳାକାନ୍ତ ମହାପାତ୍ର, ପରମଜିତ୍ ପଶାୟତ, ବେଣୁଧର ରାଉତ, ସାଇ ନାରାୟଣ ବେହେରା ଓ ସାଇକୃଷ୍ଣ ମହାନ୍ତି ସହଯୋଗ କରିଥିଲେ।

ସଫଳ କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର,୧୫।୨(ସମିସ): ଚଳିତ ବର୍ଷ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଆନ୍ତ ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବୟସ ବର୍ଗର ବାଳକ ବାଳିକା ହାମର ଥ୍ରୋ, ଡିସକସ ଥ୍ରୋ, ସଟପୁଟ, ହାଇଜମ୍ପ, ଲଙ୍ଗଜମ୍ପ ପ୍ରଭୃତିରେ ଭାଗନେଇ ୧୨ ଜଣ ପିଲା ୧୫ଟି ପଦକ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ କୃତିତ୍ୱ ଅର୍ଜନ କରିଥିବା କ୍ରୀଡ଼ାବିତ ସ୍ୱାଧୀନ ବେହେରା, ଅଭିନନ୍ଦନ ସ୍ୱାଇଁ, ଗୁରୁପୂଜା ପରିଜା, ତନ୍ମୟୀ ସିଂ, ଶୁଭଶ୍ରୀ ପରିଡା, ସମୀକ୍ଷା ଦାସ, ସ୍ୱପ୍ନାଶ୍ରୀ ଜେନା, ଜୋସ୍ନା ପ୍ରିୟଦର୍ଶିନୀ ସାହୁ ଏବଂ ଅମିଶା ପ୍ରିୟଦର୍ଶିନୀ ଲେଙ୍କାଙ୍କୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋଚ ଧର୍ମେନ୍ଦ୍ର ଦାସ, ମ୍ୟାନେଜର ସୁଚିସ୍ମିତା ବିଶ୍ୱାଳ, ଅଫିସିଆଲ ରାଜଶ୍ରୀ ସୁନ୍ଦର ରାୟଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ବିଧାୟକ ସମ୍ମାନିତ କରିଥିଲେ।

୧୩ ଶହ ଚାଷୀଙ୍କୁ ଧାନ ଚାଷ ପାଇଁ ପ୍ରୋତ୍ସାହନ



ପାରାଦୀପ,୧୫।୨(ସମିସ)

ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ଜୀବିକା କାର୍ଯ୍ୟକ୍ରମ ହିତାଧିକାରୀଙ୍କ ମଧ୍ୟରେ ପ୍ରଭାବ ସୃଷ୍ଟି କରିଛି। ଜଗତସିଂହପୁର ଜିଲ୍ଲାରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସିଏସଆର କାର୍ଯ୍ୟକଳାପ ଆଇଏସପି ପ୍ରକଳ୍ପର ଡିଆଇଜେଡ୍ ଗ୍ରାମ, ମୁଖ୍ୟତଃ ଗଡକୁଜଙ୍ଗ, ନୂଆଗାଁ, ଢିଙ୍କିଆ ଏବଂ ଅନ୍ୟ କେତେକ ନିକଟବର୍ତ୍ତୀ ଗ୍ରାମ ଉପରେ ଧ୍ୟାନ ଦେଇଛି। ବିଶେଷ କରି କୃଷକମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟ ରଖି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଶେଷଜ୍ଞଙ୍କ ସହଯୋଗରେ ଗ୍ରାମ ସ୍ତରରେ ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ କୃଷକ ଏବଂ ମହିଳା ହିତାଧିକାରୀଙ୍କ ଉତ୍ପାଦର ଉତ୍ପାଦନ ଏବଂ ବିପଣନ ସମ୍ବନ୍ଧରେ ଜ୍ଞାନ ଆଧାରରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସାହାଯ୍ୟ କରିଛି। ଉଲ୍ଲେଖଯୋଗ୍ୟ ସମସ୍ତ କାର୍ଯ୍ୟକଳାପ ମଧ୍ୟରେ ଧାନ ଚାଷ ପାଇଁ ପ୍ରାୟ ୧୩୦୦ ଚାଷୀଙ୍କୁ ବିହନ, ସାର ଯୋଗାଇ ଦିଆଯାଇଛି। ଜିଲ୍ଲାରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ୨୦୨୨ ମସିହାରୁ ଜୀବିକା ପ୍ରୋତ୍ସାହନ ପ୍ରକଳ୍ପ କାର୍ଯ୍ୟକାରୀ କରିଛି ଯାହା ଏରାସାମା ବ୍ଲକର ଢିଙ୍କିଆ ଚାରିଦେଶରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସମନ୍ୱିତ ଇସ୍ପାତ କାରଖାନା ପ୍ରକଳ୍ପ ହେତୁ ପରୋକ୍ଷରେ ପ୍ରଭାବିତ ପରିବାରକୁ ବିକଳ୍ପ ଜୀବିକା ଯୋଗାଇବା ପାଇଁ କାର୍ଯ୍ୟକାରୀ କରିଛି। ଏହି ଜୀବିକା ପ୍ରକଳ୍ପ ଅଧୀନରେ ଏକ ଉତ୍ସର୍ଗୀକୃତ ପ୍ରକଳ୍ପ ଦଳ ନିଯୁକ୍ତ କରାଯାଇଛି ଯାହା ପିରାମିଡର ନିମ୍ନ ଭାଗରେ ଥିବା ହିତାଧିକାରୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବ ଏବଂ ପ୍ରକଳ୍ପ ଗୁଡ଼ିକୁ ଚିହ୍ନଟ ଏବଂ ଅଂଶଗ୍ରହଣକାରୀ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି। ଗତ ୩ ବର୍ଷ ମଧ୍ୟରେ ୩ ହଜାରରୁ ଅଧିକ ହିତାଧିକାରୀଙ୍କୁ ବୈଷୟିକ ଜ୍ଞାନ, ଭୌତିକ ଇନପୁଟ୍, ବଜାର ସଂଯୋଗ ଏବଂ ବିଭିନ୍ନ କୃଷି ଭିତ୍ତିକ ଉନ୍ନତ ପଦ୍ଧତି ମାଧ୍ୟମରେ ଧାନ ଚାଷ, ପନିପରିବା ଚାଷ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦନ ଇତ୍ୟାଦି ଯୋଗାଇ ଦେଇଛି। ଏ ସମ୍ପର୍କରେ ମାଆ ରାମଚଣ୍ଡୀ କୃଷକ କଲ୍ୟାଣ ସମିତି ସଭାପତି କହିଛନ୍ତି ଯେତେବେଳେ ଆମେ ଜୀବିକା ହରାଇଲୁ, ଜୀବିକା ଅନ୍ୱେଷଣରେ ଧାନ ଚାଷ କରିବା ପାଇଁ ସ୍ଥିର କଲୁ। ଏ ନେଇ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ତାଲିମ ଦିଆଗଲା। ନୂତନ ଜ୍ଞାନ କୌଶଳ ମାଧ୍ୟମରେ ୪୦ ଏକର ଜମିରେ ଧାନ ଚାଷ କରୁଛୁ। ରୋଗପୋକ ମଧ୍ୟ ନିୟନ୍ତ୍ରଣ ହୋଇପାରୁଛି। ଜେଏସଡବ୍ଲ୍ୟୁ ଆମର ପୂର୍ବ ଜୀବିକାକୁ ପୁନର୍ଜନ୍ମ ଦେଇଥିବା ଶ୍ରୀ ସ୍ୱାଇଁ କହିଛନ୍ତି।

ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ଶୈବକ୍ଷେତ୍ର









ବାଲେଶ୍ୱର, ୧୫ ।୨(ସମିସ)

ବାଲେଶ୍ୱର ପୁରପଲ୍ଲୀରେ ମହାଶିବରାତ୍ରୀ ପାଳନ କରାଯାଇଛି । ସକାଳୁସକାଳୁଶ୍ରଦ୍ଧାଳୁମାନେମହାଦେବଙ୍କୁଦର୍ଶନକରିପୂଜାର୍ଚ୍ଚନା କରିଥିଲେ । ଶିବ ମନ୍ତ୍ରରେ ଗୁଞ୍ଜରି ହୋଇ ଉଠିଥିଲା ସହର ଠାରୁ ଗାଁ ଗହଳି । ସବୁଠି ଚାଲିଥିଲା ଦେବ ଦେବ ମହାଦେବଙ୍କ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା । ସହରର ପୁରୁଣା ବାଲେଶ୍ୱର, ବାରବାଟୀ, ଗୋପାଳଗାଁ, ସୁଏଲପୁର, ମାଣିଖମ୍ବ, କଙ୍ଗଜିଆ, ନାଥପାଣି, ମାନସିଂ ବଜାର, ରେମୁଣା, ମଣିନାଗେଶ୍ୱର, ପଞ୍ଚଲିଙ୍ଗେଶ୍ୱର ଭଳି ଜିଲ୍ଲାର ବିଭିନ୍ନ ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ମହିଳା ଓ ପୁରୁଷ ମାନଙ୍କର ଲମ୍ବାଧାଡ଼ି ଲାଗିଥିଲା । ଶିବରାତ୍ରୀରେ ସନ୍ଧ୍ୟା ଠାରୁ ରାତିର ଶେଷ ପ୍ରହର ପର୍ଯ୍ୟନ୍ତ ମହିଳାମାନେ ଅନିଦ୍ରା ରହି ମହାଦେବଙ୍କ ମନ୍ଦିର ବେଢ଼ାରେ ଘିଅ ଦୀପ ଜାଳିବାର ବିଧି କାହିଁ କେଉଁ କାଳରୁ ଚଳି ଆସୁଅଛି । ରାତି ଉଜାଗର ରହି ଶିବ ବ୍ରତ ପାଳନ କଲେ ସର୍ବସିଦ୍ଧି ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି । ସକାଳ ଠାରୁ ଉପବାସ ରହି ମହାଦେବଙ୍କ ପାଦୁକ ସେବନ କରି ମହାଦୀପ ଉଠିବାକୁ ସମସ୍ତେ ଅପେକ୍ଷା କରିଥାଆନ୍ତି । ଚତୁର୍ଥ ପ୍ରହର ପୂଜା ଶେଷ ହେବା ପରେ ମହାଦୀପ ଦର୍ଶନ କରି ବ୍ରତୀମାନେ ଘରକୁ ଯାଇଥାଆନ୍ତି ଏବଂ ପରଦିନ ମହାଦେବଙ୍କୁ ପୁଣି ଥରେ ଦର୍ଶନ କରି ବ୍ରତ ଫିଟାଇଥାଆନ୍ତି । ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ବିଭିନ୍ନ ଶିବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମହିଳା ଏବଂ ପୁରୁଷ ଭକ୍ତମାନଙ୍କ ପାଇଁ ଅଲଗା ଅଲଗା ବ୍ୟାରିକେଡ ସହ ଭିଡ ନିୟନ୍ତ୍ରଣ ପାଇଁ ପୁଲିସ ବ୍ୟବସ୍ଥା କରାଯାଇଥିଲା ।

ଉତ୍ସବ ମୁଖର ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବ ପୀଠ

ଚନ୍ଦନେଶ୍ୱର: ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତର ବିରାଜିତ ପୂର୍ବ ଭାରତର ପ୍ରସିଦ୍ଧ ଶୈବ ପୀଠ ଚନ୍ଦନେଶ୍ୱର ଜାଗର ଲାଗି ଉତ୍ସବ ମୁଖର ହୋଇଉଠିଛି । ଜିଲ୍ଲା ପ୍ରଶାସନ ଓ ମନ୍ଦିର ସେବାୟତଙ୍କ ମିଳିତ ସହଯୋଗରେ ହୋଇଥିବା ବେଳେ ଭୋର ୪ ଟା ୧୫ ରୁ ମହାଦୀପ ଉଠିଥିଲା । ସେହିପରି ଏସିଆର ସର୍ବ ବୃହତ ଶିବଲିଙ୍ଗ ସୁବର୍ଣ୍ଣରେଖା ମୁହାଣରେ ଥିବା ବାବା ଭୂଷଣ୍ଡେଶ୍ୱରଙ୍କ ପୀଠରେ ୧ଲକ୍ଷ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ମହା ସମାରୋହରେ ସମାପନ ହୋଇଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ସମସ୍ତ ଭୋଗରାଇବାସୀଙ୍କ ସମେତ ଅଧିକରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ ଯେ, କୁମ୍ଭୀରଗଡି ପଞ୍ଚାୟତ ଅଧୀନ ସୁବର୍ଣ୍ଣରେଖା ମୁହାଣରେ ଥିବା ଭୂଷଣ୍ଡେଶ୍ୱରଙ୍କ ଲିଙ୍ଗ ବିଶ୍ୱରେ ଅନନ୍ୟ । ମନ୍ଦିରର କୀର୍ତ୍ତି, ଐତିହ୍ୟକୁ ଅଧିକ ପ୍ରଚାର ଓ ପ୍ରସାର ପାଇଁ ଚଳିତ ବର୍ଷ ମନ୍ଦିର କମିଟି ପକ୍ଷରୁ ୧ଲକ୍ଷ ଦୀପଦାନର ବ୍ୟବସ୍ଥା ହୋଇଛି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ସମାଜସେବୀ ଙ୍କ ଅଭିଜିତ ଦାସ, ବିଜେପି ନେତା ଆଶିଷ କୁମାର ପାତ୍ର, କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସ, ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ଦମୟନ୍ତୀ ସାହୁ, କବିତା ମହାନ୍ତି, ତହସିଲଦାର ସୂର୍ଯ୍ୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।




କୁମାରେଶ୍ୱର ଜୀଉଙ୍କ ୫ଦିନିଆ ଚତୁର୍ଦ୍ଦଶୀ ମେଳା

କାଳିପଦା: ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ମହା ଶିବରାତ୍ରୀ ଜାଗର ଓ ମେଳା ଅନୁକୂଳ ପାଗ ଯୋଗୁଁ ଆଜି ସୁରୁଖୁରୁରେ ଅନୁଷ୍ଠିତ ହୋଇଛି । ଏଥିପାଇଁ ଶୈବ ପୀଠ ଗୁଡିକରେ ଭକ୍ତ ମାନଙ୍କ ପ୍ରବଳ ଗହଳି ପରି ଲକ୍ଷିତ ହୋଇଛି । ପ୍ରାଚୀନ ଶୈବ ପୀଠ ଲଙ୍ଗଳେଶ୍ୱର, ଜଗତେଶ୍ୱର, ଚାନ୍ଦେଶ୍ୱର, ନିଖିରେଶ୍ୱର ଆଦି ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବୈଦ୍ୟୁତିକ ଆଲୋକ ସଜ୍ଜା, ରାତିରେ ଦୀପ ଜାଳିବା ନେଇ ଢେର ସାରା ବ୍ୟବସ୍ଥା କରାଯାଇଛି । ଲଙ୍ଗଳେଶ୍ୱର ଶୈବ ପୀଠ ରେ ଆଜିଠୁ ୧୫ ଦିନ ଧରି ମେଳା ବସୁଛି । ସେହିପରି ଖଗଡ଼େଶ୍ୱର, କାଞ୍ଚନେଶ୍ୱର, ବୈଦ୍ୟନାଥ, ଥାନା ପରିସରସ୍ଥ ଆଖଣ୍ଡମଣି, ଶଙ୍କର ନାଥ ଆଦି ଶୈବ ପୀଠ ଗୁଡିକ ରେ ଧୂମ ଧାମ ରେ ମହାଶିବରାତ୍ରୀ ଜାଗର ଅନୁଷ୍ଠିତ ହୋଇଛି । ପୀଠ ଗୁଡିକରେ ଭୋର ୪ ଟା ରେ ମହାଦୀପ"ଉଠିବ ବୋଲି ମନ୍ଦିର କତୃପକ୍ଷ ଆୟୋଜକ ମାନଙ୍କ ଠାରୁ ପ୍ରକାଶ । ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା, ନାଇଟ ପେଟ୍ରୋଲିଙ୍ଗ ମଧ ହୋଇଛି ।

ପଞ୍ଚଲିଙ୍ଗେଶ୍ୱର ପୀଠରେ ୧୫ ହଜାର ଶ୍ରଦ୍ଧାଳୁ

ନୀଳଗିରି : ମହାଶିବରାତ୍ରୀ ଅବସରରେ ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସମେତ ବିଭିନ୍ନ ଶୈବପୀଠ । ନୀଳଗିରି ଉପଖଣ୍ଡରେ ବହୁ ବର୍ଷ ପୂର୍ବରୁ ନୀର ଶଯ୍ୟାରେ ବିଜେ ପାଞ୍ଚଟି ଲିଙ୍ଗକୁ ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଛନ୍ତି । ରବିବାର ଭୋର ୫ଟା ୧୫ରେ ମଙ୍ଗଳ ଆଳତି ହେବା ପରେ ୬ଟା ସମୟରେ ଗେଟ ଖୋଲିବାପରେ ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପାଇଁ ୩୧୧ଟି ପାହାଚ ଚଢ଼ି ଲାଇନରେ ଆସି ଶାନ୍ତି ଶୃଙ୍ଖଳାରେ ପୂଜା ଅର୍ଚ୍ଚନା କରିଥିଲେ । ବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବ୍ୟାରିକେଟ ବ୍ୟବସ୍ଥା ସହ ଲମ୍ବା ଧାଡି ଲାଗିବା ସହ ପ୍ରାୟ ୧୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ପଞ୍ଚଲିଙ୍ଗେଶ୍ୱରରେ ପୂଜାର୍ଚ୍ଚନା କରିଥିବା ସୂଚନା ମିଳିଛି । ଟ୍ରଷ୍ଟ ବୋଡର୍ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି, ଟ୍ରଷ୍ଟ ବୋଡର୍ ସଦସ୍ୟ, ସମେତ ଅନ୍ୟମାନେ ପୀଠ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଶ୍ରଦ୍ଧାଳୁଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ ସହ ପୀଠରେ ଶୌଚାଳୟ, ପିଇବା ପାଣି, ସ୍ୱଚ୍ଛତା, ବ୍ୟାରିକେଟ୍ ଓ ଭିତରେ ବାହାରେ ଉଜ୍ଜ୍ୱଳ ଆଲୋକ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ସଂଗଠନ ପକ୍ଷରୁ ଜଳ ଛତ୍ର ଖୋଲାଯାଇ ଶ୍ରଦ୍ଧାଳୁ ମାନଙ୍କ ଶୋଷ ମେଣ୍ଟାଉଛନ୍ତି । ସେହିପରି ନୀଳଗିରିର ଶାଳବଣି ଗାଁରେ ଆବିର୍ଭାବ ହୋଇଥିବା ବାବା ଜଟାଧାରୀଙ୍କ ପୀଠରେ ଏବଂ ନୀଳଗିରି ସଜନାଗଡ଼ ପଞ୍ଚାୟତ ତେଣ୍ଡା ନିକଟ କୁଲଡିହା ଅଭୟାରଣ୍ୟ ର ପାଦଦେଶରେ ଗୋଟିଏ ବିରାଟ ପଥର ତଡିରି ତଳେ ପୂଜା ପାଉଥିବା ବାବା ଜଟାଧାରୀଙ୍କ ପୀଠରେ ଏବଂ ନୀଳଗିରି ସଜନାଗଡ଼ ପଞ୍ଚାୟତ ତେଣ୍ଡା ନିକଟ କୁଲଡିହା ଅଭୟାରଣ୍ୟ ର ପାଦଦେଶରେ ଗୋଟିଏ ବିରାଟ ପଥର ତଡିରି ତଳେ ପୂଜା ପାଉଥିବା ବାବା





ଜଳେଶ୍ୱର: ଜଳେଶ୍ୱର ବ୍ଲକ ନେତୁଆ ଗ୍ରାମ ପଞ୍ଚାୟତ କମାର ଶାଳିଆ ଗ୍ରାମସ୍ଥିତ ଶ୍ରୀ ଶ୍ରୀ କୁମାରେଶ୍ୱର ଜୀଉଙ୍କ ପୀଠ ରେ ଏହି ଜାଗର ମେଳା ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଛି । ସମଗ୍ର ଶୈବପୀଠ ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ବୃଦ୍ଧଲିଙ୍ଗ ସିଦ୍ଧେଶ୍ୱର ମହାଦେବ ମନ୍ଦିର, ଦେଉଳି ଫଟୁଘଣ୍ଟା ସ୍ଥିତ ଧବଳେଶ୍ୱର ମହାଦେବ ମନ୍ଦିର, ପଥରପୁରା ପଙ୍କେଶ୍ୱର ଶଙ୍ଖେଶ୍ୱର ମହାଦେବ ସହ ନୀଳଗିରିରେ ବିଭିନ୍ନ ସ୍ଥାନରେ ମଧ ଧୂମଧାମରେ ଶିବରାତ୍ରି ପାଳନ ହୋଇଛି ।

'ଶ୍ରୀଧରସ୍ୱାମୀ' ପୁସ୍ତକର ଲୋକାର୍ପଣ ଉତ୍ସବ



ବାଲେଶ୍ୱର,୧୫ ।୨(ସମିସ): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ଓ ଜନକଲ୍ୟାଣକାରୀ ସଂସ୍ଥା 'ସହାୟକ'ର ମିଳିତ ଆନୁକୂଲ୍ୟରେ ଙ୍କ ବନମାଳୀ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରଫୁଲ୍ଲ କୁମାର ଦାସ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ 'ସହାୟକ'ର ସଭାପତି ଡ. କ୍ଷିତୀଶ୍ୱର ଦାଶ ସଂଯୋଜନା କାର୍ଯ୍ୟ ନିର୍ବାହ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୂର୍ବତନ ପ୍ରଫେସର ଡ ଗୋପାଳକୃଷ୍ଣ ଦାଶ,ସଂସ୍କୃତ ବିଭାଗ, ଉତ୍କଳବିଶ୍ୱବିଦ୍ୟାଳୟ, ବାଣୀବିହାର ତଥା ବିଶିଷ୍ଟ ଐତିହାସିକ ପ୍ରଫେସର ଡ. ହରିହର ପଣ୍ଡା ଯଥାକ୍ରମେ ବରେଣ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଶ୍ରୀଧରସ୍ୱାମୀ' ପୁସ୍ତକର ଲୋକାର୍ପଣ କରିବା ସହିତ ବିସ୍ତୃତ ଆଲୋଚନା ରଖିଥିଲେ । ଉକ୍ତ ପୁସ୍ତକଟି ଡ.ଦାସଙ୍କ ବିଶ୍ୱର ପ୍ରଥମ ଗବେଷଣା ସନ୍ଦର୍ଭ 'ଶ୍ରୀଧରସ୍ୱାମୀ ଏକ ଅଧ୍ୟୟନ' ଆଧାରରେ ରଚିତ । ଉକ୍ତ ବୌଦ୍ଧିକ ଆଲୋଚନାରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଓ 'ସହାୟକ'ର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଉପସଭାପତି ସୁଦର୍ଶନ ଦାସ 'ଶ୍ରୀଧରସ୍ୱାମୀ'ଙ୍କ ନାମରେ ବାଲେଶ୍ୱର ଜିଲ୍ଲାର କୌଣସି ପ୍ରମୁଖ ଅନୁଷ୍ଠାନର ନାମକରଣ କରାଯିବାର ପ୍ରସ୍ତାବ ରଖିଥିଲେ । ଉକ୍ତ ସଭାରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଦାମୋଦର ନାୟକ,ପୂର୍ବତନ ସମ୍ପାଦକ ବସନ୍ତ କୁମାର ନାୟକ,ଡ କାଦମ୍ବିନୀ ଦାଶ, ସୁବର୍ଣ୍ଣ ଦାସ,ବସନ୍ତମଞ୍ଜରୀ ଦାଶ, ଡ ତାରାକାନ୍ତ ନନ୍ଦ, ଗୀତାଞ୍ଜଳି ଶତପଥୀ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା, ହୃଷିକେଶ ସାହୁ, ପ୍ରଣିତା ମିଶ୍ର, ଦେବେନ୍ଦ୍ର ଚୌଧୁରୀ, ପ୍ରତିମା ପଣ୍ଡା, ଭାଗବତ ପ୍ରସାଦ ଦଲାଇ, ଦୟାନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉମାକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ ।

ନୋସି ଉତ୍କଳାରେ 'ଖାସ୍ ତୁମ ପାଇଁ' କାର୍ଯ୍ୟକ୍ରମ



ବାଲେଶ୍ୱର,୧୫ ।୨(ସମିସ): ନୋସି ଉତ୍କଳା ପରିସରରେ ତୃତୀୟ 'ଖାସ୍ ତୁମ ପାଇଁ" କାର୍ଯ୍ୟକ୍ରମ ନୋସି କଲଚୁରାଲ ଏକାଡେମି ଦ୍ୱାରା ଆୟୋଜନ କରାଯାଇଥିଲା । ଏଥିରେ ନୋସିର ଉପସଭାପତି ସୁବ୍ରତ ନାୟକ ଓ ରୁଚିକା ନାୟକ ଦମ୍ପତି ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ବସ୍ତା ବିଧାୟିକା ତଥା ସଫଳ ରାଜନୈତିକ ଦମ୍ପତି ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମସ୍ତ ସଫଳ ନିଆରା ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାରସ୍ୱତ ଦମ୍ପତି ଜ୍ୟୋସ୍ନା ଓ ଙ୍ଗାଧର ବିଶ୍ୱାଳ, ଶିଳ୍ପୀ ଦମ୍ପତି କନକ ଓ କେଶୁ ଦାସ, ନୃତ୍ୟଶିଳ୍ପୀ ଦମ୍ପତି ଜୟମାଳା ଓ କାମିନୀକାନ୍ତ ଚୌଧୁରୀ, ସମାଜସେବୀ ଦମ୍ପତି ସକୀଲା ଓ ମହମ୍ମଦ ଇସଲାମ୍, ବ୍ୟବସାୟୀ ଦମ୍ପତି ରାଜଶ୍ରୀ ଓ ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ଉପସ୍ଥିତ ସବିତା ଓ କାର୍ତ୍ତିକ ଚନ୍ଦ୍ର ସାହୁ, ରଶ୍ମିରେଖା ଓ ପ୍ରଦୀପ ମହାପାତ୍ର, ମୀନତି ଓ ସୀତାନାଥ ଦାସ, ମୀନତି ଓ ମନୋଜ ପଣ୍ଡା ପ୍ରମୁଖ ଦମ୍ପତି ଉଭୟଉଭୟଙ୍କୁ ଗୋଲାପଫୁଲ ପ୍ରଦାନ କରିଥିଲେ । ସାଂସ୍କୃତିକ ସନ୍ଧ୍ୟାରେ ଢକୁମାରଅତନୁ, ଜୀବନ, ଏକାଦଶୀ, ପ୍ରବୀର କମିଳା, ଶ୍ରୀମତୀ ରଶ୍ମିରେଖା, କୁମାରୀ ରୂପାଲୀ, କୁମାରୀ ନନ୍ଦିନୀ, ସନ୍ତୋଷ ବିଶ୍ୱାଳ ସଂଗୀତ ପରିବେଷଣ କରିଥିବା ବେଳେ ଦୁର୍ଗେଶନନ୍ଦିନୀ ସିଂ, ଦେବାନନ୍ଦ ସିଂଢ ନୃତ୍ୟ ଓ ଡା ରଜନୀକାନ୍ତ ନାୟକ ମାଉଥ ଅର୍ଗାନ ବଜାଇ ମନ୍ତ୍ରମୁଗ୍ଧ କରିଥିଲେ । ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କନକଲତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

'ଓମ୍ ନମଃ ଶିବାୟ' ଧ୍ୱନିରେ ପ୍ରକମ୍ପିତ ଶୈବପୀଠ

ଜାଗର ପାଳିଲେ, ଦୀପ ଜାଳିଲେ







ବ୍ରହ୍ମପୁର,୧୫ ।୨(ସମିସ): ପବିତ୍ର ମହା ଶିବରାତ୍ରୀ ତଥା ଜାଗର ଅବସରରେ ସହରର ସମସ୍ତ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମଳିଛି । ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ନିଷ୍ଠାର ସହ ପୂଜିଛନ୍ତି । ଜାଗର ଦୀପ ଜାଳି ଆରାଧନା କରି ମଙ୍ଗଳ କାମନା କରିଛନ୍ତି । ଏ ଅବସରରେ ସହରର ପ୍ରସିଦ୍ଧ ଶୈବପୀଠରେ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ସରିଛି । ଭକ୍ତଙ୍କ ଓମ୍ ନମଃ ଶିବାୟ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ପରିବେଶ । ଭକ୍ତମାନେ ଧାଡ଼ିରେ ଶୃଙ୍ଖଳିତ ଭାବେ ମନ୍ଦିରକୁ ପ୍ରବେଶ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଛି । ବିଭିନ୍ନ ମନ୍ଦିରରେ ଟିକଟ ସହ ପୂଜାର୍ଚ୍ଚନା ଆଦିର ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା ହୋଇଥିଲା । ସହରର ନୀଳକଣ୍ଠେଶ୍ୱର, ସାନବାଜାର କପିଳେଶ୍ୱର ଓ ହରିଡ଼ାଖଣ୍ଡି ବାଲୁଙ୍କେଶ୍ୱର ଶୈବପୀଠରେ ମନ୍ଦିର ପ୍ରବଳ ଭିଡ଼ ଜମିଥିଲା । ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ନୀତିକାନ୍ତି ଅନୁଯାୟୀ ପ୍ରାତଃ ପ୍ରାତଃ ୩ଘଣ୍ଟା ୩୦ମିନିଟ୍ ସମୟରେ ଦ୍ୱାର ଖୋଲା, ମଙ୍ଗଳ ଆଳତୀ ଓ ରୁଦ୍ରାଭିଷେକ ହେବା ପରେ ପ୍ରାତଃ ୪ଘଣ୍ଟା ୩୦ମିନିଟ୍ ଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ସେହିପରି ସନ୍ଧ୍ୟା ୬ଘଣ୍ଟା ୨୦ମିନିଟ୍ ଠାରୁ ଅହରାତ୍ର ୧୨ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ଭକ୍ତ ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ହୋଇଥିଲା । ମଧ୍ୟରାତ୍ର ୧୨ଘଣ୍ଟା ୪୦ମିନିଟ୍ ଠାରୁ ଶୃଙ୍ଗାର ବେଶ, ରୁଦ୍ରାଭିଷେକ ସହ ଆଳତୀ ଅନୁଷ୍ଠିତ ହୋଇଥିଲା । ରାତ୍ର ୧ ଘଣ୍ଟା ୨୦ମିନିଟ୍ ସମୟରେ ମହାଦୀପ ପ୍ରଜ୍ୱଳନ ସହ ବେଢ଼ା ପରିକ୍ରମା କରାଯାଇଥିଲା । ସେହିପରି କମାପଲ୍ଲୀ ବୈଦ୍ୟନାଥଶ୍ୱର ମନ୍ଦିର ନୀତିକାନ୍ତି ଅନୁଯାୟୀ ପ୍ରାତଃ ୪ମି.ରେ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳଆରତୀ ଓ ରଦ୍ରାଭିଷେକ ସମାପନ ହୋଇଥିଲା । ପରେ ପ୍ରାତଃ ୪. ୩୦ମି.ରେ ସର୍ବସାଧାରଣ ଦର୍ଶନ, ସନ୍ଧ୍ୟାରେ ୧୧ହଜାର୧୧୧ଦୀପ ପ୍ରଦାନ କରାଯାଇଥିଲା । ଏବଂ ରାତ୍ରି ୯.୦୫ମିକୁ ମହାଦୀପ, ବେଢ଼ା ପରିକ୍ରମା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୋଷାଇଁନୂଆଗାଁ ଉତ୍ତରେଶ୍ୱର ମନ୍ଦିର ନୀତିକାନ୍ତି ଅନୁଯାୟୀ ପ୍ରାତଃ ୩.୩୦ମି.ରେ ମନ୍ଦିର ଦ୍ୱାର ଖୋଲା । ଯ । ଇ ମଙ୍ଗଳଆରତୀ ଓ ରଦ୍ରାଭିଷେକ ସମାପନ ହୋଇଥିଲା । ପରେ ପ୍ରାତଃ ୪ମି.ରେ ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ସମୟରେ ଭଜନ ସମାରୋହ, ଭକ୍ତଙ୍କ ଅଖଣ୍ଡ ଦୀପ ଦାନ, ପ୍ରାତଃ ସମୟରେ ମହାଦୀପ, ବେଢ଼ା ପରିକ୍ରମା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଗଜପତି ନଗର ନିକଟ ବାସୁଦେବ ନଗର ସ୍ଥିତ ରାମେଶ୍ୱର ଶୈବ ପୀଠରେ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି । ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ କର୍ପୋରେଟର ସମୀର ମିଶ୍ର ଯୋଗ ଦେଇ ରାମେଶ୍ୱରଙ୍କ ଦର୍ଶନ କରିଥିଲେ । ସନ୍ଧ୍ୟା ସମୟରେ ମନ୍ଦିର ନିକଟରେ ଭାରତଳୀଳା ନାଟକ ପରିବେଷଣ କରାଯାଇଥିଲା । ସେହିପରି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଦଳୁଆ ସାହି ସ୍ଥିତ ମୁକ୍ତେଶ୍ୱର ମନ୍ଦର ସମେତ ବିଭିନ୍ନ ଶୈବ ପୀଠକୁ ଯାଇ ଦର୍ଶନ କରିଥିଲେ । ଏଭଳି ସହରର ବି ସେହିପରି ସହରର ଆଙ୍କୁଲି ପଶ୍ଚିମେଶ୍ୱର, ସାନବାଜାର କପିଳେଶ୍ୱର, ମିଲିଟାରୀ ଲାଇନ୍ ହରିଶଙ୍କର, ଭାବିନୀପୁର ଗଙ୍ଗାଧରଶ୍ୱର, ହରିଡାଖଣ୍ଡି ବାଲୁଙ୍କେଶ୍ୱର, ଆଇନାବନ୍ଧ ସାହି କାଶି ବିଶ୍ୱନାଥ ମନ୍ଦିର, ବିଜିପୁର ସପନେଶ୍ୱର, ଗେଟବଜାର ପଞ୍ଚାନନେଶ୍ୱର ଓ ଭାବିନୀପୁର ସଙ୍କଟେଶ୍ୱର ମନ୍ଦିରରେ ଶିବରାତ୍ରି ପାଳିତ ହୋଇଥିଲା । ମହିଳା ଭକ୍ତଙ୍କ ସୁରକ୍ଷା ପାଇଁ ମହିଳା ପୁଲିସ ମୁତୟନ ରହିଥିଲେ । ଚୋରି, ଛିନତାଇ ରୋକିବାକୁ ସାଧା ପୋଷାକରେ ପୁଲିସ କର୍ମଚାରୀଙ୍କୁ ସହରର ବିଭିନ୍ନ ଶିବ ମନ୍ଦିର ଭିତରେ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା ।









ଭକ୍ତଙ୍କୁ ଛେନା ପଣା ଓ ହାଲୁଆ ବଣ୍ଟନ

ମହାଶିବ ରାତ୍ରି ଉପଲକ୍ଷେ ବିଭିନ୍ନ ଶିବ ମନ୍ଦିରରେ ଭକ୍ତଙ୍କ ଭିଡ଼ ରହିଥିବା ବେଳେ ସାମାଜିକ ଅନୁଷ୍ଠାନମାନଙ୍କ ପକ୍ଷରୁ ବ୍ୟାବକ ବନ୍ଦୋବସ୍ତ କରାଯାଇଥିଲା । ସହରର ନୀଳକଣ୍ଠଶ୍ୱର ୱେଲଫର କମିଟି ପକ୍ଷରୁ ନୀଳକଣ୍ଠଶ୍ୱର ଶୈବ ପୀଠରେ ଭକ୍ତଙ୍କ ନିମନ୍ତେ ଛେନା ପଣା ସମେତ ହାଲୁଆ ବଣ୍ଟନ କରାଯାଇଥିଲା । ଗତ କିଛି ବର୍ଷ ହେବ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ନିମନ୍ତେ ବିଭିନ୍ନ ପାନୀୟ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି । ସେହିପରି ଧର୍ମ ନଗରରେ ରାସ୍ତାରରେ ଯାତାୟତ କରୁଥିବା ଯାତ୍ରୀଙ୍କୁ ଛେନାପଣା ପଣ୍ଟନ କରାଯାଇଥିଲା । ଏଭଳି ଭାବେ ସହରର ବିଭିନ୍ନ ସ୍ଥାନରେ ବହୁ ସଂଗଠନ ପକ୍ଷରୁ ପଣା ସହ ବିଭିନ୍ନ ଖାଦ୍ୟ ବଣ୍ଟନ କରାଯାଇଥିଲା ।





ପେନ୍‌ସିଲ୍ ମୁନରେ ୧ଏମ୍‌ଏମ୍‌ର ଶିବଲିଙ୍ଗ

ବ୍ରହ୍ମପୁର,୧୫।୨(ସମିସ): ମହା ଶିବରାତ୍ରୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ପୁଣି ନିଜ ରେକର୍ଡକୁ ନିଜେ ଭାଙ୍ଗିଥିବା ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ସେ ବିଶ୍ୱର ସବୁଠାରୁ ଛୋଟ ଶିବଲିଙ୍ଗ ପେନ୍‌ସିଲ୍ ମୁନରେ ଗଢ଼ିଛନ୍ତି । ଯାହାର ଉଚ୍ଚତା ମାତ୍ର ୧ଏମ୍‌ଏମ୍ ରହିଛି । ପୂର୍ବରୁ ୨ ଏମ୍‌ଏମ୍ ବିଶିଷ୍ଟ ଶିବଲିଙ୍ଗ ଗଢ଼ି ବିଶ୍ୱ ରେକର୍ଡ କରିଥିବା ସେ କହିଛନ୍ତି । ଚଳିତଥର ୩ଟି ପେନ୍‌ସିଲରେ ୩ଟି ଶିବଲିଙ୍ଗ କରିଛନ୍ତି । ଯାହାର ଉଚ୍ଚତା ୧ଏମ୍‌ଏମ୍, ୧ଏମ୍‌ଏମ୍ ଓ ୨ଏମ୍‌ଏମ୍ ରହିଛି । ଭଗବାନ ଶିବଶଙ୍କର ସମସ୍ତଙ୍କୁ ସଦା ଖୁସିରେ ରଖନ୍ତୁ ବୋଲି ସେ କହିଛନ୍ତି । ଏହି କଳାକୃତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଓ ଏସିଆ ବୁକ୍ ଅଫ୍ ରେକର୍ଡସ୍ ଓ ଅନେକ ରେକର୍ଡରେ ସ୍ଥାନ ପାଇବ ବୋଲି ସତ୍ୟ ଆଶାବ୍ୟକ୍ତ କରିଛନ୍ତି ।

ଡିନ୍ ଓ ଟିମ୍‌ଙ୍କ ଦ୍ୱାରା ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥାର ସମୀକ୍ଷା

ଗଲ୍‌ବ୍ଲାଡର୍ ଷ୍ଟୋନ ପାଇଁ ସର୍ଜରୀ ଜରୁରୀ, ଅନୁମତିକୁ ଅପେକ୍ଷା

ବ୍ରହ୍ମପୁର,୧୫।୨(ସମିସ): ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ 'ଗଲ ବ୍ଲାଡର ଷ୍ଟୋନ' ଅପରେସନ ଜରୁରୀ । ଡିନ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟରେଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ବୈଠକରେ ଡିନ ପ୍ରଫେସର ଦାଶଙ୍କ ସମେତ ଅଧୀକ୍ଷକ ତଥା ଗଠିତ ସ୍ୱତନ୍ତ୍ର କମିଟିର ଅଧ୍ୟକ୍ଷ ପ୍ରଫେସର ଦୁର୍ଗାମାଧବ ଶତପଥୀ ଓ କମିଟିର ଅନ୍ୟ ସଦସ୍ୟ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ । ଗଲ ବ୍ଲାଡର ଷ୍ଟୋନ, ପାଇଲ୍ସ, ଦାନ୍ତ ରୋଗ ସହିତ ଗୋଡରେ ଯନ୍ତ୍ରଣା ଭଳି ଏକାଧିକ ସମସ୍ୟା ଥିବାରୁ ବିକ୍ରମଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲର ସର୍ଜରୀ ୟୁନିଟ-୩ରେ ଭର୍ତ୍ତି କରାଯାଇଛି । ତାଙ୍କର ଚିକିତ୍ସା ପାଇଁ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କୁ ନେଇ ୬ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠିତ ହୋଇଛି । ପୂର୍ବରୁ ବିକ୍ରମଙ୍କ ଏମଆରଆଇ, ଅଲଟ୍ରା ସାଉଣ୍ଡ, ସିଟି ସ୍କାନ ଓ ଏକ୍ସ-ରେ କରାଯାଇ ବିଭିନ୍ନ ରୋଗର ନିଦାନ କରାଯାଇଛି । ନିଦାନ ରିପୋର୍ଟ ମୁତାବକ ତାଙ୍କର ମଳକଣ୍ଟକ ଓ ଅର୍ଶ ସହିତ ଗଲ୍‌ବ୍ଲାଡର ଷ୍ଟୋନ ସ୍ପଷ୍ଟ ହୋଇଛି । ଗତକାଲି ଟିମ ଦ୍ୱାରା ହୋଇଥିବା ପରୀକ୍ଷା ପରେ ଗଲବ୍ଲାଡର ଷ୍ଟୋନ ପାଇଁ ଅସ୍ତ୍ରୋପଚାର ଜରୁରୀ ବୋଲି ହୃଦୟଙ୍ଗମ କରି ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ବିକ୍ରମଙ୍କ ସହମତି ଲୋଡିଥିଲେ । ବିକ୍ରମ ପଣ୍ଡା ରାଜି ହୋଇଥିବା ଜଣାପଡିଛି । ତେବେ ଲାପ୍ରୋସ୍କୋପିମାଧ୍ୟମରେ ଏହି ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ଦେଇଛନ୍ତି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ । ଏଥିପାଇଁ କୋର୍ଟ ଓ ଜେଲ କର୍ତ୍ତୃପକ୍ଷଙ୍କ ଅନୁମତିର ମଧ୍ୟ ଆବଶ୍ୟକତା ଥିବା ଜଣାପଡିଛି । ଅନୁମତି ମିଳିବା ପରେ ଅପରେସନ ପୂର୍ବରୁ ବିକ୍ରମଙ୍କ ଫିଟନେସ ପରୀକ୍ଷା କରାଯିବ ବୋଲି ପ୍ରଫେସର ଦାଶ ସୂଚନା ଦେଇଛନ୍ତି ।





ଓକିଲ ସଂଘ ନିର୍ବାଚନରେ ମହିଳାଙ୍କ ପାଇଁ ୩୦% ସଂରକ୍ଷଣ

ଗଞ୍ଜାମ ଓକିଲ ସଂଘର ସ୍ୱାଗତ, ମଙ୍ଗଳବାର ଜରୁରୀ ବୈଠକ

ବ୍ରହ୍ମପୁର,୧୫ ।୨(ସମିସ): ଆଇନଜୀବୀ ସଂଘର କର୍ମକର୍ତ୍ତା ନିର୍ବାଚନରେ ମହିଳା ଆଇନଜୀବୀଙ୍କ ପାଇଁ ରହିବ ଶତକଡା ୩୦ପ୍ରତିଶତ ସଂରକ୍ଷର ବ୍ୟବସ୍ଥା । ଏନେଇ 'ଶିକ୍ଷା ଏନ ଅମୃତେଶ ବନାମ କର୍ଣ୍ଣାଟକ' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷଣ ସପକ୍ଷରେ ରାୟ ଦେଇଥିବା ଜଣାପଡିଛି । ଏପରିକି ସୁପ୍ରିମ କୋର୍ଟଙ୍କ ପକ୍ଷରୁ ଦେଶର ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏଭଳି ନିର୍ଦ୍ଦେଶନାମାକୁ ଭିତ୍ତିକରି ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ରାଜ୍ୟର ସମସ୍ତ ଓକିଲ ସଂଘକୁ ଏହି ମର୍ମରେ ଚିଠି କରିଥିବା ଜଣାପଡିଛି । ଏପରିକି ଆସନ୍ତା ୨୨ତାରିଖରେ ପରିଷଦର ବୈଠକ ପୂର୍ବରୁ ଅର୍ଥାତ୍ ୨୦ତାରିଖ ସୁଦ୍ଧା ମତାମତ ପ୍ରଦାନ କରିବାକୁ କୁହାଯାଇଥିବା ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି । ମାର୍ଚ୍ଚ ୨୮ତାରିଖରେ ହେବାକୁ ଅଛି ନିର୍ବାଚନ । ଗଞ୍ଜାମ ଓକିଲ ସଂଘରେ ପ୍ରାୟ ୧୭ଶହରୁ ଅଧିକ ଆଇନଜୀବୀ ସଦସ୍ୟ ଥିବା ବେଳେ ସଂଘରେ ସଭାପତି, ଉପ ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ ୭ଜଣ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି । ତେବେ ବର୍ତ୍ତମାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମହିଳା ଆଇନଜୀବୀଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବାକୁ ଯାଉଥିବା ବେଳେ ଏହାକୁ ସ୍ୱାଗତ କରିଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପ ସଭାପତି ତିରୁମାଲା ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟରାଓ ଓ ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ । ସେପଟେ ବର୍ତ୍ତମାନ କୋର୍ଟ ଛୁଟି ଥିବାବେଳେ ମଙ୍ଗଳବାର କୋର୍ଟ ଖୋଲିବା ପରେ ଗଞ୍ଜାମ ଓକିଲ ସଂଘର ସ୍ୱତନ୍ତ୍ର ତଥା ଜରୁରୀ ବୈଠକ ଡକାଯାଇ ଏହା ଉପରେ ବିସ୍ତୃତ ଆଲୋଚନା କରାଯିବ । ସଂଘର ସଦସ୍ୟଙ୍କ ମତାମତ ନେଇ ରାଜ୍ୟ ବାର କାଉନସିଲକୁ ରିପୋର୍ଟ ପଠାଯିବ ବୋଲି କହିଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ।

- ଚଳିତ ବର୍ଷ ରାଜ୍ୟର ସମସ୍ତ ଓକିଲ ସଂଘରେ ଲାଗୁ ହେବ ବ୍ୟବସ୍ଥା ।
- ମାର୍ଚ୍ଚ ୨୮ରେ ହେବାକୁ ଅଛି ଓକିଲ ସଂଘ ନିର୍ବାଚନ

ଚା' ଦୋକାନୀଙ୍କ ଘରୁ ବିପୁଳ ବାଣ ଜବତ

ବ୍ରହ୍ମପୁର,୧୫ ।୨(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ମେଡିକାଲ ନିକଟ ସିଦ୍ଧାର୍ଥନଗର ଛକରେ ଥିବା ଏକ ଚା' ଦୋକାନୀଙ୍କ ଘରୁ ବିପୁଳ ପରିମାଣର ବାଣ ଜବତ ହୋଇଛି । ବେଆଇନ ବାଣ କାରବାର କରୁଥିବା ସୂଚନା ପାଇ ସେହି ଅଞ୍ଚଳର ପାନ ଦୋକାନୀ ରାଜେନ୍ଦ୍ର ବେହେରା ଓରଫ ରାଜି ଘରେ ପୁଲିସ ଚଢ଼ଉ କରିଥିଲା । ସେଠାରୁ ବିପୁଳ ପରିମାଣର ବାଣ ଜବତ କରିବା ସହ ତାଙ୍କ ପୁଅ ଦୀପକକୁ ଗିରଫ କରିଛି ।

ସୂଚନାଯୋଗ୍ୟ ଯେ, ସିଦ୍ଧାର୍ଥନଗର ଛକରେ ଦୀପକଙ୍କର ଏକ ପାନ ଦୋକାନ ରହିଥିବା ବେଳେ ଉପର ମହଲାରେ ସେମାନେ ରହୁଥିଲେ । ସେହି ତଳ ଘରେ ସେ ବିଭିନ୍ନ କମ୍ପାନୀର ବାଣ ଗଚ୍ଛିତ ରଖି ବ୍ୟବସାୟ କରୁଥିଲେ । ଗତକାଲି ରାତିରେ ବୈଦ୍ୟନାଥପୁର ଥାନା ପୁଲିସ ଚଢ଼ଉ କରି ସେଠାରେ ବିପୁଳ ପରିମାଣର ବାଣ ମହଜୁଦ ରହିଥିବା ଅଧିକାରୀମାନେ ଦେଖିଥିଲେ । ତେବେ ବାଣ ମହଜୁଦ ରଖିବା ନେଇ ଦୀପକ ଲାଇସେନ୍ସ କିମ୍ବା ପ୍ରମାଣପତ୍ର ପାଇନଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା । ବେଆଇନ କାରବାର କରୁଥିବା ଅଭିଯୋଗରେ ପୁଲିସ ଦୀପକ ନାମରେ ଏକ ମାମଲା ରୁଜୁ କରିଥିଲା । ସେହି ଘରୁ ଜବତ ହୋଇଥିବା ଆସତବାଜିକୁ ୩ଟି ପୁଲିସ ଗାଡ଼ିରେ ଥାନାକୁ ନିଆଯାଇଥିଲା ।

ପ୍ରକାଶଥାଉ କି, ସହରର ବିଭିନ୍ନ ଅଞ୍ଚଳରେ କିଛି ଚୋଟବଡ଼ ବ୍ୟବସାୟୀ ଘର ଭିତରେ ଆତସବାଜି ଗଚ୍ଛିତ ରଖି ବେପାର ଚଳାଇଛନ୍ତି । ଅଫ୍ ସିଜନରେ ଏହି ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ଏହି ବେଆଇନ କାରବାରରେ ଲିପ୍ତ ରହୁଛନ୍ତି । ପୂର୍ବରୁ ମଧ୍ୟ ପୁଲିସ କମାପଲ୍ଲୀ-ଲାଞ୍ଜିପଲ୍ଲୀ ତଳେ ଥିବା ଏକ ୨ ମହଲା ଘରୁ ବିପୁଳ ପରିମାଣର ଆତସବାଜି ଜବତ କରିଥିଲା ।


ଅଙ୍ଗନବାଡ଼ି କର୍ମୀଙ୍କୁ ଜାତିଆଣ ଆକ୍ଷେପ; 'ଇଫ୍‌ଟୁ'ର କଡ଼ା ପ୍ରତିବାଦ

ବ୍ରହ୍ମପୁର,୧୫।୨(ସମିସ): ସର୍ବଭାରତୀୟ ଶ୍ରମିକ ସଂଗଠନ(ଇଫ୍‌ଟୁ)ର ଜାତୀୟ ଓ ଓଡ଼ିଶା ରାଜ୍ୟ କମିଟି ଓଡ଼ିଶାର ନୂଆଗାଁରେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ହୋଇଥିବା ଜାତିଆଣ ଆକ୍ଷେପକୁ କଡ଼ା ନିନ୍ଦା କରିଛି । ଏକ ପ୍ରେସ ବିବୃତ୍ତି ମାଧ୍ୟମରେ କୁହାଯାଇଛି ଯେ, ଅଙ୍ଗନବାଡ଼ି ନିଯୁକ୍ତି ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗଦେବା ପରେ ତାଙ୍କୁ ଆକ୍ଷେପ କରିବା ପରିତାପର ବିଷୟ । ଚୟନ ଫଳାଫଳ ପ୍ରକାଶ ପାଇବା ଦିନ ପ୍ରାୟ ୫୦ଜଣ ଲୋକ ତାଙ୍କୁ ଅପମାନ କରିଥିବା ଘଟଣା ସମସ୍ତ ପ୍ରମୁଖ ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇସାରିଛି । ଗତ କିଛିମାସ ଧରି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରକୁ କୌଣସି ଗ୍ରାମବାସୀ ଶିଶୁମାନଙ୍କୁ ନପଠାଇବା ନେଇ ଓଡ଼ିଶା ସରକାର ଦୃଢ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

ଏହି ମାମଲାରେ ଅତ୍ୟାଚାର ନିରୋଧ ଆଇନ ଅନୁସାରେ ତତ୍କାଳ ମାମଲା ରୁଜୁ କରାଯାଇ ଓ କର୍ତ୍ତବ୍ୟ ଅବହେଳା ପାଇଁ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ସମ୍ପୃକ୍ତ ଜିଲ୍ଲାପାଳଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଫଟୁର ଜାତୀୟ ସମ୍ପାଦକ ଟି. ଶ୍ରୀନିବାସ ଓ ରାଜ୍ୟ ସଭାପତି ପ୍ରତାପ ପ୍ରଧାନ ପ୍ରେସ ବିବୃତ୍ତି ଜରିଆରେ ଦାବି କରିଛନ୍ତି । ସମସ୍ତ ଅଙ୍ଗନବାଡ଼ି, ଆଶା, ସ୍ୱଚ୍ଛସାଥି ଓ ସୁପରଭାଇଜର ଓ ଅନ୍ୟାନ୍ୟ ଯୋଜନାରେ କାର୍ଯ୍ୟରତ ମହିଳାମାନଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀ ଭାବେ ସ୍ୱୀକୃତି ପ୍ରଦାନ ସହ ସମାନ ଦରମା ଓ ସାମାଜିକ ସୁରକ୍ଷା ଦିଆଯାଉ ବୋଲି ଦାବି କରିଛନ୍ତି ।

୧୫/୨/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୫,୫୫୫/- ସୁନା:୦୫.୩୫୦ ଗ୍ରାମ୍ ରୁପା: ୩୧.୩୦୦ ଗ୍ରାମ୍





ଶ୍ରୀଲୋକନାଥ ପୀଠ

ଉଜାଗର ରହି ଜାଗର ଜାଳିଲେ ଶ୍ରଦ୍ଧାଳୁ








ରାତିର ଶେଷ ପ୍ରହରରେ ଉଠିଲା ମହାଦୀପ

ପୁରୀ,୧୫।୨(ସମିସ): ପବିତ୍ର ମହାଶିବରାତ୍ରୀ ଅବସରରେ ପୁରୀର ବିଭିନ୍ନ ଶୈବପୀଠରେ ସୃଷ୍ଟି ହୋଇଥିଲା ଭିନ୍ନ ଏକ ଭକ୍ତିମୟ ପରିବେଶ। ଶିବ ପଞ୍ଚାକ୍ଷର ମନ୍ତ୍ରରେ ଗୁଞ୍ଜରିତ ହୋଇଥିଲା ପୀଠ ପରିସର। ଘଣ୍ଟଘଣ୍ଟି, ହୁଳହୁଳି ଓ ଜୟ ଭୋଲେନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶ୍ରୀକ୍ଷେତ୍ର। ସକାଳୁ ସହରର ବିଭିନ୍ନ ଶିବ ମନ୍ଦିର ସମ୍ମୁଖରେ ଲାଗିଥିଲା ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି। ଦେବଦେବ ମହାଦେବଙ୍କୁ ପୂଜାର୍ଚ୍ଚନା ଏବଂ ଦର୍ଶନ ଲାଗି ସମସ୍ତେ ହୋଇଥିଲେ ମନ୍ଦିରମୁହାଁ। ସମସ୍ତଙ୍କ ତୁଣ୍ଡରେ ଥିଲା ଓଁ ନମଃ ଶିବାୟ...ଓଁ ନମଃ ଶିବାୟର ପବିତ୍ର ଧ୍ୱନି। ଦିନତମାମ ଦର୍ଶନ ପାଇଁ ଭିଡ଼ ଲାଗି ରହିଥିଲା। ସଞ୍ଜ ନଇଁବାକ୍ଷଣି ପୁରୀ ସହରର ଗଳିକନ୍ଦି ଆହୁରି ଚଳଚଞ୍ଚଳ ହୋଇପଡ଼ିଥିଲା। ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ (ଶ୍ରୀଲୋକନାଥ, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀଯମେଶ୍ୱର)ଙ୍କ ପୀଠରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ବାବା ବାଲିକପିଳେଶ୍ୱର, ଆଖଣ୍ଡଳମଣି, ଓଁକାରେଶ୍ୱର, ଶଙ୍କରେଶ୍ୱର, ଯୋଡ଼ାଲିଙ୍ଗ, ବେଲେଶ୍ୱର, କାଳନ୍ଦିଶ୍ୱର, ଉତ୍ତରେଶ୍ୱର, ଗରୁଡ଼େଶ୍ୱର ପ୍ରଭୃତି ଶୈବପୀଠରେ ଜାଗର ଜାଳିବା ପାଇଁ ବ୍ରତଧାରୀଙ୍କ ଗହଳି ହୋଇଥିଲା। ରାତି ଉଜାଗର ରହି ଜାଗର ଜାଳିଥିଲେ ଶ୍ରଦ୍ଧାଳୁ। ଅଧିକାଂଶ ମନ୍ଦିରରେ ରାତି ସାଢ଼େ ୧୨ଟା ମଧ୍ୟରେ ମହାଦୀପ ଉଠିଥିଲା। ତେବେ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ରାତିର ଶେଷ ପ୍ରହରରେ ଉଠିଥିଲା ମହାଦୀପ। ଲକ୍ଷାଧିକ ଶ୍ରଦ୍ଧାଳୁ ଲୋକନାଥଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ପାଇଛନ୍ତି। ମହାଶିବରାତ୍ରୀ ପାଇଁ ଶନିବାର ରାତି ପ୍ରାୟ ୧୨ଟାରେ ଶ୍ରୀଲୋକନାଥ ମନ୍ଦିର ଦ୍ୱାର ଫିଟିଥିଲା। ଏହାପରେ ମଙ୍ଗଳ ଆଳତି, ଅବକାଶ ପୂଜା ସରି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ଦର୍ଶନ ବନ୍ଦ କରାଯାଇ ଗୋପାଳବଲ୍ଲଭ, ସକାଳ ଧୂପ ଓ ମଧ୍ୟାହ୍ନ ଧୂପ ଭୋଗ କରାଯାଇଥିଲା। ଏହାପରେ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଦିନତମାମ ବ୍ୟାରିକେଡ଼ରେ ଯାଇ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଲୋକନାଥଙ୍କୁ ଦର୍ଶନ କରିଥିଲେ।

ଶ୍ରୀଲୋକନାଥଙ୍କ ମସ୍ତକରେ କେତକୀ ଫୁଲ

ବର୍ଷକର ଏହି ଗୋଟିଏ ଦିନ ଅର୍ଥାତ୍ ମହାଶିବରାତ୍ରୀରେ ଭଗବାନ ଶଙ୍କରଙ୍କ ମସ୍ତକରେ କେତକୀ ଫୁଲ ଚଢ଼ାଯାଇଥାଏ। ଏ ସମ୍ପର୍କରେ ଶ୍ରୀଲୋକନାଥ ମନ୍ଦିରର ପୂଜକ ସନ୍ତୋଷ ପଣ୍ଡା କହିଛନ୍ତି, ମହାଶିବରାତ୍ରୀ ଦିନ ଯିଏ ଯେଉଁ ମାନସିକ ରଖି ଦେବଦେବ ମହାଦେବଙ୍କ ମସ୍ତକରେ କେତକୀ ଫୁଲ ଚଢ଼ାଏ ତାଙ୍କର ମାନସିକ ପୂରଣ ହୋଇଥାଏ। ଏହି ବିଶ୍ୱାସକୁ ନେଇ ଅନେକ ଶ୍ରଦ୍ଧାଳୁ ଶ୍ରୀଲୋକନାଥଙ୍କ ଶିରରେ କେତକୀ ଫୁଲ ଚଢ଼ାଇଛନ୍ତି।

ମହାଶିବରାତ୍ରୀରେ ଲୋକନାଥଙ୍କୁ ଦର୍ଶନ କଲେ ରୋଗବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ମାନସିକ ରଖିଥିବା ଭକ୍ତମାନେ ଲୋକନାଥଙ୍କ ନିକଟରେ ରୁପାରେ ରୂପ ଲାଗି କରିବା ସହିତ ଚୂଡ଼ାଘଷା ଭୋଗ କରିଥିଲେ। ଏଥିସହ କିଆ, କେତକୀ, ନାଗେଶ୍ୱର, ପଳାଶ ଆଦି ଫୁଲ ଲାଗି କରାଇଥିଲେ। ସନ୍ଧ୍ୟା ପରଠାରୁ ଦୀପ ଜାଳି ନିଷ୍ଠାର ସହ ଜାଗର ପାଳିଥିଲେ। ରାତି ପ୍ରାୟ ୧୨ଟାରେ ସର୍ବସାଧାରଣ ଦର୍ଶନ ବନ୍ଦ ରହି ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ପରଠାରୁ ଭକ୍ତିଭରା ଭଜନ ଶ୍ରଦ୍ଧାଳୁଙ୍କୁ ଭାବଭକ୍ତିରେ ଭିଜାଇ ଦେଇଥିଲା। ଅପରପକ୍ଷେ ଶ୍ରୀମନ୍ଦିରରେ ଠାକୁରଙ୍କ ଗୋପାଳବଲ୍ଲଭ ଭୋଗ ସରିବା ପରେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ନୂଆ ପାଟଲୁଗା ପ୍ରଭୃତି ବସନଭୂଷଣ ଲାଗି କରାଯାଇଥିଲା। ଲୋକନାଥଙ୍କ ସେବକମାନେ ଆସି ବିମାନରେ ଠାକୁରଙ୍କୁ ବିଜେ କରାଇ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ ବାହାରିଥିଲେ। ଶ୍ରୀନଅର ସମେତ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ବିଳମ୍ବିତ ପ୍ରହରରେ ଶ୍ରୀଲୋକନାଥ ପୀଠରେ ପହଞ୍ଚିଥିଲେ। ଏହାପରେ ଠାକୁରଙ୍କ ନଟବର ମହାସ୍ନାନ ଏବଂ ନଟବର ଭୋଗ ବଢ଼ିଥିଲା। ପରେ ହରିହର ଭେଟ ହୋଇଥିଲା। ଏହି ନୀତି କେବଳ ମହାଶିବରାତ୍ରୀରେ ଅନୁଷ୍ଠିତ ହୁଏ। ଶ୍ରୀମନ୍ଦିରରେ ଥିବା ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ବଳଭଦ୍ରଙ୍କଠାରୁ ଆଜ୍ଞାମାଳ ନେଇ ହରିଙ୍କ ରୂପରେ ଆସି ଲୋକନାଥ (ହର)ଙ୍କ ସହିତ ଭେଟିଥା'ନ୍ତି। ତାହାକୁ ହରିହର ଭେଟ କୁହାଯାଇଥାଏ। ହରିହର ଭେଟ ପରେ ଘଣ୍ଟଛତା, ଭୋଗ ଏବଂ ରହଣି ଭୋଗ ହୋଇଥିଲା। ଏହାପରେ ଯାତ୍ରାଗ୍ରୀ ଭୋଗ, ଚତୁର୍ଦ୍ଦଶୀ ଭୋଗ ଏବଂ ବଡ଼ସିଂହାର ଭୋଗ ସମ୍ପନ୍ନ ହୋଇଥିଲା। ରାତିର ଶେଷ ପ୍ରହରରେ ଠାକୁରଙ୍କ ମହାଦୀପ ଉଠିଥିଲା।

ଲୋକନାଥଙ୍କ ପୀଠରେ ସୂଚନା କେନ୍ଦ୍ର

ପୁରୀ,୧୫।୨(ସମିସ): ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀଲୋକନାଥଙ୍କ ପୀଠରେ ରବିବାର ଜାଗର ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଛି। ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସୂଚନା କେନ୍ଦ୍ର ବା ହଜିବା ଖୋଜିବା କେନ୍ଦ୍ର କରାଯାଇଥିଲା। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ସୂଚନା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କୁ ବିବିଧ ସତର୍କ ସୂଚନା ଯଥା ଶିଶୁ ଓ ବୟସ୍କମାନଙ୍କୁ ହାତଛଡ଼ା କରନ୍ତୁ ନାହିଁ, ଯଦି କିଏ ହଜିଯାଉଛନ୍ତି ତେବେ ହଜିବା ଓ ଖୋଜିବା କେନ୍ଦ୍ରକୁ ଆସନ୍ତୁ, ଗହଣା, ମୋବାଇଲ୍, ମନିପର୍ସ ପ୍ରତି ସତର୍କ ରୁହନ୍ତୁ ଇତ୍ୟାଦି ସୂଚନା ଦିଆଯାଇଥିଲା। ସେହିପରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ବହି ବିକ୍ରୟ କରାଯାଇଥିଲା।

ବାଲୁକା କଳାରେ ଭଗବାନ ଶିବ



ପୁରୀ,୧୫।୨(ସମିସ): ପବିତ୍ର ମହାଶିବରାତ୍ରୀ ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ବାଲିଗୁଆଲିସ୍ଥିତ କପିଳେଶ୍ୱର ମନ୍ଦିର ସାମ୍ନାରେ ଭଗବାନ ଶିବଙ୍କ ବିଶାଳ ବାଲୁକା ମୂର୍ତ୍ତି ତିଆରି କରିଛନ୍ତି। ୬୦ ଟନ୍ ବାଲି ଓ ୧୦ ଘଣ୍ଟା ସମୟ ଲାଗିଥିବା ଏହି ବାଲୁକା କଳାର ଉଚ୍ଚତା ପ୍ରାୟ ୨୨ରୁ ୨୫ ଫୁଟ୍ ରହିଥିବାବେଳେ ଲମ୍ବ ୪୦ ଫୁଟ୍ ରହିଛି। ଏ ସମ୍ପର୍କରେ ଶିଳ୍ପୀ ଶ୍ରୀ ପ୍ରଧାନ କହିଛନ୍ତି, ଏହି କଳାକୃତି ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ ଅଟେ। ଭଗବାନ ଶିବ ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରି ଆଲୋକରେ ଭରିଦିଅନ୍ତୁ ଏହା ହିଁ ମୋର ଏକ ନମ୍ର ନିବେଦନ। ତେବେ ଏହି କଳାକୃତି ବହୁ ସଂଖ୍ୟକ ଭକ୍ତ, ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ ଦେଖି ବେଶ୍ ଖୁସିବ୍ୟକ୍ତ କରିଥିବା କହିଛନ୍ତି ସୁଦାମ।

ହାପିନେସ୍ ଫାଉଣ୍ଡେସନର ସେବା ଶିବିର

ପୁରୀ,୧୫।୨(ସମିସ): ମହାଶିବରାତ୍ରୀ ଅବସରରେ ଶ୍ରୀଲୋକନାଥଙ୍କ ପୀଠରେ ହାପିନେସ୍ ଫାଉଣ୍ଡେସନ ତରଫରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଭୁଷି, ନାଣ୍ଡି ବଗୁଲି ଓ ମିଶ୍ରି ଆଦିରେ ପ୍ରସ୍ତୁତ ସର୍ବତ ବଣ୍ଟନ କରାଯାଇଛି। ଦୀର୍ଘ ସମୟ ଧରି ମନ୍ଦିର ଭିତରେ ଓ ବାହାରେ ଧାଡ଼ିରେ ଠିଆ ହୋଇଥିବା ଏବଂ ପ୍ରଭୁଙ୍କ ଦର୍ଶନ ସାରି ଫେରୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଥିଲା। ସେହିପରି ଶ୍ରଦ୍ଧାଳୁଙ୍କୁ ଖରାରୁ ରକ୍ଷା ଦେବା ପାଇଁ ଅନୁଷ୍ଠାନ ତରଫରୁ ମେସିନ୍ ଯୋଗେ ଜଳ ସିଞ୍ଚନ ମଧ୍ୟ କରାଯାଇଥିଲା। ମନ୍ଦିର ପରିସରରେ ସଫେଇ ସହିତ ପଡ଼ିଥିବା ପ୍ଲାଷ୍ଟିକ୍ ବୋତଲ ଓ



ଦୀପଗୁଡ଼ିକ ବାହାରକୁ କଢ଼ାଯାଇଥିଲା। ଏହି ସେବା ଶିବିରକୁ ଏସ୍‌ପି ପ୍ରତୀକ୍ ସିଂ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ସଂଯୋଜକ ଟି. ମନୋଜ କୁମାର ପ୍ରଧାନ, ନରେଶ ଚନ୍ଦ୍ର ପାଲ୍, ସଂଯୋଜିକା ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ଚିନ୍ମୟୀ ଲେଙ୍କା, ସଦସ୍ୟ ନଳିନୀକାନ୍ତ ମିଶ୍ର, ସୁଶାନ୍ତ ଜେନା, ସୁମନ୍ତ ଜେନା, ଦେବାଶିଷ ବେହେରା, ପ୍ରିତମ୍ ଦାସ, ବିକି ବିଶ୍ୱାଳ, ମନୋଜ ରାଉତ, ସଦସ୍ୟା ସୋନାଲି ସାହୁ, ରୋଜାଲିନ୍ ସାହୁ ପ୍ରମୁଖ ସାମିଲ୍ ଥିଲେ।

ସ୍ୟାଣ୍ଡ ଆନିମେସନରେ ଭକ୍ତି ଓ ଶକ୍ତିର ଚିତ୍ରଣ

ପୁରୀ,୧୫।୨(ସମିସ): ମହାଶିବରାତ୍ରୀ ଅବସରରେ ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ତାଙ୍କ ଷ୍ଟୁଡିଓରେ ଏକ ମନୋରମ ଲାଇଭ୍ ବାଲୁକା ଆନିମେସନ୍ ପ୍ରସ୍ତୁତ କରିଥିଲେ। ଏଥିରେ ଭଗବାନ ଶିବଙ୍କ ଦିବ୍ୟ ସାରକୁ ସୁନ୍ଦର ଭାବରେ ଚିତ୍ରଣ କରିଥିଲେ। ପ୍ରବାହିତ ବାଲୁକା କଳା ମାଧ୍ୟମରେ ଧ୍ୟାନ, ଭକ୍ତି ଏବଂ ମହାଜାଗତିକ ଶକ୍ତିର ଶକ୍ତିଶାଳୀ ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କଳାକୃତି ଆଧ୍ୟାତ୍ମିକତା, ବିଶ୍ୱାସ ଏବଂ ଭାରତୀୟ ସଂସ୍କୃତିରେ ମହାଶିବରାତ୍ରୀର ମହତ୍ତ୍ୱ ବିଷୟବସ୍ତୁକୁ ଉଜ୍ଜ୍ୱଳ କରିଥିଲା। ଏହି ଲାଇଭ୍ ସୃଷ୍ଟିକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ୧୫ ମିନିଟ୍‌ର ଏହି ପ୍ରଦର୍ଶନ ଭଗବାନ ଶିବଙ୍କ ପ୍ରତି ଭକ୍ତି ଏବଂ କଳାତ୍ମକ ଶ୍ରଦ୍ଧାର ପ୍ରତୀକ ଥିଲା ବୋଲି କହିଛନ୍ତି ବାଲୁକା ଶିଳ୍ପୀ ମାନସ।



ସ୍କାଉଟ୍ସ, ଗାଇଡ୍ସଙ୍କ ସେବା ଶିବିର

ପୁରୀ,୧୫।୨(ସମିସ): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପୁରୀ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସଙ୍କ ଦ୍ୱାରା ଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରା ଉପଲକ୍ଷେ ତ୍ରିଦିବସୀୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପୁରୀ ସହରାଞ୍ଚଳରେ ଥିବା ପ୍ରତ୍ୟେକ ବିଦ୍ୟାଳୟର ସ୍କାଉଟ୍ସ, ଗାଇଡ୍ସ, ରୋଭର ରେଞ୍ଜର ତଥା ସମସ୍ତ ସ୍କାଉଟ୍ ମାଷ୍ଟର ଓ ଗାଇଡ୍ ସହଯୋଗ କରିଥିଲେ। ଏହି ସେବା ଶିବିରକୁ ଜିଲ୍ଲା ଗାଇଡ୍ ସଂଗଠକ ମିନାକ୍ଷୀ ମିଶ୍ର, ବିଦ୍ୟାଧର ମିଶ୍ର, ଅରୁଣ ଭଟ୍ଟାଚାର୍ଯ୍ୟ, ନିରଞ୍ଜନ ପରିଡ଼ା, ଗୋବିନ୍ଦ ଚନ୍ଦ୍ର ସିଂ, କାବେରୀ ବିଶ୍ୱାଳ, ସସ୍ମିତା ରାଉତରାୟ, ବସନ୍ତ ବାରିକ, ପ୍ରକାଶ ଚନ୍ଦ୍ର ଦାଶ, ଭାଗ୍ୟଶ୍ରୀ ସେଠୀ, ରୋଭର ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, ପ୍ରଶାନ୍ତ ମୁଦୁଲି, ସୂର୍ଯ୍ୟନାରାୟଣ ମହାପାତ୍ର, ରେଞ୍ଜର ଲିଡର ରେଖା ମାନସିଂହ, ଆରତି ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିର ସୋମବାର ସକାଳ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ସ୍କାଉଟ୍ ସଂଗଠକ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।



ବସ୍ତି ପିଲାଙ୍କ ପାଇଁ ଐତିହ୍ୟ ଚିହ୍ନ କାର୍ଯ୍ୟକ୍ରମ 'ପଶୁପତି'

ପୁରୀ,୧୫।୨(ସମିସ): ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍ ଓ ଭାରତ ଯୋଗ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ପୁରୀ ସହର ତଳି ବସ୍ତି ଅଞ୍ଚଳ ପିଲାଙ୍କ ପାଇଁ ଜାଗର ଯାତ୍ରା ଉପଲକ୍ଷେ ପଶୁପକ୍ଷୀ ଐତିହ୍ୟ ଚିହ୍ନ କାର୍ଯ୍ୟକ୍ରମ 'ପଶୁପତି' ଅନୁଷ୍ଠିତ ହୋଇଯାଇଛି। ବଳିଆପଣ୍ଡାରେ ସାମାଜିକ ଅନୁଷ୍ଠାନ ଦ ବେଲ୍ ଦ୍ୱାରା ପରିଚାଳିତ ଏକଲବ୍ୟ ପାଠଶାଳାରେ ପଢୁଥିବା ୫୦ରୁ ଊର୍ଦ୍ଧ୍ୱ ବସ୍ତି ଅଞ୍ଚଳ ପିଲାଙ୍କୁ ନନ୍ଦନକାନନ ସହିତ ଧଉଳିଗିରି, ଖଣ୍ଡଗିରି ଓ ବିଭିନ୍ନ ଧର୍ମୀୟ ଐତିହ୍ୟସ୍ଥଳ ବୁଲାଇବାକୁ ନିଆଯାଇଥିଲା। ଜାଗର ଯାତ୍ରାରେ ମନ୍ଦିର ସଫେଇ, ଜଳ ଓ ପ୍ରସାଦ ବଣ୍ଟନ ବଦଳରେ ଆମେ ଭିନ୍ନ ଭାବରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ ବୋଲି କହିଛନ୍ତି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ। ଜାଗର ଯାତ୍ରା ଅବସରରେ ପିଲାଙ୍କ ମନରେ ଧର୍ମୀୟ ଓ ସାଂସ୍କୃତିକ ଭାବଧାରାକୁ ଉଜାଗର କରିବାକୁ ଏହି ବ୍ୟବସ୍ଥା କରିଛୁ ବୋଲି ଏକଲବ୍ୟ ପାଠଶାଳାର ପରିଚାଳକ ଉମେଶ ଦାସ କହିଛନ୍ତି। କାର୍ଯ୍ୟକ୍ରମକୁ କଲ୍ୟାଣୀ ସେଠୀ, ତୁଳସୀ ସ୍ୱାଇଁ, ରାଧିକା ଦାସ, ବିଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ଜାପାନରେ ନିଯୁକ୍ତି ପାଇଲେ ସିଏସ୍ ଏକାଡେମୀର ୫ ଛାତ୍ର


ସୌମ୍ୟରଞ୍ଜନ ପାଳ


ଦୀପକ କୁମାର ଜେନା


ଶରତ ଶବର


ଲୋକନାଥ ସେଠୀ


ଜି. କାର୍ତ୍ତିକ ରେଡ୍ଡୀ

ପୁରୀ, ୧୫।୨ (ସମିସ): ଜାପାନର ଆଇଟି କମ୍ପାନୀରେ ନିଯୁକ୍ତି ପାଇଛନ୍ତି ବାଲିଘାଇସ୍ଥିତ ଚନ୍ଦ୍ରଶେଖର (ସିଏସ୍) ଏକାଡେମୀର ୫ ଛାତ୍ର। ସେମାନେ ଆସନ୍ତା ୧୭ ତାରିଖରେ ଜାପାନ ଯାତ୍ରା କରିବେ। ଏହି ଛାତ୍ରମାନେ ଗତ ଦୁଇବର୍ଷ ଧରି ଜାପାନ ଭାଷା ଓ ଆଇଟି ପାଠ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିଲେ। ଏହାପରେ ସମ୍ପୃକ୍ତ ଛାତ୍ରମାନଙ୍କୁ ଜାପାନର ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରିବା ଲାଗି ଚୟନ କରାଯାଇଛି। କୃତୀ ଛାତ୍ରମାନେ ହେଲେ ସୌମ୍ୟରଞ୍ଜନ ପାଳ, ଦୀପକ ଜେନା, ଶରତ ଶବର, ଲୋକନାଥ ସେଠୀ ଓ ଜି. କାର୍ତ୍ତିକ ରେଡ୍ଡୀ। ଏହାକୁ ନେଇ ଏକାଡେମୀରେ ଖୁସିର ଲହରୀ ଖେଳିଯାଇଛି। ଏକାଡେମୀର ଅଧ୍ୟକ୍ଷ ତଥା ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଏକାଡେମୀରେ ନର୍ସରୀଠାରୁ ଯୁକ୍ତ ଦୁଇ ବିଜ୍ଞାନ ପର୍ଯ୍ୟନ୍ତ ପିଲାଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମ ସହ ମାଗଣାରେ ଜାପାନିଜ୍ ଭାଷା ଶିକ୍ଷାଦାନ କରାଯାଉଛି। ଗ୍ରାଜୁଏସନ ହାସଲ କରିଥିବା ଛାତ୍ରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆଇଟି ସହ ଜାପାନିଜ୍ ଭାଷା ଅଧ୍ୟୟନ କଲେ ସେମାନଙ୍କୁ ଜାପାନରେ ଚାକିରି ମିଳିବାର ବ୍ୟବସ୍ଥା ରହିଛି। ସମ୍ପୃକ୍ତ ୫ ଛାତ୍ରଙ୍କ କୃତିତ୍ୱ ଯୋଗୁଁ ଏକାଡେମୀ ଆଜି ଗର୍ବିତ। ପୁରୀ ସିଟି ବ୍ରାଣ୍ଡ ଆମ୍ବାସାଡର ତଥା ଜାପାନ ସରକାରଙ୍କ ତୋତରି ରାଜ୍ୟର ବାଣିଜ୍ୟ ପରାମର୍ଶଦାତା କୁନା ଦାଶ କୃତୀ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

କଫ୍ ସିରପ ସହ ଟାବ୍‌ଲେଟ ମିଶାଇ ବିକ୍ରି; ମହିଳା ଗିରଫ

ପୁରୀ,୧୫।୨(ସମିସ): ପାନ ଦୋକାନରେ କଫ୍ ସିରପ ସହ ଅଲପ୍ରାଜୋଲାମ୍ ଟାବ୍‌ଲେଟ ମିଶାଇ ବିକ୍ରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ପାନ ଦୋକାନ କରିଥିବା ଜଣେ ମହିଳାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସର୍ବୋଦୟ ନଗରର ପ୍ରତିମା ଦାଶ (୫୭)। ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଘୋଡ଼ା ବଜାର ସରସ୍ୱତୀ ଶିଶୁ ମନ୍ଦିର ନିକଟ ଏକ ପାନ ଦୋକାନରେ ଜଣେ ମହିଳା ଏସ୍‌କଫ୍ ସିରପ ସହ ଅଲପ୍ରାଜୋଲାମ୍ ଟାବ୍‌ଲେଟ ମିଶାଇ ବେଆଇନ ଭାବେ ବିକ୍ରି କରୁଥିବା ସୂଚନା ପାଇଥିଲେ। ସଙ୍ଗେ ସଙ୍ଗେ ସେହି ଦୋକାନରେ ଚଢ଼ଉ କରି ସମ୍ପୃକ୍ତା ମହିଳାଙ୍କଠାରୁ ୧୦୦ ମି.ଲି.ର ଏସ୍‌କଫ୍ ସିରପ (କୋଡିନ୍ ଫସ୍‌ଫେଟ୍ ଓ କ୍ଲୋରୋଫେନିରାମିନ୍ ମାଲିଏଟ୍ ଯୁକ୍ତ) ଭର୍ତ୍ତି ଖୋଲା ବୋତଲ ସହିତ ୧୨ଟି ଷ୍ଟ୍ରିପ୍ ଅଲପ୍ରାଜୋଲାମ୍ ଟାବ୍‌ଲେଟ୍ (ପ୍ରତ୍ୟେକ ଷ୍ଟ୍ରିପ୍‌ରେ ୧୫ଟି ଟାବ୍‌ଲେଟ୍) ସହ ଏକ ଖୋଲା ଷ୍ଟ୍ରିପ୍ ଅଲପ୍ରାଜୋଲାମ୍ ଆଇପି ଜବତ କରିଥିଲେ। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ଦୀର୍ଘଦିନ ଧରି ସମ୍ପୃକ୍ତା ମହିଳା ଏସ୍‌କଫ୍ ସିରପ ସହ ଟାବ୍‌ଲେଟ୍ ମିଶାଇ ସାଧାରଣ ଲୋକଙ୍କୁ ଅଧିକ ଦାମ୍‌ରେ ବିକ୍ରି କରି ବେଆଇନ ଭାବେ ଟଙ୍କା ଅର୍ଜନ କରୁଥିଲେ। ସେହି ପାନ ଦୋକାନକୁ ସିଲ୍ କରାଯାଇ ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ବାଲେଶ୍ୱର କର୍କଟ ହସ୍ପିଟାଲ ନିର୍ମାଣ ନିମ୍ନମାନର ଅଭିଯୋଗ





ବାଲେଶ୍ୱର, ୧୫।୨(ସମିସ)

ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣଧୀନ ୩ ମହଲା ବିଶିଷ୍ଟ କର୍କଟ ହସପିଟାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଢଳେଇ ପରେ ବିଭିନ୍ନ ସ୍ଥାନରେ ତଳପଟୁ ଲୁହାଛଡ଼ ଦେଖା ଯାଉଛି। ଯାହା ପୂର୍ତ୍ତ ବିଭାଗର ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଛିଡ଼ା କରିଛି।

ଢଳେଇ ପରେ ଦେଖା ଯାଉଛି ଲୁହା ଛଡ଼

ବାଲେଶ୍ୱର ତଥା ନିକଟବର୍ତ୍ତୀ ଜିଲ୍ଲା ମାନଙ୍କରେ କର୍କଟ ରୋଗୀଙ୍କ ପାଇଁ ସରକାରୀ ସ୍ତରରେ କୌଣସି ଚିକିତ୍ସା ସେବା ନଥିବାରୁ ରୋଗୀମାନେ କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ହସପିଟାଲ ଉପରେ ନିର୍ଭର କରୁଥିଲେ। ଯାହାଦ୍ୱାରା ରୋଗୀମାନେ ଚିକିତ୍ସା ସେବା ପାଇବାରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଯାହାକୁ ଉପଲବ୍ଧି କରି ତତ୍କାଳୀନ ବିଜେଡ଼ି ସରକାର ରେମୁଣାସ୍ଥିତ ଫକୀର ମୋହନ ମେଡ଼ିକାଲ କଲେଜ ଓ ହସପିଟାଲ ପରିସରରେ ୩ ମହଲା ବିଶିଷ୍ଟ କର୍କଟ ସେବା କେନ୍ଦ୍ର (ହସପିଟାଲ) ନିର୍ମାଣ କରାଯିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୩୧ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ହୋଇଥିଲା। ପରେ ସେବେଠାରୁ ଆଇରନ ଟେଙ୍ଗଲ ନାମକ ଠିକା ସଂସ୍ଥା ଟେଣ୍ଡର ନେଇ କାର୍ଯ୍ୟ ଜାରି ରଖିଛି। ଏପରିସ୍ଥଳେ ନିର୍ମାଣଧୀନ ହସପିଟାଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ଅଭିଯୋଗ ହୋଇଛି। କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ବାଲେଶ୍ୱର ଡିଭିଜନ ୨ କାର୍ଯ୍ୟାଳୟର ଯନ୍ତ୍ରୀ, ଏସଡିଓ, ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟର ସଠିକ ତଦାରଖ କରୁନଥିବାରୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଛି। ଏମିତି କି ଅନେକ ସ୍ଥାନରେ ଢଳେଇ ହୋଇ ସାରିବା ପରେ ତଳ ପଟୁ ଏକାଧିକ ଲୁହା ଛଡ଼ ଦେଖା ଯାଉଛି, ଯାହାକି କାର୍ଯ୍ୟର ସ୍ଥାୟିତ୍ୱ ଉପରେ ପ୍ରଶ୍ନଚିହ୍ନ ଛିଡ଼ା କରିଛି। କେବଳ ସେତିକି ନୁହଁ ନିର୍ମାଣ କାର୍ଯ୍ୟରେ ବାଲି ବଦଳରେ ମାଟି ଫିଲିଙ୍ଗ କରାଯାଉଥିବାର ଅଭିଯୋଗ ହୋଇଛି। ନିୟମ ମୁତାବକ ସରକାରୀ ଟଙ୍କା ରେ ହେଉଥିବା ନିର୍ମାଣ କାର୍ଯ୍ୟ କେଉଁ ବିଭାଗ କେତେ ଟଙ୍କାରେ କରାଉଛି, ତାହା ସୂଚନା ଫଳକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଲଗାଇବାର ନିୟମ ଥିବା ସ୍ଥଳେ ଏବେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚି ଥିବା ବେଳେ ବର୍ଷ ବର୍ଷ ପରେ ବି ସୂଚନା ଫଳକ ନ ଲଗାଇ ଜନସାଧାରଣଙ୍କୁ ଅନ୍ଧାରରେ ରଖିଛି ପୂର୍ତ୍ତ ବିଭାଗ। ଦୀର୍ଘଦିନ ଧରି ବିଭିନ୍ନ ସ୍ଥାନରେ ଢଳେଇ ସରିବା ପରେ ତଳେ ଲୁହା ଛଡ଼ ଦେଖା ଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଠିକା ସଂସ୍ଥା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଠିକା ସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ବେଳେ ଏଥିପ୍ରତି କାହାର ଅଙ୍କୁଶ ନାହିଁ। ସେପଟେ ସରକାରୀ ଟଙ୍କାରେ ନିର୍ମାଣ ହେଉଥିବା ଏହି କର୍କଟ ହସପିଟାଲରେ ଏଭଳି ନିମ୍ନମାନର କାର୍ଯ୍ୟ ଯୋଗୁଁ ହସପିଟାଲର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ସେପଟେ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ଅଧିକ୍ଷଣ ଯନ୍ତ୍ରୀଙ୍କ ଉପରିସ୍ଥ ଅଧିକାରୀ ହେଉଛନ୍ତି ମୁଖ୍ୟ ନିର୍ମାଣ ଯନ୍ତ୍ରୀ। ତାଙ୍କର ଅଧସ୍ତନ କର୍ମଚାରୀଙ୍କ କାର୍ଯ୍ୟକୁ ଯାଞ୍ଚ ଏବଂ ତଦାରଖ ଦାୟିତ୍ୱ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କର। ହେଲେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଧିକ୍ଷଣ ଯନ୍ତ୍ରୀଙ୍କର କାର୍ଯ୍ୟକୁ ସଠିକ ତଦାରଖ ସହ ଯାଞ୍ଚ କରୁନଥିବାରୁ ଜିଲ୍ଲାରେ ପୂର୍ତ୍ତ ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟ ନିମ୍ନମାନର କରାଯାଉଥିବାର ଅଭିଯୋଗ ହେଉଛି।

କ'ଣ କୁହନ୍ତି ଏମାନେ ...

● ଆଇରନ ଟେଙ୍ଗଲ ବଡ଼ କମ୍ପାନୀ କାମ କରୁଛି, ସେମାନେ ସ୍ପେସିଫିକେସନ ହିସାବରେ କାମ କରନ୍ତି। କ'ଣ ହେଉଛି ଦେଖିଦେବା।

ଦୁର୍ଗା ମାରାଣ୍ଡି, ଏସଡ଼ିଓ, ପୂର୍ତ୍ତ ବିଭାଗ

● ମୁଁ ସିସିଇ, ମୁଁ କ'ଣ ସବୁ କାମ ଦେଖିବି ନା କଣ। ଜେଇ, ଏସଡ଼ିଓ, ଏସ.ଇ ଅଛନ୍ତି ସେମାନେ ଦେଖିବେ। ସେମାନଙ୍କ ଦାୟିତ୍ୱ ସେମାନେ ଦେଖିବେ, ମୋର ସେ ଦାୟିତ୍ୱ ନୁହଁ।

ମାନସ ସେଠୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବାଲେଶ୍ୱର, ପୂର୍ତ୍ତ ବିଭାଗ

● ବାଲେଶ୍ୱର ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ବାଲେଶ୍ୱରବାସୀ ବହୁ ଘାତ ପ୍ରତିଘାତ ସହି ସଂଘର୍ଷ କରିଥିଲେ। ହେଲେ ପୂର୍ତ୍ତ ବିଭାଗ ମେଡ଼ିକାଲ ପରିସରରେ କରୁଥିବା ଏଭଳି ନିମ୍ନ ମାନର କାର୍ଯ୍ୟ ଅତ୍ୟନ୍ତ ପରିତାପର ବିଷୟ। ଏମିତି କି ଅଧସ୍ତନ କର୍ମଚାରୀ କରୁଥିବା କାର୍ଯ୍ୟର ତଦାରଖ ଏବଂ ଯାଞ୍ଚ ଦାୟିତ୍ୱ ଉପରିସ୍ଥ ଅଧିକାରୀଙ୍କ। ହେଲେ ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମୁଁ ସିସିଇ ମୁଁ କଣ ସବୁ କାମ ଦେଖିବି ବୋଲି କହିବା ଅତ୍ୟନ୍ତ ଲଜ୍ୟା ଜନକ। ପୂର୍ତ୍ତ ବିଭାଗ କରାଉଥିବା ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

ମନୋଜ ନାୟକ, ସମ୍ପାଦକ, ବାଲେଶ୍ୱର ସିଭିଲ ସୋସାଇଟି

● ସରକାର ବଦଳିବା ପରେ ନୂଆ ସରକାରରେ କାର୍ଯ୍ୟର ମାନ ଉଚ୍ଚ କୋଟିର ହେବ ବୋଲି ଆଶା ରଖିଥିଲୁ। ହେଲେ, ବର୍ତ୍ତମାନର ସରକାରରେ ବିଭିନ୍ନ ପୂର୍ତ୍ତ ବିଭାଗ କାର୍ଯ୍ୟରେ ଯନ୍ତ୍ରୀ, ଏସଡ଼ିଓ, ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ନିୟମିତ ଯାଉ ନାହାନ୍ତି। ଯାହାଫଳରେ ଠିକା ସଂସ୍ଥା ମନ ଇଚ୍ଛା ଭାବେ କାର୍ଯ୍ୟ କରୁଛି। ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ବାଲେଶ୍ୱର ମଧ୍ୟ ନିୟମ ମୁତାବକ ଇନିସ୍ପେକ୍ସନ ପାଇଁ ଯାଉ ନାହାନ୍ତି। ଯେଉଁଥିପାଇଁ କାର୍ଯ୍ୟର ମାନ ଖରାପ ହେଉଛି। ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

ଅନ୍ତର୍ଯ୍ୟାମୀ ପ୍ରଧାନ, ସଭାପତି, ସିଭିଲ ସୋସାଇଟି

ଏଫ୍‌ଏମ୍ ଜୁନିୟର କଲେଜ ଛାତ୍ରୀଙ୍କ ସଫଳତା

ବାଲେଶ୍ୱର,୧୫।୨(ସମିସ): ଫକୀର ମୋହନ ଜୁନିୟର କଲେଜର ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ବିଭାଗର ଛାତ୍ରୀ ସୌମ୍ୟା ମହାନ୍ତି, ପ୍ରତିଯୋଗିତାମୂଳକ ବାଗ୍ମିତା ଏବଂ ବିତର୍କ କ୍ଷେତ୍ରରେ ଅନ୍ତର୍ଜାତୀୟ ମାନ୍ୟତା ହାସଲ କରିଛନ୍ତି। ସୌମ୍ୟା ନିକଟରେ ପ୍ରତିଷ୍ଠିତ 'ହାର୍ଭାର୍ଡ ଡିବେଟ୍ ଆନ୍ତର୍ଜାତୀୟ କ୍ୱାଲିଫାୟର ଯୁକେଟିଓସି ଆଇଏସଡିଆଇ ଅନଲାଇନ୍ ଟୁର୍ଣ୍ଣାମେଣ୍ଟ'ରେ ଜଣେ ବିଚାରକ ଭାବେ କାର୍ଯ୍ୟ କରିଛନ୍ତି। ଚଳିତ ମାସ ୨୩ ଏବଂ ୨୪ ତାରିଖରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ହେଉଛି କେଣ୍ଟକି ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଜେ.ଡବ୍ଲ୍ୟୁ. ପ୍ୟାଟରସନ୍ ଟୁର୍ଣ୍ଣାମେଣ୍ଟ ଅଫ୍ ଚାମ୍ପିଅନ୍ସ ପାଇଁ ଏକ ପ୍ରମୁଖ ଯୋଗ୍ୟତା ପର୍ଯ୍ୟାୟ କାର୍ଯ୍ୟକ୍ରମ। ହାର୍ଭାର୍ଡ ଡିବେଟ୍ କାଉନସିଲ୍ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଶ୍ୱର ସର୍ବୋତ୍ତମ ବିତର୍କକ ଏବଂ ବକ୍ତାମାନେ ଅଂଶଗ୍ରହଣ କରିଥାନ୍ତି। ବାଲେଶ୍ୱରକୁ ଏକ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପ୍ରତିନିଧିତ୍ୱ କରି ସୌମ୍ୟା ଏହି ପ୍ରତିଯୋଗିତାର ପ୍ରାଥମିକ ଏବଂ କ୍ୱାର୍ଟର ଫାଇନାଲ୍ ରାଉଣ୍ଡଗୁଡ଼ିକରେ ବିଚାରକ ଦାୟିତ୍ୱ ତୁଲାଇଛନ୍ତି। ବିଚାରକ ଭାବରେ ସେମାନଙ୍କର ଭୂମିକା ପାଇଁ ସୌମ୍ୟା ମହାନ୍ତିଙ୍କୁ ଏହି ସମ୍ମାନଜନକ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ସାରା ବିଶ୍ୱର ଛାତ୍ରଛାତ୍ରୀଙ୍କ ପାଇଁ "ଟୁର୍ଣ୍ଣାମେଣ୍ଟ ଅଫ୍ ଚାମ୍ପିଅନ୍ସ"ରେ ପହଞ୍ଚିବା ପାଇଁ ଏକ ପ୍ରବେଶ ପଥ, ଯାହାକୁ ହାଇସ୍କୁଲ ବିତର୍କର ଶୀର୍ଷ ସ୍ତର ବୋଲି ବିବେଚନା କରାଯାଏ। ଅଧକ୍ଷା ଡ. ସୋନାଲିସା ମହାନ୍ତି, ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ ରାଉତ ଏବଂ କଲେଜର ଅନ୍ୟାନ୍ୟ କର୍ମକର୍ତ୍ତା ଓ ଛାତ୍ର ଛାତ୍ରୀ ସୌମ୍ୟାଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ତାଙ୍କୁ ବିଶ୍ୱସ୍ତରୀୟ ଶ୍ରେଷ୍ଠତା ଆଡକୁ ଆଗେଇ ଯିବାକୁ ଉତ୍ସାହିତ କରିଛନ୍ତି।



ଧର୍ମପରାୟଣ ମହିଳାଙ୍କ ପରଲୋକ

ଜଳେଶ୍ୱର,୧୫।୨(ସମିସ): ସ୍ଥାନୀୟ ଜଳେଶ୍ୱର ମିଲ କଲୋନୀସ୍ଥିତ ଧର୍ମପରାୟଣ ମହିଳା ବିଦ୍ୟୁତପ୍ରଭା ଜେନା (୭୯)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ଆଦର୍ଶ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନାଙ୍କ ଧର୍ମପତ୍ନୀ ବିଦ୍ୟୁତପ୍ରଭା ଅଞ୍ଚଳର ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଭାବେ ପରିଚିତ ଥିଲେ। ବିଦ୍ୟୁତପ୍ରଭାଙ୍କ ଶିବରାତ୍ରି ରବିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ବେଳେ ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ତାଙ୍କ ଗ୍ରାମ ଭୁରକୁଣ୍ଡାକୁ ଅଣା ଯାଇଥିଲା। ଶେଷ ଦର୍ଶନ ପାଇଁ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚଣ୍ଡ, ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରତିପ ପ୍ରଧାନ, ସମାଜସେବୀ ସିଦ୍ଧାର୍ଥ ଶଙ୍କର ପାଳ, ସଂଜୀବ ପାଳ, ଆନନ୍ଦ କର, ଅରୁଣ ପରିଡ଼ା, ଅମଳେନ୍ଦୁ ସେନାପତିଙ୍କ ପ୍ରମୁଖ ଯୋଗଦେଇ ଶ୍ରୀମତୀ ମହିଳାଙ୍କର ଶେଷ ଦର୍ଶନ କରିଥିଲେ। ମୁଖାଗ୍ନି ସମୟରେ ବଡ଼ପୁଅ ମଧୁସୂଦନ ଜେନା ଉପସ୍ଥିତ ରହିବା ସହିତ ସାନ ପୁଅ ଆଦିକନ୍ଦ ଜେନା ମୁଖାଗ୍ନି ଦେଇଥିଲେ।

ଅଲ୍ ଓଡ଼ିଶା ଷ୍ଟେଟ୍ ସିନିୟର ଏବଂ ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲେଶ୍ୱର,୧୫।୨(ସମିସ): ଫେବୃଆରୀ ୧୩ରୁ ଆରମ୍ଭ ହୋଇଥିବା ଅଲ୍ ଓଡ଼ିଶା ଷ୍ଟେଟ୍ ସିନିୟର ଏବଂ ଜୁନିୟର (୧୯ ବର୍ଷରୁ କମ୍) ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆଜି ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଶେଷ ହୋଇଯାଇଛି। ବାଲେଶ୍ୱର ଖେଳାଳି ଆର୍ଯ୍ୟ ମାଝୀ ଫାଇନାଲରେ ସମ୍ବଲପୁରର ତହସିଫ ଖାନଙ୍କୁ ପରାସ୍ତ କରି ସିନିୟର ପୁରୁଷ ସିଙ୍ଗଲ୍ସ ଫାଇନାଲ ଜିତିଥିଲେ। ପୁରୁଷ ଡବଲ୍ସ ଇଭେଣ୍ଟରେ ବାଲେଶ୍ୱରର ଆଉ ଜଣେ ଖେଳାଳି ଅମୟ ନାୟକ ଏବଂ ତାହସିଫ୍ ଖାନ ରନର୍ସଅପ୍ ହୋଇଛନ୍ତି ୧୯ ବର୍ଷରୁ କମ୍ ଖେଳାଳି ଜ୍ୟୋତିସୁରିଆ ପ୍ରେମାନିକ, ମାୟୋଙ୍କ ଭରଦ୍ୱାଜ ଏବଂ ଅଣ୍ଟିତା ପୋରିଚା ସେମିଫାଇନାଲିଷ୍ଟ ବାଳକ ସିଙ୍ଗଲ୍ସ ଆଣ୍ଡ ବାଳିକା ଡବଲ୍ସ ଇଭେଣ୍ଟ ଭାବରେ ସମାପ୍ତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୋନହରଲାଲ ପାଲା ଜୁଏଲରୀର ପରିଚାଳନା ନିର୍ଦ୍ଦେଶକ କମଲେଶ ପାଲା, ଓଏଏସଆଇଏସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଅଧକ୍ଷ ସଞ୍ଜୟ ସାହୁ, ବାଲେଶ୍ୱର ପେଟ୍ରୋଲିୟମ ଆସୋସିଏସନର ସଚିବ ପ୍ରଦୀପ କୁମାର ସାହୁ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତାରକାନ୍ତ ଦାସ, ଟୁର୍ଣ୍ଣାମେଣ୍ଟ ଅଧକ୍ଷ ଜଗମୋହନ ଜେନା ଏବଂ ଜିତେନ ଲେଙ୍କା, ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସଚିବ ମନୋରଂଜନ ପଣ୍ଡା, ରାଷ୍ଟ୍ରପତି ଚିନ୍ମୟ ବିଶ୍ୱାଲ, ମୁଖ୍ୟ ରେଫରି ରିତା ଦାସ ଉପସ୍ଥିତ ଥିଲେ। ଅତିଥିମାନେ ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି, ନଗଦ ପୁରସ୍କାର ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ। ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ମଧ୍ୟ ସଫଳତାର ସହ ଇଭେଣ୍ଟ ପରିଚାଳନା କରିଥିବା ସମସ୍ତ ଅମ୍ପାୟାରଙ୍କୁ ଉପହାର ପ୍ରଦାନ କରି ସମ୍ମାନିତ କରିଛି। ଏହାସହିତ ବିଷ୍ଣୁ ପ୍ରତାପ ଖିଲାର ଏବଂ ଆୟୁଷ୍ମାନ ଖୁଣ୍ଟିଆଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ଏବଂ ଡକ୍ଟର ଲକ୍ଷ୍ମଣ ସାମଲ, ସତ୍ୟବ୍ରତ ସାହୁ ଏବଂ ଅନାସୂୟା ନାୟକ ସେମାନଙ୍କ ଡାକ୍ତରୀ ଦଳ ପାଇଁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ସେମାନଙ୍କ ବ୍ୟତୀତ ସରୋଜ ବେହେରା, ପ୍ରୀତିରଞ୍ଜନ ମହାନ୍ତି, ରାଜୀବ ସାହୁ ସୁଜୟ ନାୟକ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।



ଜାଗର ପାଇଁ ଚଳଚଞ୍ଚଳ ଲଙ୍ଗଳେଶ୍ୱର ଶୈବପୀଠ





ଲଙ୍ଗଳେଶ୍ୱର, ୧୫।୨ (ସମିସ) : ପବିତ୍ର ମହାଶିବ ରାତ୍ରୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ର ସର୍ବ ପୁରାତନ ବାବା ଲଙ୍ଗଳେଶ୍ୱର ଶୈବପୀଠ ରେ ଶ୍ରଦ୍ଧାଳୁ ମାନଙ୍କ ଗହଳି ଲାଗିରହିଥିଲା। ପ୍ରତ୍ୟୁଷରୁ ବାବାଙ୍କର ମଙ୍ଗଳ ଆଳତି, ସକାଳ ଧୂପ ସେବା ସହିତ ବାବା ଲଙ୍ଗଳେଶ୍ୱର ଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବା ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଛୁଟି ଆସିଥିଲେ। ଶୃଙ୍ଖଳାର ସହିତ ବିରାଟ ଲମ୍ବା ଧାଡ଼ିରେ ଯାଇ ଦର୍ଶନ ଲାଭ କରିଥିଲେ। ଏହି ପୁରାତନ ଶୈବପୀଠ ର ଅନେକ ପୌରାଣିକ କିମ୍ବଦନ୍ତୀ ରହିଥିବା ବେଳେ ଏହାର ମାହାତ୍ମ୍ୟ ସ୍ୱତନ୍ତ୍ର ରହିଛି। ଏଠାରେ ମହାଦେବଙ୍କ ମନ୍ଦିର ସମ୍ମୁଖରେ ମାତା ପାର୍ବତୀଙ୍କ ମନ୍ଦିର ବିଦ୍ୟମାନ। ମହାଦେବଙ୍କ ଶକ୍ତି ଏଠାରେ ସ୍ପଷ୍ଟ ବାରି ହୋଇ ପଡୁଥିବା ବେଳେ ଜ୍ୟୋତିର୍ଲିଙ୍ଗ ଭୂତଳଗାମୀ ହୋଇଯାଇଛି। କୌଣସି ବ୍ୟାଧିଗ୍ରସ୍ତ ଲୋକ ଯଦି ଲଙ୍ଗଳେଶ୍ୱର ମହାଦେବଙ୍କ ଠାରେ ଅଧିଆ ପଡିବା ସହିତ ମହାଦେବ ଙ୍କ ପାଦୁକା ସେବନ କରନ୍ତି ତାହାଲେ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଥିବାରୁ ବହୁ ଭକ୍ତ ଅଧିଆ ପଡିଥିବାର ଦେଖାଯାଇଥିଲା। ଶାନ୍ତି ଶୃଙ୍ଖଳା ଏବଂ ସୁରୁଖୁର ରେ ପୂଜାର୍ଚ୍ଚନା ପାଇଁ ମନ୍ଦିର କମିଟି, ପୁଲିସ ପ୍ରଶାସନ, ବାଲିଆପାଳ ବ୍ଲକ ପ୍ରଶାସନ ଏବଂ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରା ଯାଇଥିବା ବଷ୍ଟା ଏସଡିପିଓ ମାନସ ଦେଓ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ ଜାଗର ଜାଳିଥିବା ପୂଜକ ହୃଦୟ ନୟନ ମିଶ୍ର, ହିତାସୁ ମିଶ୍ର, ଚିତରଞ୍ଜନ ମିଶ୍ର ସୂଚନା ଦେଇଥିଲେ।

ବ୍ରାଉନସୁଗର ଜବତ, ୩ ଗିରଫ

ଜଳେଶ୍ୱର ବ୍ଲକ, ୧୫। ୨(ସମିସ): ଜଳେଶ୍ୱର ଥାନା ପକ୍ଷରୁ ଶୁକ୍ରବାର ଦିନ ପୃଥକ ଭାବେ ଚଢାଉ କରି ପ୍ରାୟ ୨୨ଲକ୍ଷ ଟଙ୍କା ଟଙ୍କାର ବ୍ରାଉନସୁଗର ଜବତ କରିବା ସହ ଜଣେ ମହିଳା ଓ ୨ଜଣ ପୁରୁଷଙ୍କୁ ଗିରଫ କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ଶାସନବାର୍ଡ ସୁବର୍ଣ୍ଣରେଖା ନଦୀକୂଳରେ ମାଦକ ଦ୍ରବ୍ୟ କାରବାର ଚାଲିଥିବା ନେଇ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଏସ୍‌ଆଇ ବବିତା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଛକି ରହି ରହିଥିଲେ। ଡିଲ୍ ଚାଲିଥିବାବେଳେ ପୁଲିସ ୨ଜଣଙ୍କୁ କାବୁ କରିଥିଲା। ୪୦ ଗ୍ରାମ୍ ବ୍ରାଉନସୁଗର, ଏକ ନମ୍ବର ବିହୀନ ବାଇକ୍ ଏବଂ ୨ ମୋବାଇଲ୍ ଜବତ ହୋଇଛି। ଗିରଫ ଦ୍ୱୟ ହେଲେ ଲକ୍ଷ୍ମଣନାଥ ପଞ୍ଚାୟତ ବିରିଶପୁର ଗ୍ରାମର ଦେବେନ୍ଦ୍ର ଗିରି (୪୦) ଏବଂ ଗୋପ ଗ୍ରାମର ଅକ୍ଷୟ ରାଉଳ (୫୬)। ସେହିପରି ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୧ଟା ୩୦ରେ ପୁଲିସ ଅନ୍ୟ ଏକ ସ୍ଥାନରେ ଚଢାଉ କରିଥିଲା। ଝାଡ଼େଶ୍ୱରପୁର ଗ୍ରାମର ସାଉଦି ଛକ ନିକଟରେ ଜଣେ ମହିଳା ଓ ୪ଜଣ ପୁରୁଷ ବ୍ରାଉନସୁଗର ଡିଲ୍ କରୁଥିବା ବେଳେ ଏସ୍‌ଆଇ ରାଜଲକ୍ଷ୍ମୀ ଦାସ ସଦଳବଳେ ସେଠାରେ ପହଞ୍ଚିଥିଲେ। ପୁଲିସକୁ ଦେଖି ଅନ୍ୟମାନେ ଫେରାର ହୋଇଯାଇଥିବା ବେଳେ ମହିଳାଜଣକ ଧରାପଡ଼ିଥିଲେ। ତାଙ୍କ ନିକଟରୁ ୧୫୫ ଗ୍ରାମ୍ ବ୍ରାଉନସୁଗର ଏବଂ ଗୋଟିଏ ମୋବାଇଲ୍ ଜବତ ହୋଇଛି।

ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗର ଆଲୋଚନାଚକ୍ର

ବାରିପଦା,୧୪।୨(ସମିସ): ସ୍ଥାନୀୟ ତଖତପୁରସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ନୂଆଦିଲ୍ଲୀ ଆଇସିପିଆର ସହଯୋଗରେ 'ବୈଜ୍ଞାନିକଙ୍କ କେବଳ ନିର୍ଦ୍ଦିଷ୍ଟ ତଥ୍ୟ ଓ ପରିଦୃଶ୍ୟମାନ ଜଗତ ଉପରେ ଆଧାରିତ ଦାର୍ଶନିକ ତତ୍ତ୍ୱ ଏବଂ ସାର୍ତ୍ତେବାଦୀଙ୍କ ସ୍ୱାଧୀନତା ତତ୍ତ୍ୱ ମଧ୍ୟରେ ସେତୁ' ଶୀର୍ଷକ ପର୍ଯ୍ୟାୟିକ ବକ୍ତୃତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡଃ ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ବିଭିନ୍ନ ବୈଜ୍ଞାନିକ, ଦାର୍ଶନିକ ଓ ସାର୍ତ୍ତେବାଦୀଙ୍କ ସ୍ୱାଧୀନତା ତତ୍ତ୍ୱ ମଧ୍ୟରେ ସେତୁ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପର୍ଯ୍ୟାୟିକ ବକ୍ତୃତାରେ ମୁଖ୍ୟ ବିଷୟ ବିଶାରଦ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ମନୋରଞ୍ଜନ ମଲ୍ଲିକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ହିମାଂଶୁ ଶେଖର ସାମଲ ଦର୍ଶନଶାସ୍ତ୍ର, ବିଜ୍ଞାନ ଓ ବୈଜ୍ଞାନିକ ତତ୍ତ୍ୱ ଓ ସାର୍ତ୍ତେବାଦୀଙ୍କ ସ୍ୱାଧୀନତା ତତ୍ତ୍ୱ ମଧ୍ୟରେ ସେତୁ ସମ୍ବନ୍ଧରେ ପିପିଟି ଉପସ୍ଥାପନା ମାଧ୍ୟମରେ ସବିଶେଷ ଆଲୋଚନା କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ଡଃ ନରେନ୍ଦ୍ର ପ୍ରସାଦ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଡଃ ଦୀପକ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଅନ୍ନପୂର୍ଣ୍ଣା ଧଳ ସହଯୋଗ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ରଚନାପ୍ରତିଯୋଗିତାରେ ସ୍ନାତକରୁ ପ୍ରମିଳା ପାତ୍ର ପ୍ରଥମ, ଦ୍ୱିତୀୟ ଶିବାନୀ ବେହେରା, ତୃତୀୟ ସସ୍ମିତା ମାରାଣ୍ଡି ହୋଇଥିବାବେଳେ ସ୍ନାତକୋତ୍ତରରୁ ସେଙ୍ଗେଲସି ହାଁସଦା ପ୍ରଥମ, ଅହଲ୍ୟା ପାତ୍ର ଦ୍ୱିତୀୟ ଓ ଶଙ୍ଖ ହାଁସଦା ତୃତୀୟ ହୋଇଛନ୍ତି। ପେପର୍ ପ୍ରେଜେଣ୍ଟେସନରେ ନବୀନ ପରିଡ଼ା ପ୍ରଥମ, ସେଙ୍ଗେଲସି ହାଁସଦା ଦ୍ୱିତୀୟ ଓ ଲଳିତା ସାହୁ ତୃତୀୟ ହୋଇଥିଲେ। ଏ ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦର୍ଶନଶାସ୍ତ୍ର ବିଭାଗ ସହକାରୀ ପ୍ରଫେସର ଡଃ ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ପର୍ଯ୍ୟାୟିକ ବକ୍ତୃତା ଆଲୋଚନାଚକ୍ରରେ ବିଭିନ୍ନ ଜିଲ୍ଲାର ଦର୍ଶନ ବିଭାଗ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ବେତନଟୀ ଏନ୍‌ଏସି ପାଇଁ ୱାର୍ଡ ତାଲିକା ପ୍ରକାଶ

ବେତନଟୀ,୧୫।୨(ସମିସ): ନୂତନ ବେତନଟୀ ଏନଏସିର ୱାର୍ଡ ତାଲିକା ସହିତ କେଉଁ ୱାର୍ଡ କେଉଁ ବର୍ଗ ପାଇଁ ସଂରକ୍ଷିତ, ଏନେଇ ଜିଲ୍ଲାପାଳଙ୍କ ଚିଠି ନଂ୧୭୮୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ପ୍ରସ୍ତାବିତ ବେତନଟୀ ଏନଏସି ପାଇଁ ୧୬ଟି ୱାର୍ଡର ପ୍ରସ୍ତାବ ଥିବାବେଳେ ପରବର୍ତ୍ତୀ ବିଜ୍ଞପ୍ତିରେ ୱାର୍ଡ ସଂଖ୍ୟା ଗୋଟିଏ ବୃଦ୍ଧି କରାଯାଇ ୧୭ କରାଯାଇଛି। କଦମାଶୋଳ ସାମିଲ ଭୁଡୁରୁବଣି (୧), ଗରୁଡବସା (୨), ଶୁଖିଲାହାର ସାମିଲ ଇନ୍ଦିରାନଗର (୩), ଶୁଖିଲାହାର ସାମିଲ ମହୁଲିଆ (୪), ଶୁଖିଲାହର ସାମିଲ ବେତନଟୀ (୫), ଆମ୍ବଯୋଡା କଲୋନୀ ସାହି (୬), ଆମ୍ବଯୋଡା ସାମିଲ ଲିଟାସାହି (୭), ଭୋଗବାଟି ସାମିଲ ପୁରୁଣା ବସଷ୍ଟାଣ୍ଡସାହି ବଙ୍ଗଳାଛକ (୮) ଭୋଗବାଟି ସାମିଲ ପଞ୍ଚାୟତ ଅଫିସ ସାହି ମଠସାହି (୯) ବେତନଟୀ ସାମିଲ ବଙ୍ଗଳା ଛକ ଭୋଗବାଟି (୧୦) ବାହାନଡା (୧୧) ଭୋଗବାଟି ସାମିଲ ପାଇକପଡ଼ା (୧୨) ସଠିଲୋ ସାମିଲ ଦେହୁରୀ ସାହି (୧୩) ସଠିଲୋ ସାମିଲ ଡେଲି ମାର୍କେଟ ଭାୟା ମଠସାହି (୧୪) ସଠିଲୋ ସାମିଲ ବେତନଟୀ କଲେଜ ପଛ (୧୫) ତୁଳସୀ ଚଉରା ସାମିଲ ପୁରୁଣାପାଣି (୧୬) ତୁଳସୀଚଉରା ସାମିଲ ପୁରୁଣାପାଣି (୧୭)କୁ ନେଇ ଗଠିତ ହୋଇଥିବା ଏଥିରେ ଉଲ୍ଲେଖ ରହିଛି। ଯଦି କାହାରି କିଛି ଆପତ୍ତି କିମ୍ବା ମତାମତ ଦେବାର ଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ଦଶଦିନ ମଧ୍ୟରେ ଗ୍ରହଣ କରାଯାଇ ବିଚାର କରାଯିବ। ଏହି ସମୟ ଅତିବାହିତ ହୋଇଯିବା ପରେ କୌଣସି ଆପତ୍ତି ବା ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୧୭ଟି ୱାର୍ଡରୁ ୬ଟି ଅନୁସୂଚୀତ ଜାତି ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ଗୋଟିଏ ଅନୁସୂଚୀତ ଜନଜାତି ମହିଳା ଓ ୪ଟି ସାଧାରଣ ବର୍ଗ ମହିଳା ଓ ୬ଟି ୱାର୍ଡ ଅଣସଂରକ୍ଷିତ ରହିଥିବା ଜଣାପଡ଼ିଛି।

ନିଜାମପୁର ଗ୍ରାମରେ ପାନୀୟ ଜଳସଙ୍କଟ ପ୍ରସଙ୍ଗ

ଅଭିଯୋଗକୁ ଦେଢ଼ ମାସ; କାର୍ଯ୍ୟାନୁଷ୍ଠାନ ଶୂନ

ବାଲେଶ୍ୱର(ଉତ୍ତର),୧୫।୨(ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦୁଡ଼ପଲ ପଞ୍ଚାୟତ ନିଜାମପୁର ଗ୍ରାମରେ ପାନୀୟ ଜଳ ସଙ୍କଟର ଏପର୍ଯ୍ୟନ୍ତ ସମାଧାନ ହୋଇପାରିଲାନି। ଆଗକୁ ଆସୁଛି ଗ୍ରୀଷ୍ମପ୍ରବାହ। ଏବେ ଠାରୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖାଯାଉଥିବା ବେଳେ ଆଗକୁ ଅବସ୍ଥା ଅସମ୍ଭାଳ ହେବାର ସମ୍ଭାବନା ରହିଛି। ନିଜାମପୁର ଗ୍ରାମରେ ଦୀର୍ଘଦିନ ଧରି ଗୁରୁତର ପାନୀୟ ଜଳ ସଙ୍କଟ ରହିଆସୁଲା ବେଳେ ଏ ନେଇ ଗତ ଡିସେମ୍ବର ୨୯ ତାରିଖରେ ଦୈନିକ "ସକାଳ" ରେ ବିସ୍ତୃତ ଖବର ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ବିଶିଷ୍ଟ ସମାଜସେବୀ ତଥା ଲକ୍ଷ୍ମୀକାନ୍ତ ରାଉତ ମେମୋରିଆଲ ଟ୍ରଷ୍ଟର ଅଧକ୍ଷ ହରି ନାରାୟଣ ରାଉତ ସି ଏମ ଓ କାର୍ଯ୍ୟାଳୟ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ୍ସ ଯୋଗେ ଟ୍ୱିଟ କରିଥିଲେ। ଏହାର ଉତ୍ତରରେ ଗତ ତା. ୩୧-୧୨-୨୦୨୫ରେ ଜିଲ୍ଲା ପ୍ରଶାସନ ଏବଂ ସିଏମ୍‌ଓ କାର୍ଯ୍ୟାଳୟ ପକ୍ଷରୁ ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ବାଲେଶ୍ୱର ଜିଲ୍ଲା କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ସୂଚନାଯୋଗ୍ୟ ଯେ ଆଜକୁ ଦୁଇ ବର୍ଷ ପୂର୍ବରୁ ଏହି ଗାଆଁରେ ଘରକୁ ଘର ପାଇପ ଲାଇନ ବିଛା ଯାଇଛି, ଟ୍ୟାପ ମଧ୍ୟ ବସିଛି। ମାତ୍ର ସେଥିରୁ ପାଣି ବାହାରୁ ନାହିଁ। ଲୋକେ ଟିକେ ଶୁଦ୍ଧ ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି। ଆଗକୁ ଆଉ ଦୁଇମାସ ପରେ ଆସୁଛି ଗ୍ରୀଷ୍ମପ୍ରବାହ। ତେଣୁ ପାଣିର ଅଭାବ ଆହୁରି ଭୟଙ୍କର ରୂପ ନେବ ବୋଲି ଲୋକେ ଆଶଙ୍କା କଲେଣି। ଏବେ ଠାରୁ ଟିକେ ଶୁଦ୍ଧ ପାଣି ପାଇଁ ମହିଳା ଓ ଶିଶୁମାନେ ଦୂର ଦୂରନ୍ତରୁ ଯିବାକୁ ବାଧ ହେଉଛନ୍ତି। ଏପରିକି ଯେଉଁମାନେ ଯାଇ ନ ପାରୁଛନ୍ତି ସେମାନେ ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଫଳରେ ଅନେକ ଜଳ ବାହିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆଜକୁ ଦୁଇବର୍ଷ ତଳେ ବସୁଧା ଯୋଜନାରେ ଗ୍ରାମକୁ ପାଇପ ଲାଇନ ପଡିଥିଲା। ପ୍ରତ୍ୟେକ ଘରକୁ ମଧ୍ୟ ପାଇପ ସଂଯୋଗ କରାଯାଇ ଟେପ ବସିଥିଲା। ମାତ୍ର ତାହା କେବଳ ଲୋକ ଦେଖାଣିଆରେ ସୀମିତ ରହିଛି। ଅନ୍ୟପକ୍ଷରେ ତୁରନ୍ତ ଏହି ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଜଳର ଗୁଣମାନ ଯାଞ୍ଚ, ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଣ ଏବଂ ପାଇପ ଜଳ ଯୋଗାଣ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ସହିତ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗ୍ରାମରେ ତୁରନ୍ତ ସ୍ୱାସ୍ଥ୍ୟ ପରିସ୍ଥିତିର ଅନୁଧ୍ୟାନ କରାଯାଇ ପୀଡ଼ିତ ଥିବା ଲୋକଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ପ୍ରଦାନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଯଦି ପ୍ରଶାସନ ତରଫରୁ ଆଗାମୀ୧୫ଦିନ ମଧ୍ୟରେ ଏହି ନ୍ୟାୟଚିତ ଦାବୀ ପ୍ରତି ଅଣଦେଖା କରାଯାଏ ତେବେ ସମୂହ ଗ୍ରାମବାସୀ ମାନେ ଶାନ୍ତିପୂର୍ଣ୍ଣ ପ୍ରକ୍ରିୟାରେ କମର୍ଦ୍ଦାଉଲୁଡ଼ା ମୁଖ୍ୟ ରାସ୍ତା, ନିଜାମପୁର ଠାରେ ରାସ୍ତା ରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।


Harnarayan Raut
@hnr_kol

Sir,
Till date no action has been taken from any Department.
You are requested please take immediate action to supply water to our village. We are facing critical situation with out Drinking water.
@CMO_Odisha @PRDeptOdisha @DBalasore @GovernorOdisha @OdishaWater

Collector & DM Balasore ... · 31 Dec 25
Replying to @hnr_kol @CMO_Odisha and 3 others
EE RWSS has been directed to resolve this at the earliest.

ଆଖୁ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ



କାମାକ୍ଷାନଗର,୧୫ ।୨(ସମିସ): ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟ ରାସ୍ତାର ରେକୁଲା ରେଲୱେ ବ୍ରିଜ ନିକଟରେ ଏକ ଆଖୁ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରକଟି କାମାକ୍ଷାନଗର ଆଡୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ବେଳେ ରେଲୱେ ବ୍ରିଜ ବାଡ଼ରେ ଧକ୍କା ହୋଇଥିଲା । ଫଳରେ ଟ୍ରକର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ଚାଳକ ଢେଙ୍କାନାଳର ଶ୍ରୀକାନ୍ତ ପରିଡ଼ା (୫୧) ଆହତ ହୋଇଛନ୍ତି । କାମାକ୍ଷାନଗର ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି ।

ଶମ୍ଭୁଗୋପାଳ ମଠରେ ଜାଗର ଯାତ୍ରା



ଢେଙ୍କାନାଳ,୧୫ ।୨(ସମିସ): ସ୍ଥାନୀୟ ଶ୍ରୀଶ୍ରୀ ଶମ୍ଭୁଗୋପାଳ ମଠରେ ମହାଶିବରାତ୍ରି ଜାଗର ଯାତ୍ରା ପାଳନ କରାଯାଇଛି । ପ୍ରଭାତରୁ ସୂର୍ଯ୍ୟପୂଜା ଓ ରୁଦ୍ରାଭିଷେକ, ବେଲପତ୍ର ଲାଗି କରାଯାଇଥିଲା । ଯଜ୍ଞ ପୂଜକ ମଳୟ କର, ମନ୍ଦିର ପୂଜକ ବିଭୂତି ଭୂଷଣ ଗଣ୍ଡା ଓ ସହଯୋଗୀ ସଂଗ୍ରାମ କିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ବଜାରର କର୍ମକର୍ତ୍ତା ଓ ସାହିବାସିନ୍ଦା ସହଯୋଗ କରିଥିଲେ । ସନ୍ଧ୍ୟାରେ ଭକ୍ତମାନେ ଜାଗର ସହ ପ୍ରସାଦସେବନ କରିଥିଲେ । ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା ।

ଜୁନିୟର ରେଡକ୍ରସ୍ ପକ୍ଷରୁ ସେବା ଶିବିର



ଢେଙ୍କାନାଳ,୧୫ ।୨(ସମିସ): ମହାଶିବରାତ୍ରି ଅବସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ରାଜ୍ୟ ଜୁନିୟର ରେଡକ୍ରସ୍ ପକ୍ଷରୁ ସାମାଜିକ ସେବା ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ସଚିବ ଉମେଶ ଚନ୍ଦ୍ର ସାମଲ ଓ ଜିଲ୍ଲା ଜେଆରସି ଅଫିସର ସୁବ୍ରତ କୁମାର ମିଶ୍ରଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା । ପୂର୍ବତନ ଜେଆରସି ଅଫିସର ନରେଶ କୁମାର ମହାରଣା, ଅବସରପ୍ରାପ୍ତ ପିଇଟି ବିଜୟ କୁମାର ନନ୍ଦ, ଗନ୍ଦିଆ ବ୍ଲକ ଜେଆରସି ସମନ୍ୱୟକ ଦୁଷ୍ମନ୍ତ ସେଠୀ ଓ ଅବସରପ୍ରାପ୍ତ ପିଇଟି ଶରତ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଶିବିରରେ ୩୦ ଜଣ ଜୁନିୟର ରେଡକ୍ରସ୍ ସଦସ୍ୟ ଓ ୧୦ ଜଣ କାଉନ୍‌ସେଲର ଯୋଗଦେଇଥିଲେ । ସେମାନେ ପରିଚ୍ଛନ୍ନତା ଅଭିଯାନ, ପ୍ରାଥମିକ ଚିକିତ୍ସା ସେବା ଓ ପାନୀୟ ଜଳ ବଣ୍ଟନ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ।

ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ଜାଗର ଯାତ୍ରା

‘ହର୍ ହର୍ ମହାଦେବ’ ଧ୍ୱନିରେ କମ୍ପିଲା କପିଳାସ

ଗଁଦିଆ,୧୫ ।୨(ସମିସ)



ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ଜାଗର ଯାତ୍ରା ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି । ଶ୍ରଦ୍ଧାଳୁମାନେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କୁ ଦର୍ଶନ କରିବା ସହ ଜାଗର ଜାଳିଛନ୍ତି । ହର ହର ମହାଦେବ ଏବଂ ଓଁ ନମଃ ଶିବାୟ ଧ୍ୱନିରେ କପିଳାସ ପୀଠ ପ୍ରକମ୍ପିତ ହୋଇଉଠିଛି । ପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ବସିଛନ୍ତି ।

ଶ୍ରଦ୍ଧାଳୁମାନେ ଭୋର ସମୟରୁ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କୁ ଦର୍ଶନ ପାଇଁ ମନ୍ଦିରରେ ଧାଡ଼ି ଲଗାଇଥିଲେ । ପାରମ୍ପରିକ ରୀତିନୀତି ଅନୁଯାୟୀ ଠାକୁରଙ୍କ ମଙ୍ଗଳ ଆଳତୀ, ମଇଲମ, ଅବକାଶ, ସ୍ନାନ, ମାର୍ଜନା, ସୂର୍ଯ୍ୟପୂଜା ଓ ସକାଳ ଧୂପ କରାଯାଇଥିଲା । ପରେ ଭୋଗମଣ୍ଡପରେ ପୂଜାର୍ଚ୍ଚନା ହୋଇଥିଲା । ସୁସଜ୍ଜିତ ପଟୁଆରରେ ବିଭିନ୍ନ ଆଡ଼ୈଣୀ, ତରାସ ସହ ଢୋଲ, ଟମକ, ଭେରୀ, ତୂରୀ, କାହାଳୀ ଓ ଘଣ୍ଟଘଣ୍ଟା ଆଦି ବାଦ୍ୟ ବଜାଇ ଦେଓଗାଁ ସରଘରୁ ପୂର୍ବାହ୍ନ ସାଢ଼େ ୧୧ଟାରେ ନାଗଭାରକୁ କପିଳାସ ପୀଠକୁ ଆଣାଯାଇଥିଲା । ସେବାୟତ, ପୂଜାପଣ୍ଡା, ଦେବୋତ୍ତର କର୍ମଚାରୀ ଓ ପୁଲିସ ଉପସ୍ଥିତିରେ ପୀଠରେ ନାଗଭାର ପହଞ୍ଚିଥିଲା । ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପ୍ରକାଶ ପାଇଥିଲା । ମନ୍ଦିର ଉତ୍ତର ପାର୍ଶ୍ୱରେ ସନ୍ଧ୍ୟା ପରଠାରୁ ଏକ ଝାଡ଼ବୃକ୍ଷ ସ୍ଥାପନ କରାଯାଇ ଦୀପ ପ୍ରଜ୍ୱଳନ କରାଯାଇଛି । ପୀଠରେ ଅଧିଷ୍ଠିତ ଦେବୀ ମା’ ପାର୍ବତୀଙ୍କ ରାଜରାଜେଶ୍ୱରୀ ବେଶ ଓ ନାରାୟଣଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି । ନାଗଭାରକୁ ଦେବୋତ୍ତର କାର୍ଯ୍ୟାଳୟରେ ରଖାଯାଇଛି । ରାତି ୩ଟାରୁ ୩ଟା ୫୦ ମଧ୍ୟରେ ଚନ୍ଦ୍ରଶେଖରଜୀଉଙ୍କ ମହାସ୍ନାନ ଓ ପବିତ୍ର ନାଗାଭରଣ ବେଶ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ଆଳତି ପରେ ପୀଠ ପୁରୋଧାଙ୍କ ଦ୍ୱାରା ପ୍ରଥମ ଧୂପ କରାଯାଇଥିଲା । ପାରମ୍ପରିକ ନୀତି ଅନୁଯାୟୀ ରାଜପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦେଓ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ । ପରେ ପୂଜାପଣ୍ଡାଙ୍କ ଦ୍ୱାରା ପ୍ରଥମ ପ୍ରହର ସ୍ନାନ ଓ ଚାରିପୂଜା କରାଯାଇଥିଲା । ସେହିପରି ପୀଠ ପୁରୋଧାଙ୍କ ଦ୍ୱାରା ଦ୍ୱିତୀୟ ପ୍ରହର ସ୍ନାନ ଓ ଚାରିପୂଜା ଓ ରାଜ ପୁରୋଧାଙ୍କ ଦ୍ୱାରା ତୃତୀୟ ପ୍ରହର ପୂଜା କରାଯାଇ ଚନ୍ଦ୍ରଶେଖରଜୀଉଙ୍କୁ ବରଣ କରାଯାଇଥିଲା । ଅନ୍ୟ କୌଣସି ତିଥିରେ ରାତିରେ ରୁଦ୍ରାଭିଷେକ ହୁଏନାହିଁ । କିନ୍ତୁ ମହାଶିବରାତ୍ରିରେ ଏହି ବିଧି ହୋଇଥାଏ । ରୁଦ୍ରାଭିଷେକ ପରେ ଠାକୁରଙ୍କ ମହାସ୍ନାନ କରାଯାଇ ଶ୍ରୀଜୀଉଙ୍କୁ ନାଗାଭରଣ ବେଶ କରାଯାଇଥିଲା । ବେଢ଼ାପୂଜା, ବେଢ଼ା ପରିକ୍ରମା କରାଯିବା ପରେ ଭୋର୍ ସମୟରେ ମହାଦୀପ ଉଠିଛି । ପରେ ହରିହର ଭେଟ, ଯୋଗୀବେଶ ଅନୁଷ୍ଠିତ ହୋଇଛି ।

ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଭଜନ ସମାରୋହ ମଧ୍ୟ ଆୟୋଜିତ ହୋଇଛି । ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ପରିଚାଳନା ପାଇଁ ୧୩ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ ହୋଇଛନ୍ତି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଏସଡିପିଓ, ଦେବୋତ୍ତର ନିର୍ବାହୀ ଅଧିକାରୀ ବିବୁଧ ଗଡ଼ନାୟକ, ଗଁଦିଆ ଥାନା ଅଧିକାରୀ ପତାପ କୁମାର ଦଳେଇ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ମକର୍ତ୍ତା, ଦେବୋତ୍ତର ନୀରିକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ବସନ୍ତ କୁମାର ରଥଙ୍କ ସମେତ କର୍ମଚାରୀ, ଜିମାଦାର ପ୍ରମୁଖ ଉପସ୍ଥିତ ରହି ମେଳା ପରିଚାଳନା କରିଥିଲେ । ମନ୍ଦିର ପାଦଦେଶ ଓ ପୀଠ ପରିସରରେ ଦୁଇଟି ଅସ୍ଥାୟୀ କଣ୍ଟ୍ରୋଲ୍‌ରୁମ୍ ଖୋଲାଯାଇଥିଲା । ମନ୍ଦିର ପାଦଦେଶରୁ ପୀଠକୁ ବାରବାଙ୍କ ଦେଇ ଭକ୍ତଙ୍କୁ ନେବା ଆଣିବା ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇଥିଲା ।

ବିଭିନ୍ନ ଶୈବପୀଠରେ ଶିବରାତ୍ରି ପାଳିତ



ହିନ୍ଦୋଳ,୧୫ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଶୈବପୀଠରେ ପବିତ୍ର ମହାଶିବରାତ୍ରି ପାଳିତ ହୋଇଛି । ଶ୍ରଦ୍ଧାଳୁମାନେ ପ୍ରାତଃରୁ ନିଜ ନିଜ ଅଞ୍ଚଳରେ ଥିବା ଶୈବପୀଠକୁ ଯାଇ ମହାଦେବଙ୍କ ଦର୍ଶନ କରିଛନ୍ତି । ଅନେକ ସ୍ଥାନରେ ମନ୍ଦିର କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଧାଡ଼ି ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ ଶିବମନ୍ଦିର ଲୋକାରଣ୍ୟ ହୋଇଉଠିଥିଲା । ସକାଳୁ ବିଭିନ୍ନ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜା ଚାଲିଥିବା ବେଳେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଆସି ଭୋଳାଶଙ୍କରଙ୍କ କୃପା ଲାଭ କରିଥିଲେ । ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଜାଗର ଜଳାଇଥିଲେ । ଅନେକ ମନ୍ଦିରରେ ପୁରାଣ ପାଠ, ପାଲା, ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା । ଉପଖଣ୍ଡର ସର୍ବପୁରାତନ ଚିଉଳପୁରସ୍ଥିତ ଉଗ୍ରେଶ୍ୱର ମନ୍ଦିର, ରକଲାସ୍ଥିତ କୁଣ୍ଡେଶ୍ୱର ମହାଦେବ, କଙ୍କାଲୁସ୍ଥିତ ମାତାଳେଶ୍ୱର ମହାଦେବ, ଭଗବାନପୁର ରାମେଶ୍ୱର ମହାଦେବ, ହିନ୍ଦୋଳ ରାମେଶ୍ୱର ମହାଦେବ, ଖଜୁରିଆକଟା ସ୍ୱପ୍ନେଶ୍ୱର, ପଞ୍ଚପଡ଼ା ତାରେଶ୍ୱର, ନନ୍ଦପୁର ବିଶ୍ୱନାଥ, ଦୁଦୁରୁକୋଟ କୁଣ୍ଡଳେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା । ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା ।

ମାଟି ପାଇଁ ଗୌରବ ଆଣିଲେ ସୁବ୍ରତ



ଖଜୁରିଆକଟା,୧୫ ।୨(ସମିସ): ଓଡ଼ିଶା ଲୋକସେବା ଆୟୋଗ ଓପିଏସସି ଦ୍ୱାରା ପରିଚାଳିତ ସ୍ନାତକୋତ୍ତର ଶିକ୍ଷକ ପିଜିଟି କମର୍ସ ନିଯୁକ୍ତି ପରୀକ୍ଷାରେ ବାଲିମି ଗ୍ରାମର ସୁବ୍ରତ ସାମଲ ସଫଳତା ହାସଲ କରିଛନ୍ତି । ଶୁକ୍ରବାର ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ସୁବ୍ରତ ରାଜ୍ୟରେ ୧୫ତମ ମାନ୍ୟତା ହାସଲ କରି ନିଜ ଅଞ୍ଚଳ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ସୁବ୍ରତ ହେଉଛନ୍ତି ବାଲିମି ଗ୍ରାମର ସଞ୍ଜୟ କୁମାର ସାମଲ ଏବଂ ନମିତା ସାମଲଙ୍କ ସୁପୁତ୍ର । ସେ ପ୍ରତିଷ୍ଠିତ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିବା ସହ ଆଇସିଏମଏଆଇ ରୁ ସଫଳତାର ସହ ସିଏମଏ ପାଠ୍ୟକ୍ରମ ମଧ୍ୟ ପୂର୍ଣ୍ଣ କରିଛନ୍ତି । ଜଣେ ନିଷ୍ଠାପର ଓ ପରିଶ୍ରମୀ ଛାତ୍ର ଭାବେ ସେ ଏହି ସଫଳତା ପାଇଁ ନିଜ ପିତାମାତାଙ୍କ ଆଶୀର୍ବାଦ ଏବଂ ଗୁରୁଜନଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି । ଏଥିସହିତ, ଏହି କଠିନ ଯାତ୍ରାରେ ସବୁବେଳେ ସହଯୋଗ ଓ ଉତ୍ସାହ ପ୍ରଦାନ କରିଥିବା ନିଜର ପ୍ରିୟ ସାଙ୍ଗମାନଙ୍କ ପ୍ରତି ସେ ଗଭୀର କୃତଜ୍ଞତା ଜଣାଇଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ଓକେଶିଏଲ୍ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ର ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି ଶୁଭେଚ୍ଛା ଜଣାଇଛନ୍ତି । ସ୍ଥାନୀୟ ଅଞ୍ଚଳରେ ଉତ୍ସାହର ପରିବେଶ ଦେଖାଦେଇଛି । ଜଣେ ଶିକ୍ଷକ ଭାବେ ସମାଜର ଉନ୍ନତି ପାଇଁ ସେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

● ଯୁବପିଢ଼ିଙ୍କ ମନରେ କ୍ରୀଡ଼ା ମନୋଭାବ ଜାଗ୍ରତ ଲକ୍ଷ୍ୟ

ନିଶ୍ୱାର୍ଡ ଅନୁଷ୍ଠାନର କ୍ରୀଡ଼ା ପ୍ରତିଯୋଗିତା




ଢେଙ୍କାନାଳ,୧୫ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଶ୍ୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଶାଖା ମୋ ଭାରତ ଢେଙ୍କାନାଳ ମିଳିତ ଆନୁକୂଲ୍ୟରେ ସଦର ବ୍ଲକ୍ ବାରଦା ପଞ୍ଚାୟତ ଲଛମନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୪ଟି କ୍ଲଷ୍ଟର ତଥା ସଦର, ଓଡ଼ାପଡ଼ା, ହିନ୍ଦୋଳ ଓ ଗଁଦିଆଠାରେ ହୋଇଥିବା କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ବିଜେତା ପ୍ରତିଯୋଗୀଙ୍କୁ ନେଇ ଦୁଇଦିନିଆ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବାରଦା ସରପଞ୍ଚ ଦୀପାଞ୍ଜଳି ନାୟକ, ମୁଖ୍ୟବକ୍ତା ଭାବେ ଲଛମନ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର କମିଟି ସଭାପତି ଚନ୍ଦ୍ରଶେଖର ବରାଳ, ଉତ୍କଳ ଭାରତୀ ଯୁବସେବା ସଂଘ ସଭାପତି ଜଗବନ୍ଧୁ ସ୍ୱାଇଁ, ଯୋଗଗୁରୁ ରସାନନ୍ଦ ସ୍ୱାଇଁ, ସମାଜସେବୀ ଦିଲୀପ କୁମାର ସ୍ୱାଇଁ, ଲଛମନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଧାମୋହନ ମାଝୀ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ, ସିଞ୍ଜିନୀ ଲେଙ୍କା, ମମତା ରାଉତ ପ୍ରମୁଖ ଯୋଗଦେଇ ଯୁବପିଢ଼ିଙ୍କ ମନରେ କ୍ରୀଡ଼ା ମନୋଭାବ ଜାଗ୍ରତ କରିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ବୋଲି କହିଥିଲେ । ବାଳକମାନଙ୍କ ମଧ୍ୟରେ ଫୁଟବଲ୍, ବାସ୍କେଟ ବଲ ଓ ବାଳିକାଙ୍କ ମଧ୍ୟରେ ସ୍ଲୋ ସାଇକଲ୍ ରେସ୍, ବ୍ୟାଡ୍‌ମିଣ୍ଟନ, ରିଲେ ରେସ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ହୋଇଥିଲା । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ ଓ ରାଜେନ୍ଦ୍ର ପ୍ରଧାନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଅତିଥିମାନ ନିଶ୍ୱାର୍ଡ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

ଅଙ୍ଗଦାନ କରିବେ ପ୍ରଣୟ ସାହୁ



ଖଜୁରିଆକଟା,୧୫ ।୨ (ସମିସ): ହିନ୍ଦୋଳ ଉପଖଣ୍ଡ କନ୍ତିମିଲି ପଞ୍ଚାୟତ କୁମୁରିସିଂହ ଗ୍ରାମର ଉମେଶଚନ୍ଦ୍ର ସାହୁଙ୍କ ସାନପୁଅ ପ୍ରଣୟ ସାହୁ (୩୬) ଅନଲାଇନ ପଞ୍ଜୀକରଣ କରି ଅଙ୍ଗଦାନ ପାଇଁ ଚୁକ୍ତି କରିଛନ୍ତି । ସେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣିଙ୍କ ଦ୍ୱାରା ପ୍ରଭାବିତ ହୋଇ ଏହିଳି ମହତ କାମ ପାଇଁ ଆଗେଇ ଆସିଥିବା କହିଛନ୍ତି । ପ୍ରଣୟ ଜଣେ ଯୁବ ସମାଜସେବୀ ଭାବେ ଅଞ୍ଚଳରେ ବେଶ୍ ପରିଚିତ । ତାଙ୍କର ଚିତ୍ରକଳାରେ ମଧ୍ୟ ଦକ୍ଷତା ରହିଛି । ବର୍ତ୍ତମାନ ସେ ଅସ୍ୱାୟାର ନାମକ ଏକ ଘରୋଇ ସଂସ୍ଥାରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ହିନ୍ଦୋଳ ତଥା ଆଖପାଖ ଅଞ୍ଚଳରେ ବାଲ୍ୟ ବିବାହ ରୋକିବା, ନିଶା ନିବାରଣ ଶିକ୍ଷାଦାନ କ୍ଷେତ୍ରରେ କାମ କରି ବେଶ୍ ଚର୍ଚ୍ଚାରେ ରହିଛନ୍ତି । ତାଙ୍କର ଏଭଳି କାମରେ ବହୁ ଯୁବକ ପ୍ରଭାବିତ ହୋଇ ସମାଜ ପାଇଁ କାମ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

ଆଦର୍ଶ ଶିକ୍ଷକଙ୍କ ପରଲୋକ




ପରଜଙ୍ଗ,୧୫ ।୨(ସମିସ): ପରଜଙ୍ଗ ବ୍ଲକ ସାଆନ୍ଦା ହାଇସ୍କୁଲର ଛାତ୍ରବତ୍ସଳ ତଥା ଆଦର୍ଶ ଶିକ୍ଷକ ବିନୋଦ ଚନ୍ଦ୍ର ପଣ୍ଡା (ଛବି ସାର)ଙ୍କ ପରଲୋକ ଘଟିଛି । ଶନିବାର ଅଚାନକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କ ଦେହାନ୍ତ ହୋଇଛି । ଛବି ସାର୍ ୧୯୪୫ ମାର୍ଚ୍ଚ ୩୧ ତାରିଖ ସାଆନ୍ଦା ପଞ୍ଚାୟତ ଭେରୁଣିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଗ୍ରାମର ବାଣୀ ପଣ୍ଡା ଓ ବିଶ୍ୱନାଥ ପଣ୍ଡାଙ୍କ ପୁଅ ଛବି ସାର୍ ୧୯୬୬ରୁ ସାଆନ୍ଦା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ୧୯୯୭ରେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିଲେ । ୨୦୦୩ରେ ସେ ଅବସର ଗ୍ରହଣ କରିଥିଲେ । ଶିକ୍ଷକତା ଜୀବନରେ ସେ ଅନେକ ଛାତ୍ରଛାତ୍ରୀଙ୍କୁ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ଭାବେ ଗଢ଼ି ତୋଳିଛନ୍ତି । ସେହିପରି ସ୍କୁଲର ବିକାଶ ପାଇଁ ମଧ୍ୟ ତାଙ୍କ ଅବଦାନ ଅତୁଳନୀୟ । ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି ।

ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୧୫ ।୨(ସମିସ): ସଦର ବ୍ଲକ୍ ମୋଟରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମାସ ବ୍ୟାପୀ ଚାଲିଥିବା ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଏଥିରେ ୩୧ଜଣ ବାଳିକା ଅଂଶଗ୍ରହଣ କରିଥିଲେ । ଶିକ୍ଷୟିତ୍ରୀ ରୂପଶ୍ରୀ ପରିଡ଼ା ଓ ଅମିତା ନାୟକ ସାଧନକର୍ମୀ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ କୁମାର ମଲ୍ଲିକ, ସହକାରୀ ଶିକ୍ଷକ ସନ୍ତୋଷ କୁମାର ଧଳ, ସ୍ୱର୍ଣ୍ଣପ୍ରଭା ମିଶ୍ର, ସ୍ନିଗ୍ଧାରାଣୀ ନାୟକ ଓ ଶୋଭାଶ୍ରୀ ଦଳେଇ ସହଯୋଗ କରିଥିଲେ ।

ବିଶ୍ୱ ତାପନ ରୋକିବାକୁ ସଚେତନତା



କାମାକ୍ଷାନଗର,୧୫ ।୨(ସମିସ): ଏକ ସବୁଜ ଓ ସୁନ୍ଦର ପୃଥିବୀ ଗଠନ ପାଇଁ ବ୍ୟାପକ ଚାରାରୋପଣ ଉଦ୍ଦେଶ୍ୟ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ସମାଜକୁ ଦିଗଦର୍ଶନ ଦେବାକୁ ଜେଏମପି ମଡେଲ ସ୍କୁଲ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍କୁଲ ଅଧ୍ୟକ୍ଷ ଦୀନେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ଚିରଞ୍ଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱବ୍ୟାପୀ ତାପମାତ୍ରା ଅହେତୁକ ବୃଦ୍ଧି ପାଉଥିବା ବେଳେ ବ୍ୟାପକ ଚାରାରୋପଣ ଫଳରେ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନ କରିବାକୁ ସମସ୍ତେ ଯତ୍ନବାନ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ଛାତ୍ରଛାତ୍ରୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅତିଥି ବୁଦ୍ଧପାର୍କକୁ ଯାଇ ବିଭିନ୍ନ ବୃକ୍ଷକୁ ଚିହ୍ନିବା ସହ ଚାରାରୋପଣ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବାଶିଷ ମହାପାତ୍ର, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଶତପଥୀ, ଶୁଭଲକ୍ଷ୍ମୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶୁଭାରମ୍ଭ


ଢେଙ୍କାନାଳ,୧୫ ।୨(ସମିସ)

ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ନିତି ଆୟୋଗର ଏକ ଆକାଂକ୍ଷୀ ଜିଲ୍ଲା ଭାବରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶୁଭାରମ୍ଭ ହୋଇଛି । ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ଡା. ପ୍ରଭାସ କୁମାର ବେହେରା, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଉପନିର୍ଦ୍ଦେଶକ ରାଜବଲ୍ଲଭ କର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।

ଅତିଥି ଓ ଅଧିକାରୀମାନେ ୨୦୨୬ ଏପ୍ରିଲ ୧୪ ସୁଦ୍ଧା ନିର୍ଦ୍ଧାରିତ ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଏହାର କେନ୍ଦ୍ରୀତ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ସମୟୋଚିତ ଏବଂ ମାପଯୋଗ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ସମନ୍ୱିତ ପ୍ରୟାସ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ । ନିତି ଆୟୋଗ ଦ୍ୱାରା ସ୍ଥିରୀକୃତ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଅନ୍ତର୍ଗତ ଆକାଂକ୍ଷୀ ଢେଙ୍କାନାଳ ଜିଲ୍ଲାର ୫ଟି ମୁଖ୍ୟ ସୂଚକ କେପିଆଇରେ ଶତ ପ୍ରତିଶତ ପୂର୍ଣ୍ଣତା ଲକ୍ଷ୍ୟ ପୂରଣ ପାଇଁ ନିଷ୍ଠା, ପାରଦର୍ଶିତା ଓ ଦାୟିତ୍ୱବୋଧ ସହ କର୍ତ୍ତବ୍ୟ ପାଳନ କରିବା ପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ । ଜନ୍ମ ସମୟରେ ଶତ ପ୍ରତିଶତ ଶିଶୁଙ୍କ ଓଜନ ନିଶ୍ଚିତ କରିବା, ଶତ ପ୍ରତିଶତ ଟିବି ରୋଗୀଙ୍କ ସଂଖ୍ୟା ଓ ପରୀକ୍ଷା ସୁନିଶ୍ଚିତ କରିବା, ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ପୋଷଣ ଦିବସ ନିୟମିତ ପାଳନ କରିବା, ଜିଲ୍ଲାର ସମସ୍ତ ବିଦ୍ୟାଳୟରେ କାର୍ଯ୍ୟକ୍ଷମ ବାଳିକା ଶୌଚାଳୟ ଶତ ପ୍ରତିଶତ ଉପଲବ୍ଧତା ସୁନିଶ୍ଚିତ କରିବା ତଥା ଗୃହପାଳିତ ପଶୁଙ୍କ ଶତ ପ୍ରତିଶତ ଟିକାକରଣ ସୁନିଶ୍ଚିତ କରିବା ହେଉଛି ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ୫ଟି ମୁଖ୍ୟ ସୂଚକ କେପିଆଇ । ୨୦୨୬ ଏପ୍ରିଲ୍ ୧୪ ସୁଦ୍ଧା ଏହି ସମସ୍ତ ଲକ୍ଷ୍ୟ ସାଧନ ନିମନ୍ତେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ ।

ବର୍ଷୀୟାନ କବି ଯୋଗୀନାଥ ରାଉଳ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧୫ ।୨(ସମିସ): ଯୋରନ୍ଦା ମହିମାଗାଦିରେ ମହିମା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମରେ ଯୋରନ୍ଦା ଅଞ୍ଚଳର ବର୍ଷୀୟାନ କବି ତଥା କବି ବ୍ରଜନାଥ ବଡ଼ଜେନାଙ୍କ ଜନ୍ମସ୍ଥାନ କାବରାମାଧପୁର ମାଟିର ପୁଅ ଯୋଗୀନାଥ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ପାଦକ ସୁଧାଂଶୁ ଶେଖର ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ସତ୍ୟମହିମା ଧର୍ମଧାମ ସମାଜ ସମ୍ପାଦକ ନିତ୍ୟାନନ୍ଦ ବାବା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ମହିମା ସାହିତ୍ୟ ସଂସଦ ସଭାପତି ନିରୋଦ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୁବ ସାହିତ୍ୟିକ ଆଇନଜୀବୀ ପ୍ରକାଶ କୁମାର ରାଉତ, ସାହିତ୍ୟିକ ରବିନାରାୟଣ ରାଉଳ, ବିରଞ୍ଚି ନାରାୟଣ ହୋତା, ଗୋପୀନାଥ ସାମଲ, ଯୁଧିଷ୍ଠିର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । କବି ଯୋଗୀନାଥ ରାଉଳଙ୍କ ଲିଖିତ ପୁସ୍ତକ କନିଷ୍ଠ କୌରବକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ମହିମା ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ଡ. ପ୍ରଜେଶ ଜେନାଙ୍କୁ ମହିମା ସାହିତ୍ୟ ସଂସଦ ପକ୍ଷରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମନୋଜ ମଞ୍ଜରୀ ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ଅନନ୍ତ ନାଏକ, ନିରୋଦ ଚନ୍ଦ୍ର ସାମଲ, ଗୋପୀନାଥ ସାମଲ, ସୁଧାଂଶୁ ଶେଖର ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ଜିତେନ୍ଦ୍ର ପାଣି, କବୟିତ୍ରୀ ରୂପମଞ୍ଜରୀ ପଟ୍ଟନାୟକ, ନୀହାରବାଳା ରାଉତ, ଅନିମା ପରିଡ଼ା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରସନ୍ନ କୁମାର ରାଉତ, ନିରୋଦ ଚନ୍ଦ୍ର ସାହୁ, ନିମାଇଁ ଚରଣ ନାୟକ ଓ ସୂର୍ଯ୍ୟାଂଶୁ ଶେଖର ରାଉତ ସହଯୋଗ କରିଥିଲେ । ଆନନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ ।



ସକାଳ
THE SAKALA

ଧର୍ମ ପରିବର୍ତ୍ତନ କରିଥିବା ଲୋକଙ୍କୁ ଗାଁ ଶ୍ମଶାନ ମନା

କୋପେନା ଗ୍ରାମରେ ଉତ୍ତେଜନା, ପଡ଼ିରହିଛି ଛାତ୍ରଙ୍କ ମୃତଦେହ

ଉମରକୋଟ,୧୫।୨ (ସମିସ): ଜଣେ ୧୩ ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟି ୧୨ ଘଣ୍ଟାରୁ ଅଧିକ ସମୟ ବିତଗଲାଣି। କିନ୍ତୁ ଶବର ଅନ୍ତିମ ସତ୍କାର ହୋଇପାରୁନି। ଧର୍ମ ପରିବର୍ତ୍ତନ କରିଥିବାରୁ ଗ୍ରାମର ଲୋକେ ଏହି ପରିବାରର ମୃତଦେହକୁ ଶ୍ମଶାନରେ ସତ୍କାର କରିବାକୁ ମନା କରିଦେବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମରେ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ କୋପେନା ଗ୍ରାମରେ।

ସୂଚନା ଅନୁସାରେ କୋପେନା ଗ୍ରାମର ଜଣାଶୁଣା ବ୍ୟକ୍ତି ଟୁନା ସାନ୍ତାଙ୍କ ୧୩ ବର୍ଷର ପୁଅ ଇସ୍ମାଇଲ ସାନ୍ତାଙ୍କର ଆଜି ବୋଡ଼ି ଭୋରୁ କୋପେନା ଗ୍ରାମରେ ଅକାଳ ମୃତ୍ୟୁ ଘଟିଥିଲା। ଗ୍ରାମରେ ଧର୍ମାନ୍ତରୀକରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବ୍ୟାପକ ଅସନ୍ତୋଷ ଲାଗି ରହିଛି। ଗ୍ରାମର ଆଦିବାସୀଙ୍କ ଅଭିଯୋଗ ହେଲା ଏହି ଗ୍ରାମରେ ରହିଥିବା ପ୍ରାୟ ୧୦୦ ପରିବାରରୁ ୩୦ ସାନ୍ତା ପରିବାର ହିନ୍ଦୁ ଧର୍ମ ପରିତ୍ୟାଗ କରି ଖ୍ରୀଷ୍ଟିଆନ ଧର୍ମକୁ ଅବଲମ୍ବନ କରିଛନ୍ତି। ଏପରିକି ଠିକ୍ ୧୮ ଦିନ ତଳେ ଗାଁ ରେ ଥିବା ମାଟି ଦେବତା ମନ୍ଦିରରେ ଏକ ୭ ଦିନିଆ ଯଜ୍ଞ କରିବା ପାଇଁ ନିଷ୍ପତି ନିଆଯାଇଥିବା ବେଳେ ନିକଟରେ ଥିବା ଚର୍ଚ୍ଚ ନ ଘୁଞ୍ଚିବା ପର୍ଯ୍ୟନ୍ତ ଯଜ୍ଞ ହେଇ ପାରିବ ନାହିଁ ବୋଲି ଜଣେ ବାବା କହିବା ପରେ ଉତ୍ତେଜନା ଆହୁରି ବଢି ଯାଇଥିଲା। ପ୍ରଶାସନର ତତକ୍ଷଣାତ୍ ପଦକ୍ଷେପ ଯୋଗୁଁ ଶାନ୍ତି କମିଟି କରି ଉତ୍ତେଜନା ପରିସ୍ଥିତିକୁ ସାମୟିକ ଭାବେ ଶାନ୍ତ କରିବାରେ ସଫଳ ହେଇ ଥିଲେ। ସେହି ଦିନ ଠାରୁ କୋପେନା ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ତେବେ ସାନ୍ତା ପରିବାର ପକ୍ଷରୁ ଚର୍ଚ୍ଚ ସ୍ଥାନାନ୍ତରକୁ ନେଇ ୧୫ ଦିନ ସମୟ ମାଗିଥିଲେ ହେ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତି ନେଇ ନାହାନ୍ତି।



ଆଜି ପରିସ୍ଥିତି ଯେତେ ବେଳେ ଛାତ୍ରର ମୃତ ଶରୀରକୁ ପୋତିବାକୁ ଗ୍ରାମବାସୀ ବିରୋଧ କରିଥିଲେ। ସେମାନେ ଏପରିକି ମାଟି ଖୋଳୁ ଥିବା ବ୍ୟକ୍ତି ଠାରୁ କୋଡ଼ିକି ଗଇନ୍ତି ଇତ୍ୟାଦି ଛଡାଇ ଫିଙ୍ଗି ଦେଇଥିଲେ। ଖବର ପାଇଁ ଉମରକୋଟ ତହସିଲଦାର ମେଗବାନ ବାଗ , ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ସରପଞ୍ଚ ପର୍ସୁ ଗଣ୍ଡ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଆଇଆଇସି ବିପିନ କୁମାର ବାଗ, ରାଇଘର ,ଝରିଗାଁ , କୁନ୍ଦେଇ ଇତ୍ୟାଦି ଥାନାର ଆଇଆଇସି ଓ ପୋଲିସ ଫୋର୍ସ କୋପେନାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ବି ଗାଁ ଲୋକେ କଥା ଶୁଣି ନ ଥିଲେ। ଗ୍ରାମବାସୀଙ୍କ କହିବା ହେଲା ଏହି ଗ୍ରାମର ମୌଜାରେ ପୋତିବାକୁ ଦେବୁନି। ପୁଲିସର ସୁରକ୍ଷାରେ ପରିବାର ଲୋକେ ଟୁନା ସାନ୍ତାଙ୍କ ନିଜ ପଟ୍ଟା ଜମିରେ ପୁଅର ଶବକୁ ପୋତିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁଁ ସମ୍ଭବ ହେଇ ପାରିଲା ନାହିଁ। ମିଳିଥିବା ଶେଷ ସୂଚନା ଅନୁସାରେ ପରିବାର ଲୋକେ ଖ୍ରୀଷ୍ଟିଆନ ଧର୍ମକୁ ଛାଡି ହିନ୍ଦୁ ଧର୍ମ ର ନ ମିଶିବା ପର୍ଯ୍ୟନ୍ତ ଶବ ପୋତିବା ପାଇଁ ଦେବୁନି ବୋଲି ଜିଦ୍‌ରେ ଅଟଳ ରହିଛନ୍ତି ଗ୍ରାମବାସୀ। କୋପେନା ଗାଆଁ ରେ ସକାଳୁ କାହା ଘରେ ଚୁଲି ଜଳି ନାହିଁ। ସମସ୍ତେ ଭୋକିଲା ଅଛନ୍ତି। ତୁରନ୍ତ ଗ୍ରାମରୁ ଶବକୁ ନେଇ ଯିବା ପାଇଁ ଗ୍ରାମବାସୀ ଦାବି କରୁଛନ୍ତି। ତେବେ ଏହି ଖବର ଲେଖା ଯିବା ବେଳକୁ କୌଣସି ସମାଧାନର ବାଟ ବାହାରି ପାରି ନାହିଁ। ଶବଟି ବର୍ତ୍ତମାନ ସୁଦ୍ଧା ଟୁନା ସାନ୍ତାଙ୍କ ଜମି ରେ ପଡ଼ି ରହିଛି। ପରିସ୍ଥିତି ଉତ୍ତେଜନାମୂଳକ ରହିଛି। କୋପେନା ଗ୍ରାମ ଏବେ ପୁଲିସ ଛାଉଣୀରେ ପରିଣିତ ହେଇଯାଇଛି।

ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ନାଗରିକ କମିଟି ଓ ବଣିକ ସଂଘର ସମ୍ବର୍ଦ୍ଧନା

ନବରଙ୍ଗପୁର,୧୫।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ନବରଙ୍ଗପୁର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ନବରଙ୍ଗପୁର ଜିଲ୍ଲା ନାଗରିକ କମିଟି ଜିଲ୍ଲା ବଣିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନବରଙ୍ଗପୁର ଜିଲ୍ଲା ନାଗରିକ କମିଟି ସଭାପତି ତଥା ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ସମ୍ପାଦକ ରାମ ପ୍ରସାଦ ପାତ୍ର ଏବଂ ଜିଲ୍ଲା ବଣିକ ସଂଘ ସଭାପତି ମାନସ ରଞ୍ଜନ ଦାସ (କାହ୍ନୁ), ସମ୍ପାଦକ ପି.ଏଲ୍. ମୂର୍ତ୍ତି ଓ ଅନ୍ୟ ସଭ୍ୟ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥି ସହିତ ପ୍ରତିଶ୍ରୁତି ରକ୍ଷା କରି ଜିଲ୍ଲା ପାଇଁ ଭେଷଜ ମହାବିଦ୍ୟାଳୟ ସ୍ଥାପନ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଉଭୟ ଜିଲ୍ଲା ସଂଘ।

ଛନ୍ଦକବି ରଘୁନାଥ ପଟ୍ଟନାୟକଙ୍କ ସ୍ମୃତିଚାରଣ ଉତ୍ସବ



ନବରଙ୍ଗପୁର,୧୫।୨ (ସମିସ): ନବରଙ୍ଗପୁର ଜିଲ୍ଲା ଧୋଡ୍ରାସ୍ଥିତି ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ଛନ୍ଦ କବି ରଘୁନାଥ ପଟ୍ଟନାୟକଙ୍କ ୧୦୦ତମ ଜନ୍ମ ସ୍ମୃତିଚାରଣ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ସ୍ୱର୍ଗତ ଛନ୍ଦକବି ରଘୁନାଥ ପଟ୍ଟ ନାୟକ ଜଣେ ସୁନାମଧନ୍ୟ କବି, ସାହିତ୍ୟିକ, ସଂସ୍କୃତିପ୍ରେମୀ ତଥା ନବରଙ୍ଗପୁର ଓ ଉମରକୋଟ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯୁଗବାଣୀ ସମ୍ବାଦ ପତ୍ରିକର ସେ ସମ୍ପାଦକ ଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ନାଥ ଦାସ ପ୍ରଦୀପ ପ୍ରଜ୍ଜ୍ୱଳିତ କରି ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ଅତିଥି ଭାବରେ ରମେଶ ଚନ୍ଦ୍ର ସାହୁ , ମୁଖ୍ୟ ବକ୍ତା ବଲ୍ଲଭ ରାଉତ, ପି ରାବଣା ରାଓ ଏବଂ ସମ୍ମାନିତ ଅତିଥି ଭାବରେ ଦେବନାରାୟଣ ବାରିକ, ପ୍ରଫୁଲ ରାଉତ, ପିତାମ୍ବର ବେଉରିଆ, ଟୁଟୁବାବୁ ପଟ୍ଟନାୟକ, ବାବୁଲା ସାହୁ, ମୋତି ଭୋମିକ, ଭୂୟାଁ ସାର ସହ ଅଞ୍ଚଳର କବି, କବୟିତ୍ରୀଙ୍କ ସହ ବହୁ ସାହିତ୍ୟ ପ୍ରେମୀ ଯୋଗଦେଇ ଛନ୍ଦ କବି ରଘୁନାଥଙ୍କ ସ୍ମୃତିଚାରଣ କରିବା ସହ ନିଜ ନିଜ କବିତା ପାଠ କରିଥିଲେ । ଅନୁଷ୍ଠାନ ତରଫରୁ ଦେବନାରାୟଣ ବାରିକ ଓ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କୁ "ଛନ୍ଦକବି ରଘୁନାଥ ପଟ୍ଟନାୟକ ସମ୍ମାନରେରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ନିରୁପମା ସ୍ୱାଇଁ କରିଥିବା ବେଳେ ଶିକ୍ଷକ କେଦାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

ଏକ କିଲୋମିଟରର ତଳକୁ ଖସିଲା ଟ୍ରକ୍ , ଚାଳକ ମୃତ

ଲକ୍ଷ୍ମୀପୁର,୧୫।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ମାଇନିଙ୍ଗ ଉପରେ ଘଟିଛି ଏକ ଭୟଙ୍କର ଦୁର୍ଘଟଣା। ରାତି ପ୍ରାୟ ୯ଟା ସମୟରେ ଏକ ବକ୍ସାଇଟ ବୁହା ହାଇୱା ନିଜ ବକ୍ସାଇଟ ଲୋଡ଼ କରିବାକୁ ମାଳି ଉପରକୁ ପ୍ରକାଶ ମିଣିଆକା (୨୪) ନାମକ ଡ୍ରାଇଭର ଶନିବାର ରାତିରେ ନେଇ ଯାଉଥିଲେ। ପାହାଡ ଉପରୁ ପ୍ରାୟ ଏକ କିଲୋମିଟର ତଳକୁ ଖସି ଯାଇଥିଲା ଗାଡ଼ିଟି। ଡ୍ରାଇଭରଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ରବିବାର ସକାଳେ ପୋଲିସ୍ ସହ ସ୍ଥାନୀୟ ତହସିଲଦାର ନୈବେଦ୍ୟ କୁମାର ଭୋଇ ଘଟଣା ସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରି ରେଡ୍‌କ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଗାଡି ମାଲିକ ଓ କର୍ଯ୍ୟରତ ମୈତ୍ରୀ ସଂସ୍ଥା ପକ୍ଷରୁ ୩ ଲକ୍ଷ ଟଙ୍କା ଅର୍ଥିକ ସହାୟତା ମୃତ ପ୍ରକାଶର ସ୍ତ୍ରୀ ଙ୍କୁ ଦିଆ ଯାଇଥିଲା। ସଂସ୍ଥା ଚାଲୁଥିବା ପର୍ଯ୍ୟନ୍ତ ମାସିକ ୧୦ହଜାର ଟଙ୍କା ଭତ୍ତା ଆକାରରେ ଦିଆଯିବା ପାଇଁ ମଧ୍ୟ ସ୍ଥାନୀୟ ନେତା ମାନେ ସ୍ଥିର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ମଧ୍ୟ ୪ ଲକ୍ଷ ଟଙ୍କା ସରକାରୀ ସହାୟତା ରାଶି ପ୍ରଦାନ ପାଇଁ କୁହା ଯାଇଥିଲା। ମୃତ ଗାଡି ଚାଳକର ଏକ ଛୋଟ ପୁଅ ରହିଛି । ତାର ପାଠପଢା ଉପରେ ମଧ୍ୟ ଦୃଷ୍ଟି ସରକାର ଦାୟିତ୍? ନେବା ପାଇଁ କୁହା ଯାଇଥିଲା। ମୃତ ଗାଡି ଡ୍ରାଇଭର ନିଜ ଘର ଲକ୍ଷ୍ମୀପୁର ବ୍ଲକ ଚମ୍ପି ପଞ୍ଚାୟତ ଅନ୍ତର୍ଗତ ଟିଟିଖୋଲା ଅଟେ। ବିଜେଡ଼ି ଜିଲ୍ଲା ସଭାପତି ଝିନ ହିକକା ଜିଲ୍ଲାପାଳ ଠାରୁ ଆରମ୍ଭ କରି ସମସ୍ତଙ୍କୁ ଯୋଗାଯୋଗ କରି ମୃତକଙ୍କ ପରିବାର କିପରି ଆର୍ଥିକ ସହାୟତା ପାଇ ପାରିବେ ସହଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ କିପରି ସହାୟତା ପାଇ ପାରିବେ ତାହା ପୂର୍ବତନ ବିଧାୟକ କୈଳାସ କୁଲେସିକା ସହଯୋଗ କରିବେ ବୋଲି କହିଥିଲେ। ବିଜେଡିର ବ୍ଲକ ସଭାପତି ବିପିନ ମାଣ୍ଡିଙ୍ଗା ଓ କଂଗ୍ରେସର ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା ମଧ୍ୟ ଲୋକଙ୍କ ସହିତ ରହି ସମସ୍ତ ବିଷୟରେ ସହଯୋଗ କରିଥିଲେ।

ବଞ୍ଜାରା ସମାଜର ସେବାଲାଲଙ୍କ ଜୟନ୍ତୀ

କୋରୁକୋଣ୍ଡା,୧୫ ।୨(ସମିସ); ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମୁଷା ପଲ୍ଲି ଗ୍ରାମପଞ୍ଚାୟତ ଅଧୀନ ଚିଡ଼ପାଲି ଗ୍ରାମରେ ବସବାସ କରୁଥିବା ବଞ୍ଜାରା ସମାଜ ପକ୍ଷରୁ ତାଙ୍କର ଭଗବାନ ସନ୍ଥଶ୍ରୀ ସେବାଲାଲ ମହାରାଜଙ୍କ ୨୮ ୭ତମ ଜୟନ୍ତୀ ଆଜି ପାଳନ କରାଯାଇଛି। ଏହି ଗ୍ରାମରେ ମୋଟ ୩୫ ପରିବାର ରହିଥିବା ବେଳେ ପ୍ରତ୍ୟେକ ବର୍ଷ ନିଜର ଭଗବାନଙ୍କ ଜୟନ୍ତୀ ଖୁବ ଆଡମ୍ବରରେ ପାଳନ କରିଥାନ୍ତି। ମାଲକାନଗିରି ଜିଲ୍ଲାରେ ବଞ୍ଜାରା ସମାଜର ମୋଟ ୧୭ ଗ୍ରାମ ରହିଥିବାବେଳେ ସବୁ ଗ୍ରାମରେ ଏହି ଜୟନ୍ତୀ ପାଳନ କରାଯାଏ। ସେହିପରି ଆଜି ଚିଡ଼ପାଲି ଗ୍ରାମର ବଞ୍ଜାରା ସମାଜ ପକ୍ଷରୁ ନିଜର ପାରମ୍ପରିକ ରୀତିନୀତି ସହ



ପାରମ୍ପରିକ ବସ୍ତ୍ର ପରିଧାନ କରି ହାତରେ ପତାକା ଧରି ଭଗବାନ ଶ୍ରୀ ସେବାଲାଲ ଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ସମାଜର ସମସ୍ତ ମହିଳା ମାନେ ଏକ କଳସ ଯାତ୍ରା ରେ ବାହାରି ନିକଟସ୍ଥ ନଦୀରୁ ଜଳ ସଂଗ୍ରହ କରି ନିଜର ଭଗବାନ ଙ୍କ ନିକଟରେ କଳସ ସ୍ଥାପନା କରିଥିଲେ। ଏହାପରେ ନିଜ ସମାଜର ନିୟମାନୁଯାୟୀ ମହିଳା ମାନେ ଚାଉଳ ଏବଂ ଗହମରେ ଭୋଗ ରୋଷେଇ କରି ନିଜର ଭଗବାନଙ୍କ ନିକଟରେ ଅର୍ପଣ କରିଥିଲେ। ବଞ୍ଜାରା ସମାଜର ଏହି ପୂଜା ବହୁ ନିଆରା ଢଙ୍ଗରେ ପାଳନ ହେଉଥିବା ବେଳେ ଏହାକୁ ଦେଖିବା ନିମନ୍ତେ ଆଖପାଖ ଅଞ୍ଚଳର ଗ୍ରାମବାସୀ ଙ୍କ ଭିଡ଼ ଜମିଥିଲା। ଆଜିର ଏହି ଜୟନ୍ତୀ ପାଳନରେ ବଞ୍ଜାରା ସମାଜ ମୁଖ୍ୟ ଖାଉରିଆ ଧାରାବତ, ଭିମା ଲାଉଡ଼ିଆ, ନରସିଂହ ଧାରାବତ, ଶଙ୍କର ଖରା, ଭିମଲାଲ ଖରା, ଅର୍ଜୁନ ଘୁଗଲଟ, ଧାନସିଂ ଲାଉଡ଼ିଆ, ଡାସଲିଲ ଲାଉଡ଼ିଆ, ଚମ୍ପା ଲାଉଡ଼ିଆ ଓ ଆମକୀ ଧାରାବତଙ୍କ ସମେତ ସମାଜର ବହୁ ମହିଳା ଏବଂ ପୁରୁଷମାନେ ଉପସ୍ଥିତ ଥିଲେ।

ଦେଶୀ ବନ୍ଧୁକରୁ ଗୁଳି ଫୁଟି ଯୁବକ ଗୁରୁତର

ନନ୍ଦପୁର,୧୫।୨(ସମିସ): ଦେଶୀ ବନ୍ଧୁକରୁ ଗୁଳି ଫୁଟି ଜଣେ ଯୁବକ ଗୁରୁତର ହୋଇ ଲମତାପୁଟ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛି। ପାଡୁଆ ପୁଲିସ ଦେଶୀ ବନ୍ଧୁକ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ ପାଡୁଆ ଥାନା ଅନ୍ତର୍ଗତ ବାଡେଲ୍ ଗ୍ରାମ ପଞ୍ଚାୟତ ଅଧୀନସ୍ଥ କଟଲାପୁଟ ଗ୍ରାମର ଲାଇବନ୍ ଖରାଙ୍କ ନିଜ ଦେଶୀ ବନ୍ଧୁକରୁ ଫୁଟି ଗୁରୁତର ହୋଇଛନ୍ତି। ପୁଲିସ ବିନା ଲାଇସେନ୍ସରେ ବନ୍ଧୁକ ରଖିବା ମାମଲା ରୁଜୁ କରିବା ସହ ଦେଶୀ ବନ୍ଧୁକ ଜବତ କରିଛନ୍ତି । ପକ୍ଷୀ ଶିକାର ଓ ବାରହା ଶିକାର ନିମନ୍ତେ ଦେଶୀ ବନ୍ଧୁକ ରାତିରେ ସଫା କରିବା ସମୟରେ ଗୁଳି ଫୁଟି ଯାଇଥିଲା ବୋଲି କହିଛନ୍ତି ଥାନା ଅଧିକାରୀ ଅଶୋକ କୁମାର ବିଶୋଇ । ତେବେ ଅଧିକ ତଦନ୍ତ ନେଇ ଏସ ଆଇ ଦୀପକ କୁମାର ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିନା ଲାଇସେନ୍ସରେ ବନ୍ଧୁକ ରଖିବା ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି କହିଛନ୍ତି ଆଇଆଇସି ଶ୍ରୀ ବିଶୋଇ । ପୂର୍ବରୁ ଏହି ଅଞ୍ଚଳ ମାଓ ଅଧ୍ୟୁଷିତ ରହିଥିବା ସହ ପୁଲିସ୍ ମାଓ ଗୁଳି ବିନିମୟ ହୋଇ ସାରିଛି। ଦେଶ ବନ୍ଧୁକ ଫୁଟିବା ଘଟଣା ପାଡୁଆ ପୁଲିସ ପାଇଁ ପୁଣି ସତର୍କ ଘଣ୍ଟି ହୋଇଥିବା କୁହାଯାଉଛି।

ବିଭିନ୍ନ ଶୈବପୀଠରେ ଶିବରାତ୍ରୀ



ନନ୍ଦପୁର,୧୫।୨(ସମିସ): ପବିତ୍ର ମହାଶିବରାତ୍ରି ଓ ଜାଗର ଅବସରରେ ନନ୍ଦପୁର ଓ ସୁବାଇର ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ବଡ଼ି ଭୋରୁ ଶିବ ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କର ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। ଅଞ୍ଚଳ ହର ହର ମହାଦେବ ଧ୍ୱନିରେ ଗୁଞ୍ଜରିତ ହୋଇଥିଲା। ନନ୍ଦପୁର ସହର ସ୍ଥିତ ପ୍ରାଚୀନ ନୀଳକଣ୍ଠେଶ୍ୱର ମନ୍ଦିର ଓ ଧବଳେଶ୍ୱର ଓ ସୁବାଇ ଶିବ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ରୁଦ୍ରାଭିଷେକ ଓ ଚାରି ପ୍ରହର ପୂଜା ଆଦି ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ମହାଦୀପ ଉତ୍ତୋଳନ ସହ ଜାଗର କାର୍ଯ୍ୟକ୍ରମ ସହ ସାରା ରାତି ଭଜନ, କୀର୍ତ୍ତନ ଓ ନାମସଂକୀର୍ତ୍ତନର କାର୍ଯ୍ୟକ୍ରମ ରଖାଯାଇଥିଲା। କେତେକ ସ୍ଥାନରେ ଶିବ-ପାର୍ବତୀ ବିବାହ ଉତ୍ସବ କାର୍ଯ୍ୟକ୍ରମ ରହିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭକ୍ତମାନଙ୍କ ସୁବିଧା ପାଇଁ ପାନୀୟଜଳ, ପ୍ରସାଦ ସେବନ ଓ ବ୍ୟାପକ ଶୃଙ୍ଖଳା ବ୍ୟବସ୍ଥା କରାଯାଇଛି।

ମହାଶିବରାତ୍ରୀ ପାଇଁ ଉତ୍ସବମୁଖର ଶୈବପୀଠ









ବୈପାରୀଗୁଡ଼ା,୧୫।୨(ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ଠାରେ ଭକ୍ତଙ୍କ ଗହଳି ଜମିଛି କ୍ଷ। ଏଠାରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି । ଜାଗର ଅବସରରେ ରାଜ୍ୟ ସରକାର ଗୁପ୍ତେଶ୍ୱରପୀଠର ଭିତିଭୂମିର ଉନ୍ନତି ପାଇଁ ୨୩ କୋଟି ୯୩ ଲକ୍ଷ ଟଙ୍କା ଅନୁଦାନ ରାଶି ଘୋଷଣା କରିଛନ୍ତି ବୋଲି କୋଟପାଡ଼ ବିଧାୟକ ରୁପୁ ଭତ୍ରା ପ୍ରତିକ୍ରିୟା ଦେଇଛନ୍ତି । ଏହି ଅବସରରେ ଗୁପ୍ତେଶ୍ୱର ପୀଠରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କୋଟପାଡ଼ ବିଧାୟକ। ଶ୍ରୀ ଭତ୍ରା ନିଜ ଧର୍ମପତ୍ନୀଙ୍କ ସହ ଗୁପ୍ତେଶ୍ୱର ଗୁମ୍ଫା ଭିତରେ ଥିବା ମହାଦେବଙ୍କ ଦର୍ଶନ କରି ଆଶୀଷ ଗ୍ରହଣକରିଛନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଆଜି ଶିବରାତ୍ର ପାଇଁ ଦକ୍ଷିଣ ଓଡ଼ିଶାର ଗୁପ୍ତେଶ୍ୱର ପୀଠ ଚଳ ଚଞ୍ଚଳ ଥିବା ବେଳେ ପୀଠଟି ଲୋକାରଣ୍ୟ ହୋଇଛି । ପାହାନ୍ତିଆରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଆସି ମନ୍ଦିରରେ ମହାଦେବଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତଙ୍କ ସମାଗମ ରହିବ। ପୀଠରେ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଜାଗର ପାଇଁ ପୀଠରେ ବିଭିନ୍ନ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ଏବଂ ଟ୍ରାଫିକ ବ୍ୟବସ୍ଥା ଆଲୋକୀକରଣ, ସୁରକ୍ଷା ଦୃଷ୍ଟିରୁ ସାତ ପ୍ଲାଟୁନ ପୋଲିସ ମୁତୟନ କୋରାଯାଇଛି ବୋଲି କହିଛନ୍ତି ସ୍ଥାନୀୟ ଦେବୋତ୍ତର ବିଭାଗୀୟ ଅଧିକାରୀ। ପୀଠରେ ଜୟପୁର ଉପଜିଲ୍ଲାପାଳ ଏ ଶଶ୍ୟା ରେଡ଼ି, ଜୟପୁର ଦେବୋତ୍ତର ବିଭାଗ ଅଧିକାରୀ, ଜୟପୁର ଏସଡିପିଓ, ବୈପାରୀଗୁଡା ବିଡ଼ିଓ ସୁବ୍ରତ ସାହୁ, କୁନ୍ଦୁରା ବିଡ଼ିଓ ପି.ମନସ୍ୱିତା, ବୈପାରୀଗୁଡା ତହସିଲଦାର ସଂଗ୍ରା ଚୌଧୁରୀ, ଗ୍ରାମ୍ୟ ପାନୀୟ ଜଳ ଓ ପରିମାଣ ବିଭାଗ, ବୈପାରୀଗୁଡା ଜୟପୁର ଏବଂ କୁନ୍ଦୁରା ଥାନା ଅଧିକାରୀ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ଖାଦ୍ୟ ଓ ଯୋଗାଣ ବିଭାଗ, ବିଦ୍ୟୁତ ବିଭାଗ, ବୈପାରୀଗୁଡା ବ୍ଲକ ସମସ୍ତ ଷ୍ଟାଫ, ରାମଗିରି ବିରୋଖମ୍ବ ଯୁବକ ସଙ୍ଘ, ଗୁପ୍ତେଶ୍ୱର ଯୁବକ ସଙ୍ଗ, ବୈପାରୀଗୁଡା ଫ୍ରେଣ୍ଡସ ୟୁନିଟ କ୍ଲବ, ଏମବିକେ, ସିଆରପି ପରିଚାଳନା କମିଟି ଏବଂ ଗ୍ରାମବାସୀ ସମସ୍ତେ ସହଯୋଗ କରିଥିଲେ।

କୋରାପୁଟ : ମହାଶିବରାତ୍ରୀ ବା ଜାଗର ପାଇଁ କୋରାପୁଟ ସହରର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଫୁଲ ଓ ଆଲୋକ ମାଳାରେ ସଜେଇ ହୋଇଛି ସହରର ବିଭିନ୍ନ ଶିବ ମନ୍ଦିର। ରଙ୍ଗୀନ ଆଲୋକ ମାଳାରେ ଝଲଟୁଛି ଶୈବପୀଠ। ମହାଶିବରାତ୍ରୀ ପାଇଁ ଆଜି କୋରାପୁଟ ସହର ଉତ୍ସବମୁଖର ହୋଇଉଠିଛି। ଗାଁରୁ ସହର ସବୁଠି ଆନନ୍ଦ, ଉତ୍ସାହ ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ଜାଗର



ଜାଳିଛନ୍ତି। ଭକ୍ତମାନେ ପରିବାର ତଥା ସଓସାରର ମଙ୍ଗଳକାମନା କରିଛନ୍ତି। ଶିବରାତ୍ରୀ ପାଇଁ ଆଜି ଭୋରରୁ ବିଭିନ୍ନ ଶିବ ମନ୍ଦିରରେ ପ୍ରବଳ ଗହଳି ଆରମ୍ଭ ହୋଇଯାଇଥିଲା। କୋରାପୁଟର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶବରେଶ୍ୱର, ଓଏମପି କଲୋନି, କଳାନିକେତନ ଛକର ଆଖଣ୍ଡଳମଣି , ରଥଶର୍ମା କଲୋନୀ, ରାଉଳ ଶିବ ମନ୍ଦିର, ମୃତ୍ତିକା ସଓରକ୍ଷଣ କଲୋନୀ, ପୂଜାରୀପୁଟ, ରେଳବାଇ, ଗୋପନଗର ଚନ୍ଦ୍ରଶେଖର, କେଦାର ସ୍ୱପ୍ନେଶ୍ୱର, ଭବାନୀନଗରସ୍ଥିତ ବଣକେଶ୍ୱର ଆଦି ମନ୍ଦିରରେ ଭକ୍ତ ମାନେ ଧାଡ଼ିରେ ଯାଇ ଦର୍ଶନ କରୁଥିଲେ। ଲୋକମାନେ ସେମାନଙ୍କ ପରିବାର ସହ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିସରରେ ଶ୍ରୀ ଶବରେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ଦର୍ଶନ କରିଥିଲେ। ଭକ୍ତିମୟ ପରିବେଶ ମଧ୍ୟରେ ସମସ୍ତ ଶୈବପୀଠ ଗୁଡ଼ିକରେ ପୂଜାର୍ଚ୍ଚନା ଚାଲିଥିଲା॥ ମଧ୍ୟରାତ୍ରରେ ପ୍ରଭୁଙ୍କ ମହାଦୀପ ଉଠିଥିଲା। ହରିହର ଭେଟ ନୀତି ହୋଇଥିଲା। ସହରର ସମସ୍ତ ଶୈବ ମନ୍ଦିରରେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ସନ୍ଧ୍ୟା ଆଳତି ଯିବା ନେଇ ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଶାବର ଶ୍ରୀକ୍ଷେତ୍ର ମନ୍ଦିରରେ ଜାଗର ଉପଲକ୍ଷେ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶାବର ଶ୍ରୀକ୍ଷେତ୍ର ଜିଲ୍ଲାର ପ୍ରମୁଖ ତୀର୍ଥକ୍ଷେତ୍ର ହୋଇଥିବା ଯୋଗୁଁ ପ୍ରଶାସନ ପକ୍ଷରୁ ମଧ୍ୟ କଡ଼ା ବ୍ୟବସ୍ଥା କରାଯାଇଛି। ସେହିପରି ମହାଦେଇପୁଟ ନିକଟସ୍ଥ ଏକଡେଲି ଓ ପୋଡାଗଡ ନିକଟସ୍ଥ ଆମଲି ଆମ୍ବଗୁଡାରେ ଥିବା ଶିବ ମନ୍ଦିରରେ ଶିବରାତ୍ରି ପାଇଁ ବ୍ୟାପକ ଆୟୋଜନ ହୋଇଥିଲା। ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ଏହି ମନ୍ଦିରକୁ ଯାଇ ପ୍ରଭୂଙ୍କ ଆରାଧନା କରିଥିଲେ। ବିଳମ୍ବିତ ରାତିରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ଉଜାଗର ରହି ଦୀପ ଜାଳିଥିଲେ। ମହାଦୀପ ଉଠିବା ପରେ ସେମାନଙ୍କ ବ୍ରତ ଶେଷ କରିଥିଲେ।

ଡାବୁଗାଁ : ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଚଟରାଗୁଡା ପଞ୍ଚାୟତ ଅଧୀନ କେଲିଆ ଶୈବ ପୀଠରେ ମହା ଶିବରାତ୍ରି ମହାଡମ୍ବରରେ ରବିବାର ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ମାନେ ଝାଡେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ନିମନ୍ତେ ସକାଳୁ ଲମ୍ବା ଧାଡିରେ ଛିଡା ହୋଇଥିଲେ। ଏହି କେଲିଆ ଶୈବ ପୀଠକୁ ଡାବୁଗାଁ ବ୍ଲକ ସମେତ ଜିଲାର ବିଭିନ୍ନ ବ୍ଲକ ଓ ପଡୋଶୀ ଜିଲା କୋରାପୁଟ, କଳାହାଣ୍ଡି ଏବଂ ପଡୋଶୀ ଛତିଶଗଡ ରାଜ୍ୟରୁ ମଧ୍ୟ ଭକ୍ତମାନେ ଆସି ଝାଡେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ । ରାତ୍ରି ପ୍ରାୟ ୯ ଘ. ସମୟରେ ମହାଦୀପ ଉଠିଛି। ରାତ୍ରିରେ ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ୨ ଟି ଆଦିବାସୀ ନାଟକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏଥିରେ ପ୍ରାୟ ୩୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ନବରଙ୍ଗପୁର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝି, ପାପଡାହାଣ୍ଡି ଜିଲାପରିଷଦ ସଭ୍ୟ ଲିପିକା ମାଝି, ବ୍ଲକ ଅଧକ୍ଷା ବୀଣା ମାଝି, ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ମାଝି, ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମଦକର ସନ୍ଦିପ ସମ୍ପଦ, ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭେନ୍ଦୁ ଶବର, ମନ୍ଦିର ଉନ୍ନୟନ କମିଟି ସଭାପତି ତଥା ତହସିଲଦାର ଗୀତା ମୁର୍ମୁ, ସମ୍ପାଦକ ଦେବରାଜ ପାତ୍ର, କୋଷାଧକ୍ଷ ଜି ସାଇରାଜୁ, ସୁରେନ୍ଦ୍ର କୁମାର ମିଶ୍ର, ଏମ. ସୂର୍ଯ୍ୟ ନାରାୟଣ ଶୁବୁଦ୍ଧି, ଭଗବାନ ଖୁଣ୍ଟିଆ, ଧର୍ମାନନ୍ଦ ନାୟକ, ନରସିଂ ମାଝି, ଭଗବାନ ମାଝି, ଭାଗୀରଥୀ ମାଝି, ପଦ୍ମଚରଣ ମାଝି ଓ କମିଟି କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନା ଅଧିକାରୀ ରଘୁନାଥ ମାଝିଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ ଭକ୍ତ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିଲେ। ଡାବୁଗାଁ ବ୍ଲକ ରଙ୍ଗତୁଳି କଳାକାର ସଂଘ ତରଫରୁ ଭକ୍ତ ମାନଙ୍କୁ ପଣା ବଣ୍ଟନ କରଯାଇଥିଲା। ଏଠାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା କ୍ଷ ଏହା ସହ ଡାବୁଗାଁ ଶିବ ମନ୍ଦିର ,ବାଘବେଡା, ଜୁନାପାଣି, ବଡଓଲମା ଓ ବିରିଶୋଲା ଶିବ ମନ୍ଦିର ରେ ମଧ ଶିବରାତ୍ରି ପାଳିତ ହୋଇଯାଇଛି।

ପୋଡ଼ାଗଡ଼ : କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। କୋରାପୁଟ ସଦର ବ୍ଲକ ଅଧିନସ୍ଥ ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ବାରିଗୁଡ଼ାରେ ବାବା ବଡେଶ୍ୱର ନାମରେ ପୂଜା ପାଉଛନ୍ତି ମହାଦେବ। ଏହି ଶୈବପୀଠ ଭାରତ ମାଳା ରାସ୍ତା ନିକଟ ପାହାଡରେ ଅବସ୍ଥିତ। ଏହି ଶୈବପୀଠରେ ପ୍ରତି ସୋମବାର ଓ ଗୁରୁବାର ଦିନ ବାବାଙ୍କର ପୂଜା ଅର୍ଚ୍ଚନା କରାଯାଇ ଥାଏ। ଆଜି ମହାଶିବରାତ୍ରି ଥିବାରୁ ଶହ ଶହ ଭକ୍ତ ମାନଙ୍କର ଆଗମ ଦେଖିବାକୁ ମିଳିଥିଲା। ସେହିପରି ଏକ ନିଆରା ଶୈବ ପୀଠ ହେଉଛି ମହାଦେବ ଶିବ ଶଙ୍କର ମନ୍ଦିର । ଯାହାକି ବାରିଗୁଡ଼ା ଆଦିବାସୀ ସାହିରୁ ମାତ୍ର ୫୦୦ ମିଟର ଦୂରରେ ଅବସ୍ଥିତ। ଏଠିକାର ପରିବେଶ ମନୋରମ। ଯାହାକି ଦୁଇ ପାହାଡ ମଝିରେ ରହିଛି। ଭକ୍ତ ମାନେ ପୂଜା ଅର୍ଚ୍ଚନା କରିବା ପରେ ନିକଟରେ ଥିବା ପାହାଡ ବୁଲି ପ୍ରକୃତିକୁ ଉପଭୋଗ କରିଥାନ୍ତି। ଉକ୍ତ ମନ୍ଦିରର ପୂଜାରୀ ସଦା ଗୋଲାରୀ କହିଛନ୍ତି, ଏହି ମନ୍ଦିରରେ ଭକ୍ତ ଯାହା ମାନସିକ କରିଥାନ୍ତି ତାହା ପୂରଣ ହୋଇଥାଏ। ଆଜି ମହାଶିବରାତ୍ରି ଥିବାରୁ ଶହ ଶହ ଭକ୍ତ ମାନଙ୍କର ସମାଗମ ଦେଖିବାକୁ ମିଳିଛି।

କୋଷାଗୁମୁଡା : ଆଜି ପବିତ୍ର ମହାଶିବରାତ୍ରି କୋଷାଗୁମୁ?ା ଅଞ୍ଚଳରେ ଥିବା ଶୈବପୀଠ , ମହାକାଳେଶ୍ୱର(ଛେଳିପଦର), ଟୋଙ୍କେଶ୍ୱର (କୋଷାଗୁମୁଡ଼ା), ସିଦ୍ଧେଶ୍ୱର(ଜୁନାପାଣି), ଗୁପ୍ତେଶ୍?ର(ତାରାଗାଁ), ପାତାଳେଶ୍ୱର(ବାଲେଙ୍ଗା), କପିଳେଶ୍ୱର(କୋଡ଼ିଙ୍ଗା), ଝାଡେଶ୍ୱର(ଚଟାହାଣ୍ଡି) ଅଞ୍ଚଳରେ ଥିବା ପ୍ରତ୍ୟେକ ମନ୍ଦିରରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଶୈବପୀଠରେ ଶ୍ରଦ୍ଧାଳୁ ବଡିଭୋରରୁ ଭିଡ଼ ଜମାଇଥିଲେ। ମନ୍ଦିର ପ୍ରାଙ୍ଗଣରେ ପୂଜା ଦୋକାନ, ଖେଳ ଦୋକାନ, ଜଳଖିଆ ଦୋକାନର ଭିଡ ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ କୋଷାଗୁମୁଡ଼ା ପୋଲିସ ଓ କୋଡ଼ିଙ୍ଗା ପୋଲିସ ବ୍ୟବସ୍ଥା କରିଥିଲେ। ନବରଙ୍ଗପୁର ଜିଲ୍ଲାସଦର ମହକୁମାଠାରୁ ପ୍ରାୟ ୩୫ କିଲୋମିଟର କୋଷାଗୁମୁଡା ଠାରୁ ୨ କିଲୋମିଟର ରାସ୍ତାରେ ପଡେ ଏହି ବହୁ ପୁରାତନ ଶୈବପୀଠ "ବାବା ଟୋଙ୍କେଶ୍ୱର" ଙ୍କ ମନ୍ଦିର। ଆଜିର ଏହି ପବିତ୍ର ଶିବରାତ୍ରୀ ପାଳନ କରିବାକୁ ଦୂର ଦୁରାନ୍ତ ର ଶ୍ରଦ୍ଧାଳୁ ଆସିଥିଲେ। ପଡୋଶୀ ଛତିଶଗଡ଼ ରାଜ୍ୟର ,ପଡୋଶୀ କୋରାପୁଟ, ମାଲକାନଗିରି, କଳାହାଣ୍ଡି, ସ୍ଥାନୀୟ କୋଡ଼ିଙ୍ଗା, ଟେମ୍ରା, ବଡ ଆମ୍ବଡା, ରାଜୋଡା, ତୁର୍ଚ୍ଚଚୁଣ୍ଡା, ସନ୍ତୋଷପୁର ଭଳି ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଦିନ ଥିଲା ଶ୍ରଦ୍ଧାଳୁ ମାନେ ଏହି ସ୍ଥାନରେ ପିକନିକ ଓ ବିଭିନ୍ନ ବ୍ରତ ପୂଜା ପାଇଁ ଆସର ଜମାଉଥିଲେ। ବର୍ତ୍ତମାନ ଏହି ଶୈବପୀଠ ସମ୍ପୂର୍ଣ୍ଣ ଭାବେ ଅବହେଳିତ ଭଗ୍ନ ଅବସ୍ଥାରେ ରହିଛି।

ସୁନାବେଡ଼ା: ପବିତ୍ର ମହାଶିବରାତ୍ରି ଓ ଜାଗର ଅବସରରେ ସୁନାବେଡ଼ା ବିଭିନ୍ନ ଶୈବ ପୀଠରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ବଡ଼ି ଭୋରରୁ ଶିବ ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କର ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। ଅନ୍ୟ ଶିବ ମନ୍ଦିର ଅପେକ୍ଷା ଚିକାପାର ଶିବ ମନ୍ଦିରରେ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା ଏବଂ ହର ହର ମହାଦେବର ଧ୍ୱନିରେ ପରିବେଶ ଗୁଞ୍ଜରିତ ହୋଇଥିଲା। ସୁନାବେଡ଼ା ସହର ସ୍ଥିତ ପ୍ରାଚୀନ ଚିକାପାର ମନ୍ଦିର, ପୋଲିସ କ୍ୟାମ୍ପ, ସୁନାବେଡ଼ା -୧ , ହାଉସିଂବୋର୍ଡ , ହନୁମାନ ବଜାର , ଜଡାଗୁଡ଼ା, ହାଲ ସ୍ଥିତ ବେଲ ପାହାଡ ଓ ଜର୍ସିଫାର୍ମ ଶିବ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ରୁଦ୍ରାଭିଷେକ ଓ ଚାରି ପ୍ରହର ପୂଜା ଆଦି ଆୟୋଜିତ କରାଯାଇଛି। ପୂଜକ ମାନଙ୍କ ଦ୍ୱାରା ବେଦ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଦୁଧ, ଦହି, ମଧୁ, ଘିଅ ଓ ବେଲପତ୍ର ଦ୍ୱାରା ଭଗବାନ ଭୋଳାଶଙ୍କରଙ୍କ ଅଭିଷେକ କରାଯିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାବେଳେ ମହାଦୀପ ଉତ୍ତୋଳନ କାର୍ଯ୍ୟକ୍ରମ ରଖାଯାଇଛି। ଶିବରାତ୍ରି ଉପଲକ୍ଷେ ସମଗ୍ର ସୁନାବେଡ଼ା ଅଞ୍ଚଳ ଭକ୍ତିମୟ ମହଲରେ ବୁଡି ରହିଥିବା ବେଳେ ଭକ୍ତମାନେ ଭଗବାନ ଶିବଙ୍କ ଆଶିର୍ବାଦ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା, ପୂଜାର୍ଚ୍ଚନା ଓ ଜାଗର ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି।

ସକାଳ
THE SAKALA

ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି

ତ୍ରିମୂର୍ତ୍ତି ଶିବଜୟନ୍ତୀ ମହୋତ୍ସବରେ ଉଡ଼ିଲା ଝଣ୍ଡା







କେନ୍ଦୁଝର, ୧୫।୨(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କେନ୍ଦୁଝର ଶାଖା ତରଫରୁ ଆଜି ୯୦ତମ ପବିତ୍ର ତ୍ରିମୂର୍ତ୍ତି ଶିବଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ୭ରୁ ଏହି କାର୍ଯ୍ୟକ୍ରମ ସାମନ୍ତରାୟପୁରସ୍ଥିତ ସେବାକେନ୍ଦ୍ରରେ ନିରାକାର ପରମାତ୍ମା ଶିବଙ୍କୁ ଭୋଗ ସ୍ୱୀକାର କରାଇ ଶିବଧ୍ୱଜା ଉତ୍ତୋଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଯୋଗ ଦେଇଥିଲେ। କେନ୍ଦୁଝର ସେବାକେନ୍ଦ୍ର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ତଥା ସଂସ୍ଥାର ସମସ୍ତ ଭାଇଭଉଣୀମାନେ ଶିବଧ୍ୱଜା ତଳେ ଶପଥ ପାଠ କରିଥିଲେ। ଏହାପରେ ଡିଏନ୍ ହାଇସ୍କୁଲଠାରୁ ଏକ ଭବ୍ୟ ଶିବ ସନ୍ଦେଶ ଶୋଭାଯାତ୍ରା ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆଟୋପୁର,ପୁରୁଣାବଜାର ବଡଦାଣ୍ଡ ଦେଇ ରାଜବାଟୀ ନିକଟସ୍ଥ ସୁଖଶାନ୍ତି ସରୋବରରେ ପହଞ୍ଚିଥିଲା। ଏହି ଶାନ୍ତି ଶୋଭାଯାତ୍ରାର ମୂଳ ଉଦ୍ଦେଶ୍ୟ ମହାଶିବରାତ୍ରି ପର୍ବର ଯଥାର୍ଥ ରହସ୍ୟ ଜଣେଇବା ସଂଗେ ସଂଗେ ଶିବ ପରମାତ୍ମାଙ୍କ ସତ୍ୟ ପରିଚୟ, ଆତ୍ମିକ ଜାଗରଣ ତଥା ପରମାତ୍ମାଙ୍କ ଦିବ୍ୟ ଅବତରଣର ଶୁଭ ସନ୍ଦେଶ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା। ନୂତନ ପରିସର ସୁଖଶାନ୍ତି ସରୋବରଠାରେ ୫୦୦ରୁ ଉର୍ଦ୍ଧ୍ୱ ଭାଇଭଉଣୀଙ୍କ ଉପସ୍ଥିତିରେ ଶିବରାତ୍ରି ପର୍ବ ପାଳନ କରାଯାଇଥିଲା। ସଭାରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଏସ୍‌ବିଆଇର ମୁଖ୍ୟ ପ୍ରବନ୍ଧକ ସଂଜୟ ସାମଲ, ଡାକ୍ତର ସଂଜୀବ ଓତା, ବୈଦ୍ୟୁତିକ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା, ମୁକୁନା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ଜୟନ୍ତୀ ଥାଟୋଇ ତଥା ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପରମାତ୍ମାଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁଙ୍କ ତତ୍ତ୍ୱାବଧାନରେ ଶିବଧ୍ୱଜା ଉତ୍ତୋଳନ କରିବା ସଂଗେ ସଂଗେ ଅତିଥିମାନେ ମହାଶିବରାତ୍ରି ଉପଲକ୍ଷେ ଉପସ୍ଥିତ ଜନତାଙ୍କୁ ଶୁଭକାମନା ଜଣାଇଥିଲେ। କେନ୍ଦୁଝର ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ଜାଗର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଗ୍ରତା ଓ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣ କଲେ ସକଳ କାର୍ଯ୍ୟ ସଫଳ ହୋଇଥାଏ ବୋଲି ସେ କହିବା ସହ ଅନ୍ୟର ମଙ୍ଗଳ କାମନା କରିବାକୁ ପରାମର୍ଶ ଦେଇଥିଲେ। ପ୍ରସାଦ ସେବନ ପରେ ଶିବସନ୍ଦେଶ ପଦଯାତ୍ରା ପୁରୁଣାବଜାରର ପ୍ରତ୍ୟେକ ସାହିରେ ପରିକ୍ରମା କରି ଘରକୁ ଘର ପ୍ରଭୁ ସନ୍ଦେଶ ପ୍ରଚାରପତ୍ର ବଣ୍ଟନ କରିଥିଲେ। ସନ୍ଧ୍ୟା ସମୟରେ ମଧ୍ୟ ବ୍ରହ୍ମାକୁମାର ଭାଇଭଉଣୀମାନେ ସହରର ପ୍ରମୁଖ ଶିବ ମନ୍ଦିରମାନଙ୍କୁ ଯାଇ ପ୍ରଚାରପତ୍ର ବଣ୍ଟନ ପୂର୍ବକ ଶିବ ସନ୍ଦେଶ ଦେବା ସହ ଜନସାଧାରଣଙ୍କୁ ଆଧ୍ୟାତ୍ମିକ ଜାଗରଣ ପ୍ରତି ଉତ୍ସାହିତ କରିଥିଲେ। ବ୍ରହ୍ମାକୁମାରୀ ପ୍ରତିଭା, ମିନତୀ, ପ୍ରିୟଙ୍କା, ହୈମବତୀ, ବିନତା, ରୁନୁ, ସ୍ୱାତୀ, ସୁନୀତା ଏବଂ ସଦସ୍ୟ ବ୍ରହ୍ମାକୁମାର କୁଳମଣି, କୃତ୍ତିବାସ, ସତ୍ୟ, ଲୋକନାଥ, ଅନୁପ, ଅକ୍ଷୟ, ଝରିଲାଲ, ରାଜ ପ୍ରମୁଖ ସହଯୋଗ କରିଥିଲେ।

ହାଟଡ଼ିହୀ: ପବିତ୍ର ମହାଶିବରାତ୍ରି ଉପଲକ୍ଷେ ପ୍ରତ୍ୟେକଟି ଶୈବପୀଠରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଏହି ପରିପ୍ରେକ୍ଷୀରେ ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିରାଜମାନ କରିଥିବା ମହାଦେବ ଶିବଶମ୍ଭୁଙ୍କ ପୂଜା ଖୁବ୍ ଧୁମଧାମରେ ପାଳନ ଚାଲିଛି। ହାଟଡ଼ିହୀ ଗ୍ରାମର ସର୍ବପୁରାତନ ତଥା ପାତାଳି ମହାଦେବଙ୍କଠାରେ ଭୋର ସମୟରୁ ପୂଜା ଆରମ୍ଭ ହୋଇଛି। ଆଜି ସକାଳୁ ରାତ୍ର ଯାଏଁ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ହଟକେଶ୍ୱର ଶୈବ ମନ୍ଦିରର ଚତୁଃପାର୍ଶ୍ୱ ଶିବ ଭକ୍ତି ଓ ରସରେ ଜମିଥିଲା। ରାତ୍ର ୧୧ଟା ପରେ ଉଠିଥିଲା ମହାଦୀପ। ଏହିପରି ସଢ଼ାସ୍ଥିତ ବାବା ବୈଦ୍ୟନାଥଙ୍କ ପୀଠରେ ୩୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପବିତ୍ର ଜାଗରରେ ଅଞ୍ଚଳ ତଥା ଅଞ୍ଚଳ ବାହାରର ଆବାଳବୃଦ୍ଧବନିତା ବୈଦ୍ୟନାଥଙ୍କ ଦିବ୍ୟ ଦର୍ଶନ କରିଥିଲେ। ପ୍ରାୟ ୫ ଶହ ବର୍ଷ ହେବ ହାବଳେଶ୍ୱର ଗାଁରେ ପୂଜା ପାଇଆସୁଛନ୍ତି। ଭୋରରୁ ବୈତରଣୀ ନଦୀରେ ସ୍ନାନ ସାରି ହାବଳେଶ୍ୱର ମହେଶ ବିଜେଙ୍କ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ସନ୍ଧ୍ୟା ସମୟରୁ ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନେ ଜାଗର ଦୀପ ଜାଳିଥିଲେ।

ବଟେଶ୍ୱରରେ ଟଳିଲା ଅଘଟଣ

ଛେନାପଦି ଶୈବପୀଠରେ ମଧ୍ୟ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଯାଇଥିଲା। ବଞ୍ଚୋ ବଟେଶ୍ୱର ମନ୍ଦିରରେ ଦୀପ ଜଳୁଥିବା ବେଳେ ଅଳ୍ପକେ ଏକ ବିରାଟ ଅଘଟଣ ଟଳିଯାଇଛି। ଜଣେ ମହିଳା ଭକ୍ତଙ୍କ ଶାଢ଼ିରେ ଅଗ୍ନି ଲାଗିଯାଇଥିଲା। ତୁରନ୍ତ ତାଙ୍କୁ ମେଡିକାଲ ନେଇ ଚିକିତ୍ସା କରାଇବା ପରେ ସେ ଏବେ ସୁସ୍ଥ ଅଛନ୍ତି। ଶାଳଣିଆଁ, ସମଣା, ଆମ୍ରୋ, ପଞ୍ଚୁଗୋଛିଆ, ମରେଇଗାଁ, ଜମ୍ବରା, ହଦଗଡ଼, ବାଲିବରେଇ, ପଡ଼ିଆରିପଲ୍ଲୀ, ମହୁଲପଙ୍ଗା, ଜମ୍ବିରା, ଓରାଳି, ଅଁରା, ଜାମିତୀରା, କଳିଗାଁ, ଇଞ୍ଚୋଳ, ଟୁକୁଣା, ରମ୍ପାସ ଆଦି, ଗୁହାଳଗଡିଆ ଆଦି ଗ୍ରାମରେ ପାଳନ ହୋଇଛି ମହାଶିବରାତ୍ରି।

ଚମ୍ପୁଆ: ମହାଦେବଙ୍କ ଆରାଧନା ପର୍ବ ଜାଗର ବା ମହାଶିବରାତ୍ରି ଚମ୍ପୁଆ ଅଞ୍ଚଳର ସମସ୍ତ ଶୈବପୀଠରେ ପାଳିତ ହୋଇଯାଇଛି। ଭୋର ୩ଟାଠାରୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ବିଶେଷ ଭାବରେ ଚମ୍ପୁଆ ସଦର ମହକୁମାର ବାବା ଚନ୍ଦ୍ରଶେଖର ମହାଦେବ ମନ୍ଦିର, ମୁଖ୍ୟାଳୟରେ ଥିବା ରାମେଶ୍ୱର ମନ୍ଦିର, ଗୋଧୂଳି ବିଶ୍ୱରୂପାୟ ମହାଦେବ ମନ୍ଦିର, ମହେଶ୍ୱରପୁର ଝାଡେଶ୍ୱର ମହାଦେବ ମନ୍ଦିର ସମେତ ସମସ୍ତ ଶୈବପିଠରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ତ୍ର ମନ୍ଦିର ପରିବେଶକୁ ଶିବମୟ କରି ତୋଳିଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁ ଦୀପ ଧାରୀମାନେ ଶୈବପିଠରେ ମାନସିକ ଦୀପ ଜାଳିଥିଲେ। ଜାଗର ତଥା ମନ୍ଦିର କମିଟି ପକ୍ଷରୁ ଚମ୍ପୁଆ ଓ ଗୋଧୂଳିଠାରେ ମେଳା ଓ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ନିର୍ଘଣ୍ଟ ସମୟ ଅନୁସାରେ ମହାଦୀପ ଉଠାଯାଇଥିବା ବେଳେ ଚମ୍ପୁଆ ଚନ୍ଦ୍ରଶେଖର ମହାଦେବ ମନ୍ଦିର ଦେବୋତ୍ତର ଅଧୀନରେ ଯାଉଥିବାରୁ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ମହାପର୍ବ ସମାପନ ହୋଇଛି। ଚନ୍ଦ୍ରଶେଖର ମହାଦେବ ମନ୍ଦିରର ପୂଜକ ଅନିଲ ମିଶ୍ର ଓ ଦିଲ୍ଲୀପ ନନ୍ଦ ପୂଜାର୍ଚ୍ଚନା କରିଥିଲେ।

ତୁରୁମୁଙ୍ଗା: ପାଟଣା ମୁଖ୍ୟାଳୟ ପ୍ରାଚୀନ ଆନନ୍ଦେଶ୍ୱର ମନ୍ଦିରର ଜାଗରମହୋତ୍ସବ୍ ପାଇଁ ଉତ୍ସବ ମୁଖର ହୋଇ ଉଠିଛି। ପ୍ରବଳ ଭକ୍ତଙ୍କ ସମାଗମ ହୋଇଛି। ଶୃଙ୍ଖଳିତ ଦେବ ଦର୍ଶନ ପାଇଁ ପାଟଣା ପୁଲିସ୍, ପାଟଣା ମହାବିଦ୍ୟାଳୟ ଏନସିସି ଓ ଏନଏସଏସ ଛାତ୍ରଛାତ୍ରୀ, ବାଳିକା ଉଚ୍ଚବିଦ୍ୟାଳୟ ଏବଂ ଜିଏନ ହାଇସ୍କୁଲର ସ୍କାଉଟ ଛାତ୍ରଛାତ୍ରୀଙ୍କ ସହ ଡ୍ରାଇଭ୍ ମହାସଂଘ ସଦସ୍ୟ, ଦାରୁବ୍ରହ୍ମ ପ୍ରତିଷ୍ଠା ସଂସ୍ଥାନ ମଲ୍ଲୀପଶି ସାମିଲ ଥିଲେ। ମୁଖ୍ୟ ପୂଜକ ପର୍ଶୁରାମ ପଣ୍ଡା, ନବକିଶୋର ଦାଶ, କିଶୋର ଦ୍ୱିବେଦୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର କମିଟିର ସଭାପତି ଅଜୟ ଦାଶ, ସମ୍ପାଦକ ସନାତନ ଦାଶ, ଉପସଭାପତି ଯୁଗୋଳକିଶୋରଦାଶଅରୁଣମିଶ୍ର, ନାରାୟଣ ବାରିକ, ଅଜୟ ବେହେରା, ଶିବନାରାୟଣ ମିଶ୍ର, କମଳାକାନ୍ତ ପତି, ସହଦେବ ବେହେରା, ଲକ୍ଷ୍ମଣ ପତିଙ୍କ ତତ୍ତ୍ୱାବଧାରେ ପୂଜାର୍ଚ୍ଚନା ଚାଲିଛି। ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଫେବୃଆରୀ ୨୧ରୁ ୨୪ ପର୍ଯ୍ୟନ୍ତ ସିଂହ ବାହିନୀ ଅପେରା ମଞ୍ଚସ୍ଥ ହେବ। ସେହିଭଳି ତୁରୁମୁଙ୍ଗା ଗିରିଜା ଶଙ୍କର ମନ୍ଦିରରେ କର୍ତ୍ତା ଭାବେ ଗୌତମ ସାହୁ ଓ ତାଙ୍କ ପତ୍ନୀ ମଞ୍ଜୁରାଣୀ ସାହୁ ସଂକଳ୍ପ କରିଥିଲେ। ମନ୍ଦିର ପୂଜକ ଅରୁଣ ମିଶ୍ର, ଶରତ ତ୍ରିପାଠୀ ଦେବନୀତି ସମ୍ପାଦନ କରିଥିବା ବେଳେ ସେବାୟତ ମଙ୍ଗୁଲୁ ନାଏକ ସହାୟତା କରିଥିଲେ। ପାଟଣା ଆନନ୍ଦେଶ୍ୱର ମନ୍ଦିରରେ ରାତ୍ରି ୧୧, ସ୍ୱାମ ଶାସନରେ ରାତ୍ରି ୯.୩୦ ଏବଂ ଗିରିଜା ଶଙ୍କରରେ ୧୦ଟା ୧୫ ମିନିଟ୍ ପରେ ମହାଦୀପ ଉଠିବ ବୋଲି କମିଟି ସଦସ୍ୟମାନେ କହିଛନ୍ତି।

କମଳିନୀ କେନ୍ଦୁଝର ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ, ସାବିତ୍ରୀ କାର୍ଯ୍ୟକାରୀ ସଭାନେତ୍ରୀ

● ରାଜ୍ୟ କମିଟିରେ ଜିଲ୍ଲାରୁ ୪ ଉପସଭାନେତ୍ରୀ, ୭ ସମ୍ପାଦିକା ମନୋନୀତ





କେନ୍ଦୁଝର/ହାଟଡିହୀ, ୧୫।୨(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାର ମହିଳା ଶାଖାର ମୁଖ୍ୟମାନଙ୍କ ନାମ ଘୋଷଣା କରିଛନ୍ତି। କେନ୍ଦୁଝର ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା କମଳିନୀ ପାତ୍ର ଜିଲ୍ଲା ସଭାନେତ୍ରୀ ଭାବେ ମନୋନୀତ ହୋଇଥିବା ବେଳେ ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମୀନା ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ତଥା ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ଓ ଚମ୍ପୁଆ ବ୍ଲକର ପୂର୍ବତନ ଅଧ୍ୟକ୍ଷା ରମଣୀ ନାଏକ, ମହିଳା କମିସନର ପୂର୍ବତନ ସଦସ୍ୟା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଛୋଟରାୟ ମାଝୀଙ୍କ ବୋହୂ ବାସନ୍ତୀ ମାଝୀ, ତେଲକୋଇ ବ୍ଲକର ପୂର୍ବତନ ଅଧ୍ୟକ୍ଷା ସତ୍ୟଭାମା ସିଂ ରାଜ୍ୟ କମିଟିରେ ଉପସଭାନେତ୍ରୀ ପଦ ପାଇଥିବା ବେଳେ ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ୨୩ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ୧୦ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ୭ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତ, ମଞ୍ଜୁଲତା ଓରାମ, ବୀଣାପାଣି ଦାସ ଓ ବଡ଼ବିଲ ପୌରପାଳିକାର ଉପାଧ୍ୟକ୍ଷା ସରସ୍ୱତୀ ନାଏକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି ବୋଲି ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି। ସମସ୍ତ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ପୂର୍ବରୁ ସାବିତ୍ରୀ ସେଠୀ, ସରପଞ୍ଚ, ସମିତିସଭ୍ୟା ଏବଂ ବ୍ଲକ୍ ଅଧ୍ୟକ୍ଷା ସହ ମହିଳା ସଭାନେତ୍ରୀ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିବା ବେଳେ ଏନେଇ ସେ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

କଣ୍ଟାବଣିଆ ଗାଁ ବଇଦଙ୍କ ପରଲୋକ



ଆନନ୍ଦପୁର, ୧୫।୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତର କଣ୍ଟାବଣିଆ ଗ୍ରାମ ନିବାସୀ ଅନାମ ଚରଣ ଜେନା (୮୦)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥାଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ବନ ବିଭାଗରେ ଚାକିରି କରି ଅବସର ଗ୍ରହଣ କରିବା ପରେ ସେବାମୂଳକ କାର୍ଯ୍ୟରେ ସମର୍ପିତ ଥିଲେ। ଜିଲ୍ଲା ଏବଂ ଜିଲ୍ଲା ବାହାରେ ମଧ୍ୟ ଚେରମୂଳିକା ଔଷଧ ପ୍ରସ୍ତୁତ କରି ଲୋକଙ୍କୁ ଉପଶମ କରି ବେଶ୍ ପରିଚିତ ଥିଲେ। ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ରହି ସାମାଜିକ ଶିକ୍ଷା ଦେଉଥିଲେ। ତାଙ୍କ ବଡ଼ ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ।

ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

● ନୟାଗଡ଼ ଉଚ୍ଚବିଦ୍ୟାଳୟ



କେନ୍ଦୁଝର,୧୫।୨(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନୟାଗଡ଼ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଗିରିଶଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କେ.ସି ପ୍ରଧାନ, ମୁଖ୍ୟବକ୍ତା ଝୁମ୍ପୁରା ପଞ୍ଚାୟତ ସମିତିର ଅଧ୍ୟକ୍ଷା ମାଳତୀ ନାଏକ, ସ୍ୱତନ୍ତ୍ର ଅତିଥି ନୟାଗଡ ଗ୍ରାମର ସମାଜସେବୀ ବାବୁରାମ ନାଏକ, ସମ୍ମାନିତ ଅତିଥି ବାମେବାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ପୂଜାରୀ, ବସନ୍ତପୁର ସାଧନକେନ୍ଦ୍ର ସଂଯୋଜକ ହେମନ୍ତ ମାଝୀ, ବସନ୍ତପୁର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ମୁହୁଲି, ପୁରୁଣାପାଣି ପରିଚାଳନା କମିଟିର ସଭାପତି ଶିଳା ନାଏକ, ପଞ୍ଚସଖା ଶିକ୍ଷାସେତୁର ସମ୍ପାଦକ ରମେଶଚନ୍ଦ୍ର ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବିଦ୍ୟାଳୟରେ ଆୟୋଜିତ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ କିଶୋରଚନ୍ଦ୍ର ମାଝୀ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

● ଭଣ୍ଡାରିଡିହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର



ଆନନ୍ଦପୁର: ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ସମ୍ପାଦକ ବିପିନ ବିହାରୀ ରାଉତଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଫାଟକ ନିକଟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପାରମ୍ପରିକ ବାଦ୍ୟ ସହ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାଂସଦ ଅନନ୍ତ ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଯୋଗାଣ ଆଧିକାରୀ ତଥା ସମାଜସେବୀ ଯୁଧିଷ୍ଠିର ନାୟକ, ସଭାପତି ପ୍ରବାସ ନନ୍ଦନ ରାଉତ, ବିଜେପି ଜିଲ୍ଲା ସମ୍ପାଦକ ଏବଂ ବ୍ରାହ୍ମଣୀପାଳ ଜୟବଜରଙ୍ଗ ବଲୀ ଟ୍ରକ ମାଲିକ ସଂଘ ସଭାପତି ଇଂ ଦୀପକ ଜେନା, ଭଣ୍ଡାରିଡିହା ଗ୍ରାମପଞ୍ଚାୟତ ସମିତିସଭ୍ୟା ଶୁଭାସିନୀ ପ୍ରିୟଦର୍ଶିନୀ ରାଉତ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା ସୁଲୋଚନା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ତଥା ପୂର୍ବତନ ପ୍ରଧାନଆଚାର୍ଯ୍ୟା ହରପ୍ରିୟା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀ, ବିଗତ ବର୍ଷ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ, କ୍ରୀଡ଼ା ପ୍ରତିଯୋଗିତାର ବିଜେତା ଓ ଚାମ୍ପିଅନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁମନ୍ଦିରର ଗୁରୁଜୀ ଗୁରୁମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଶିଶୁମନ୍ଦିରର ଗୁରୁମା ଆରତୀ ପାଇକରାୟ, ରଶ୍ମିରାଣୀ ରାଉତ, ସ୍ନେହଲତା ବେହେରା, ପ୍ରଜ୍ଞାସିନୀ ରାଉତ, ବନଲତା ଜେନା, ବର୍ଷା ବେଜ, ସୁସ୍ମିତା ଦାସ, ଅନିତା ଜେନା, ଅକ୍ଷୟ ବୋଇତେଇ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସକ୍ରିୟ ସଭ୍ୟ ପ୍ରଭାତ ପୁହାଣ, ପ୍ରକାଶଚନ୍ଦ୍ର ପୁହାଣ, ପ୍ରସନ୍ନ ପୁହାଣ, ପ୍ରଦୀପ ରଣା ସହଯୋଗ କରିଥିଲେ। ଶିଶୁ ମନ୍ଦିର ଉପଦେଷ୍ଟାମଣ୍ଡଳୀର ରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

ରାଇସୁଆଁରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର



ତେଲକୋଇ, ୧୫।୨(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ କେନ୍ଦୁପତ୍ର ସଂସ୍ଥା ତଥା ଏସବିଆଇ ଫାଉଣ୍ଡେସନ ଏବଂ କିଓର ବେ'ର ମିଳିତ ପ୍ରୟାସରେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧୀନ ଆକୁଳ ପତ୍ରଫଡ଼ି ବନାଞ୍ଚଳର ଉପାନ୍ତ ରାଇସୁଆଁ ପଞ୍ଚାୟତ ରାଣିବେଡା (ନୂଆସାହି) ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନାଞ୍ଚଳ ଅଧିକାରୀ ଡିଲେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ମେଗା ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡର ଏସିଏଫ ସ୍ୱାଗତିକା ସାହୁ, ସମ୍ମାନିତଅତିଥି ଭାବେ ରାଇସୁଆଁ ସରପଞ୍ଚ ବାଗୁନ ଚମ୍ପିଆ, ସମିତିସଭ୍ୟ ଅଶୋକ ନାଏକ ଶିବିରକୁ ଉଦଘାଟନ କରିଥିଲେ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟର ଡାକ୍ତର ଦେବବ୍ରତ ଉପାଧ୍ୟାୟ ଓ ଡ଼ାକ୍ତର ମନମୋହନ ବେହେରା ରାଣୀବେଡ଼ା, ନୂଆସାହି, ଝାଟକିପଶି, କୁଳଙ୍ଗ, ରାଇସୁଆଁ, କୁଡବିଲ ଆଦି ଗ୍ରାମର ୨୩୦ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଫରେଷ୍ଟର ସୁଧାଂଶୁ ଶେଖର ସେଠୀ ରାଜେଶ ଚକ୍ର, ସୁନୀଲ ବେହେରା, ରାମଚନ୍ଦ୍ର ବେହେରା, ଫରେଷ୍ଟଗାର୍ଡ ଗ୍ରିଧାରୀ ମିଶ୍ର, ବଳରାମ ମାଝୀ ସହଯୋଗ କରିଥିଲେ।

ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର, ୧୫।୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ଖପରାଖାଇ ନିକଟସ୍ଥ ଜନାର୍ଦ୍ଦନପୁର ନିବାସୀ ଦିଗମ୍ବର ମହାପାତ୍ରଙ୍କ ଧର୍ମପତ୍ନୀ ପାର୍ବତୀ ମହାପାତ୍ର (୯୦)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ନିଜ ନାତିଙ୍କ ସହିତ ଥଟ୍ଟା ମଜା ହେଉଥିବା ବେଳେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶେଷଦର୍ଶନ କରିଥିଲେ। ସେ ଜଣେ ଧର୍ମପ୍ରାଣା ମହିଳା ଥିଲେ।

ଆଞ୍ଚଳିକ କ୍ରୀଡ଼ା

ପୁଲୱାମା ସହିଦ ସ୍ମାରକୀ କ୍ରିକେଟ: ଘୋଷଦା ଚାମ୍ପିଅନ



କେନ୍ଦୁଝର, ୧୫।୨(ସମିସ): କେନ୍ଦୁଝର ସଦର ବ୍ଲକ ମହାଦେଇଯୋଡ଼ା ରିଡର୍ସ ବ୍ଲକ ଆନୁକୂଲ୍ୟରେ ଲକ୍ଷ୍ମୀପଡିଆଠାରେ ଚାଲିଥିବା ଷଷ୍ଠ ବାର୍ଷିକ ପୁଲୱାମା ସହିଦ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ୧୬ଟି ଦଳ ଅଂଶଗ୍ରହଣ କରିଥିବା ଏହି ପ୍ରତିଯୋଗିତାର ଫାଇନାଲରେ ଖୁଣ୍ଟାପଡାକୁ ୩ ୱିକେଟ୍‌ରେ ହରାଇ ଘୋଷଦା ଚାମ୍ପିଅନ ହୋଇଛି। ଅମ୍ପାୟାର ଚିତ୍ରସେନ ସାହୁ, ତପନ ଖୁଣ୍ଟିଆ ଖେଳ ପରିଚାଳନା କରିଥିଲେ। ଦେବବ୍ରତ ମହାନ୍ତ ଓ ଶାନ୍ତନୁ ବାରିକ ଧାରା ବିବରଣୀ ପ୍ରଦାନ ଦେଇଥିଲେ। ବାଦଲ ମହାନ୍ତ, ରୋହିତ ମହାନ୍ତ, ପରେଶ ମହାନ୍ତ ସ୍କୋରର ଥିଲେ। ମୁଖ୍ୟଅତିଥି ଭାବେ ତେଲକୋଇ ବିଧାୟକ ଡା ଫକିର ମୋହନ ନାଏକ, ମୁଖ୍ୟବକ୍ତା ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି କେନ୍ଦୁଝରଗଡ଼ ପୌରାଧ୍ୟକ୍ଷ ନିକୁ ସାହୁ, ଯୁବମୋର୍ଚ୍ଚା ଉପସଭାପତି ଆନିନ୍ଦ୍ୟ ବେହେରା, ସିଟିଜି ଶିକ୍ଷାନୁଷ୍ଠାନର ମୁଖ୍ୟ ରାଜେନ୍ଦ୍ର ପଲେଇ, ସାମ୍ବାଦିକ ସୁବ୍ରତ ସ୍ୱାଇଁ, ସଦର ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ଦିଲ୍ଲୀପ ପଣ୍ଡା, ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ, ସମାଜସେବୀ ରବିନ୍ଦ୍ର ଫୈଜି, ସଞ୍ଜୀବ ସାହୁ, ସରପଞ୍ଚ ରମେଶ ମୁଣ୍ଡା, ବିଜେପି ଉପସଭପତି ବିବେକାନନ୍ଦ ମହାନ୍ତ, ବିଜେପି ସାଧାରଣ ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ, ସିଦ୍ଧିରିଦ୍ଧି ସମାଜସେବୀ ପ୍ରଶାନ୍ତ ସାହୁ ପ୍ରମୁଖ ଚାମ୍ପିଅନ ଦଳକୁ ୪୦ ହଜାର ସହ ଟ୍ରଫି ଏବଂ ରନର୍ସ ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ମହାଦେଇଯୋଡା ରିଡର୍ସ ବ୍ଲକ ସଭାପତି ବୁବୁ ସାହୁ, ସମ୍ପାଦକ ସୁରେଶ ମହାକୁଡ, ସଦସ୍ୟ ଚିନ୍ମୟ ସାହୁ, ମାନସ ମହାରଣା, ଦେବବ୍ରତ କାର୍ଜି, ସୁବାସ ନାଏକ, ପପୁ ସାହୁ, ଚନ୍ଦନ ସେଠୀ, ଶିବାନି ଶଙ୍କର ପାତ୍ର, ପ୍ରମୋଦ କାର୍ଜି, ପ୍ରଦୀପ କାର୍ଜି, ଶିବାନୀ ଶଙ୍କର ମିଶ୍ର, ବାପୁନ ନାଏକ, ସିପୁନ ନାଏକ, ମିଥୁନ ମହାକୁଡ ସହଯୋଗ କରିଥିଲେ। ବହୁସଂଖ୍ୟାରେ ଦର୍ଶକ ଏହି ଖେଳକୁ ଉପଭୋଗ କରିଥିଲେ।

ମା' ଠାକୁରାଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କେନ୍ଦୁଝର,୧୫।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ଼ ଗ୍ରାମର ମା' ଠାକୁରାଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ଆଶୀର୍ବାଦ ନାଏକ, ସମ୍ମାନିତ ଅତିଥି ୱାର୍ଡମେମ୍ବର ଯଦୁମଣି ଦେହୁରୀ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ବାଉରୀପଦା ଏବଂ ମହାଦେଇଯୋଡା ମଧ୍ୟରେ ଖେଳାଯାଇଥିଲା। ମହାଦେଇଯୋଡା ନିର୍ଦ୍ଧାରିତ ୧୦ ଓଭରରେ ୪ୱିକେଟ ହରାଇ ୧୨୪ ରନ୍ କରିଥିଲା। ବାଉରୀପଦା ୧୦ ଓଭରରେ ୪ୱିକେଟ ହରାଇ ୧୧୧ ରନ୍ କରିବାରେ ସକ୍ଷମ ହୋଇଥିଲା। ଅମ୍ପାୟାର ବୁଦ୍ଧଦେବ ଦେହୁରୀ ଓ ଦିଲ୍ଲେଶ୍ୱର ଦେହୁରୀ ଖେଳ ପରିଚାଳନା କରିଥିଲା। ଆରଜେ ମଣ୍ଟୁ ଧାରା ବିବରଣୀ ପ୍ରଦାନ କରିଥିଲେ। ନିରୋଜ ଅମାନ୍ତ ଓ ତାପସରଞ୍ଜନ ଦେହୁରୀ ସ୍କୋରର ଥିଲେ। କାଦଗଡ ମା' ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ଲବ ସଭାପତି ହେମାନନ୍ଦ ଦେହୁରୀ, ସମ୍ପାଦକ କିଶୋରଚନ୍ଦ୍ର ଅମାନ୍ତ, ସଦସ୍ୟ ମକରଧ୍ୱଜ ଦେହୁରୀ, ଗୋଲକ ବିହାରୀ ଦେହୁରୀ, ହରେକୃଷ୍ଣ ଦେହୁରୀ, ଗୋପବନ୍ଧୁ ଦେହୁରୀ, ମାନସ ରଞ୍ଜନ ଦେହୁରୀ, କେଦାର ଦେହୁରୀ, ବୁଦ୍ଧଦେବ ମହାକୁଡ, ନିରଞ୍ଜନ ଦେହୁରୀ, ଟୁକୁ ଦେହୁରୀ, ଗୋଲକ ବିହାରୀ ଅମାନ୍ତ, ବିଭୁତି ଭୂଷଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

● କୁଶ ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ

ଫାଇନାଲ ମୁକାବିଲା ଆଜି

ଆନନ୍ଦପୁର, ୧୫।୨ (ସମିସ): ଆନନ୍ଦପୁର ଷ୍ଟାଡିଅମ ପଡିଆଠାରେ ଚାଲିଥିବା ଷଷ୍ଠ କୁଶରଞ୍ଜନ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ମିଶନ ଟାଇଗର ବାଲେଶ୍ୱର, ଜଗା ୟୁନାଇଟେଡ ଭୁବନେଶ୍ୱରକୁ ୨-୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଧନେଶ୍ୱର ସର୍ଦ୍ଦାର, ଆଲୋକ ଦେହୁରୀ, ଚନ୍ଦନ ସାହୁ, ଅୟସକାନ୍ତ ସ୍ୱାଇଁ ପ୍ରମୁଖ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଚତୁର୍ଥ ରେଫରୀ ଭାବେ ଆୟୁଷକାନ୍ତି ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚରେ ବିନୋଦ ମିଶ୍ର ଗଗନ ସିଂହ ଅକ୍ଷୟ ମହାନ୍ତି ରମେଶ ସିଂହ ଅଶୋକ ରାଉଳ ଅଜୟ ସେଠୀ ସନ୍ତୋଷ ଜେନା ମନୋରଞ୍ଜନ ସିଂହ ଦେବେନ୍ଦ୍ର ମିଶ୍ର ଅନିମେଷ ମିଶ୍ର ଆଦିକନ୍ଦ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ଫାଇନାଲ ମ୍ୟାଚ ଅପରାହ୍ଣ ୩ଟାରେ ଅନୁଷ୍ଠିତ ହେବ।

● ସରକାରୀ ସହାୟତା ଅପେକ୍ଷାରେ ଦମୟନ୍ତୀ

ଜନଶୁଣାଣିରେ ୨ଥର ଅଭିଯୋଗ କରି ବି ଫଳ ଶୂନ



ପାଇକମାଳ,୧୫।୨(ସମିସ): ପାଇକମାଳ ବ୍ଲକ୍ ଜାମସେଠ ଗାଁର ତୁଡାପଡାର ଅସହାୟ ମହିଳା ଦମୟନ୍ତୀ ତାଣ୍ଡି ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସରକାରୀ ସହାୟତା ପାଇଁ ଆବେଦନ କରିଛନ୍ତି। ତେବେ ଯା ଭିତରେ ୩ ବର୍ଷ ବିତିଛି ହେଲେ ଯୋଜନା ତାଙ୍କ ପାଖରେ ପହଞ୍ଚି ପାରିନି। ଏବାବଦରେ ବ୍ଲକ୍ ଜନଶୁଣାଣିକୁ ୨ ଥର ଯାଇ ଅଭିଯୋଗ କରିଛନ୍ତି। ହେଲେ ସୁଦ୍ଧା ଏପର୍ଯ୍ୟନ୍ତ ସରକାରୀ ସହାୟତା ପାଇନଥିବା ଦମୟନ୍ତୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଦମୟନ୍ତୀଙ୍କ ସ୍ୱାମୀ ଚୈତନ୍ୟ ତାଣ୍ଡି କିଡନୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲେ। ଅର୍ଥାଭାବରୁ ଯୋଗୁଁ ସଠିକ ଚିକିତ୍ସା ଅଭାବରୁ ଗତ ୧୨ ଫେବୃଆରୀ ୨୦୨୩ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏବେ ପରିବାରରେ ଦମୟନ୍ତୀ, ଦୁଇ ପୁଅ ଓ ଗୋଟିଏ ଝିଅ ରହିଛନ୍ତି। ପଞ୍ଚାୟତ ପକ୍ଷରୁ ପ୍ରତ୍ୟେକ ମାସ ବିଧବା ଭତ୍ତା ଓ ଚାଉଳ ପାଉଛନ୍ତି। ସେତିକିରେ ତିନି ପ୍ରାଣୀ ଯାହିତାହି ଚଳୁଛନ୍ତି। କାରଣ ତାହାହିଁ ପରିବାର ପାଇଁ ଏକମାତ୍ର ସାହା ଭରଷା ହୋଇଛି। ସେ ଆର୍ଥିକ ସହାୟତା ପାଇଁ ବ୍ଲକ୍‌ରେ ୨୦୨୩ ଅଗଷ୍ଟ ୩୧ ତାରିଖରେ ଜାତୀୟ ପରିବାର ମଙ୍ଗଳ ଯୋଜନା (ଏନଏଫବିଏସ)ରେ ୨୦ ହଜାର ସହାୟତା ପାଇଁ ଆବେଦନ କରିଥିଲେ। ଏନେଇ ୩ ବର୍ଷ ବିତିଗଲା ଓ ୨ ଥର ବ୍ଲକ୍ ସ୍ତରୀୟ ଜନଶୁଣାଣିକୁ ଯାଇ ମଧ୍ୟ ଏବାବଦରେ ଅଭିଯୋଗ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସରକାରୀ ସହାୟତା ନ ପାଇବାରୁ ହତାଶ ହୋଇ ପଡିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶୀଘ୍ର ସହାୟତା ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ଧନୁଯାତ୍ରା ମହୋତ୍ସବ ସ୍ଥାୟୀ ମଞ୍ଚ ପାଇଁ ଭୂମିପୂଜା

ବରଗଡ଼,୧୫।୨(ସମିସ)

ବରଗଡ଼ ଧନୁଯାତ୍ରା ମହୋତ୍ସବର ସ୍ଥାୟୀ ମଞ୍ଚ ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୨ କୋଟି ୮୯ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ପଛପଟ ରଙ୍ଗମହଲ ପଡିଆରେ ଏହା ନିର୍ମାଣ ହେବ। ବରଗଡ଼

ରାଜ୍ୟ ସରକାର ୧୨କୋଟି ୮୯ ଲକ୍ଷ ଟଙ୍କା ଅନୁଦାନ ଘୋଷଣା

ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଏହାର ଶୁଭ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଧନୁଯାତ୍ରା ମହୋତ୍ସବ ସମିତିର କର୍ମକର୍ତ୍ତା, ସଭ୍ୟ ଏବଂ ସହରବାସୀ ଉପସ୍ଥିତ ଥିଲେ। ଦେବେଶ ଶତପଥୀଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ତେବେ ଏହି ରାଜମହଲ କେବଳ ୧୧ ଦିନର ଧନୁଯାତ୍ରା ମହୋତ୍ସବ ପାଇଁ ନୁହେଁ।



ବର୍ଷସାରା ଏହା ଲୋକଙ୍କ କାମରେ ଆସିବ। ଏଠାରେ କଲ୍ୟାଣ ମଣ୍ଡପ ହେବ। ସେହିପରି ଅତିଥି ଭବନ ହେବ ଏବଂ ଶିଶୁଙ୍କ ଦକ୍ଷତା ବିକାଶ ଏବଂ ବିନୋଦନ ପାଇଁ ପଦକ୍ଷେପ ନିଆଯିବ। ଆଗକୁ ଧନୁଯାତ୍ରାର ମଥୁରାନଗରୀ ଏବଂ ଗୋପପୁରରେ ମଧ୍ୟ ଅନ୍ୟ ସ୍ଥାୟୀ ମଞ୍ଚ ନିର୍ମାଣ ହେବ। ଜୀରାନଦୀରେ ଏକ ଆନିକଟ୍ ନିର୍ମାଣ ହେବ। ତାହା ଧନୁଯାତ୍ରା ମହୋତ୍ସବରେ ଯମୁନା ନଈର ଆକର୍ଷଣକୁ ଆହୁରି ବୃଦ୍ଧି କରିବ ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ତଥା ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟିର ଆବାହକରାଜେନ୍ଦ୍ର ପ୍ରସାଦ ସିଂ, ରଙ୍ଗ ମହଲ କମିଟି ଆବାହକ ଅକ୍ରୁର ମଲ୍ଲିକ, ଗୋପାଳ ଦାଶ, ଶଙ୍କର ପଟ୍ଟନାୟକ, ଅମିତ୍ ସାହୁ, ସରୋଜ ମହାପାତ୍ର, ରାଜେଶ ଶତପଥୀ, ଅଶୋକ ବେହେରା, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଅରୁଣ ପାଣ୍ଡେଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଏବଂ ଧନୁଯାତ୍ରା କମିଟିର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

୧୦ ଜଣଙ୍କୁ ଶତାୟୁ ସମ୍ମାନ



ବରଗଡ଼,୧୫।୨(ସମିସ): ବରଗଡ଼ ସହରର ଡାକ୍ତର ରାମକୃଷ୍ଣ ପୁରୋହିତ ଓ ତାଙ୍କ ପତ୍ନୀ ମମତା ପୁରୋହିତ ଶତାୟୁ ପୁରୁଷ ଓ ମହିଳାଙ୍କୁ ପୂଜାର୍ଚ୍ଚନା କରି ମହାଶିବରାତ୍ରି ପାଳନ କରିଛନ୍ତି। ପଣ୍ଡିତଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ର, ଶଙ୍ଖ ବାଦ୍ୟ ସହ ୭ ଜଣ ମହିଳା ଓ ୩ ଜଣ ଶତାୟୁ ପୁରୁଷଙ୍କୁ ଫୁଲ, ଚନ୍ଦନ ଦେଇ ସେମାନଙ୍କଠାରୁ ଉଭୟ ଆଶୀର୍ବାଦ ନେଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ବୁର୍ଲା ୟୁନିଭରସିଟି ପ୍ରଫେସର ଡ. ପ୍ରଦୀପ ନାୟକ ମୁଖ୍ୟବକ୍ତା ଓ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରଞ୍ଜନ ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦିବ୍ୟାଙ୍ଗଙ୍କ ପଞ୍ଚାୟତସ୍ତରୀୟ ସାଂଗଠନିକ ସଭା



ବରଗଡ଼,୧୫।୨(ସମିସ): ବରାହଗୁଡା, କଳାପାଣି ଏବଂ ତାଳଶ୍ରୀଗିଡା ପଞ୍ଚାୟତର ଦିବ୍ୟାଙ୍ଗମାନଙ୍କୁ ନେଇ ପଞ୍ଚାୟତସ୍ତରୀୟ ସାଂଗଠାନିକ ସଭା ଅନୁଷ୍ଠିତ ହୋଇଯାଇଛି। ପାୱାର ଅଫ୍ ଦିବ୍ୟାଙ୍ଗସ୍‌ର ବରଗଡ଼ ବ୍ଲକ୍ ସଂଗଠନ ଉତ୍କଳମଣି ଗୋପବନ୍ଧୁ ଭିନ୍ନକ୍ଷମ ସଂଘ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ଫକିର ମହାନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ପ୍ରାୟ ଶହେ ଜଣ ଦିବ୍ୟାଙ୍ଗ ଏବଂ ତାଙ୍କ ସହଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବରଗଡ଼ ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାୱାର ଅଫ ଦିବ୍ୟାଙ୍ଗସର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାୱାର ଅଫ୍ ଦୀବ୍ୟାଙ୍ଗସର ବରଗଡ଼ ବ୍ଲକ୍ ପ୍ରଭାରୀ ତଥା ଉପ ସଭାପତି ଅଶୋକ ଅଗ୍ରୱାଲ, ଅବସରପ୍ରାପ୍ତ ପ୍ରଫେସର ଧ୍ରୁବଚରଣ ପୁରୋହିତ, ସାଧାରଣ ସମ୍ପାଦକ ମେଘନାଦ ସାହୁ, ଜନସମ୍ପର୍କ ଅଧିକାରୀ ସତ୍ୟଜିତ ଦାଶ, ଆଡିଭର୍ସ ହେଲ୍ଥିଁ ଫାଉଣ୍ଡେସନ ସଭାପତି ଦିବାକର ମାଝୀ, ବରାହଗୁଡା ସରପଞ୍ଚ ଶରତକୁମ୍ଭାର, କଳାପାଣି ସରପଞ୍ଚ ବିପିନ ପଧାନ, ତାଲଶ୍ରୀଗିଡା ସରପଞ୍ଚ ନିପନ ସାହୁ, ଖୁଣ୍ଟପାଲି ସରପଞ୍ଚ ବେଲାରସେନ ମେହେର, ସରସରା ସରପଞ୍ଚ ଧର୍ମରାଜ ଭୋଇ, ଜାମପାଲି ସରପଞ୍ଚ ଅମୀୟରାୟ, ବନ୍ଧା ସରପଞ୍ଚ କିରନ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ସବିତା ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର



ବରଗଡ଼,୧୫।୨(ସମିସ): ମହାଶିବରାତ୍ରି ଅବସରରେ ସରସରା ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଗାଁର ଝାଡେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ପରିଚାଳନା କମିଟି ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଝାଡେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ସୁକାନ୍ତ ଭୋଇ, କମିଟି ଉପଦେଷ୍ଟା ତୋଷବନ୍ତ ଦାଶ, କିଶନ ଲାଲ ଗୌଠୱାଲ, ସରସରା ସରପଞ୍ଚ ସୁନୀତା ଭୋଇ, ଖୁଣ୍ଟପାଲି ସରପଞ୍ଚ ବେଲାର ମେହେର, ନିଲେଶ୍ୱର ସରପଞ୍ଚ ନିରଞ୍ଜନ ମଲ୍ଲିକ, ଯୁବ ନେତା ଧର୍ମରାଜ ଭୋଇ, କ୍ଷୀରୋଦ୍ର ସାହୁ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଶିବିରର ଶୁଭାରମ୍ଭ ହୋଇଥିଲା। ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି ବରଗଡ଼ ବ୍ଲକ୍ ଅଧୀନ ଗାଇସୀମା ଗାଁରେ ଥିବା ବରାଡ ବାଲୁଙ୍କେଶ୍ୱର ମନ୍ଦିରରେ ମନ୍ଦିର ପରିଚାଳନା କମିଟି ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜଙ୍ଗଲ ବିଭାଗର ରେଞ୍ଜର ରଞ୍ଜିତ ବାବୁ, ଗାଇସୀମା ସରପଞ୍ଚ ଧିରେନ ମହାପାତ୍ର ବରେଣ୍ୟ ଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରୁ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ମୋଟ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉଭୟ ଶିବିରରୁ ମୋଟ ୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉଭୟ ଶିବିରକୁ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ। ସମସ୍ତ ରକ୍ତ ଦାତା, ସହଯୋଗୀ, ଶୁଭେଚ୍ଛୁଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

ବିଧାୟକଙ୍କ ଉପ ନିବନ୍ଧକ କାର୍ଯ୍ୟାଳୟ ପରିଦର୍ଶନ



ବରଗଡ଼,୧୫।୨(ସମିସ): ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ବରଗଡ଼ ଜିଲ୍ଲା ଉପ ନିବନ୍ଧକ କାର୍ଯ୍ୟାଳୟ ନବୀକରଣ କାର୍ଯ୍ୟର ତଦାରଖ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଦଲିଲର ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି କର୍ମଚାରୀଙ୍କ ସୁବିଧା ପାଇଁ ଶୌଚାଳୟ ବ୍ୟବସ୍ଥା ହୋଇଛି। ରେଜିଷ୍ଟ୍ରେସନ୍ କାର୍ଯ୍ୟକୁ ଦଲାଲମୁକ୍ତ କରିବାକୁ ଜିଲ୍ଲା ସବ୍-ରେଜିଷ୍ଟ୍ରାର ସମୀକ୍ଷା ନାୟକଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ସେକ୍ସନ ଅଫିସର ଭବାନୀ ଶଙ୍କର ଦେହୁରୀ, ଏସ୍‌ଆରଏ ମଧୁସ୍ମିତା ବାଗ, ଜେଆରଏ ନିରୂପମା ଭୂଏ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ସଞ୍ଜୀବ ଦାଶ, ଧନେଶ୍ୱର ଭୋଇ ଏବଂ ଦଲିଲ ଲେଖକ ପଞ୍ଚନ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ବାର୍ଷିକ ବୈଠକ



ଝାରବନ୍ଧ,୧୫।୨(ସମିସ): ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୋତିଲାଲ ବାଗ ସଭାପତିତ୍ୱ କରିଥିଲେ। ବୈଠକରେ ସଂଗଠନର ପୂର୍ବବର୍ଷର କାର୍ଯ୍ୟକଳାପ ଉପରେ ସମୀକ୍ଷା କରାଯାଇଥିଲା। ଆଗାମୀ ଦିନର ଯୋଜନାକୁ ନେଇ ଗଭୀର ଚର୍ଚ୍ଚା ହୋଇଥିଲା। ବିଶେଷକରି ବ୍ଲକ୍ ସ୍ତରରେ ଆୟୋଜିତ ଶିଶୁ ସାମ୍ବାଦିକ ତାଲିମ ଶିବିର, ନୂଆଁଖାଇ ଭେଟଘାଟ ଓ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ହୋଇଥିବା କାର୍ଯ୍ୟକ୍ରମର ମୂଲ୍ୟାଙ୍କନ କରାଯାଇଥିଲା। ତାଲିମ ଗ୍ରହଣ କରିଥିବା ଶିଶୁ ସାମ୍ବାଦିକମାନଙ୍କ ଓ ପ୍ରସାରଣ କରିବା ନେଇ ସଭ୍ୟମାନେ ମତାମତ ରଖିଥିଲେ। ସଂଗଠନକୁ ଆହୁରି ସକ୍ରିୟ ଓ ସୁସଂଗଠିତ କରିବା ପାଇଁ ଏକାଧିକ ପ୍ରସ୍ତାବ ଉଠିଥିଲା। ବୈଠକରେ ସମ୍ପାଦକ ସୋମନାଥ ପାଇଁ ଆସନ୍ତା ଦିନରେ ଏକ ସ୍ୱତନ୍ତ୍ର ଓ ବ୍ୟାପକ ପ୍ରଶିକ୍ଷଣ ଶିବିର ଆୟୋଜନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହା ସହିତ ସାମ୍ବାଦିକ ଏକତାକୁ ସୁଦୃଢ଼ କରିବା, ସାମ୍ବାଦିକଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ନିରପେକ୍ଷ ଭାବେ ଖବର ସଂଗ୍ରହ ବାଗ, କୋଷାଧ୍ୟକ୍ଷ ସୌଦାଗର ବରିହା, ମିଡିଆ ପ୍ରଭାରୀ ନାରାୟଣ ଶତନାମୀ, ସଭ୍ୟା ବାସନ୍ତୀ ପାଇକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମସ୍ତେ ସଂଗଠନର ଲକ୍ଷ୍ୟ ସାଧନ ପାଇଁ ଏକତାବଦ୍ଧ ଭାବେ କାମ କରିବାକୁ ସଙ୍କଳ୍ପ ନେଇଥିଲେ।

ପେପର୍ ବ୍ୟାଗ୍ ତିଆରି କର୍ମଶାଳା

ଅମ୍ବାଭୋନା,୧୫।୨(ସମିସ): ଭୁକ୍ତା ପିଏମଶ୍ରୀ ଜନତା ସରକାରୀ ହାଇସ୍କୁଲ ପେପର୍ ବ୍ୟାଗ୍ ଓ କାଗଜ ଠୁଙ୍ଗା ତିଆରି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଇକୋ କ୍ଲବ୍ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯଥା ସମ୍ଭବ ପେପର୍ ବ୍ୟାଗ୍, କାଗଜ ଠୁଙ୍ଗା ବ୍ୟବହାର କରି ସବୁଜ ଜୀବନ ଶୈଳୀକୁ ଆପଣାଇବା ସହ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରିବା ପାଇଁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଇକୋ କ୍ଲବ୍‌ର ସମସ୍ତ ସଦସ୍ୟ ଏହି କର୍ମଶାଳାରେ ପେପର୍ ବ୍ୟାଗ୍ ଓ କାଗଜରୁ ଠୁଙ୍ଗା ତିଆରି କରିବା ପ୍ରଣାଳୀ ଶିକ୍ଷା ଲାଭ କରି ତିଆରି କରିଥିଲେ। ଏକ ସୁସ୍ଥ ପରିବେଶ ଗଠନ କରିବା ଉଦ୍ଦେଶ୍ୟରେ ପ୍ଲାଷ୍ଟିକ ପଲିଥିନ ମୁକ୍ତିର ବିକଳ୍ପ ଭାବେ ଏହାକୁ ବ୍ୟବହାର କରିବା ପାଇଁ କର୍ମଶାଳାରେ ସମସ୍ତେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, ଶିକ୍ଷକ ଆଶୁତୋଷ ଭୋଇ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ବୋଧରାମ ବିଶ୍ୱାଳ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଅମୂଲ୍ୟ ଭୋଇ, ସୁଦର୍ଶନ ପଧାନ, ଦେବାଶିଷ ମିର୍ଦ୍ଧା, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜୀ ଭୁଏ, ପୁଷ୍ପାଞ୍ଜଳି ପ୍ରଧାନ, ମନୋଜା ପଟେଲ ପ୍ରମୁଖ ସହଯୋଗ କରିଥିଲେ।



ଶିବ ବାବାଙ୍କ ମହାଶିବରାତ୍ରି ପାଳିତ



ପଦ୍ମପୁର,୧୫।୨(ସମିସ): ପଦ୍ମପୁର ମେହେରପଡାସ୍ଥିତ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଶିବ ବାବାଙ୍କ ମହାଶିବରାତ୍ରି ପାଳିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଡାକ୍ତର ପ୍ରଭାତ ନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ସୁଜାତା ଭଉଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସାମାଜିକ କର୍ମୀ ନିରୋଜ ଦୋରା, ସଙ୍କୀର୍ତ୍ତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁନିଲ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

ନିବେଦିତା ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

ଭଟଲି,୧୫।୨(ସମିସ): ଭଟଲି ନିବେଦିତା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ଏସ୍‌ପି ପ୍ରହ୍ଲାଦ ସହାଇ ମୀନା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ପ୍ରସିଦ୍ଧ ରଙ୍ଗବତୀ ଗୀତର ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ବିଦ୍ୟାଳୟ ସମ୍ପାଦକ ବୀରୁପାକ୍ଷ ପଧାନ ଏବଂ ସଭାପତି ସଞ୍ଜୟ ପ୍ରଧାନ ମଞ୍ଚାସୀନ ଥିଲେ। ସ୍କୁଲର ଅଧ୍ୟକ୍ଷ ବିରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ମଧୁଲିକା ଅଗ୍ରୱାଲ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ବିରୂପାକ୍ଷ ପଧାନ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଶିକ୍ଷକ ସୁଦାମ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୋନାଲିସା ମହାପାତ୍ର ଏବଂ ସୁମତୀ ପ୍ରଧାନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟଗୁରୁ ଅବିନାଶ ସିଂଦେଓ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରିଚାଳନା ସମିତି ସଦସ୍ୟ ପ୍ରିୟଦତ୍ତ ପଣ୍ଡା, ଚନ୍ଦ୍ରିକା ପଣ୍ଡା, ରୂପସିଂ ଅଗ୍ରୱାଲ, ପ୍ରଭାକର ପଟେଲ, ମହମ୍ମଦ ଇଲିୟାସ୍, ନିକିତା ଛତର ପ୍ରମୁଖ ସହଯୋଗ କରିଥିଲେ।



ମାଣ୍ଡୋସିଲ କପ୍

ମାଣ୍ଡୋସିଲକୁ ହରାଇ କୁଲିଆବନ୍ଧା ଚାମ୍ପିଅନ



ପାଇକମାଳ,୧୫।୨(ସମିସ)

ପାଇକମାଳ ବ୍ଲକ୍ ମାଣ୍ଡୋସିଲ ବଡ଼ ଖେଳ ପଡିଆରେ ଚାଲିଥିବା ୨୬ତମ ମାଣ୍ଡୋସିଲ କ୍ରିକେଟ କପ୍‌ର ଫାଇନାଲ ମ୍ୟାଚ୍ ରବିବାର ହୋଇଯାଇଛି। ଏଥିରେ ଆୟୋଜକ ମାଣ୍ଡୋସିଲକୁ ହରାଇ କୁଲିଆବନ୍ଧା ଦଳ ଚାମ୍ପିଅନ ହୋଇଛି। ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ପାଇକମାଳ ବ୍ଲକ୍ କଂଗ୍ରେସ ସଭାପତି ମହେନ୍ଦ୍ର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନରସିଂହ ନାୟକ, ରୋହିତ ଡନସନା ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସେମିଫାଇନାଲ ଭେରୁଆମୁଣ୍ଡାକୁ ହରାଇ ମାଣ୍ଡୋସିଲ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ବଖରମାଲକୁ ହରାଇ କୁଲିଆବନ୍ଧା ଫାଇନାଲରେ ପ୍ରବେଶ କରିଥିଲା। ମାଣ୍ଡୋସିଲ ଓ କୁଲିଆବନ୍ଧା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କୁଲିଆବନ୍ଧା ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ହେମାନନ୍ଦ ବିଶ୍ୱାଳ, ଦେବ ସିଂ ଭରାସାଗର, ଯୋଗେନ୍ଦ୍ର ହଂସ ଓ ନରେଶ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ବିଜୟ ବରିହା ଓ ହରି ଭରାସାଗର ସ୍କୋରର ଥିବା ବେଳେ ପିଣ୍ଟୁ ଡନସନା, ପ୍ରହ୍ଲାଦ ଭୋଇ, ଦୁଃଖିଶ୍ୟାମ ସରିଆ, ମସ୍ତ ମାନିକ ଦାସ, ଅମିନ ରଙ୍ଗରେଜ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଣ୍ଡୋସିଲ ସରପଞ୍ଚ ଓମ ପ୍ରକାଶ ନାୟକ ଓ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ମହାମାୟା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଏମଡି ଟଙ୍କଧର ସାହୁ, ଲଳିତ ଜଗତ, ମହେନ୍ଦ୍ର ଶବର, ଦୁଷ୍ମନ୍ତ ସାହୁ, ଅନିଲ ଦାଶ, ଟିକେଶ ବିଶ୍ୱାଳ, ବିକେଶ ବିଶ୍ୱାଳ, ସୁରେଶ ବିଶ୍ୱାଳ, ଦେବାଶିଷ ପଟ୍ଟନାୟକ, ଲୋକନାଥ ନାୟକ, ସଞ୍ଜୟ ମୁନ୍ନା ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ବିକି ତିୱାରୀ, ମ୍ୟାନ ଅଫ୍ ଦି ସିରିଜ ଅଶୋକ ବାରିକ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ପ୍ରେମାଚନ୍ଦ ଭୋଇ, ଶ୍ରେଷ୍ଠ ବୋଲର ଯୋଗେଶ ବିଶ୍ୱାଳ ଓ ଶ୍ରେଷ୍ଠ ଫିଲ୍ଡର ମହେନ୍ଦ୍ର ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମହେନ୍ଦ୍ର ମଲ୍ଲିକ, ତାପସ ସାହୁ, ଗୋକୁଳ ବିଶ୍ୱାଳ, ଯୋଗେଶ ବିଶ୍ୱାଳ, ମହେଶ ନାୟକ, ରାଜୁ ପୁଟା, ବେଦ ପୁଟା, ଗୋବର୍ଦ୍ଧନ ଭୋଇ, ମହେନ୍ଦ୍ର ଭୋଇ, ଦୀପକ ମାଝୀ, କ୍ରିଷ୍ଣା ବିଶ୍ୱାଳ, ଯୋଗେଶ ପଟେଲ, ମନୋରଞ୍ଜନ ମଲ୍ଲିକ, ମାନସ ନାୟକ, ଗିରିଧାରୀ ଭୋଇ, ମନୋଜକୁମ୍ଭାର, ଦେବେନ୍ଦ୍ର କୁଅଁର, ମଙ୍ଗୁଲୁ ପଟେଲ, ପୁରନ ବରିହା, ଜଗାରାମ ରଣା, ପ୍ରଦୀପ ଧରୁଆ, ଉମେଶ ମହାନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ବେହେରାପାଲିରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର



ସୋହେଲା,୧୫।୨(ସମିସ): କନଗାଁ ପଞ୍ଚାୟତ ବେହେରାପାଲିରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି। ବେହେରାପାଲି ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ହୋଇଥିବା ଏହି ସ୍ୱାସ୍ଥ୍ୟ ଶିବିରକୁ ବରିଷ୍ଠ ଡାକ୍ତର ଶିଶିର ସାହୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଡାକ୍ତର ଘନଶ୍ୟାମ ନାଥ, ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା ସ୍ୱସ୍ତିକା, ଡା ସନତ ଠାକୁର, ଡା ମିତା ମେହେର ଶିବିରରେ ଯୋଗଦେଇ ୧୫୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଭୀଷ୍ମଦେବ ମେହେର ଏବଂ ଦିବାକର ମେହେର ଚିକିତ୍ସକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିପ୍ଳବୀ କବି ନିତିଶ ଚନ୍ଦ୍ର ଆଚାର୍ଯ୍ୟ, ତୁଳାରାମ ମେହେର, ଅନୀଲ ପଧାନ, ଜନାର୍ଦ୍ଦନ ସାହୁ, ହେମନ୍ତ ସାହୁ, ଜଗଦୀଶ ସାହୁ, ରମେଶ ପଣ୍ଡା ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ସଭାକୁ କେଦାରନାଥ ସାହୁ ସଂଯୋଜନା କରିଥିବା ବେଳେରୋହିତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ରକ୍ତଚାପ, ରକ୍ତ ଶର୍କରା, ରକ୍ତ ପରୀକ୍ଷା ତଥା ଔଷଧ ବଣ୍ଟନରେ ଟିକେଶ୍ୱରୀ ଭୁଏ, ନେପାଳ ମେହେର, ଚିତ୍ରସେନ ଭୁଏ, ଲୋକେଶ ସାହୁ, ବବୁନ ସାହୁ, ରାକେଶ ସାହୁ, ଗଣେଶ ସୁଇ, ଆଶା ସନ୍ଧ୍ୟା ଭୁଏ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସୁରେଶ ମେହେର, ପୁଷ୍ପରଞ୍ଜନ ମେହେର, ବସନ୍ତ ବରିହା, ଲୋକନାଥ ମେହେର, ସୁଶାନ୍ତ ସାହୁ, ଫକୀର ଭୁଏ, ବିନୁ ଭୁଏ, ସୁଶାନ୍ତ ମେହେର, ସୁରେନ୍ଦ୍ର ମେହେର, ବାଲକୃଷ୍ଣ ଧୀବର, ସୁଦାମ ମେହେର, ବ୍ରହ୍ମାନନ୍ଦ ସୁଇ, ଟେକଚାନ୍ଦ ମେହେର ସହଯୋଗ କରିଥିଲେ।

ଗୀତା ବିଶି ବଲାଙ୍ଗିର ଜିଲ୍ଲା ମହିଳା ବିଜେଡି ସଭାପତି

ବଲାଙ୍ଗିର, ୧୫ ।୨(ସମିସ): ରାଜ୍ୟରେ ବିଜେଡି ମହିଳା ସଙ୍ଗଠନକୁ ମଜବୁତ କରିବା ପାଇଁ ବିଜୁ ଜନତା ମହିଳା ଦଳକୁ ପୁର୍ନଗଠନ କରାଯାଇଛି । କିଛି ଦିନ ପୂର୍ବରୁ ବଲାଙ୍ଗିର ଜିଲ୍ଲା ଯୁବ ଓ ଛାତ୍ର ବିଜେଡି ସଭାପତି ପଦବୀ ପାଇଁ ନାମ ଘୋଷଣା କରାଯାଇଥିଲା । ରବିବାର ମହିଳା ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଜିଲ୍ଲା ମହିଳା ସଭାପତି ଭାବେ ଗୀତା ବିଶିଙ୍କୁ ବିଜେଡି ସୁପ୍ରିମୋ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି । ସେହିପରି ବଲାଙ୍ଗିର, ସୋନପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ନେଇ ଗଠନ କରାଯାଇଥିବା ଜୋନର କାର୍ଯ୍ୟକାରୀ ସଭାପତି ଭାବେ ବଲାଙ୍ଗିରର ପୂର୍ବତନ ପୌରାଧକ୍ଷା ଦମୟନ୍ତୀ ବାଗଙ୍କୁ ନିଯୁକ୍ତି ଦିଆଯାଇଛି । ତେବେ ରାଜ୍ୟ କମିଟିରେ ମଧ ବଲାଙ୍ଗିର ଜିଲ୍ଲାର ମହିଳା ନେତ୍ରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଉମାଦେବୀ ଅଗ୍ରୱାଲ ଓ ଗୋପା ମହାନନ୍ଦଙ୍କୁ ବରିଷ୍ଠ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁଙ୍କୁ ରାଜ୍ୟ ଉପ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ମୈତ୍ରୀ ସାହୁ ଓ ଅଞ୍ଜନା ବର୍ମାଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିଛି ଦିନ ପୂର୍ବରୁ ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ଯତୀନ୍ଦ୍ର ପଟେଲ ଓ ଛାତ୍ର ବିଜେଡି ସଭାପତି ଭାବେ ସୁମନ ନନ୍ଦଙ୍କୁ ବିଜେଡି ସଭାପତି ନିଯୁକ୍ତି ପ୍ରଦାନ କରିଥିଲେ ।

ଲୋଇସିଂହା କଲେଜ୍‌ରେ ରକ୍ତହୀନତା ଦୂରୀକରଣ କାର୍ଯ୍ୟକ୍ରମ



ଲୋଇସିଂହା, ୧୫ ।୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା କଲେଜ୍ ଯୁବ ରେଡକ୍ରସ ଅନୁକୂଲ୍ୟରେ ରାଜ୍ୟସ୍ତରୀୟ ରକ୍ତ ହୀନତା ଦୂରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ୍ ଅଧ୍ୟକ୍ଷ ବିଭୂଦେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇ ରକ୍ତହୀନତାର କାରଣ ଓ ନିରାକରଣ ବିଷୟ ରେ ସୂଚନା ଦେଇଥିଲେ । ସେହିପରି ଏଥିରେ ସମ୍ମାନିତ ଅତିଥି ଭାବେ ତହସିଲଦାର ଟିକୁନୁ ପୁଟା, ଜିଲ୍ଲା ରେଡକ୍ରସର ସମ୍ପାଦକ ବନ୍ଦନା ବାର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବଲାଙ୍ଗିର ଜିଲ୍ଲା ଯୁବ ରେଡକ୍ରସ୍‌ର ଜିଲ୍ଲା ସଂଯୋଜକ ଡ. ଦୈତାରି ପୁଝାରୀ ଯୋଗ ଦେଇଥିଲେ । ଏହି ଅବସରରେ ବଲାଙ୍ଗିର ୱାଇସିଡ଼ିଓର ସହଯୋଗରେ ଛାତ୍ରୀମାନଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ଯୁବ ରେଡକ୍ରସ୍ ଯୁକ୍ତ ଦୁଇ କାଉନସିଲର ଡ. ହିମାଂଶୁ ମହାକୁର ଏଥିରେ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ଦେଇ ମଞ୍ଚ ପରିଚାଳନା କରିଥିଲେ । ଯୁକ୍ତ ତିନି କାଉନସିଲର ଡ. କ୍ଷୀରୋଦ୍ର ପାତ୍ର ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୬ଟି କଲେଜର ୧୫୦ ଜଣ ଛାତ୍ରୀ ଯୋଗ ଦେଇଥିଲେ ।

ରାସ୍ତାକଡ଼ରେ ବେଆଇନ ମଦ ବିକ୍ରି

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୧୫ ।୨(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡାରେ ଅବକାରୀ ନିୟମ ଉଲ୍ଲଂଘନ କରି ଖୋଲାଖୋଲି ଭାବେ ବେଆଇନ ମଦ ବିକ୍ରି ହେଉଛି ।



ବଙ୍ଗୋମୁଣ୍ଡାରୁ ସାରେଶ ପଡ଼ା ଯିବା ରାସ୍ତାରେ ବେଆଇନ ଭାବେ ମଦ ବିକ୍ରି ହେଉଛି । ପ୍ରତ୍ୟେକ ଦିନ ସେହି ରାସ୍ତା ଦେଇ ଶହ ଶହ ଛାତ୍ରଛାତ୍ରୀ ଓ ମହିଳା ବଙ୍ଗୋମୁଣ୍ଡା ଆସିବାବେଳେ ମଦ୍ୟପଙ୍କ ଅସଦାଚରଣର ଶିକାର ହେଉଛନ୍ତି । ଏନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଅବଗତ କଲେ ମଧ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି ।

● ଉପରଝରେ ଜଳନ୍ଧର ଦରବାର ଉଦ୍‌ଯାପିତ

ଅଞ୍ଚଳର ବିକାଶ ପାଇଁ ସମସ୍ତେ ଏକ ହେବା ଜରୁରୀ



ଦେଓଗାଁ, ୧୫।୨(ସମିସ): ଉପରଝରରେ ମହାଶିବରାତ୍ରି ଉପଲକ୍ଷେ ଚାଲିଥିବା ଜଳନ୍ଧର ଦରବାର ଉଦ୍‌ଯାପିତ ହୋଇଯାଇଛି । ଈଶ୍ୱର ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମ ତଥା ରାଜଦରବାରରେ ରାଜ ଅତିଥିଭାବେ ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ବିଜେଡିର ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, କଂଗ୍ରେସର ଯୁବନେତା ବିଶ୍ୱଜିତ ପାତ୍ର, ସାମାଜିକକର୍ମୀ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ଅଞ୍ଚଳର ବିକାଶ ଦିଗରେ ସମସ୍ତେ ଦଳମତ ନିର୍ବିଶେଷରେ ଏକହୋଇ କାମ କରିବା ଜରୁରୀ ବୋଲି ଅତିଥିଗଣ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଉପରଝର ଗାଁର ଝିଅମାନଙ୍କ ଦ୍ୱାରା ଗଠିତ ରାମଜୀ କଳାପରିଷଦର କଳାକାରଙ୍କୁ ସମ୍ମାନୀତ କରାଯାଇଥିଲା । ସୁଶୀଳ ମେହେର ଓ ସାଥିଙ୍କ ଦ୍ୱାରା ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଥିଲା । ସକାଳ ୧୦ଟାରେ ଦଶମ ବାର୍ଷିକ ଷୋହଳ ପ୍ରହର ନାମଯଜ୍ଞର ନାମୟ ଆରମ୍ଭ ହୋଇଥିଲା । ରାତି ୯.୩୦ରେ ସ୍ୱପ୍ନେଶ୍ୱର ବାବା ଶୈବପୀଠରେ ମହାଦୀପ ପ୍ରଜ୍ୱଳନ କରାଯାଇଥିଲା । କମିଟି ସଭାପତି ଉତ୍ତମ ସାହୁ, ସମ୍ପାଦକ ଦିନେଶ ପଧାନ, ରମେଶ ମହାପାତ୍ର, ସଞ୍ଜୀବ ପଧାନ, ଅନଙ୍ଗ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

ବଲାଙ୍ଗିର ରାଜେନ୍ଦ୍ର ପାର୍କ

ସୁରକ୍ଷା ବ୍ୟବସ୍ଥା ନାହିଁ, ରକ୍ଷଣାବେକ୍ଷଣ ଶୂନ







ବଲାଙ୍ଗିର, ୧୫ ।୨(ସମିସ)

● ଆଗରୁ ଭିଡ଼ ଜମୁଥିଲା, ଏବେ ନାକ ଟେକୁଛନ୍ତି ସହରବାସୀ
● ସଞ୍ଜ ନଇଁଲେ ଚାଲୁଛି ନିଶା ଓ ଅନୈତିକ କାର୍ଯ୍ୟ
● ନିକଟରେ ଦୁର୍ବୃତ୍ତ ଗଛ ଭାଙ୍ଗି ଦେଇଛନ୍ତି

ବଲାଙ୍ଗିର ରାଜେନ୍ଦ୍ର ପାର୍କର ରକ୍ଷଣାବେକ୍ଷଣ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ଦିନେ ସହରବାସୀଙ୍କ ଅବସର ବିନୋଦନ କରୁଥିବା ପାର୍କ ଏବେ ନିଶାଖୋର ଓ ପ୍ରେମୀଯୁଗଳଙ୍କ ପାଇଁ ମିଳନ ସ୍ଥଳ ସାଜିଛି । ଏଠି ନା ସୁରକ୍ଷା ବ୍ୟବସ୍ଥା ଅଛି ନା କେସଣସି କଟକଣା ଅଛି । ଏହା ଫଳରେ ଶିଶୁଙ୍କୁ ନେଇ ପାର୍କ ଯିବାକୁ ସହରବାସୀ ନାକ ଟେକୁଛନ୍ତି । ଯେଉଁଭଳି ଭାବେ ଏହି ପାର୍କର ରକ୍ଷଣା ବେକ୍ଷଣ କରାଯିବା କଥା ତାହା ହେଉନି । ପାର୍କରେ ଲାଗିଥିବା ବିଭିନ୍ନ ସାମଗ୍ରୀ ନଷ୍ଟ ହେବାରେ ଲାଗିଛି ।

ବଲାଙ୍ଗିର ସହରବାସୀଙ୍କ ପାଇଁ ବହୁ ବର୍ଷ ପୂର୍ବରୁ ସହରର ମଧ୍ୟସ୍ଥଳ ପୌର ପରିଷଦ କାର୍ଯ୍ୟାଳୟକୁ ଲାଗି ରାଜେନ୍ଦ୍ର ପାର୍କ ନିର୍ମାଣ କରାଯାଇଛି । କିଛି ବର୍ଷ ହେଲା ଏହି ପାର୍କରେ ଶିଶୁମାନେ ପରିବାର ଲୋକଙ୍କ ସହ ଆସି ସମୟ କାଟିବା ଦୃଶ୍ୟ କମିଯାଇଛି । ପାର୍କରେ ପ୍ରେମୀ ଯୁଗଳଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଅନେକ ଯୁବକ ଯୁବତୀ ବିଭିନ୍ନ ପ୍ରକାର ନିଶା କରିବା ପାଇଁ ଏହି ପାର୍କକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଗତ କରୋନା ସମୟରେ ଏହି ପାର୍କ ବନ୍ଦ ହେତୁ ନଷ୍ଟ ହୋଇଯାଇଥିଲା । ଏହା ଫଳରେ ପୌର ପରିଷଦ ଅଧୀନରେ ଥିବା ଏହି ପାର୍କର ଉନ୍ନତିକରଣ କାମ କରାଯାଇ ଶିଶୁଙ୍କ ପାଇଁ ବିଭିନ୍ନ ପ୍ରକାର ନୂତନ ସାମଗ୍ରୀ ଲଗାଯାଇଥିଲା । ଫାଟକ ଉନ୍ନତକରଣ କାମ କରାଯାଇଥିଲା; କିନ୍ତୁ ତାହା ଠିକ୍ ଭାବେ ରକ୍ଷଣା ବେକ୍ଷଣ କରାଯାଉ ନ ଥିବାରୁ ପୁଣି ଏହି ପାର୍କ ନଷ୍ଟ ହେବାରେ ଲାଗିଥିବା ଅଭିଯୋଗ ହୋଇଛି । ପାର୍କ ଘାସ ଖରାପ ହୋଇଯାଇଥିବା ବେଳେ ପଚା ପତ୍ରରେ ଅନେକ ସାମଗ୍ରୀ ଭର୍ତ୍ତି ହୋଇ ନଷ୍ଟ ହେବାରେ ଲାଗିଛି । ଡଷ୍ଟବିନ ଓ ଅନ୍ୟ ସାମଗ୍ରୀ ଏପଟ ସେପଟ ପଡ଼ିରହୁଥିବା ବେଳେ ଦିନକୁ ଦିନ ଲୋକଙ୍କ ସଖ୍ୟା ମଧ କମି କମିଯାଉଥିବା ଦେଖିବାକୁ ମିଳିଛି । ତେବେ ଏହି ପାର୍କ ରକ୍ଷଣା ବେକ୍ଷଣ ପାଇଁ କର୍ମଚାରୀ ରହିଛନ୍ତି; କିନ୍ତୁ ସେମାନେ ଧ୍ୟାନ ଦେଉ ନ ଥିବା ବେଳେ ବିଭାଗୀୟ ଅଧିକାରୀମାନେ ମଧ ତାଗିଦ କରୁନାହାନ୍ତି କି ଏଥିପାଇଁ ବ୍ୟବସ୍ଥା କରୁ ନ ଥିବା ଅଭିଯୋଗ ହୋଇଛି । ସେହିପରି ପାର୍କରେ ଆଜି ପର୍ଯ୍ୟନ୍ତ ସିସିଟିଭି ବ୍ୟବସ୍ଥା ନାହିଁ । ଏହାଫଳରେ ଏହା ଅସୁରକ୍ଷିତ ହୋଇପଡ଼ିଛି । ସଂଧ୍ୟା ସମୟରେ ପାର୍କ ଭିତରେ ପ୍ରେମୀ ଯୁଗଳ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବା ବେଳେ ଅନେକ ଯୁବକ ଯୁବତୀ ବୁଲାବୁଲି କରିବା ବାହାନାରେ ପାର୍କରେ ବସି ନିଶାଦ୍ରବ୍ୟ ସେବନ କରୁଥିବା ଅଭିଯୋଗ ହୋଇଛି । ଏହା ଫଳରେ ପାର୍କ ଭିତରେ ପାରିବାରିକ ମାହୋଲ ନ ଥିବାରୁ ଶିଶୁଙ୍କୁ ନେଇ ପାର୍କ ଯିବାକୁ ଲୋକେ ନାକ ଟେକୁଥିବା ଦେଖିବାକୁ ମିଳିଛି । କିଛି ଦିନ ତଳେ ପାର୍କରେ ପଶି କିଛି ଦୁର୍ବୃତ୍ତ ପ୍ରାୟ ୫୦ରୁ ଅଧିକ ଗଛ ଭାଙ୍ଗି ଦେଇଥିଲେ । ତଥାପି ବିଭାଗ କିଛି ଶିକ୍ଷା ଗ୍ରହଣ କରିନାହିଁ । ସେହିପରି କିଛି ବର୍ଷ ପୂର୍ବରୁ ଟାଉନ ପୁଲିସ ଟିମ୍ ପାର୍କରେ ଅନୈତିକ କାର୍ଯ୍ୟ ଉପରେ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ତେବେ ଏହି ପାର୍କର ଆବଶ୍ୟକ ରକ୍ଷଣାବେକ୍ଷଣ କରିବା ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି ପୁଣି ଏହା ଶିଶୁଙ୍କ ପାଇଁ ଏକ ଉତ୍ତମ ବାତାବାରଣ ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

ଗୌରଗୋଠ, ଅର୍ଜୁନପୁର ଲୋକଙ୍କୁ ଭେଟିଲେ ନରସିଂହ

ବଲାଙ୍ଗିର, ୧୫ ।୨(ସମିସ): ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତର ଅଇଁଲାପାଲି ଓ ଗୌରଗୋଠ ପଞ୍ଚାୟତର ଗୌରଗୋଠରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କୁ ଭେଟିନ୍ତି । ସେ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ଫେବୃୟାରୀ ମାସ ଅଧା



ଚାଲିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଧାନ ଉଠିପାରିନାହିଁ । ଲୋକେ ଜଙ୍ଗଲଜାତ ଦ୍ରବ୍ୟ ଚାର, ମହୁଲର ଦରଦାମକୁ ନେଇ ଅନେକ ବର୍ଷରୁ ଅସନ୍ତୁଷ୍ଟ ଅଛନ୍ତି । ଯଦିଓ ଏ ବର୍ଷ ଜଙ୍ଗଲରୁ ଚାର ମହୁଲ ସଂଗ୍ରହ ଆରମ୍ଭ ହୋଇନାହିଁ; କିନ୍ତୁ ଚାର ଓ ଗୋଟାଳିମାନେ ଏହି ବହୁମୂଲ୍ୟ ଦ୍ରବ୍ୟର ଉଚିତ ଦାମ୍ ପାଇ ପାରୁନାହାନ୍ତି । କାରଣ ଉଭୟ ଜଙ୍ଗଲଜାତ ଦ୍ରବ୍ୟ କିଣିବା ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ନିୟମାବଳି ପ୍ରସ୍ତୁତ କରିନାହାନ୍ତି । ବହୁ ବର୍ଷ ପୂର୍ବରୁ ମହୁଲକୁ ସରକାର ପ୍ରତ୍ୟକ୍ଷ ଭାବେ ବନ ନିଗମ ଜରିଆରେ ଲୋକଙ୍କଠାରୁ କିଣୁଥିଲେ; କିନ୍ତୁ ପରେ ପରେ ସରକାର ସେଥିରୁ ଓହରି ଗଲେ । ଏବେ ବିଭିନ୍ନ ଘରୋଇ ମଧ୍ୟସ୍ଥିମାନେ ଏହାକୁ କମ୍ ଦରରେ କିଣୁଛନ୍ତି । ଯଦି ସରକାର ନିଜେ ମହୁଲ କିଣିବେ ତେବେ ଗ୍ରାମ୍ୟ ଅଞ୍ଚଳର ଅର୍ଥନୀତି ନିଶ୍ଚିତ ଭାବେ ସୁଦୃଢ ହେବ ବୋଲି ସେ କହିଛନ୍ତି । ମହାରାଷ୍ଟ୍ର, ଗୁଜୁରାଟରେ ଚାର ମଞ୍ଜିର ଦାମ ଅନେକ ବେଶି; ଏଠି ବ୍ୟବସାୟୀମାନେ ଏହାକୁ କେଜି ପ୍ରତି ଚାରି ଶହ ପାଞ୍ଚ ଶହ ଟଙ୍କାରେ କିଣି ବହୁତ ମୁନାଫା କମାଉଛନ୍ତି । ଏଣୁ ଏହି ଉଭୟ ବନଜାତ ଦ୍ରବ୍ୟକୁ ଏକ ସର୍ବନିମ୍ନ ସହାୟକ ମୂଲ୍ୟ ସହ ସରକାର ଏଜେନ୍ସି ମାଧ୍ୟମରେ ଲୋକଙ୍କଠାରୁ କିଣନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି । ଏହି ଆଲୋଚନା ବେଳେ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ପ୍ରଦୀପ ପଣ୍ଡା, ମୟ ପ୍ରଧାନୀ, ଉମାକାନ୍ତ ଜାଲ, ଅସିତ ମିଶ୍ର, ବିକାଶ ସାହୁ, କୈଳାସ ମିଶ୍ର, ବୁଦ୍ଧଦେବ ସାହୁ, ଜିତୁ ରଣା, ହରିଶଚନ୍ଦ୍ର ଭୋଇ, ପିତାମ୍ବର ମଲ୍ଲିକ, ମୁରଲି ରଣା ଓ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସରକାରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମାନ

ବଲାଙ୍ଗିର, ୧୫ ।୨(ସମିସ) : ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସାମ୍ପ୍ରତିକ ପରିପ୍ରେକ୍ଷୀରେ ଓଡ଼ିଆ ଲୋକସଂସ୍କୃତି ଓ ମାତୃଭାଷା ପ୍ରସଙ୍ଗ ଶୀର୍ଷକ ଏକ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୌତୁକ ପଦରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ପଦ୍ମଶ୍ରୀ ଶ୍ରୀନିବାସ ଉଦଗାତା ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ସାଂସ୍କୃତିକ ସୌନ୍ଦର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲୋକସାହିତ୍ୟତତ୍ତ୍ୱବିଦ ମହେନ୍ଦ୍ର ମିଶ୍ର ଯୋଗଦେଇ ପ୍ରାଥମିକ ବିଦ୍ୟାଳୟସ୍ତରରେ ଓଡ଼ିଆ ଲୋକସଂସ୍କୃତି ଓ ମାତୃଭାଷାର ପ୍ରୟୋଗ ସମ୍ପର୍କରେ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବେ ଡକ୍ଟର ଛାୟାକାନ୍ତ ଷଡ଼ଙ୍ଗୀ ଯୋଗଦେଇ ଓଡ଼ିଆ ଭାଷାର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ବକ୍ତା ଭାବେ ପ୍ରଫେସର ବିଜୟ ବେହେରା ଯୋଗଦେଇ ଓଡ଼ିଆ ଭାଷାର ଆଞ୍ଚଳିକ ରୂପ ସମ୍ପର୍କରେ ଅବଗତ କରାଇଥିଲେ । ସମ୍ମାନର ଆବାହକ ଡକ୍ଟର ଶ୍ରୀକାନ୍ତ ବାରିକ ଆଲୋଚନାଚକ୍ରର ଅଭିଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମ୍ମାନ ଉପଲକ୍ଷେ ଆୟୋଜିତ ଶୁଦ୍ଧ ଓଡ଼ିଆ ଲିଖନ, ଓଡ଼ିଆ ବକ୍ତୃତା ଏବଂ ଓଡ଼ିଆ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ସହିତ ପ୍ରମାଣ ପତ୍ର ଓ ପୁସ୍ତକ ପ୍ରଦାନ କରାଯାଇଥିଲା । ଅନ୍ୟାନ୍ୟ ଅଧିବେଶନଗୁଡିକରେ ପ୍ରଫେସର ସୁଧୀର ସାହୁ, କବି ସନ୍ଦୀପ କୁଅଁର,



କବି ନବୀନ ବିଶ୍ୱବନ୍ଧୁ, ଡକ୍ଟର ଲକ୍ଷ୍ମଣ ମେହେର, ଡକ୍ଟର ପବିତ୍ର ଦଣ୍ଡସେନା, ଡକ୍ଟର ପରୀକ୍ଷିତ ଭୋଇ, ଡୋଳାମଣି ମାଝୀ, ଅଧ୍ୟାପକ ସୁମନ୍ତ ରଣା, ଅଧ୍ୟାପକ ଆଶୀର୍ବାଦ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ଏହା ସହିତ ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ସମେତ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ଗବେଷକ ଗବେଷିକା ଉପସ୍ଥିତ ଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକନୃତ୍ୟ ଘୁମୁରା, ଘୁଡୁକା ଏବଂ ଡାଲଖାଇ ନୃତ୍ୟ ପରିବେଷଣ କରାଯାଇଥିଲା । ପରିଶେଷରେ ଅଧ୍ୟାପକ ହୃଷୀକେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଶାସନିକ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଣ୍ଟାବାଞ୍ଜି, ୧୫ ।୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ଓଡ଼ିଶା ପ୍ରଶାସନିକ ଅଧିକାରୀ ଗୁଣମନୀ ସୁନାନୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କମିଟି ସଭାପତି ଅନିଲ୍ ବିଭାର ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ପ୍ରକଳ୍ପ ଅଧିକାରୀ ତରଣୀ ସୁନା, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ରାଜନେତା ନିମାଇଁ ତାଣ୍ଡି, ନୂଆପଡ଼ା ଜିଲ୍ଲା ଲକ୍ଷେଘର ଗଣ୍ଡା ସମାଜର ଫକିର ଜଗତ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ପାଦକ ରୋହନ ମହତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉପଦେଷ୍ଟା ରମେଶ ଚନ୍ଦ୍ର ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ । ପାର୍ଥମ ମାହାନନ୍ଦ, ତୁଳସୀ ରାମ ଜଗତ, ମୋହନ ସୁନା, ଜିତେନ୍ଦ୍ର ଖୁରା, ଅନିଲ୍ ସିପକା, ଗଜାନନ ଟାକ୍ରି, ଶୁଶିଲ ତାଣ୍ଡି, ସନ୍ତୋଷ ଖୁରା, ରାଜେନ୍ଦ୍ର ଦୀପ, ପ୍ରଭୁଦାସ କୁମାର, ଦଷମନ ମାହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଦେଓଗାଁ, ୧୫।୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବଡ଼ବନ୍ଧ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ସ୍ୱପ୍ନେଶ୍ୱର ବାବାଙ୍କ୍ମନ୍ଦିର ପୁନଃ ନିର୍ମାଣ ପ୍ରତିଷ୍ଠା ଉତ୍ସବ ପାଇଁ ମହାଶିବରାତ୍ରି ଉପଲକ୍ଷେ ରବିବାର ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଶୀଲଚାନ୍ଦ ଓ ରଶ୍ମିତା ଚାନ୍ଦ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଜାଗରମେଳା ଅନୁଷ୍ଠିତ ହେବା ସହ ମନ୍ଦିର ପ୍ରତିଷ୍ଠା, ୫୬ ପ୍ରହର ନାମଯଜ୍ଞ ଓ ବ୍ରହ୍ମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ମାର୍ଚ୍ଚ ୧୮ ରେ କଳସ ଶୋଭାଯାତ୍ରା, ୧୯ ରେ ତୁଳସୀ ରାମାୟଣ, ନବାହ୍ନ ପାରାୟଣ ପଠନ, ୨୦ରେ ଛପନପ୍ରହର ନାମ, ୨୫ରେ ମନ୍ଦିର ପ୍ରତିଷ୍ଠା ଓ ୨୭ରେ ମନ୍ଦିର କୁମ୍ଭସ୍ଥାପନ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଝରେଇବାହାଲି ରଘୁନାଥ ମଠର ବଳରାମ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ସୁଦର୍ଶନ ପୁରୋହିତ, ବ୍ୟାସ ଭାବେ ଭରସୁଜାର ଡ. ମିଳନ ମିଶ୍ର, ପ୍ରହରୀ କର୍ତ୍ତା ଭାବେ ରୂପାଧର ସେଠ ଓ ସବିତା ସେଠ, ପାରାୟଣକର୍ତ୍ତା ଭାବେ ଯୁଗଳ କିଶୋର ମେହେର ଓ ପଦ୍ମିନୀ ମେହେର ଦାୟିତ୍ୱ ତୁଲାଇବେ ।

ପିଲାଙ୍କ ମାନସିକ ବିକାଶରେ ସ୍ମାର୍ଟ ଫୋନ୍ ବାଧକ

● ଅନଲାଇନ୍ ଗେମ୍ ଖେଳି ଛାତ୍ରଛାତ୍ରୀ କୁପଥଗାମୀ ହେଉଛନ୍ତି
● ଅଶ୍ଳୀଳ ଓ ଅପରାଧିକ ଭିଡିଓ ଦେଖି ନିଜେ ଅପରାଧୀ ସାଜୁଛନ୍ତି
● ଦିନକୁ ଦିନ ଆତ୍ମହତ୍ୟା ପ୍ରବଣତାର ଶିକାର ହେଉଛନ୍ତି
● ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ରୋଲ୍ ମଡେଲ ହେବାକୁ ପଡ଼ିବ



ବଲାଙ୍ଗିର, ୧୫ ।୨(ସମିସ)

ସ୍ମାର୍ଟ ଫୋନ୍ ପିଲାଙ୍କ ପାଠପଢ଼ାରେ ଯେତେ ସହାୟକ ହେଉଛି ତାଠାରୁ ଅଧିକ ସେମାନଙ୍କ ମାନସିକ ବିକାଶରେ ବାଧା ସୃଷ୍ଟି କରୁଛି । ଫୋନ୍‌ରେ ଥିବା ବିଭିନ୍ନ ଅନଲାଇନ୍ ଗେମ୍ ଖେଳି ଛାତ୍ରଛାତ୍ରୀ କୁପଥଗାମୀ ହେବା ସହିତ ଅଶ୍ଳୀଳ ଓ ଅପରାଧିକ ଭିଡିଓ ଦେଖି ନିଜେ ଅପରାଧୀ ସାଜିବା ଏବଂ ଆତ୍ମହତ୍ୟା ପ୍ରବଣତାର ଶିକାର ହେଉଛନ୍ତି । ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କୁ କେବଳ ଜ୍ଞାନ ବାଣ୍ଟିଲେ ସେମାନେ ମାନିବେ ନାହିଁ । ସେମାନଙ୍କୁ ସ୍ମାର୍ଟ୍ ଫୋନର ସଦବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ହେଲେ ନିଜେ ରୋଲ୍ ମଡେଲ୍ ସାଜି ସଂଯମତା ରକ୍ଷା କରିବାକୁ ହେବ । ତାଙ୍କ ସହ ସ୍ନେହପୂର୍ଣ୍ଣ କଥାବାର୍ତ୍ତା କରି ବୟସ ଅନୁଯାୟୀ ତାଙ୍କର ଆବଶ୍ୟକତା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ । ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ରଚନା ଦ୍ୱାରା ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଆୟୋଜିତ ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ 'ପିଲାଙ୍କ ଉପରେ ସ୍ମାର୍ଟ ଫୋନର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ଏଭଳି ମତ ପ୍ରକାଶ ପାଇଛି । ଏଥିରେ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କନ୍ଧକେଲଗାଁ) ର ଅଧ୍ୟକ୍ଷ ରାମଗୋପାଳ ଖମାରୀ ଶର୍ମା ଏବଂ ଭୀମ ଭୋଇ ମେଡିକାଲ କଲେଜର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଆଶୀର୍ବାଦ ଶତପଥୀ ଯୋଗଦେଇ ପିଲାଙ୍କୁ ଧୀର ସ୍ଥିର ଭାବେ ବୁଝାଇ କିପରି ଏହି ସ୍ମାର୍ଟ୍ ଫୋନର ଅତ୍ୟଧିକ ବ୍ୟବହାରରୁ ଦୂରେଇ ରଖି ସେମାନଙ୍କୁ ପୁସ୍ତକ ପଢ଼ିବା ଓ ଅନ୍ୟାନ୍ୟ ସୃଜନମୂଳକ କାର୍ଯ୍ୟରେ ନିୟୋଜିତ କରିହେବ ସେସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ଲିତୁରାଣୀ ଶତପଥୀ, ସରକାରୀ ମହାବିଦ୍ୟାଳୟର ଛାତ୍ର ସମ୍ବିତ ମିଶ୍ର ଓ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁହାନା ଠେଲା ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ରଚନାର ସଦସ୍ୟା ଝରଣା ସାହୁ ପ୍ରାରମ୍ଭିକ ସୂଚନା ଏବଂ ସଭା ସଂଯୋଜନା କରିଥିଲେ । ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସହରର ଅନେକ ସାହିତ୍ୟିକ, ବୁଦ୍ଧିଜୀବୀ, ସମାଜସେବୀ ଓ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

କନ୍ଦେଇ ଗାଁକୁ କନ୍ଦେଇ ମାରିବ କ୍ରସର

● ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ

କଣ୍ଟାବାଞ୍ଜି, ୧୫ ।୨(ସମିସ): ବଲାଙ୍ଗୀର ଜିଲ୍ଲା ଜଙ୍ଗଲ ପାହାଡ଼ ଘେରା ପ୍ରକୃତିରେ ଭରପୁର ଅଞ୍ଚଳରୁ ଧ୍ୱଂସ ହୋଇଯିବ ପ୍ରକୃତି । କାରଣ ମାଫିଆ ସକ୍ରିୟ ହୋଇଛନ୍ତି । ତୁରେକେଲା ବ୍ଲକ କନ୍ଦେଇ ଗାଁରେ ଏହି ଚିତ୍ର ଦେଖିବାକୁ ମିଳିଛି । ବଲାଙ୍ଗୀର ଜିଲ୍ଲାର ସୀମାନ୍ତ ଏହି ଗାଁ । ଏଠାରେ ଏବେ ଅନ୍ୟ ଜିଲ୍ଲାର ପଥର ମାଫିଆ ସକ୍ରିୟ ହୋଇଛନ୍ତି । କନ୍ଦେଇ ଗାଁରୁ ଅଳ୍ପ ଦୂରରେ ନୂଆପଡ଼ା ଖଡ଼ିଆଳର ଶ୍ୟାମ ଅଗ୍ରୱାଲ ନାମକ ଜଣେ ପଥର ମାଫିଆ ନୂତନ ଭାବେ ପ୍ରଦୂଷଣ ବିଭାଗର ନିୟମ ଉଲ୍ଲଂଘନ କରି କ୍ରସର ସ୍ଥାପନ କରିଛନ୍ତି । ପ୍ରଦୂଷଣ ବିଭାଗର ନିୟମ ଅନୁସାରେ ଗାଁରୁ ୨ କିମି ଦୂର କ୍ରସର ସ୍ଥାପନ ହେବା କଥା; କିନ୍ତୁ ଏଠାରେ ଗାଁରୁ ଅଳ୍ପ ଦୂରରେ କ୍ରସର ସ୍ଥାପନ ହୋଇଛି । ପଥର ଗୁଣ୍ଡ ଦ୍ୱାରା ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିବ । ପାଖରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଛି । ପଥର ଗୁଣ୍ଡ ପ୍ରଭାବରେ ଏହି ଚାରା ମଧ ନଷ୍ଟ ହେବ । ଏହାଦ୍ୱାରା ସରକାରୀ ଟଙ୍କା ତଥା ସରକାରୀ ସମ୍ପତ୍ତି ଧ୍ୱଂସ ହେବ । ସେହିପରି ଗାଁ ଲୋକେ ମଧ ଏହି କ୍ରସର ଯୋଗୁଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ପୂର୍ବରୁ ମଧ ଏହି ପଥର ମାଫିଆଙ୍କ ସମ୍ପର୍କୀୟମାନେ ଟିକ୍ରାପଡ଼ା ଗାଁରେ ବେଆଇନ ଭାବେ ପଥର ବିସ୍ଫୋରଣ କରୁଥିଲେ । ଗାଁ ଲୋକେ ଭୟରେ ଜୀବନଯାପନ କରୁଥିବା ବେଳେ ୨୦୨୨ରେ ପ୍ରତିବାଦ କରିବାରୁ ପଥର ବିସ୍ଫୋରଣ ବନ୍ଦ ହୋଇଥିଲା । ପୁଣି ପଥର ମାଫିଆ ସକ୍ରିୟ ହୋଇ ସେହି ପଥର ବିସ୍ଫୋରଣ କରିବାକୁ ଯୋଜନା କରି କନ୍ଦେଇ ଗାଁରେ କ୍ରସର ସ୍ଥାପନ କରିଛନ୍ତି । ଏହାକୁ ନେଇ ସାଧାରଣରେ ତିବ୍ର



ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଯେଉଁ ପଥର ବିସ୍ଫୋରଣ ଯୋଗୁଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଇ ବିରୋଧ ପ୍ରଦର୍ଶନ କରିଲେ ସେହି ପଥର ବିସ୍ଫୋରଣ କରିବାକୁ ଦାୟିତ୍ୱରେ ଥିବା ଖଣି ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନେ କେମିତି ଅନୁମତି ଦେଲେ ବୋଲି ପ୍ରଶ୍ନ ସୃଷ୍ଟି ହେଉଛି । ଗୋଟିଏ ପଟେ ପ୍ରକୃତି ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କନ୍ଦେଇ ପଞ୍ଚାୟତ ଅଞ୍ଚଳରେ ଚାରା ରୋପଣ କରାଯାଇଛି । ଅନ୍ୟ ପଟେ ମାଫିଆ ଆସି ପଥର ବିସ୍ଫୋରଣ କରି ଧ୍ୱଂସ କରିବାକୁ ଉଦ୍ୟମ କରୁଛନ୍ତି । ଏହାକୁ ନେଇ ପ୍ରକୃତି ପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ମହାଶିବରାତ୍ରୀ ପାଇଁ ସବୁଠି ଭିଡ଼

ଜାଳିଲେ ଜାଗର, ପୂଜିଲେ ହର


ଯାଜପୁର


ପାଣିକୋଇଲି


ଧର୍ମଶାଳା:


କବାଟବନ୍ଧ


ଜେନାପୁର


ଦଶରଥପୁର


କୁଆଖିଆ




ବିଞ୍ଚାରପୁର

ଯାଜପୁର, ୧୫।୨(ସମିସ)

ପବିତ୍ର ମହାଶିବରାତ୍ରି ଅବସରରେ ଶୈବପୀଠ ଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁ ପ୍ରଭୁ ଭୋଳାଶଙ୍କରଙ୍କୁ ଦର୍ଶନ କରିଛନ୍ତି। ରବିବାର ପ୍ରତ୍ୟୁଷରୁ ବିଭିନ୍ନ ସ୍ଥାନରେ ଶୈବପୀଠ ଗୁଡ଼ିକରେ ମହାଦେବଙ୍କର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସକାଳୁ ଶ୍ରଦ୍ଧାଳୁ ଭକ୍ତଙ୍କର ଭିଡ଼ ଲାଗି ରହିଥିଲା। ପ୍ରମୁଖ ଶୈବପୀଠ କୁହାଯାଉଥିବା ବାବା ବେଲେଶ୍ୱରଙ୍କର ପୀଠରେ ଶ୍ରଦ୍ଧାଳୁ ଭକ୍ତଙ୍କର ଭିଡ଼ ଲାଗି ରହିଥିଲା। ସିଦ୍ଧେଶ୍ୱର, ଲିଙ୍ଗେଶ୍ୱର, ଗୋଧନେଶ୍ୱର, ରାଜେଶ୍ୱର, ଆଖଣ୍ଡଳେଶ୍ୱର ସମେତ ସହରର ଅନ୍ୟ ପୁରାତନ ଶୈବ ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ସମାବେଶ ଦେଖିବାକୁ ମିଳିଥିଲା। ସେହିପରି ଯାଜପୁର ସଦର ଅଞ୍ଚଳରେ ମଧ୍ୟ ଜାଗର ଯାତ୍ରା ପାଇଁ ଶୈବ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁ ଭକ୍ତ ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ସମୟରେ ସବୁ ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଦୀପ ଜାଳିଥିଲେ। ବିଭିନ୍ନ ମନ୍ଦିରର ନିର୍ଦ୍ଧାରିତ ସମୟ ଅନୁଯାୟୀ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତ ପୁଣ୍ୟତୋୟା ବୈତରଣୀ କୂଳରେ ଥିବା ପ୍ରସିଦ୍ଧ ଶୈବ ପୀଠ ବାବା ବେଲେଶ୍ୱରଙ୍କର ଜାଗାର ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ବାବା ବେଲେଶ୍ୱରଙ୍କର ନୀତିକାନ୍ତି ଆରମ୍ଭ ହେବା ସହ ପୂଜାର୍ଚ୍ଚନା କରାଯାଇଥିଲା। ବାବା ବେଲେଶ୍ୱରଙ୍କୁ ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁ ଭକ୍ତଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରିକି ଏହି ବେଲେଶ୍ୱର ପୀଠରେ ଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଯଜ୍ଞରେ ଶ୍ରଦ୍ଧାଳୁ ଭକ୍ତଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ବିଚିତ୍ରପୁର ପଞ୍ଚାୟତରେ ଲଳିତେଶ୍ୱର ନଗରରେ ଥିବା ବାବା ଲଳିତେଶ୍ୱରାୟଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପୀଠରେ ପ୍ରବଳ ଜନସମାଗମ ଲାଗି ରହିଥିବାରୁ ଯାଜପୁର ଟାଉନ, ବ୍ରହ୍ମବରଦା ଓ ସଦର ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତାୟନ କରାଯାଇଥିଲା। ଚୁଦ୍ରପୁର ପଞ୍ଚାୟତରେ ବାବା ଲୋକନାଥଙ୍କ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଲୋକନାଥ ପୀଠ ପ୍ରାଚୀନ ଶୈବ ପୀଠ ଭାବେ ପରିଚିତ। ଜାଗର ଯାତ୍ରାକୁ ଦେଖିବା ପାଇଁ ବାବାଙ୍କ ପୀଠରେ ୩୦ହଜାରରୁ ଉଦ୍ଧ୍ୱର୍ ଶ୍ରଦ୍ଧାଳୁ ଭକ୍ତ ଏକତ୍ରୀତ ହୋଇଥାନ୍ତି। ସେହିପରି ବରୁଆଁ ଧବଳେଶ୍ୱର, ପୁରୁଷୋତ୍ତମପୁରର ଆନନ୍ଦେଶ୍ୱର, କବାରପୁରର ବାବା ଭୁତନାଥ, ମହେଶ୍ୱରପୁରର ମୁକ୍ତେଶ୍ୱର ପୀଠ ଗୁଡ଼ିକରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୈବପୀଠରେ ବାବାଙ୍କୁ ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା।

ପାଣିକୋଇଲି: ପବିତ୍ର ଜାଗର ବା ମହାଶିବ ରାତ୍ରି ଉପଲକ୍ଷେ ପୁରପଲ୍ଲୀଠୁ ଆରମ୍ଭ କରି ସମସ୍ତ ଶୈବପୀଠରେ ଚଳଚଞ୍ଚଳ ହୋଇଉଠିଛି। ସକାଳୁ ସକାଳୁ ଶୈବପୀଠ ଗୁଡିକରେ ଭିଡ଼ ଦେଖିବାକୁ ମିଳିଛି। ଶୈଠ ପୀଠ ଗୁଡିକରେ ଭକ୍ତ ଓ ଦର୍ଶକମାନେ ବିଭୂକୃପା ଲାଭ କରୁଛନ୍ତି। ସବୁଠି ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ଓ ଭଜନ କୀର୍ତ୍ତନ ଜାରି ରହିଛି। ମୂଳାପାଳ ସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଲିଙ୍ଗେଶ୍ୱର ପୀଠରେ ଭକ୍ତମାନେ ଦୀପ ଜାଳି ପ୍ରଭୁଙ୍କୁ ଡାକିବା ସହ ମହାଦୀପ ଉଠିବାକୁ ଅପେକ୍ଷା କରିଥିଲେ। ବାବା ଲିଙ୍ଗେଶ୍ୱରଙ୍କୁ ସୁନା ମୁକୁଟରେ ବିଭୂଷିତ କରାଯାଇଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଦୃଷ୍ଟିରୁ ସିସିଟିଭି ବ୍ୟବସ୍ଥା କରାଯାଇଛି। ସକାଳୁ ପୂଜାର୍ଚ୍ଚନା କରାଯିବା ସହ ଭଜନ ପ୍ରତିଯୋଗାତା କାର୍ଯ୍ୟକ୍ରମ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଭକ୍ତ ମାନଙ୍କ ପାଇଁ ସମୂହ ଭୋଗ ବଣ୍ଟନ ବ୍ୟବସ୍ଥା ଜାରି ରହିଛି। ରାତ୍ରି ୧୦ଟାରେ ମହାଦୀପ ଉଠିଥିଲା। ଭକ୍ତ ଓ ଦର୍ଶକଙ୍କ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଭକ୍ତ ମାନଙ୍କ ପାଇଁ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସେବା କାର୍ଯ୍ୟକ୍ରମ ଜାରିରହିଛି। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସ୍କାଉଟ ଗାଇଡ ପିଲାମାନଙ୍କ ଦ୍ୱାରା ପରିଚାଳନା କମିଟିର ସହଯୋଗରେ ଭକ୍ତମାନଙ୍କ ପାଇଁ ସେବା ଯୋଗାଯାଉଛି। ସେହିପରି ପାଣିକୋଇଲି, ପଥରପଦା, ଓଚିନ୍ଦା, ମୁଲରା, ତାଜପୁର, ଖସାଗଡ଼ିଆ, ଧନପୁର, ନୂଆପଦା, କାଜିପାଟଣା, ଦାମୋଦରପୁର, ଅଳତିରି, ବଡବରୁଣାଇପଦା ସମେତ ସମସ୍ତ ଶୈବପୀଠରେ ଜାଗର ମହାସମାରୋହରେ ପାଳିତ ହୋଇଛି।

ଧର୍ମଶାଳା: ଧର୍ମଶାଳା ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ବିଭିନ୍ନ ଶୈବପୀଠକୁ ଯାଇ ମହାଦେବଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଶୈବପୀଠ ଗୁଡିକରେ ଆଜି ସକାଳୁ ଯଥାବିଧି ପୂଜାର୍ଚ୍ଚନା କରାଯାଇ ପହଡ଼ ଖୋଲାଯିବା ପରେ ଠାକୁରଙ୍କୁ ଦର୍ଶନ ଲାଗି ଭିଡ଼ ଲାଗିରହିଥିଲା। ସନ୍ଧ୍ୟାପରେ ବିଭିନ୍ନ ଶୈବପୀଠରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଦୀପ ଜାଳି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ଜାରକାସ୍ଥିତ ପ୍ରସିଦ୍ଧ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ମହାଦେବଙ୍କ ଶୃଙ୍ଗଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ପରିଚାଳନା କମିଟି ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୌରାଣିକ ମହତ୍ୱ ବହନ କରୁଥିବା ଗୋକର୍ଣ୍ଣେଶ୍ୱର ଶୈବପୀଠରେ ମହାଦେବଙ୍କ ଦର୍ଶନ ଲାଗି ଆଜି ସକାଳୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ମହାଦୀପ ଉଠିବା ଦେଖିବା ଲାଗି ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉପବାସରେ ରହି ଅପେକ୍ଷା କରିରହିଥିଲେ। ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର, ଜାରକା ଟ୍ୟାକ୍ସିଷ୍ଟାଣ୍ଡ ନିକଟସ୍ଥ ଚନ୍ଦନେଶ୍ୱର, କୋତପୁରସ୍ଥିତ ବୁଦ୍ଧଲିଙ୍ଗ ମହାଦେବ ମନ୍ଦିର, ଅଭୟପୁରସ୍ଥିତ ଜ୍ଞାନେଶ୍ୱର ମନ୍ଦିର, ମିର୍ଜାପୁରସ୍ଥିତ ପାଳେଶ୍ୱର ମନ୍ଦିର, ଚୋରମୁହାଁସ୍ଥିତ ନଣ୍ଡା ମହାଦେବ ମନ୍ଦିର, ଝାଡେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମହାଦେବ ମନ୍ଦିର, ଗଙ୍ଗେଶ୍ୱର ମହାଦେବ, ଲୋକନାଥ ମହାଦେବ ମନ୍ଦିର, ନୂଆଗାଁସ୍ଥିତ ଶିବ ମନ୍ଦିର ଓ ପଣ୍ଡୁଆସ୍ଥିତ ମହାଦେବ ମନ୍ଦିରରେ ମହାଶିବରାତ୍ରି ତଥା ଜାଗର ଯାତ୍ରାରେ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିରହିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଶୈବପୀଠରେ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

କବାଟବନ୍ଧ: ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ବିଭିନ୍ନ ଅଞ୍ଚଳ ତଥା ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନପୁର, ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଳବା ଅଞ୍ଚିରା, ଚକ୍ରଧର ପୁର, ଜେନାପୁର, ବୃନ୍ଦାଦେଇପୁର ଆଦି ପଞ୍ଚାୟତ ଗୁଡିକରେ ରହିଥିବା ସମସ୍ତ ମନ୍ଦିରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ସୋରାଇଶ୍ୱର, ଭଦ୍ରେଶ୍ୱର, ମଧୁକେଶ୍ୱର, ରାମେଶ୍ୱର, ବାଲୁଙ୍କେଶ୍ୱର, ଭଗବତେଶ୍ୱର, ସପନେଶ୍ୱର, ବିଶେଶ୍ୱର, କଣ୍ଟେଶ୍ୱର, ଲୋକନାଥଶ୍ୱର, ବଟେଶ୍ୱର, କଠଉଣୀମଠ ଆଦି ଶୈବ ପୀଠ ଗୁଡ଼ିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ପ୍ରବଚନ, ଭଜନ ସନ୍ଧ୍ୟା ଓ କୁନିକୁନି ପିଲା ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ରୀତିନୀତି ଅନୁଯାୟୀ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ନିର୍ଦ୍ଧାରିତ ସମୟରେ ମହାଦୀପ ଉଠିଥିଲା।

ଜେନାପୁର: ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଲେଇ ଠାରେ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱରଙ୍କ ଜାଗର ଯାତ୍ରା ପାଳିତ ହୋଇଛି। କାଳ ପାଞ୍ଚଟା ସମୟର ମହାଦେବଙ୍କୁ ସ୍ନାନ କରାଇ ନିତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ଆଳତି ସହିତ ପୂଜାର୍ଚ୍ଚନା ହେବାପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ପହଡ଼ ଖୋଲାଯାଇଥିଲା। ବହୁ ପରାତନ ରାଜାରାଜୁଡ଼ା ଅମଳର ଏହି ଶୈବପୀଠରେ ପ୍ରଭୁଙ୍କ ଦିବ୍ୟ ଦର୍ଶନ କରିବା ପାଇଁ ମହାଦୀପ ଉଠିଲା ପର୍ଯ୍ୟନ୍ତ ଭକ୍ତମାନଙ୍କ ଭିଡ଼ ଲାଗିରହିଥିଲେ। ସେହିପରି ଆଖପାଖ ଅଞ୍ଚଳରେ ଥିବା ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଭାବେଶ୍ୱର, ଅଷ୍ଟଶମ୍ଭୁ ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା।

କୁଆଖିଆ: ରସୁଲପୁର ବ୍ଲକର ବିଭିନ୍ନ ଶୈବପୀଠରେ ପବିତ୍ର ମହାଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି। ରାହାମ୍ବା ପଞ୍ଚାୟତ ଦିହକୁରାଂଶ ସ୍ଥିତ ପ୍ରସିଦ୍ଧ ଚନ୍ଦନେଶ୍ୱର ପୀଠରେ ଜାଗର ପର୍ବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃ ୩ଟାରେ ପହଡ଼ଖୋଲା, ଘଟପୂଜା, ଷୋଡ଼ଶୋପଚାର ପୂଜା ଘର୍ଷଣ ଓ ଅଭିଷେକ କରାଯାଇ ପ୍ରାତଃ ୪.୩୦ରେ କୀର୍ତ୍ତନ ଝୁଣା, ଧୂପ ଦୀପ, ଚାମର, ଜଳ ସିଞ୍ଚନ ପରେ ପ୍ରାତଃ ସମୟେ ଆରତୀ କରାଯାଇଥିଲା। ସକାଳ ୮.୩୦ରେ ଭୋଗ ମଣ୍ଡପରେ ଭୋଗ ଦିବା ୧୧ଟାରେ ରୌପ୍ୟ ବେଶ, ମଧ୍ୟାହ୍ନ ୧୨ଟାରେ ମହାପ୍ରଭୁଙ୍କ ଘର୍ଷଣ ପ୍ରସ୍ତୁତି ହୋଇ ଦିବା ୨ଟାରେ ସୂର୍ଯ୍ୟପୂଜା ଗୋପୂଜା ସନ୍ଧ୍ୟାରେ ଠାକୁରଙ୍କ ଯୋଗୀବେଶ, ସନ୍ଧ୍ୟା ୬ ଘଟିକାରେ ସଂକୀର୍ତ୍ତନ ଧୂପ, ୧୦୮ ଆରତୀ ଏବଂ ରାତ୍ର ୭ ଘଟିକାରେ ମହାଦୀପ ଉଠିଥିଲା। ରାତ୍ର ୨୨.୪୫ ମିନିଟରେ ହରିହର ମିଳନ ହୋଇ ଶିବତାଣ୍ଡବ ପାଠ, ରାତ୍ର ୧.୪୨ ମିନିଟରେ ମହାଦୀପ ଉତ୍ଥାନ ସହ ପ୍ରଭୁଙ୍କର ନିତିପ୍ରସ୍ତୁତି ହୋଇଥିବା ବେଳେ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

ବିଞ୍ଚାରପୁର: ପବିତ୍ର ମହାଶିବରାତ୍ରି ବିଞ୍ଚାରପୁର ଅଞ୍ଚଳରେ ଥିବା ସମସ୍ତ ଶୈବପୀଠମାନଙ୍କରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଞ୍ଚାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ବରୁଣେଶ୍ୱରଙ୍କ ମନ୍ଦିରରେ ଜାଗର ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାବା ବରୁଣେଶ୍ୱରଙ୍କୁ ବ୍ରାହ୍ମମୁହୂର୍ତ୍ତରୁ ଜଳରୁ ବାହାର କରାଯାଇ ପ୍ରଭାତ ଆଳତୀ, ପରେ ରୁଦ୍ରାଭିଷେକ, ବିଧିମୁତାବକ ଶୋଡଷ ଉପଚାର ପୂଜାର୍ଚ୍ଚନା, ବଡ଼ସିଂହାର ବେଶ କରାଯାଇଥିଲା। ଆଜିର ଦିନରେ ଆଖିପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କର ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ବେଳେ ରାତ୍ର ୧୦.୩୦ ଘଟିକାରେ ମହାଦୀପ ଉଠିଥିଲା। ସେହିପରି ମାଁସଡାସ୍ଥିତ ବାବା ଖରିଆଶ୍ୱର, ଗୌଡସାହିସ୍ଥିତ ବାବା କଲ୍ୟାଣେଶ୍ୱର, କଲ୍ୟାଣପୁରସ୍ଥିତ ବାବା ବରୁଣେଶ୍ୱର, ବାବା ସମଲେଶ୍ୱର, ଅରିଲୋସ୍ଥିତ ବାବା ଶ୍ୟାମେଶ୍ୱର, ରଣପୁରସ୍ଥିତ ବଟେଶ୍ୱର ଆଦି ଶୈବପୀଠମାନଙ୍କରେ ପବିତ୍ର ମହାଶିବରାତ୍ରି ପାଳନ କରାଯାଇଥିଲା।

ସିଂହପୁର: ସିଂହପୁର ସମେତ ବିଞ୍ଚାରପୁରର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ସମାରୋହର ପାଳନ କରାଯାଉଛି। ସିଂହପୁର ବଜାରରେ ଅବସ୍ଥିତ ଚନ୍ଦନେଶ୍ୱର, ସିଂହପୁର ସିଂହେଶ୍ୱର, ଅଙ୍ଗାଲୋ ଶାମେଶ୍ୱର, ଓଲେଲ ଓଢେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଧୁମ୍ଧାମରେ ପାଳନ କରାଯାଉଛି। ଶାମେଶ୍ୱର ପୀଠରେ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପରିବେଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ବିଭିନ୍ନ ଶୈବପୀଠରେ କାର୍ଯ୍ୟକ୍ରମ କରାଯାଉଛି।

ଦଶରଥପୁର: ଆଜି ଦଶରଥପୁର ବ୍ଲକର ବିଭିନ୍ନ ଶୈବପୀଠମାନଙ୍କରେ ପବିତ୍ର ଜାଗର ଯାତ୍ରା ପାଳନ କରାଯାଇଛି। ବ୍ଲକର ତଳିହା, ବିରଜାପୁର, ଖଣ୍ଡରା, ଅକରପଡ଼ା, ଚମ୍ପେଇପାଳ, ଦଶରଥପୁର, କଟିକଟା, ମଲ୍ଲିକାପୁର, କନିକାପଡ଼ା, ମଙ୍ଗଳପୁର, କୟାଁ, ଖାନନଗର, ଥାଲୁକୁଡି, ପାଲଟପୁର, ଜାଫରପୁର, ବିହାରା, ରାହାସୋଇ, ଇଜାପୁର, ଶୁଶୁଆ, ନିଜାମପୁର, ଗୋପାଳପୁର, ଡାହାଣହତା, କସପା, ଦତ୍ତପୁର, ଅସନପୁର ଆଦି ପଞ୍ଚାୟତରେ ଥିବା ଶୈବପୀଠରେ ପ୍ରାତଃ ସମୟରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ପରେ ଜାଗର ଜଳିବାକୁ ମନ୍ଦିର ପରିସରରେ ବ୍ରତଧାରୀ ଜମାହୋଇଥିଲେ। ଆମ୍ବଗେଇ ସ୍ଥିତ ଧବଳେଶ୍ୱର, ନୂଆଗାଁର ଗଙ୍ଗେଶ୍ୱର, ବାଲଦା ସ୍ଥିତ ସ୍ୱପ୍ନେଶ୍ୱର, ଦଶରଥପୁର ବଙ୍ଗାଳି ସାହିର ନୀଳମାଧବ ମନ୍ଦିର, ଚମ୍ପେଇପାଳ ସ୍ଥିତ କୁଆଁରେଶ୍ୱର ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ତଳିହା ପଞ୍ଚାୟତ ବୈତରଣୀ ନଦୀ ଅବବାହିକାରେ ବିଦ୍ୟମାନ ସିଦ୍ଧେଶ୍ୱର ପୀଠରେ ପ୍ରଭୁଙ୍କ ସ୍ୱତନ୍ତ୍ର ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ଲାଗିଥିଲା। ବଢ଼ି ଭୋରୁ ମହାଦୀପ ପୂଜା ପର୍ଯ୍ୟନ୍ତ ବ୍ରତଧାରୀ ମନ୍ଦିର ଛାଡି ଯାଇନଥିଲେ। ଖଣ୍ଡରା ପଞ୍ଚାୟତ ସୁଧଗୋବିନ୍ଦା ଗ୍ରାମରେ ଥିବା ସ୍ୱପ୍ନେଶ୍ୱର ମନ୍ଦିରରେ ଶତାଧିକ ସଂଖ୍ୟାରେ ଭକ୍ତ ବାବା ସ୍ୱପ୍ନେଶ୍ୱରଙ୍କୁ ପୂଜାର୍ଚ୍ଚନା କରି ଆଶିଷ କାମନା କରିଥିଲେ। ଅକରପଡ଼ା ପଞ୍ଚାୟତ ଭେଲାଙ୍ଗ ସ୍ଥିତ ପ୍ରସିଦ୍ଧ ଭୀମେଶ୍ୱରଙ୍କ ପୀଠରେ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗର ବ୍ରତଧାରୀ ଦୀପ ଜାଳି ନିଜ ମାନସିକ ପୂରଣ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ଦିର ସଲଗ୍ନ ପଡ଼ିଆରେ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଯାତ୍ରା ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଭୁ ଭୀମେଶ୍ୱରଙ୍କ ନୀତିକାନ୍ତି ପାଇଁ ସେବାୟତ ପ୍ରସନ କୁମାର ପତି, ରମେଶ ପତି, ବୃନ୍ଦାବନ ପତିଙ୍କ ତତ୍ତ୍ୱାବଧାନରେ ଅନ୍ୟ ସେବାୟତ ନିୟୋଜିତ ରହିଥିଲେ। ମନ୍ଦିର କମିଟି ପକ୍ଷରୁ ଚନ୍ଦ୍ର ସ୍ୱାଇଁ, ଜଗନ୍ନାଥ ମଲ୍ଲିକ, ସଂକର୍ଷଣ ସାମଲ, ପ୍ରଭାକର ପତି, ଅନନ୍ତ କିଶୋର ସାହୁ, ସୁରେନ୍ଦ୍ର ମଲ୍ଲିକ, ସଞ୍ଜୀବ ଦାସ, ରଞ୍ଜିତ ଦାସ, ରାଧାରମ ସ୍ୱାଇଁ, ଅଶୋକ ଜେନା, ଜ୍ୟୋତିପ୍ରକାଶ କରଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଜାଗର ଯାତ୍ରା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ବିଭିନ୍ନ ସ୍ଥାନରେ ଶିବରାତ୍ରୀ; ଦୀପ ଜାଳି ଉଜାଗର ରହିଲେ ଶ୍ରଦ୍ଧାଳୁ









ମାଲକାନଗିରି,୧୫ ।୨(ସମିସ):

ମହା ଶିବରାତ୍ରି ଅବସରରେ ସାରା ଦେଶରେ ଶୈବପୀଠ ଗୁଡିକ ଭକ୍ତିମୟ ପରିବେଶ ମଧ୍ୟରେ ଚଳଚଞ୍ଚଳ ହୋଇପଡିଥିବା ବେଳେ ମାଲକାନଗିରି ଜିଲ୍ଲାରେ ମଧ୍ୟ ବିଭିନ୍ନ ଶୈବ ପୀଠରେ ସକାଳୁ ସକାଳୁ ଦେଖିବାକୁ ମିଳିଛି ଶ୍ରଦ୍ଧାଳୁ ମାନଙ୍କ ଭିଡ଼ । ମାଲକାନଗିରି ଜିଲ୍ଲା ସଦର ମହକୁମା ନିକଟସ୍ଥ ମଲ୍ଲିକେଶ୍ୱର ଶୈବ, ଯଦୁଗୁଡାର ଐତିହାସିକ ଶୈବ ପୀଠ, ହର ଗୌରି ପୀଠ ସହ ବିଭିନ୍ନ ଶୈବ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ବିଶେଷ କରି ଜିଲ୍ଲାର ପୁରାତନ ଓ ପୁରାଣ ବର୍ଣ୍ଣିତ ଶୈବ ପୀଠ ମଲ୍ଲିକେଶ୍?ରରେ ଭକ୍ତ ମାନଙ୍କ ପ୍ରବଳ ସମାଗମ ହୋଇଛି । ଏହି ଶୈବ ପୀଠ ପାହାଡ ଉପରେ ଥିବା ବେଳେ ହଜାର ହଜାର ଭକ୍ତ ପ୍ରଭୁଙ୍କ ଦର୍ଶନ ପାଇଁ ଶତାଧିକ ପାହଞ୍ଚ ଚଢି ଏହି ପୀଠରେ ପହଞ୍ଚିଛନ୍ତି । ଦିନ ତମାମ ଏହି ପୀଠରେ ଭକ୍ତଙ୍କ ଭିଡ଼ ଲାଗିବା ସହ ପାହାଡ ତଳେ ନାନା ଦୋକାନ, ନାଟକ ଆଦିର ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ମଲ୍ଲିକେଶ୍ୱର ଶୈବପୀଠରେ ଭକ୍ତମାନେ ଶାନ୍ତି ଶୃଙ୍ଖଳା ସହ ଠାକୁରଙ୍କ ଦର୍ଶନ କରିବା ପାଇଁ କମିଟି ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପ୍ରତିବର୍ଷ ମଲ୍ଲିକେଶ୍ୱର ଶୈବ ପୀଠରେ ଏହି ସମୟରେ ଭକ୍ତ ତଥା ମାନସିକ ଧାରି ମାନେ ମଲ୍ଲିକେଶ୍ୱର ପୀଠରେ ଜାଗର ଦୀପ ଜାଳି ରାତିତମାମ ପୂଜାର୍ଚ୍ଚନା କରନ୍ତି । ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧା ମାନେ ମଧ୍ୟ ଖୁସିର ସହ ଏହି ପାହାଡ଼ ଚଢ଼ି ଶୈବ ପୀଠ ଦର୍ଶନ କରିଥାନ୍ତି । ଏଠାରେ ସେଚ୍ଛାସେବୀ ସଂଗଠନ ତରଫରୁ ଭକ୍ତ ମାନଙ୍କ ପାଇଁ ପିଇବା ପାଣି ଓ ଭୋଗର ବ୍ୟବସ୍ଥା ମଧ୍ୟ କରାଯାଇଛି । ଶ୍ରଦ୍ଧାଳୁ ମାନେ ପୂଜା ଅର୍ଚ୍ଚନା କରିବା ପରେ ପାହାଡ଼ ଉପର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ମାଲକାନଗିରି ସହର ଦୃଶ୍ୟର ମଜାନିଅନ୍ତି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ମଲ୍ଲିକେଶ୍ୱର ଶୈବ ପୀଠରେ ଜିଲ୍ଲା ତଥା ବାହାର ଜିଲ୍ଲା ଓ ପୋଡ଼ସି ଶ୍ରଦ୍ଧାଳୁ ମାନଙ୍କର ସୁଅ ଛୁଟିଛି । ସେହିଭଳି ମାଲକାନଗିରି ସହରର ତଳ ସାହି ଶିବମନ୍ଦିର, ହାଟପଦା, ପୁରୁଣା ମେଡିକାଲ, ଶିବାନନ୍ଦ ଆଶ୍ରମ, ରିକ୍ଲାମେସନ ଭଳି ଶୈବପୀଠ ଗୁଡିକ ମଧ୍ୟ ଆଜି ଶିବରାତ୍ରି ପାଇଁ ବେଶ ଲୋକାରଣ୍ୟ ହୋଇଛି । ବିଳମ୍ବିତ ରାତିରେ ମହାଦୀପ ଉଠିବା ସହ ହରିହରି ଭେଟର ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନେ ସକାଳୁ ଉପବାସ ରହି ଅଖଣ୍ଡ ଦୀପ ଜାଳି ପୂଜା କରୁଥିବା ଦେଖିବାକୁ ମିଳିଛି ।

ରାମନାଗୁଡ଼ା : ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକର ବିଭିନ୍ନ ଶିବାଳୟରେ ଶନିବାର ବିଳମ୍ବିତ ରାତିରୁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖାଯାଇଥିଲା । ବିଶେଷକରି ରାମନାଗୁଡ଼ା ଅଞ୍ଚଳର ଲିଙ୍ଗରାଇ, ଗୋସେଇଁ ଗୁଲୁମୁଣ୍ଡା, ଗୁମଡ଼ା, ଗୁଲୁଣ୍ଡି, ଦେଉଳା, ରାମନାଗୁଡ଼ା ଆଦି ପୁରାତନ ଶିବ ମନ୍ଦିର ଗୁଡ଼ିକରେ ଭକ୍ତମାନେ ଲମ୍ବା ଲାଇନ୍‌ରେ ଛିଡା ହୋଇ ଜଳାଭିଷେକ ଓ ପୂଜାର୍ଚ୍ଚନା କରିଥିଲେ । ପ୍ରଭାତରୁ ହିଁ ଶିବ ମନ୍ଦିରରେ ଘଣ୍ଟନାଦ ଓ ହରହର ମହାଦେବ ଧ୍ୱନୀରେ ପରିବେଶ ଭକ୍ତିମୟ ହୋଇଯାଇଥିଲା । ମହିଳା, ପୁରୁଷ ଓ ଯୁବପିଢ଼ି ସମେତ ସମସ୍ତ ବର୍ଗର ଲୋକ ଶିବଲିଙ୍ଗରେ ଜଳ, ଦୁଗ୍ଧ, ବେଲପତ୍ର ଅର୍ପଣ କରି ଶାନ୍ତି ଓ ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ । କିଛି ମନ୍ଦିରରେ ଭଜନ, କୀର୍ତ୍ତନ ଓ ରୁଦ୍ରାଭିଷେକର ଆୟୋଜନ କରାଯାଇଥିଲା । ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ ପାଣି ବ୍ୟବସ୍ଥା ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଠୋର କରାଯାଇଥିବା ବେଳେ ଗୁଣୁପୁର ଏସଡିପିଓ ବାବୁଲି ନାୟକ, ଗୁଣୁପୁର ଥାନା ଅଧିକାରୀ, ରାମନାଗୁଡ଼ା ଥାନା ଅଧିକାରୀ ସୁନିତା ବେହେରା, ରାମନାଗୁଡ଼ା ଥାନା ଏସଆଇ ବାବୁଲା ପ୍ରଧାନ, ଗୁମୁଡ଼ା ଫାଣ୍ଡି ଅଧିକାରୀ ବୀରେନ୍ଦ୍ର କୁମାର ରାୟ ପ୍ରମୁଖ ବିଭିନ୍ନ ଶୈବ ପୀଠ ଗୁଡିକର ତଦାରଖ କରୁଥିଲେ । ମହାଶିବରାତ୍ରୀ ଉପଲକ୍ଷେ ସାରାଦିନ ଧରି ଭକ୍ତମାନଙ୍କ ଆଗମନ ଜାରି ରହିଥିଲା ଓ ପରିବେଶ ଭକ୍ତିମୟ ହୋଇଉଠିଥିଲା ।

ପଦ୍ମପୁର : ରାୟଗଡ଼ା ଜିଲ୍ଲାର ପଦ୍ମପୁର ତଥା ଏହାର ଆଖପାଖ ଅଞ୍ଚଳରେ ମହାଶିବରାତ୍ରି ଅବସରରେ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ଐତିହାସିକ ନୀଳକଣ୍ଠେଶ୍ୱର, ଧବଳେଶ୍ୱର, ମଲ୍ଲୀକେଶ୍ୱର,ପୁଡୁକେଶ୍ୱର ମନ୍ଦିରରେ ଆଜି ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ରୁଦ୍ରାଭିଷେକ, ପାଶ୍ୱର୍ ଦେବତା ପୂଜା ସହ ସେବକମାନେ ମହାପ୍ରଭୁଙ୍କ ବିଭିନ୍ନ ବେଶରେ ଭୂଷିତ କରାଇଥିଲେ । ଶହଶହ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପଦ୍ମପୁର ପୁଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରତ୍ୟେକ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା । ସନ୍ଧ୍ୟାରେ ଆରତୀ ଦର୍ଶନ ସହ ରାତ୍ରୀ ୧୧ଟାରେ ମହାଦୀପ ଉଠିବ ବୋଲି ଜଣାପଡିଛି । ଠିକ୍ ସେହିପରି ଗୁମୁଡା,କାରେଣୀ ବ୍ରାହ୍ମଣ ଶାସନ, ଇନ୍ଦୁପୁର,ସେରମା,କେନ୍ଦୁଗୁଡାର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଧୁମଧାମରେ ପାଳିତ ହୋଇଯାଇଛି । ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ପୈରାଣିକ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ବିଭିନ୍ନ ଦୋକାନ ବଜାର ସହ ସୁଦୃଶ୍ୟ ଆଲୋକ ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଛି ।

ବିଷମକଟକ : ପବିତ୍ର ଶିବରାତ୍ରି ଜାଗର ଅବସରରେ ଆଜି ରାୟଗଡା ଜିଲ୍ଲା ବିଷମ କଟକ ତଥା ଆଖପାଖ ଅଞ୍ଚଳରେ ରହିଥିବା ମହାଦେବ ମନ୍ଦିରରେ ଭକ୍ତଙ୍କ ସମାଗମ ଲାଗି ରହିଛି । ଚାଟିକୋଣା ଠାରେ ଅବସ୍ଥିତ ପାତାଳେଶ୍ୱର ମନ୍ଦିର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ହୋଇଥିବା ବେଳେ ଆଜି ଶିବରାତ୍ରି ଜାଗର ଅବସରରେ ମହାଦେବଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ଶିବ ଦର୍ଶନ ନିମନ୍ତେ ଭୋର ସକାଳୁ ସକାଳୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଛି । ମହାଦେବଙ୍କୁ ଜଳାଭିଷେକ କରିବା ନିମନ୍ତେ ଲମ୍ବା ଧାଡ଼ି ଲାଗିଥିଲା । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହିପରି ପଣଷପଦରର ବାବା ଅମରନାଥ ,ବିଷମ କଟକର ତୁମ୍ବେଶ୍ୱର, ନାଗେଶ୍ୱର, ପାତାଳେଶ୍ୱର ଗଜବାହାଲ ନୀଳ କଣ୍ଠେଶ୍ୱର, ଜଗନ୍ନାଥ ପୁର, କାକରାମାସ୍କା, ଦୁର୍ଗୀ, ଡୁକୁମ, ହାଟ ମୁନିଗୁଡା ଓ ପାଇକ ଡ଼ାଳୁଲୁଗୁଡା ଶିବ ମନ୍ଦିରକୁ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି । ସମସ୍ତ ମନ୍ଦିରରେ ଭକ୍ତଙ୍କ ଜାଗର ପାଳିବାର ବିଧିବ୍ୟବସ୍ଥା ରହିଥିବାରୁ ଭକ୍ତଙ୍କ ନିମନ୍ତେ ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି । ବିଭିନ୍ନ ମହାଦେବ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ତରଫରୁ ଏକ ପ୍ଲାଟୁନ ଫର୍ସ ମୁତୟନ କରାଯାଇଥିବା ନେଇ ବିଷମ କଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି ।

ଜୟପୁର : କୋରାପୁଟ ଜିଲ୍ଲା ଜୟପୁର ସହର ଏବଂ ଆଖପାଖ ଗ୍ରାମାଞ୍ଚଳର ବିଭିନ୍ନ ଶୈବପୀଠରେ ରବିବାର ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାଶିବରାତ୍ରୀ ପାଳନ କରିଛନ୍ତି । ବିଭିନ୍ନ ମନ୍ଦିର ଓ ଶୈବପୀଠରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ଭିଡ଼ରେ ଶିବରାତ୍ର ତଥା ମହାଜାଗର ଯାତ୍ରା ବିଭିନ୍ନ ଶୈବପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଆନନ୍ଦଉଲ୍ଲାସରେ ପାଳନ ହୋଇଥିଲା । ଆଜି ଭୋରରୁ ଜୟପୁର ସହରର ପଞ୍ଚାନନ, ନୀଳକଣ୍ଠେଶ୍ୱର, ବୈଦନାଥ, ଲୋକନାଥ, ଭୂତନାଥ, ହଟିକେଶ୍ୱର, ଲୋକେଶ୍ୱର, କପିଳେସ୍ୱର, ରାମେଶ୍ୱର, ବାରିଣିପୁଟର ଶକ୍ତିଶ୍ୱର, ଗାଗନାପୁରର ବାବା ବାଲୁଙ୍କେଶ୍ୱର, ପାଞ୍ଜିଆଗୁଡାର ଲୋକନାଥ, ଆମ୍ବାଗୁଡା, ବାଲିଆ, ଜୟନ୍ତୀଗିରି ପ୍ରଭୃତି ଗ୍ରାମ ସହିତ ସହରର ଇରିଗେସନ କୋଲନୀ, ପାରବେଢା, ବାଙ୍କମଠରେ ରହିଥିବା ବିଭନ୍ନ ଶୈବ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭୀଡ ଦେଖିବାକୁ ମିଳିଥିଲା । ଏହିପରି ଭକ୍ତମାନେ ନଡିଆ, କଦଳୀ, ଆଖୁରସ, ପଇଡ, ଖିର, ଦହି ହାତରେ ଧରି ମନ୍ଦିର ସମ୍ମୁଖରେ ଲାଇନରେ ରହିବା ସହ ଠାକୁରଙ୍କ ଦର୍ଶନ ସହ ଭୋଗ ଲାଗି କରିଥିଲେ । ଶିବରାତ୍ରୀ ଅବସରରେ ସଂଧାରେ ସ୍ଥାନୀୟ ରାଜୁ ସାହିସ୍ଥିତ ବାବା ବୈଦନାଥ ମନ୍ଦିର ଏବଂ ପାୱାର ହାଉସ ଆୱା ନାରୀଶ୍ୱର ମନ୍ଦିର ଶିଖର ଉପରକୁ ମହାଦୀପ ଉଠାଯାଇଥିଲା । ଏହାକୁ ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା । ହିନ୍ଦୁ ପରମ୍ପରା ଏବଂ ରୀତିନିତିରେ ବିଳମ୍ବିତ ରାତିରେ ପଞ୍ଚାନନ ଏବଂ ନୀଳକଣ୍ଠେଶ୍ୱର ମନ୍ଦିରରେ ହରିହର ଭେଟ ଆୟୋଜନ କରାଯାଇଥିଲା । ଏହି ଅବସରରେ ପୂଜକ ଓ ପୁରୋହିତ ମାନେ ହୋମଯଜ୍ଞ ଏବଂ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ସାରା ରାତି ଉଜାଗର ରହିବା ସହିତ ପୂଜାର୍ଚ୍ଚନା କରିଥିଲେ । ସହରରେ ଶିବରାତ୍ରି ପାଳନ ଅବସରେ ଶାନ୍ତିଶୃଙ୍ଖଳା ପାଇଁ ବିଭିନ୍ନ ମନ୍ଦିରରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସେହିପରି ରାଜ୍ୟର ପ୍ରସିଦ୍ଧ ବାବା ଗୁପ୍ତେଶ୍ୱର ଶୈବପୀଠକୁ ରାଜ୍ୟ ଓ ବାହାର ରାଜ୍ୟର ଭକ୍ତ ମାନେ ଜୟପୁର ସହରକୁ ଆସି ଏଠାରୁ ବସ, ଅଟୋ, ଚାରିଚକିଆ ଏବଂ ଦୁଇ ଚକିଆରେ ଯାତ୍ରା କରିଥିଲେ । ପୁରୁଣାଗଡ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଭଜନ ସମାରୋହ ସଂଧାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଆଜି ଜୟପୁର ସହରରେ ଏକ ଭକ୍ତିମୟ ପରିବେଶରେ ମହାଶିବରାତ୍ରି ଓ ଜାଗର ପାଳନ କରାଯାଇଥିଲା ।

କାକିରିଗୁମା : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡା ଶୈବପୀଠ, ଖଜୁରୀପୁଟ, ଭିତରଗୁଡ, ତୁନୁପାର, କୁଟୁନି ପଦର, କାକିରି ଗୁମା, ଶୈବପୀଠରେ ମୁହାଶିବରାତ୍ର ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଠାକୁର ଦର୍ଶନ ପାଇଁ ଭିଡ଼ ଜମିଛି । ଭକ୍ତ ଶାନ୍ତି ଶୃଙ୍ଖଳାରେ ଦର୍ଶନ କରିବାକୁ ମନ୍ଦିର କମିଟି ତରଫରୁ ବ୍ୟବସ୍ଥା କରାଯାଇଥିଲା । ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କାକିରି ଗୁମା ପୁଲିସ ମୃତୟନ ହୋଇଥିଲେ ।

ଲକ୍ଷ୍ମୀପୁର : ଶିବରାତ୍ରୀ ପାଇଁ ଲକ୍ଷ୍ମୀପୁର ପୁରାତନ ଶିବ ମନ୍ଦିରରେ ରବିବାର ଭୋରରୁ ଆରମ୍ଭ ହୋଇଯାଇଛି ପୂଜାର୍ଚ୍ଚନା । ଭକ୍ତ ମାନେ ସକାଳୁ ଲମ୍ବା ଧାଡ଼ିରେ ଠିଆ ହୋଇ ପୂଜା କରୁଥିବା ଦେଖିବକୁ ମିଳିଛି । ବର୍ଷକୁ ଥରେ ଏହି ଦିନକୁ ଭକ୍ତମାନେ ଜଗି ରହିଥାନ୍ତି । ଶିବ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ସାନିଧ ଲାଭ କରି ନିଜ ପରିବାରର ସୁଖ ଓ ସମୃଦ୍ଧି କାମନା କରିଥିଲେ । ଭୋଗ, ବେଲପତ୍ର, ପୁଷ୍ପ ଧରି ଉପବାସ କରି ମହିଳା, ପୁରୁଷ ଓ ଅନେକ ଯୁବକ ଯୁବତୀ ଧାଡ଼ିରେ ଠିଆ ହୋଇ ପୂଜା କରିଛନ୍ତି । ମନ୍ଦିର ପ୍ରାଙ୍ଗଣରେ ଭକ୍ତିଭାବ ପୂର୍ଣ୍ଣ ମନୋଭାବ ଦେଖିବକୁ ମିଳିଥିଲା । ଅତ୍ୟଧିକ ଗହଳିକୁ ଅଖି ଆଗରେ ରଖି ପୁଲିସ ମୁତୟନ କରାଯାଇ ଥିଲା । ରାତିରେ ମହାଦୀପ ଦର୍ଶନ ପାଇଁ ସବୁ ଭକ୍ତ ଅପେକ୍ଷାରେ ରହିଛନ୍ତି ।

କଲ୍ୟାଣସିଂହପୁର : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଠାରେ ଥିବା ପଞ୍ଚ ମୁଖେଶ୍ୱର ଶୈବପୀଠରେ ଦେଶର କୋଣ ଅନୁକୋଣରୁ ଭକ୍ତଙ୍କ ଭିଡ଼ ଜମିଥିଲା । ଠାକୁର ଦର୍ଶନ ପାଇଁ ମଧ୍ୟରାତ୍ର ଠାରୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପାହାଡ଼ ଉପରେ ଗୁମ୍ଫା ଭିତରେ ପଞ୍ଚ ମୁଖେଶ୍ୱର ଶିବ ଲିଙ୍ଗ ବିରାଜମାନ ଥିବାରୁ ବର୍ଷକ ବିଭନ୍ନ ସମୟରେ ଭକ୍ତଙ୍କ ଭିଡ଼ ଜମିଥାଏ । ଆଜି ଶିବରାତ୍ର ଓ ଜାଗର ମେଳା ଲାଗୁଥିବାରୁ ବହୁ ଭକ୍ତ ପାହାଡ଼ ତଳ ଠାରୁ ଉପରଯାଏ ୪୮୬ ପାହାଚ ଚଢି ଶୃଙ୍ଖଳିତ ଢଙ୍ଗରେ ଠାକୁର ଦର୍ଶନ କରିଥିଲେ । ଓଡ଼ିଶାର ଅନେକ ଶୈବ ପୀଠ ମଧ୍ୟରୁ ଏହି ଶୈବପୀଠର ସ୍ଥାନ ଏକ ସ୍ୱତନ୍ତ୍ର ରହିଛି । ଯାହାକି ଦେବତା ମାନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବାରୁ ଦେବିଗିରି ବୋଲି ନାମ ରହିଛି । ରାଜା ଅମଳରୁ ଆଜିଯାଏ ପାହାଡ଼ ଉପରେ ପୂଜା ପାଉଛନ୍ତି ପଞ୍ଚ ମୁଖେଶ୍ୱର ସ୍ୱଟିକ ଲିଙ୍ଗ । ଅନେକ ଭକ୍ତଙ୍କ ମନସ୍କାମନା ପୂରଣ ହେଲେ ମୁଣ୍ଡନ ହୋଇଥାନ୍ତି । ଆଜି ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଠାକୁର ଦର୍ଶନ କରିଜାଗର ପାଳି ଉଜାଗର ରହିବା ପାଇଁ ଭିଡ ଜମିଥିଲା । ସର୍ବ ପୁରାତନ ଐତିହାସିକ ଶୈବ ପୀଠରେ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିବାରୁ ଆନନ୍ଦରେ ସେବନ କରିଥିଲେ । ଏହି ଅବସରରେ ସାତ ଦିନ ଧରି ପାହାଡ଼ ତଳେ ଜାଗର ଯାତ୍ରା ଅନୁଷ୍ଠିତ ହେଉଛି । ମିନା ବଜାର ସହ ବିଭିନ୍ନ ଦୋକାନ ବଜାର ବସି ହଜାର ହଜାର ଲୋକଙ୍କ ଭିଡ଼ ଜମିଥାଏ । ସରକାରଙ୍କ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଇ ସମସ୍ତ ପ୍ରକାର ସମସ୍ୟା ସାଧାନ କଲେ ବିକାଶ ହୋଇପାରିବ ବୋଲି ଶ୍ରଦ୍ଧାଳୁ ମାନେ ମତବ୍ୟକ୍ତ କରିଥିଲେ । ସେହିପରି ବ୍ଲକର ସଦର, ନାରାୟଣ ପୁର ରାମଲିଙ୍ଗେଶ୍ୱର, ସୁଲିପଦର, ପୂଜାରୀଗୁଡା, ଜିଲୁଣ୍ଡା, ସୁନାଖଣ୍ଡି, ଶିକରପାଇ, ସେରିଗୁମା ଠାରେ ଥିବା ଶିବ ମନ୍ଦିର ମାନଙ୍କ ଠାରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ପୁଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ବିଭିନ୍ନ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ମଧ୍ୟ ପ୍ରଶାସନକୁ ସହଯୋଗ କରିଥିଲେ ।

କୋରୁକୋଣ୍ଡା : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ବିଭିନ୍ନ ଶୈବପୀଠରେ ଆଜି ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି । କୋରୁକୋଣ୍ଡା ଶୁବଳେଶ୍ୱର, ଟେକଗୁଡା ଜଳେଶ୍ୱର, ଡୁଟେଲ ଗୁଡା ଲୋକନାଥ, ବାଲାକାଟି ମହାକାଳେଶ୍ୱର, କଣ୍ଟାମାଡି ମଲିକାର୍ଜୁନ, ପୁଷପାଲ୍ଲୀ ଓଁକାରେଶ୍ୱର, ବାଲିମେଳା ଛକ ରାଜଲିଙ୍ଗେଶ୍ୱର ଏହି ସମସ୍ତ ଶୈବ ପୀଠରେ ଆଜି ଭୋର ସମୟରୁ ମହାଦେବଙ୍କ ନୀତି ସମ୍ପୂର୍ଣ୍ଣ କରିବା ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ କରାଯାଇଥିଲା । ମହାଦେବଙ୍କ ଆଶିଷ ଲାଭ ନିମନ୍ତେ ଆଖାପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳ ସାରା ଦିନ ତମାମ ଭକ୍ତଙ୍କ ଭିଡ ଲାଗିରହିଥିଲା । ସନ୍ଧ୍ୟା ସମୟରେ ବ୍ରତଧାରୀମାନଙ୍କ ଜାଗର ଦୀପ ପ୍ରଜ୍ୱଳନ ନିମନ୍ତେ ଭିଡ ଜମିବାର ଦେଖିବାକୁ ମିଳିଥିଲା । ଏହି ଅବସରରେ ଭକ୍ତ ମାନେ ନାମ ସଂକୀର୍ତ୍ତନ ମଧ୍ୟ କରିଥିଲେ । ଆଜି ପୁରା ପରିବେଶ ଭକ୍ତିମୟ ହୋଇଉଠି ଥିଲା ଏବଂ ଜୟ ଶିବଶମ୍ଭୁ ନାରାରେ ପ୍ରକମ୍ପିତ ହୋଇଥିଲା । ରାତ୍ର ୧୨ଟା ପରେ ବିଭିନ୍ନ ଶିବ ମନ୍ଦିରରେ ମହାଦୀପ ଉଠାଯିବା ସହିତ ହରଗୌରୀ ଭେଟର କାର୍ଯ୍ୟକ୍ରମ ରହିଥିଲା । ଏହି ଅବସରରେ ବିଭିନ୍ନ ପୀଠରେ ଭଜନ ସମାରୋହ ସହିତ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ କାରାଯିବ ବୋଲି ବିଭିନ୍ନ ପୂଜା କମିଟି କହିଛନ୍ତି । ଶାନ୍ତି ଶୃଙ୍ଖଳାର ସହିତ ଭକ୍ତ ମାନେ କିପରି ଭାବେ ମହାଦେବଙ୍କ ଦର୍ଶନ କରି ପାରିବେ ସେ ନେଇ ପୂଜା କମିଟି ତରଫରୁ ସ୍ୱଚ୍ଛାସେବୀମାନଙ୍କ ସମେତ ପୁଲିସ ବିଭାଗ ମଧ୍ୟ ଉପସ୍ଥିତ ରହିଛନ୍ତି ।

ଗୁଡାରି : ଗୁଡାରି ପରିଷଦ ତଥା ବ୍ଲକର ବିଭିନ୍ନ ଶୈବ ପୀଠ ମାନଙ୍କରେ ମହାଶିବରାତ୍ର ପାଳିତ ହୋଇଯାଇଛି । ଗୁଡାରି ରାମଲୀଙ୍ଗେଶ୍ୱର ମନ୍ଦିର, ଗୁଡାରି ଗଡ଼ ଏବଂ ଶିରିଗୁଡ଼ା ନିଳକଣ୍ଠ ମନ୍ଦିର, ପଶ୍ଚିମେଶ୍ୱର ମନ୍ଦିର ଢେପାଗୁଡା ସୋମନାଥ ମନ୍ଦିର, ଝିଗିଡି ଭାଟା ଧବଳେଶ୍ୱର ମନ୍ଦିର ଟେମ୍ବାଗୁଡା ଗୁପ୍ତେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ସେହିପରି ଚନ୍ଦ୍ରପୁର ବ୍ଲକ ନିକଟସ୍ଥ ଶ୍ରୀ ମିନାଝୋଲାରେ ମଧ୍ୟ ଲକ୍ଷାଧିକ ଶ୍ରଦ୍ଧାଳୁ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଭଳି ଅନ୍ୟ ରାଜ୍ୟରୁ ଶ୍ରଦ୍ଧାଳୁ ଏଠାକୁ ଆସି ମୀନକେଶ୍ୱର ବାବାଙ୍କୁ ଦର୍ଶନ କରିଥିଲେ । ମନୋଭରା ପ୍ରାକୃତିକ ଦୃଶ୍ୟ ସାଙ୍ଗକୁ ତିନୋଟି ନଦୀର ସଙ୍ଗମରେ ଭକ୍ତ ସ୍ନାନ କରି ଭକ୍ତି ଓ ଶ୍ରଦ୍ଧାର ସହ ବାବା ମୀନକେଶ୍ୱରଙ୍କୁ ଦର୍ଶନ କଲେ ମାନସିକ ପୁରଣ ହେଉଥିବା କଥିତ ଅଛି । ପ୍ରତ୍ୟେକ ବର୍ଷ ମାନସିକ ଧାରୀ କାର୍ଯ୍ୟ ସଫଳ ହେବା ପରେ ଏଠାକୁ ଆସି ମୁଣ୍ଡନ ହୋଇଥାନ୍ତି । ରାତ୍ର ଜାଗର ସମୟରେ ଲକ୍ଷାଧିକ ଶ୍ରଦ୍ଧାଙ୍କ ସମାଗମ ହୁଏ । କିନ୍ତୁ ପରିତାପରେ ବିଷୟ ଏଠାରେ ପାନୀୟ ଜଳ ସୁବ୍ୟବସ୍ଥା ନାହିଁ କି, ଦୂର ଦୁରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ରହିବା ଏବଂ ବିଶ୍ରାମ ନେବା ବ୍ୟବସ୍ଥା କରାଯାଇନାହିଁ । ଚଳିତ ବର୍ଷ ଶହ ଶହ ଗାଡ଼ି ଚଳାଚଳ ହୋଇଥିବାରୁ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା । କିଲୋମିଟର ଧରି ବସ୍, ଗାଡ଼ି ଜାମ୍ ହେବା ଫଳରେ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ବାହିନୀ, ଅଗ୍ନିଶମ ବିଭାଗ ମୁତୟନ କରାଯାଇଥିଲେ ମଧ୍ୟ ବସ୍, ଗାଡ଼ି ଜାମ୍‌କୁ ନେଇ ପୁଲିସଙ୍କୁ ନାକେଦମ ହେବାକୁ ପଡିଥିଲା । ରାତ୍ରି ସମୟରେ ନାମ ସଂକୀର୍ତ୍ତନ ସହ ଗଙ୍ଗା ଆଳତୀ, ୧୨ଟାରେ ମହାଦୀପ ପ୍ରଜ୍ୱଳନ ପାଇଁ ନିତି ନିର୍ଘଣ୍ଟ କରାଯାଇଛି । ନଗରରେ ମନ୍ଦିର ଗୁଡିକରେ ଶାନ୍ତି ଶୃଙ୍ଖଳର ଦର୍ଶନ କରିବା ପାଇଁ ଗୁଡାରୀ ଥାନାଧିକାରୀ ବିଶ୍ୱ ବନ୍ଦନୀ ବାଗ ପ୍ରତ୍ୟେକ ଶୈବପୀଠରେ ପୁଲିସ ମୁତୟନ କରିଥିବା ଜଣାପଡ଼ିଛି ।

ତେନ୍ତୁଳିଖୁଣ୍ଟି : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟିର ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ସ୍ଥାନୀୟ ସର୍ପ ମୁଣ୍ଡେଶ୍ୱର ଶୈବପୀଠରେ ମହାଦେବଙ୍କ ପୂଜକ ସାରଥୀ ମାଳି ପୂଜାର୍ଚ୍ଚନା କରିଥିଲେ । ସେହିଭଳି ଗୋପାଳ ଶ୍ରୀକ୍ଷେତ୍ର ପରିସର ଶୈବପୀଠ, ଉପର ଶିବ ମନ୍ଦିର, କପୁର ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ଲମତାଗୁଡା ଶୈବ ପୀଠ, ଗଡିପୁଟ ଶୈବ ପୀଠ, ଘୁମରେଶ୍ୱର ଶୈବ ପୀଠ ଆଦି ସମସ୍ତ ଶୈବପୀଠରେ ଭକ୍ତଙ୍କ ସାମଗମ ଦେଖିବାକୁ ମିଳିଥିଲା । ଭକ୍ତ ସାମଗମକୁ ନଜରରେ ରଖି ଖାତିଗୁଡା ଏବଂ ତେନ୍ତୁଳିଖୁଣ୍ଟି ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା । ତେନ୍ତୁଳିଖୁଣ୍ଟି ସ୍ଥିତ ଘୁମରେଶ୍ୱର ଶୈବପୀଠରେ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁଙ୍କ ତତ୍ତ୍ୱାବଧାନରେ ପୋଲିସ ବାହିନୀ ଶୃଙ୍ଖଳା ରକ୍ଷା କରିଥିଲେ । ଖାତିଗୁଡା ଥାନା ଅଧିକାରୀ ବୀରେନ୍ଦ୍ର ବାଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ ବାହିନୀ ମୃତୟନ ହୋଇ ଖାତିଗୁଡା ଥାନା ଅନ୍ତର୍ଗତ ସମସ୍ତ ଶୈବ ପୀଠରେ ଶୃଙ୍ଖଳା ରକ୍ଷା କରିଥିଲେ । କିଛି ପୀଠରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ଆଞ୍ଚଳିକ ନାଟକ ପରିବେଷଣ ହୋଇଥିଲା ।

ଉମରକୋଟ : ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ସମସ୍ତ ଶୈବପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା । ମହାଶିବରାତ୍ରୀ ଅବସରରେ ସମସ୍ତ ଶୈବପୀଠ ଠାରେ ହରିହର ଭେଟ ହେବା ସହ ମହାଦୀପ ଉଠିଥିଲା । ମହା ଶିବରାତ୍ରୀ ଅବସରରେ ସମସ୍ତ ଶୈବପୀଠର କମିଟି ଭକ୍ତଙ୍କ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଉମରକୋଟ ସହରର ପୋଠାଗଡ ଶୈବପୀଠ , ଧୋଡ୍ରା ଇଙ୍ଗ୍ଲାଜିନ ଶୈବପୀଠ ମନ୍ଦିର ଡିଏନକେ ଇଶାନେଶ୍ୱର ଶିବମନ୍ଦିର ଭାଲୁଗୁଡା ଶିବମନ୍ଦିର ଗୁଲିପାଟଣା ବାବା ବୈଦନାଥ ଶିବ ମନ୍ଦିର, ବୁର୍ଜା ଶୈବପୀଠ ମନ୍ଦିର ଟାଉନ ଶୈବପୀଠ ଦେଓଗାଁ ଶୈବପୀଠ ମନ୍ଦିର ଆଦି ମନ୍ଦିର ଠାରେ ଶ୍ରଦ୍ଧାଳୁ ଭକ୍ତମାନେ ଏକତ୍ରିତ ହୋଇ ଏହା ପାଳନ କରିଥାନ୍ତି । ଦେବ ଦେବ ମହାଦେବଙ୍କ ପୂଜା ଉପାସନା ନିମନ୍ତେ ପ୍ରତ୍ୟେକ ପକ୍ଷର ଚତୁର୍ଦ୍ଦଶୀ ତିଥି ଓ ଶିବରାତ୍ରି ସର୍ବୋତ୍କୃଷ୍ଟ । ଅନ୍ୟ ଦେବତାଙ୍କ ପୂଜା ଦିନରେ ହେଉଥିବା ବେଳେ ଏହି ପର୍ବରେ ଭଗବାନ ଶିବଙ୍କର ପୂଜା ରାତିରେ ହେଇଥାଏ । ବ୍ରତାଚାରୀମାନେ ଉକ୍ତ ଦିନରେ ଉପବାସ ରହି ଓ ସନ୍ଧ୍ୟାରେ ଶିବମନ୍ଦିର ଯାଇ ଅଖଣ୍ଡ ଦୀପ ଜାଳି ଉଜାଗର ରହନ୍ତିଥାନ୍ତି । ସେହି ରାତ୍ରିର ଚାରିପ୍ରହରରେ ଦୀପ ଜାଳିବା ସହିତ ଶିବଙ୍କର ପୂଜା ସହିତ ନାମ ଜପ କରାଯିବାର ବିଧି ରହିଛି ।









ମହାଦେବଙ୍କ ଜାଗର ମେଳା

ପଞ୍ଚାକ୍ଷରୀ ମନ୍ତ୍ରରେ କମ୍ପିଲା ଶୈବପୀଠ


ବାରିପଦା


ବାରିପଦା


କୁଳିଅଣା


ରାଇରଙ୍ଗପୁର


ଉଦଳା


କୁଆଁମରା

ବାରିପଦା, ୧୫ ।୨(ସମିସ): ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଶନିବାର ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଶୈବପୀଠ ଉତ୍ସବ ମୁଖର ହୋଇପଡ଼ିଛି। ମନ୍ଦିର ଓ ପ୍ରଶାସନ ପକ୍ଷରୁ ଯୋଜନାବଦ୍ଧ ପଦକ୍ଷେପ ପାଇଁ ଶାନ୍ତିଶୃଙ୍ଖଳାର ସହିତ ଭକ୍ତଗଣ ବହୁସଂଖ୍ୟାରେ ଦିଅଁ ଦର୍ଶନ କରୁଛନ୍ତି। ଜିଲ୍ଲାର ମାଣଡ୍ରୀର ବାବା କଖାରୁଆ ବୈଦନାଥ ପୀଠ, ଖିଚିଂର ଶ୍ରୀଶ୍ରୀ ଚନ୍ଦ୍ରଶେଖର ଓ ଶ୍ରୀଶ୍ରୀ ମୃତ୍ୟୁଞ୍ଜୟ, କପ୍ତିପଦା ଝିଙ୍କପଦାର ବାବା ଝିଙ୍କେଶ୍ୱର, ବାଙ୍ଗିରିପୋଷି ଶିମିଳାର ଶିମେଳେଶ୍ୱର, ରାସଗୋବିନ୍ଦପୁର ଦେବଶୋଳର ବୁଦ୍ଧେଶ୍ୱର, ବଦଲିଗାଁର ଭୂତେଶ୍ୱର, ଖାରପୋଖରିଆର ଲୋକନାଥ ମହାଦେବ ପୀଠ, କାଳାଝିନେଇର ଶୈବପୀଠ, ଗୌଡିଆବାହାଳିର ବାବା ଗୌରୀନାଥ ଶିବ ମନ୍ଦିର, ଚିତ୍ରଡ଼ା, କୋହି, ଗଡ଼ିଆ, ଚଡ଼େଇଗାଁ, ମୋରଡ଼ା, ଛୋଟରାୟପୁର, ପାରିଆକୁଲି, ପଳାସମୁଣ୍ଡଳି, କମାରଡିହା, ଜାମଶୋଳ ଓ ଶିର୍ଷା ଆଦି ବିଭିନ୍ନ ପ୍ରସିଦ୍ଧ ଶୈବପୀଠରେ ବହୁ ସଂଖ୍ୟାରେ ଭକ୍ତ ଭୋରରୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଶିବଙ୍କୁ ଆରାଧନା ସାଙ୍ଗକୁ ବ୍ରତୀ ଦୀପ ଜାଳୁଛନ୍ତି।

ସେହିପରି ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜାଙ୍କ ଶାସନ ସମୟରେ ନିର୍ମିତ ବାରିପଦା ସହରର ବାରୁଣୀଘାଟ ବାରୁଣେଶ୍ୱର ଶୈବପୀଠରେ ପ୍ରତ୍ୟୁଷରୁ ଦିନସାରା ମହିଳା ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଅନୁକୂଳ ପାଗରେ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ବହୁ ସଂଖ୍ୟାରେ ଶୈବ ଭକ୍ତ ଏହି ମନ୍ଦିରକୁ ପୂଜାର୍ଚ୍ଚନା ନିମନ୍ତେ ଆସିଥିବା ପରିଲକ୍ଷିତ ହୋଇଥିଲା। ବାରିପଦା ସହରର ଉପକଣ୍ଠରେ ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଂଗମ ସ୍ଥଳୀରେ ଅବସ୍ଥିତ ଓ ଦକ୍ଷିଣାବର୍ତ୍ତ ତନ୍ତ୍ରପୀଠ ଭାବେ ପରିଚିତ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ବୁଢ଼ାରାଉଳ ମହାଦେବ ବା ଧନି ମଠରେ ମହାଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା, ଯଜ୍ଞ ଓ ହୋମ ଆଦି ଆୟୋଜିତ ହୋଇଥିଲା। ସହରର ଟ୍ରାଫିକ ଛକ ନିକଟସ୍ଥ ତ୍ରିବିକ୍ରମେଶ୍ୱର ମନ୍ଦିର, ରଘୁନାଥପୁରର ଶ୍ରୀଶ୍ରୀ ହରିହର ମନ୍ଦିର, ବେଲଗଡ଼ିଆ ପଞ୍ଚାନନ ଶିବ ମନ୍ଦିର, ପୁଲିସ ଲାଇନ ମହାଦେବ ମନ୍ଦିର, ତକତପୁର ପାତାଳେଶ୍ୱର ମନ୍ଦିର, ବାଘଡ଼ାରୋଡ଼ ଓ ଭଞ୍ଜପୁର ଭଞ୍ଜେଶ୍ୱର ମନ୍ଦିର, ଶ୍ରୀଅମ୍ବିକେଶ୍ୱର ମହାଦେବ, ଝିଞ୍ଜିରୀବନ୍ଧ ଶ୍ରୀଲୋକେଶ୍ୱର ମନ୍ଦିର, ମୁର୍ଗାବାଡ଼ି ମହାଦେବ ମନ୍ଦିର, ଭୁଗୁଡ଼ାକଟାର ଆଖଣ୍ଡଳ ମନ୍ଦିର, କାଳୀ ମନ୍ଦିର ସାହି ଶ୍ମଶାନେଶ୍ୱର ଶିବ ମନ୍ଦିର, ଧବଳେଶ୍ୱର, କାମେଶ୍ୱର, ପାତାଳେଶ୍ୱର, ଯଜ୍ଞେଶ୍ୱରାଇ ମନ୍ଦିର, କପାଳଲୋଚନ, ବଟେଶ୍ୱର, ଚମ୍ପକେଶ୍ୱର ମନ୍ଦିର, ଅଷ୍ଟଲିଙ୍ଗେଶ୍ୱର, ଷ୍ଟେସନ ବଜାର, କେସି ସର୍କଲ, ଚାପଲ ପୋଖରୀ, ହେମସାଗର ପୋଖରୀ ଓ ରାଜପ୍ରାସାଦ ପରିସରରେ ଥିବା ସମସ୍ତ ଶୈବପୀଠ ସହିତ ମା’ ଅମ୍ବିକା ମନ୍ଦିର, ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ବାରିପଦା ଜଗନ୍ନାଥ ମନ୍ଦିର, ରାଣୀସତୀ, ଶୀତଳା, ରାଧାମୋହନ ଓ ଶିରିଡ଼ି ସାଇ ପୀଠାରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ବର୍ଷ ଭଳି ଏଥର ମଧ୍ୟ ଜିଲ୍ଲାର ମାଣଡ୍ରୀ, ଖିଚିଂ, ଦେବଶୋଳ, ଝିଙ୍କପଦା ଓ ଶିମିଳା ଆଦି ଶୈବପୀଠରେ ୭ରୁ ୧୨ ଦିନ ଧରି ଜାଗର ମେଳା ଆରମ୍ଭ ହୋଇଛି। ଜିଲ୍ଲା ପୁଲିସ ଓ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଶିବମନ୍ଦିରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ବାରିପଦା/ବଡ଼ସାହି/ମାଣଡ୍ରୀ: ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ତଥା ପୁରାତନ ଶୈବପୀଠ ମାଣଡ୍ରୀର ଆରାଧ୍ୟ ଦେବତା ବାବା ଶ୍ରୀକଖାରୁଆ ବୈଦନାଥଙ୍କ ମନ୍ଦିରରେ ଭକ୍ତ ଦିଅଁ ଦର୍ଶନ, ପୂଜା ଓ ଦୀପ ଜାଳିବା ଶାନ୍ତିଶୃଙ୍ଖଳାର ସହିତ ଜାରି ରହିଛି। ଚଳିତ ଥର ଶୃଙ୍ଖଳିତ ଭାବରେ ଦିଅଁ ଦର୍ଶନ ବ୍ୟବସ୍ଥା କରାଯାଇଛି। ମନ୍ଦିରର ନୀତିନିର୍ଘଣ୍ଟ ସମ୍ପର୍କରେ ପରିଛା ପ୍ରଦୀପ ପଣ୍ଡାଙ୍କ ସୂଚନା ଅନୁଯାୟୀ ଶନିବାର ଭୋର ୪ଟାରେ ଦିଅଁଙ୍କ ପହଡ଼ ଭଙ୍ଗା ହୋଇଥିବାବେଳେ ୪ଟା ୩୦ମିନିଟରେ ପାଲିଙ୍କି ଶୋଭାଯାତ୍ରା ନଗର ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁ ନିଜ ନିଜ ଘର ସମ୍ମୁଖରେ ଧୂପ, ଦ୍ୱୀପ, ଶଙ୍ଖ ହୁଳହୁଳି ସହିତ ସ୍ୱାଗତ କରିଥିଲେ। ପରେ ବାଲ୍ୟ ଭୋଗଲାଗି ଓ ସାଧାରଣ ଦର୍ଶନ, ସାଧାରଣ ପୂଜା ଲାଗି ୫ଟାରୁ ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟାରେ ପର୍ବାଣୀର ବିଶେଷ ଭୋଗଲାଗି ସାଙ୍ଗକୁ ସନ୍ଧ୍ୟାରେ ଆଳତୀ, ରାତି ୧୦.୩୦ଟାରେ ସାଧାରଣ ଦର୍ଶନ ବନ୍ଦ ହୋଇଛି। ଏହାପରେ ସରକାରୀ ଖଟଣୀ ଓ ବିଶେଷ ପୂଜା ଆରମ୍ଭ ହୋଇ ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ୨ଟାରେ ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାରବେଶ ସଜାଣୀ, ପାଲିଙ୍କି ଶୋଭାଯାତ୍ରା, ୩ଟାରୁ ୪ଟାରେ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୪ଟା ୧୫ ମିନିଟରେ ମହାଦୀପ ଉଠିବ। ସୋମବାର ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଚାଲୁ ରହିବ। ବ୍ରତୀ ନିଶୁଳ୍କ ଦୀପ ଜାଳିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧର୍ମଜାଗରଣ ସମିତି ପକ୍ଷରୁ ୨୪ ଘଣ୍ଟା ନିରବଚ୍ଛିନ୍ନ ‘ଓଁ ନମଃ ଶିବାୟ’ ଜପ ୨୭ବର୍ଷ ଧରି ଆୟୋଜିତ ହୋଇଛି। ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଛି। ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ରହି ନିଜେ ଭଜନ ପରିବେଷଣ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଲି ଦିଅଁ ଦର୍ଶନ ପୂର୍ବକ ଆଶିଷ ଭିକ୍ଷା କରିଥିଲେ। ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ସଦଳବଳେ ମନ୍ଦିର ପ୍ରାଙ୍ଗଣରେ ୨୪ ଘଣ୍ଟିଆ ଜଳସେବା ଜାରି ରଖିଛନ୍ତି।

ମନ୍ଦିର ପ୍ରାଙ୍ଗଣରେ ଜାଗର ମେଳା ଆଜିଠାରୁ ଆରମ୍ଭ ହୋଇଛି। ଯାତ୍ରା ଓଁକାର ଗଣନାଟ୍ୟ ପ୍ରଥମ ରଜନୀରେ ନାଟକ ପରିବେଷଣ କରିଥିବାବେଳେ ୧୯ ତାରିଖରୁ ଗ୍ରାଣ୍ଡମହଲ ଗଣନାଟ୍ୟ ୩ ଦିନ ପାଇଁ ନାଟକ ପରିବେଷଣ କରିବ ବୋଲି ଜଣାପଡ଼ିଛି। ମେଳାରେ ଜୁଆ, ମଦ କାରବାର ଓ ଅସାମାଜିକ କାର୍ଯ୍ୟାକଳାପ ରୋକାଯିବାକୁ ଜଣେ ମାଜିଷ୍ଟ୍ରେଟ ଓ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଆଇଆଇସି ବାରୁଣି ଦାସ ଓ ୨ ଜଣ ଇନ୍ସପେକ୍ଟରଙ୍କ ସହିତ ୩ ପ୍ଲାଟୁନ ପୁଲିସ ଫୋର୍ସ ଓ ଅଫିସର ମୁତୟନ କରାଯାଇଛି। ମେଳା ପାଇଁ ଏକ ଅସ୍ଥାୟୀ ଫାଣ୍ଡି ସ୍ଥାପନ କରାଯାଇଛି। ଭିଡ଼କୁ ନିୟନ୍ତ୍ରଣ ପାଇଁ ବୈଶିଙ୍ଗା-ବଡ଼ସାହି ରାସ୍ତାର ମାଣଡ୍ରୀ ଇନ୍ଦିରା ଛକ ଓ ବୈଶିଙ୍ଗା-ଉଦଳା ରାସ୍ତାର ଚମ୍ପାଲାଞ୍ଜି ଛକପାଖରୁ ମେଳାକୁ ଯାନବାହାନ ନିଷେଧ କରାଯାଇଛି। ବଡ଼ସାହି ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ସଂଲଗ୍ନ ଜଳାଶୟରେ ଲାଇଫ ବୋଟ ରଖାଯାଇଥିବାବେଳେ ଦୀପ ଜାଳିବା ସମୟରେ ବ୍ରତୀଙ୍କୁ ସତର୍କ କରାଉଛନ୍ତି। ତତସହିତ ପଞ୍ଚାୟତ, ସ୍ୱାସ୍ଥ୍ୟବିଭାଗ, ବିଦ୍ୟୁତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସାହାଯ୍ୟ/ସୂଚନା କେନ୍ଦ୍ର ଖୋଲାଯାଇଛି।

ରାଇରଙ୍ଗପୁର: ପବିତ୍ର ମହାଶିବରାତ୍ରି ଅବସରରେ ଜିଲ୍ଲାର ଅନ୍ୟତମ ଶୈବପୀଠ ଭାବେ ନସ୍କୋରିଆ ମହାଦେବଙ୍କ ପୀଠରେ ହଜାର ହଜାର ଲୋକଙ୍କ ସମାଗମ ହୋଇଛି। ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ସୁଣ୍ଢଳ ଗ୍ରାମ ନିକଟସ୍ଥ ପାହାଡ଼ ଶିଖରରେ ଥିବା ଉକ୍ତ ଶୈବ ପୀଠରେ ପୂଜାର୍ଚ୍ଚନା ହୋଇଛି। ନସ୍କୋରିଆ ମହାଦେବଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଥିବାବେଳେ ମହାଶିବରାତ୍ରିରେ ସ୍ଥାନୀୟ ଲୋକଙ୍କ ସମେତ ପଡୋଶୀ ଝାଡଖଣ୍ଡ ରାଜ୍ୟର ଭକ୍ତଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁ ଦେବ ଦେବ ମହାଦେବଙ୍କ ଆରାଧନା କରି ତାଙ୍କର ସାନିଧ୍ୟ ଲାଭ କରିଛନ୍ତି। ପାହାଡ଼ ଉପରକୁ ଉଠି ଦେବ ଦେବ ମହାଦେବଙ୍କୁ ଦର୍ଶନ କରିଛନ୍ତି। ଶ୍ରଦ୍ଧାଳୁଙ୍କ ଆସ୍ଥା ରହିଛି ଏଠାରେ ପୂଜାର୍ଚ୍ଚନା କଲେ ମନ କାମନା ପୂର୍ଣ୍ଣ ହୋଇଥାଏ। ଯାହାକୁ ନେଇ ଶିବରାତ୍ରିରେ ପୂଜାର୍ଚ୍ଚନା କରି ଦୀପ ଜାଳିଛନ୍ତି। ପାହାଡ଼ ଶିଖରରେ ଗୁମ୍ଫା ମଧ୍ୟରେ ଶିବ ଲିଙ୍ଗ ଆବିର୍ଭାବ ହୋଇଥିବାରୁ ଏହି ପୀଠକୁ ନସ୍କୋରିଆ ଶୈବପୀଠ କୁହାଯାଇଥାଏ। ତେବେ ବିପଦପୂର୍ଣ୍ଣ ଭାବେ ସଂକୀର୍ଣ୍ଣ ପ୍ରାକୃତିକ ଚଲା ପଥ ଦେଇ ୧୮୦୦ ଫୁଟ ପାହାଡ଼ ଉପରକୁ ଯାତ୍ରା କରି ଭକ୍ତ ମହାଦେବଙ୍କ ପୂଜାର୍ଚ୍ଚନା କରିଛନ୍ତି। କିନ୍ତୁ ଅନେକ ଜନସମାଗମ ଥିବାବେଳେ ସୁରକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା ହୋଇନାହିଁ। ପୀଠ ପରିସରରେ କୌଣସି ପୁଲିସ ଫୋର୍ସ ମଧ୍ୟ ମୁତୟନ ହୋଇନଥିଲେ। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।


କରଞ୍ଜିଆ

କରଞ୍ଜିଆ: ପବିତ୍ର ମହାଶିବରାତ୍ରିକୁ ନେଇ କରଞ୍ଜିଆ ସହରରେ ଧାର୍ମିକ ଉତ୍ସାହ ଓ ଉତ୍ସବମୁଖର ପରିବେଶ ଦେଖାଯାଇଛି। ସହରର ବିଭିନ୍ନ ଶିବ ମନ୍ଦିରକୁ ସୁନ୍ଦର ଆଲୋକ ସଜ୍ଜା ଓ ଫୁଲମାଳାରେ ସଜାଯାଇଛି। ପ୍ରଭାତରୁ ଭକ୍ତ ଶିବଲିଙ୍ଗରେ ଜଳାଭିଷେକ କରି ଭଗବାନଙ୍କ ଆଶୀର୍ବାଦ ନେଇଛନ୍ତି। ସ୍ଥାନୀୟ ଶିବ ମନ୍ଦିରରେ ରାତି ସାରା ଉଜାଗର, ଭଜନ-କୀର୍ତ୍ତନ ଓ ବିଶେଷ ପୂଜାର୍ଚ୍ଚନାର ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୁଲିସ ଫୋର୍ସ ମୁତୟନ ସହିତ ଯାତାୟାତ ନିୟନ୍ତ୍ରଣରେ ବିଶେଷ ଧ୍ୟାନ ଦିଆଯାଇଛି। ମନ୍ଦିର ପ୍ରାଙ୍ଗଣ ଓ ବଜାର ଅଞ୍ଚଳରେ ପ୍ରସାଦ, ଫୁଲ ଓ ପୂଜା ସାମଗ୍ରୀର ଦୋକାନରେ ଭିଡ଼ ହୋଇଥିଲା। ସହରର ସାମାଜିକ ସଂଗଠନ ପକ୍ଷରୁ ପାନୀୟଜଳର ବ୍ୟବସ୍ଥା କରାଯାଇଥିଲା।

ଉଦଳା: ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅନ୍ତର୍ଗତ ରାଢ଼ ଗ୍ରାମ ନିକଟସ୍ଥ ମଉଦା ଗ୍ରାମରେ ଥିବା ପାହାଡ଼ ଉପରେ ବାବା ଶିଖରେଶ୍ୱର ପୂଜା ପାଉଛନ୍ତି। ବାବା ଶିଖରେଶ୍ୱରଙ୍କ ପୀଠରେ ଶିବରାତ୍ରି ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା। ପାହାଡ଼ ଉପରେ ମନ୍ଦିର ଥିବାବେଳେ ପୂଜା ପାଉଛନ୍ତି ଶିଖରେଶ୍ୱର ମହାଦେବ। ଏହି ମହାଦେବଙ୍କ ଅନେକ କିମ୍ବଦନ୍ତୀ ରହିଛି। ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ସେହିଭଳି ବାବା ଶିଖରେଶ୍ୱର ପୀଠରେ ଶିବରାତ୍ରି ପାଇଁ ଭୋର ୫.୩୦ ସମୟରୁ ପୂଜାର ନୀତିକ୍ରାନ୍ତି ସରିବା ପରେ ବହୁ ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଭୋର ୪.୩୦ରେ ମହାଦୀପ ଉଠିଛି।

କୁଳିଅଣା: ଆଜି ପବିତ୍ର ଶିବରାତ୍ରି ଉପଲକ୍ଷେ କୁଳିଅଣା ବ୍ଲକର ବିଭିନ୍ନ ଶୈବ ପୀଠାରୁ ତିଳଗଡ଼ିଆର ବାବା ତିଳେଶ୍ୱର ଶୈବ ପୀଠ ବେଶ ନିଆରା। ଏଠାରେ ପୂଜକ ବ୍ରାହ୍ମଣ ପରିବର୍ତ୍ତେ ବାବା ତିଳେଶ୍ୱର ସାନ୍ତାଳ ସମ୍ପ୍ରଦାୟର ପୂଜକ ବାଇଧର ହାଁସଦାଙ୍କ ଦ୍ୱାରା ପୂଜା ପାଇଆସୁଛନ୍ତି। କିମ୍ବଦନ୍ତୀ ଅନୁସାରେ ପ୍ରାୟ ୨୦୦ ବର୍ଷ ପୂର୍ବରୁ ତିଳଗଡ଼ିଆ ଜଙ୍ଗଲରେ ଆବିର୍ଭାବ ହୋଇଥିଲେ। ଏହି ଶିବ ଲିଙ୍ଗ ବର୍ତ୍ତମାନର ପୂଜକ ବାଇଧରଙ୍କ ପୂର୍ବ ପୁରୁଷ ସେତେବେଳେ ପ୍ରଗଣା ଶାସକ ଥିଲେ। ମହାଦେବଙ୍କ ସ୍ୱପ୍ନାଦେଶ ଅନୁଯାୟୀ ଏଠାରେ ମନ୍ଦିର ପରିବର୍ତ୍ତେ ମୁକ୍ତାକାଶ ତଳେ ଏକ କରମ ଗଛ ମୂଳେ ପୂଜାପାଇଆସୁଛନ୍ତି। ଏହି ପୀଠରେ ଶାନ୍ତିଶୃଙ୍ଖଳାର ସହ ଶିବରାତ୍ରି ପାଳିତ ହୋଇଛି। ପାରୁଳିଆର ପାରୁଳେଶ୍ୱର, ବାଲିପାଳର ବାଲୁକେଶ୍ୱର, ବଡ଼ହଳଦିଆକନ୍ଦର ଚନ୍ଦନେଶ୍ୱର, ଆଡ଼ଶୀଳର ଧବଳେଶ୍ୱର, ବଳରାମପୁରର ବାବା ଭୋଳେଶ୍ୱର, କୁଳିଅଣାର ପ୍ରତାପେଶ୍ୱର, କୁଳିଅଣା ଥାନା ପରିସରରେ ଥିବା ଓଁକାରେଶ୍ୱର, କାମତାର କାମେଶ୍ୱର, ଟମକିଆଶୋଳର ଝାଡ଼େଶ୍ୱର, ବଡ଼ନୂଆଗାଁର ଜଳେଶ୍ୱର, କୁଳିପାଳର କୁଳେଶ୍ୱର, ନୋଧନାର ନୀଳକଣ୍ଠେଶ୍ୱର, ଚାନ୍ଦୁଆର ଚନ୍ଦନେଶ୍ୱର, କେଉଟୁଣୀମାରୀର ଜଳେଶ୍ୱର, କାଳାଝିନେଇର ବାବା ବଳିଆ ମଠ, ଗାଙ୍ଗରାଜର ଖଣ୍ଡେଶ୍ୱର, ରଘୁନାଥଗଞ୍ଜର ଚିପଟେଶ୍ୱର, ସାଲୁଗଡ଼ିଆର ତାରକେଶ୍ୱର, କୁଚେଇର କୁଚଳେଶ୍ୱର, ବଳିମୁଣ୍ଡୁଳିର ମୁକ୍ତେଶ୍ୱର ପ୍ରଭୃତି ଶୈବ ପୀଠରେ ଜାଗର ଯାତ୍ରା ଓ ମହାଶିବରାତ୍ରି ପାଳିତ ହୋଇଛି। ଆଜି ପ୍ରତ୍ୟୁଷରୁ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସନ୍ଧ୍ୟାରେ ବ୍ରତୀ ଦୀପ ଜାଳି ରାତି ଉଜାଗର ରହି ପରିବାରର ସୁଖ ଶାନ୍ତି କାମନା କରିଥିଲେ।

କୁଆଁମରା: ପବିତ୍ର ଜାଗର ଅବସରରେ ଆଜି ବିଭିନ୍ନ ସ୍ଥାନରେ ଶୈବପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପାଗ ଅନୁକୂଳ ଥିବାରୁ ଚଳିତ ବର୍ଷ ଭକ୍ତଙ୍କ ମନରେ ପ୍ରବଳ ଉତ୍ସାହ ଯୋଗୁଁ ବିଭିନ୍ନ ଶୈବ ପୀଠରେ ଦୀପ ଜାଳିବା ପାଇଁ ନାହିଁ ନଥିବା ଭିଡ ହୋଇଥିଲା। ଗୋପବନ୍ଧୁନଗର ବ୍ଲକର ପୁରୁଣା ବାରିପଦା ପଞ୍ଚାୟତସ୍ଥ ଚତୁରୀ, ଗଦାଧର କୁମାରୀପୁର ଶାସନ, ସୀମିଳାବନ୍ଧ, ବରଡିହି, ଜୟପୁର, କୁଆଁମରା ହରିହର ପୀଠ ଓ ନୃସିଂହନାଥ ପୀଠ, ପଟୁଆ ଶୈବ ପୀଠ, ସିକିଡିଆ, ଉପରକଡଦା, ଖଡିକାପଦା ଆଖଣ୍ଡଳମଣି ପୀଠ, ରାଣୀବନ୍ଧ ପଞ୍ଚାୟତ ଛୁରୁଣୀ ନିକଟସ୍ଥ ମେଘା ଶୈବପୀଠରେ ଜାଗର ଜାଳିବା ପାଇଁ ଭିଡ ଲାଗିଥିଲା। ମହାଦେବଙ୍କ ପୂଜା କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ମଙ୍ଗଳ ଆଳତି, ହୋମ, ମହାସ୍ନାନ, ଧୂପ ଯଜ୍ଞ ଆଦି କାର୍ଯ୍ୟ ପରେ ମହାଦୀପ ଲାଗିଛି। ବିଭିନ୍ନ ପୀଠରେ ସନ୍ଧ୍ୟାରୁ ଭଜନ ସମାରୋହ ଓ ପ୍ରବଚନ ଓ ପାଲା ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। କୁଆଁମରା ପଞ୍ଚାୟତସ୍ଥ କୁସୁମିଆ ଗ୍ରାମରେ ପ୍ରତିବର୍ଷ ଭଳି ଶୈବପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି।

ରାଇରଙ୍ଗପୁର: ଜାଗରରେ ରାଇରଙ୍ଗପୁର ସହରର ବିଭିନ୍ନ ଶିବାଳୟରେ ଭକ୍ତଙ୍କ ପ୍ରବଳ ସମାଗମ ପରିଲକ୍ଷିତ ହୋଇଛି। ରାଇରଙ୍ଗପୁରର କୁଚେଇବୁଡିସ୍ଥ ଶ୍ରୀଶ୍ରୀ ପୂର୍ଣ୍ଣେସ୍ୱର ମହାଦେବ ମନ୍ଦିର, ଗଠସ୍ଥ ଐଶନେସ୍ୱର ମହାଦେବ ମନ୍ଦିର, ଅଁଳାଡୁବା ମଠସ୍ଥିତ ଶ୍ରୀକପିଳେଶ୍ୱର ମହାଦେବ ମନ୍ଦିର, ଶ୍ରୀଲୋକନାଥ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରି ମହାଦେବଙ୍କ ଆଶିଷ କାମନା କରିଥିଲେ। ଏହାସହିତ ମନ୍ଦିର ପରିସରରେ ଦୀପ ଜାଳିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଯାହାକୁ ନେଇ ଭକ୍ତ ଦିଅଁ ଦର୍ଶନ, ପୂଜା, ଦୀପ ଜାଳିବା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମହାଦେବଙ୍କ ପୂଜାର୍ଚ୍ଚନା ପରେ ଆଳତୀ ହୋଇ ସାଧାରଣ ଦର୍ଶନ ହୋଇଥିଲା। ଏହାପରେ ସୋମବାର ଭୋରୁ କୀର୍ତ୍ତନ ସାଙ୍ଗକୁ ମହାଦୀପ ଉଠିଛି। ସୁରକ୍ଷା ବ୍ୟବସ୍ଥା ନିମନ୍ତେ ମନ୍ଦିର ପରିସରରେ ପୁଲିସ ଫୋର୍ସ ଓ ଅଫିସର ମୁତୟନ କରାଯାଇଥିଲା।

ଶୁଳିଆପଦା: ପବିତ୍ର ଶିବରାତ୍ରି ଉପଲକ୍ଷେ ଶୁଳିଆପଦା ଅଞ୍ଚଳର ଗାଁ ଗହଳିପୁର ପଲ୍ଲୀରେ ଥିବା ବିଭିନ୍ନ ଶିବ ମନ୍ଦିର ଉତ୍ସବ ମୁଖରିତ। ଶୁଳିଆପଦା ବ୍ଲକ ମୁଖ୍ୟାଳୟସ୍ଥ ବାବା ବୈଦ୍ୟନାଥଙ୍କ ମନ୍ଦିର ବେଶ୍ ଚଳଚଞ୍ଚଳ ଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ଶୈବ ପୀଠରେ ଶହଶହ ଶ୍ରଦ୍ଧାଳୁ ଉପବାସ ରହି ନିଜର ତଥା ପରିବାରର ମଙ୍ଗଳ କାମନା କରି ଦୀପ ଜାଳୁଥିବା ଦେଖିବାକୁ ମିଳିଛି। ମନ୍ଦିର ପ୍ରତିଷ୍ଠାତା ରାଉତ ପରିବାରର ଓ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଦୁଇରାତି ମୁକ୍ତ ପ୍ରଦର୍ଶିତ ଯାତ୍ରା ପରିବେଷଣ ବ୍ୟବସ୍ଥା କରାଯାଇଛି। ସେହିଭଳି ବ୍ଲକ ଅଧୀନ କୁସୁମି ଗ୍ରାମର ବାବା କୁଶଳେଶ୍ୱର, ବାରି ଗ୍ରାମର ବାବା ଲଙ୍ଗଳେଶ୍ୱର ମହାଦେବଙ୍କ ମନ୍ଦିର ସହିତ ବ୍ଲକ ଅଧୀନ କୋଷ୍ଠା, ବଡ଼ଦେଉଳି, ଖଇଖିଆ, ଅଁଳାକୁଡା, ଚକଶୁଳିଆପଦା, କୁସୁମାଶୋଳ, କାଣିମହୁଲି, ବିକେଶିପୁର, ସାନଦେଉଳି, ବାଘଡାସିଙ୍ଗଡ଼ା ପ୍ରଭୃତି ଅଞ୍ଚଳର ବିଭିନ୍ନ ଶିବାଳୟ ଉତ୍ସବ ମୁଖରିତ ହୋଇଥିଲା।

ମହାଶିବରାତ୍ରି ପାଇଁ ମୟୂରଭଞ୍ଜରେ ୧୦ ପ୍ଲାଟୁନ ଫୋର୍ସ ମୁତୟନ

ବାରିପଦା: ମହାଶିବରାତ୍ରି ପାଇଁ ଶାନ୍ତିଶୃଙ୍ଖଳା ସକାଶେ ମୟୂରଭଞ୍ଜ ଜିଲାରେ ବିଭିନ୍ନ ଶୈବପୀଠରେ ୧୦ ପ୍ଲାଟୁନ ଫୋର୍ସ ମୁତୟନ ହେବା ସହିତ ୪ ଜଣ ଅତିରିକ୍ତ ଏସପି, ୫ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୬୦ ଜଣ ଏସଆଇ ଓ ଏଏସଆଇ ମୁତୟନ ଥିବା ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ବୈଶିଙ୍ଗା ଥାନା ଅଧୀନ ମାଣଡ୍ରୀସ୍ଥ ବୈଦ୍ୟନାଥ ବାବା କଖାରୁଆ ଶୈବପୀଠ ପାଇଁ ୨ ପ୍ଲାଟୁନ ଫୋର୍ସ ଓ ୧୭ ଜଣ ଗୃହରକ୍ଷୀ, ଜଣେ ଡିଏସପି, ଦୁଇଜଣ ଇନ୍ସପେକ୍ଟର, ୧୨ ଜଣ ଏସଆଇ/ଏଏସଆଇ; ରାସଗୋବିନ୍ଦପୁର ଥାନା ଅଧୀନ ଦେବଶୋଳସ୍ଥ ବୁଦ୍ଧେଶ୍ୱର ମହାଦେବ ଶୈବପୀଠ ପାଇଁ ୨ ପ୍ଲାଟୁନ ଫୋର୍ସ ଓ ୧୫ ଜଣ ଗୃହରକ୍ଷୀ, ଜଣେ ଡିଏସପି, ୨ ଜଣ ଇନ୍ସପେକ୍ଟର, ୮ ଜଣ ଏସଆଇ, ଏଏସଆଇ ନିୟୋଜିତ ରହିଛନ୍ତି। କପ୍ତିପଦା ଥାନା ଅଧୀନ ଝିଙ୍କପଦାସ୍ଥ ବାବା ଝିଙ୍କେଶ୍ୱର ମହାଦେବ ଶୈବପୀଠ ପାଇଁ ଏକ ପ୍ଲାଟୁନ ଫୋର୍ସ ସହ ୧୫ ଜଣ ଗୃହରକ୍ଷୀ ଓ ଜଣେ ଅତିରିକ୍ତ ଏସପି, ୨ ଜଣ ଇନ୍ସପେକ୍ଟର, ୮ ଜଣ ଏସଆଇ/ ଏଏସଆଇ, ବାରିପଦା ଟାଉନ ଥାନା ଅଧୀନ ବାରୁଣୀସ୍ଥ ବାରୁଣେଶ୍ୱର ମହାଦେବ ଶୈବପୀଠ ପାଇଁ ଏକ ପ୍ଲାଟୁନ ଫୋର୍ସ ସହ ୨୦ ଜଣ ଗୃହରକ୍ଷୀ, ଜଣେ ଡିଏସପି, ଜଣେ ଇନ୍ସପେକ୍ଟର, ୮ ଜଣ ଏସଆଇ/ଏଏସଆଇ; ବାଙ୍ଗିରିପୋଷି ଥାନା ଅଧୀନ ବାଙ୍ଗିରିପୋଷିର ବାବା ଶିମଳେଶ୍ୱର ପୀଠରେ ଏକ ପ୍ଲାଟୁନ/ ସେକ୍ସନ ଫୋର୍ସ ସହ ୧୫ ଜଣ ଗୃହରକ୍ଷୀ, ଜଣେ ଡିଏସପି, ୨ ଜଣ ଇନ୍ସପେକ୍ଟର, ୮ ଜଣ ଏସଆଇ/ଏଏସଆଇ, ରରୁଆଁ ଥାନା ଅଧୀନ ଖିଚିଂ ମା’ କିଚକେଶ୍ୱରୀ ମନ୍ଦିର ପାଇଁ ଏକ ପ୍ଲାଟୁନ ଫୋର୍ସ ସହ ଜଣେ ଡିଏସପି, ଜଣେ ଇନ୍ସପେକ୍ଟର, ୭ ଜଣ ଏସଆଇ/ଏଏସଆଇ ନିୟୋଜିତ ଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ଥିବା ଶୈବପୀଠରେ ସମ୍ପୃକ୍ତ ଥାନା ଅଞ୍ଚଳର ପୁଲିସ ଷ୍ଟାଫ ଓ ଗୃହରକ୍ଷୀଙ୍କ ସହିତ ଦୁଇ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିବା ଜଣାପଡ଼ିଛି।

ମହାଶିବରାତ୍ରୀରେ ଆଦିଯୋଗୀ ମୂର୍ତ୍ତି ସ୍ଥାପନ



ରାଇରଙ୍ଗପୁର, ୧୫।୨ (ସମିସ): ପବିତ୍ର ମହାଶିବରାତ୍ରି ଅବସରରେ କୁଚେଇବୁଡିସ୍ଥ ଶ୍ରୀଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସରରେ ଆଦିଯୋଗୀ ମୂର୍ତ୍ତି ସ୍ଥାପନ କରାଯାଇଛି। ସକାଳୁ ରୁଦ୍ର ମହାଯଜ୍ଞ ଆରମ୍ଭ ହୋଇଥିଲା। ଏହାପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିସରରେ ସୁନ୍ଦର ଆଦିଯୋଗୀ ମହାଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପିତ କରାଯାଇଥିଲା। ରାଇରଙ୍ଗପୁର ତହସିଲଦାର ତଥା ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ବିଶ୍ୱନାଥ ବିଶ୍ୱାଳ ପୂଜାର୍ଚ୍ଚନା କରି ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ଉକ୍ତ ପ୍ରତିମୂର୍ତ୍ତି ସ୍ଥାପନ ଦ୍ୱାରା ରାଇରଙ୍ଗପୁର ସହରକୁ ସୌନ୍ଦର୍ଯ୍ୟକରଣରେ ସହାୟକ ହୋଇଛି।

ସତ୍ୟସ୍ୱରୂପ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଉଦଳା, ୧୫।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ନାଗପାଳ କ୍ରିକେଟ ପଡ଼ିଆରେ ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ସୁରେଶ ଚନ୍ଦ୍ର ପାତ୍ର, ଏସଡିପିଓ ହୃଷିକେଶ ନାଏକ, ଉଦଳା ଥାନା ଅଧିକାରୀ ବନମାଳୀ ବାରିକ, ନିହାର ମୋଦି, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉଦଳା ପୂର୍ବତନ ବିଧାୟକ ଶ୍ରୀନାଥ ସରେନ୍, ଅମୀୟ କୁମାର ବଳ, କଲ୍ଲନ ସିଂ, ସନ୍ତୋଷ ବାଛିନି ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଖେଳକୁ କେମିତି ସରସ ସୁନ୍ଦର କରିବା ସହ ଆଗାମୀ ଦିନରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଖେଳାଳି ଉନ୍ନତ ପ୍ରଦର୍ଶନ କରି ଜିଲ୍ଲା, ରାଜ୍ୟର ନାମ ରଖିବା ସହିତ ଦେଶ ପାଇଁ ଗର୍ବ କରାନ୍ତୁ ବୋଲି ଉପସ୍ଥିତ ଦୁଇ ଟିମର ଖେଳାଳିଙ୍କୁ ଉପଦେଶ ଦେଇଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗ ନେଉଛନ୍ତି। ଉକ୍ତ ଟୁର୍ଣ୍ଣାମେଣ୍ଟ ୧୮ ତାରିଖରେ ଉଦ୍‌ଯାପିତ ହେବ। ଚନ୍ଦନ ଦୀକ୍ଷିତ, ଲକ୍ଷ୍ମୀଧର ସାହୁ, ଅବିନାଶ ମହାପାତ୍ର ପ୍ରମୁଖ ଖେଳ ପରିଚାଳନା କରୁଛନ୍ତି।



ମୁଣ୍ଡା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



ବାରିପଦା, ୧୫ ।୨(ସମିସ): ଶାମାଖୁଣ୍ଟା ବ୍ଲକ ରଙ୍ଗାମାଟିଆ ପଞ୍ଚାୟତର ଶାଳବଣୀ ଗ୍ରାମଠାରେ ମୁଣ୍ଡାରୀ ଲିପିର ସ୍ରଷ୍ଟା ଅଲଗୁରୁ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ୯୨ତମ ଜୟନ୍ତୀ ଅବସରରେ ଚାଲିଥିବା ସେନଗେ ସୁସୁନ କାଜିଗେ ଦୁରା ମହୋତ୍ସବ ଇଂ ଅନୀଲ କୁମାର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଯାପିତ ହୋଇଯାଇଛି। ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କ ସମେତ ସଂଗଠନର ସଭାପତି ଇଂ ପ୍ରଦୀପ ସିଂ, ସାଧାରଣ ସମ୍ପାଦକ ଧରମରାଜ ସିଂ, କାର୍ଯ୍ୟକାରୀ ସଭାପତି ସୁବନ ସିଂ, ଅମ୍‌ସାର ସଭାପତି ମଙ୍ଗଲ ସିଂ, ମୁଣ୍ଡା ଯୁବ ସଂଗଠନର ସଭାପତି ଧର୍ମପଦ ସିଂଙ୍କ ଉପସ୍ଥିତିରେ ମୁଣ୍ଡା ସାଂସ୍କୃତିକ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସାଂସ୍କୃତିକପ୍ରେମୀ ଯୋଗ ଦେଇଥିଲେ। ମୟୂରଭଞ୍ଜ ମୁଣ୍ଡା ସାଂସ୍କୃତିକ ପରିଷଦ ପକ୍ଷରୁ ମୁଣ୍ଡାରୀ ଲିପି ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ ପୁରସ୍କୃତ କରାଯାଇଥିଲା। ତତ୍‌ସହିତ ଆଦିବାସୀ ଖାଦ୍ୟ, ବସ୍ତ୍ର, ନାଟକ, ମୁଣ୍ଡାରୀ କରମ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଅଲ ଗୁରୁ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ନାମରେ କ୍ରିକେଟ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ମହିଳାଙ୍କୁ ମୁଣ୍ଡାରୀ ବସ୍ତ୍ର ପ୍ରଦାନ କରାଯାଇଥିଲା।

ମହାଶିବରାତ୍ରିରେ ଲକ୍ଷାଧିକ ଶ୍ରଦ୍ଧାଳୁ ଜାଳିଲେ ଜାଗର

ରାଉରକେଲା, ୧୫।୨(ସମିସ)





ରାଉରକେଲା ସମେତ ଆଖପାଖ ଅଞ୍ଚଳରେ ମହାଶିବରାତ୍ରି ଧୁମଧାମରେ ପାଳିତ ହୋଇଯାଇଛି। ଏହିକ୍ରମରେ ବିଭିନ୍ନ ଶୈବପୀଠ ଗୁଡ଼ିକରେ ଖଚାଖଚ ଭିଡ ପରିଲକ୍ଷିତ ହୋଇଥିଲା। ସକାଳୁ ବିଳମ୍ବିତ ରାତି ଯାଏଁ ଭିଡ ଲାଗି ରହିଥିଲା। ସହରର ପ୍ରମୁଖ ଶିବାଳୟ ବେଦବ୍ୟାସ ପୀଠରେ ଭୋର ୩ଟାରୁ ଶ୍ରଦ୍ଧାଳୁ ଶିବ ଲିଙ୍ଗରେ ଜଳାଭିଷେକ କରିଥିଲେ। ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଜଳାଭିଷେକ କରି ପୂଜାର୍ଚ୍ଚନା କରିଥିଲେ। ଏହାସହ ସନ୍ଧ୍ୟା ପରେ ଜାଗର ଜାଳିଥିଲେ। ସେହିପରି ବାସନ୍ତୀ କଲୋନୀର ପାହାଡ ପାଖ ଶିବ ମନ୍ଦିର, ହନୁମାନ ବାଟିକାର ଦ୍ୱାଦଶ ଶିବ ଲିଙ୍ଗ, ତରକେରାର ଧବଳେଶ୍ୱର ଶିବ ମନ୍ଦିର, ଜଳଦା ଶିବ ମନ୍ଦିର, ଆଇଜିଏଲ ସ୍ୱପ୍ନେଶ୍ୱର ମନ୍ଦିର,

ବିଭିନ୍ନ ଶୈବପୀଠରେ ଖଚାଖଚ ଭିଡ଼

ସାରନଗରୀ ଜଗନ୍ନାଥ ମନ୍ଦିର, ସେକ୍ଟର ୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପରିସରସ୍ଥ ଶିବ ମନ୍ଦିର, ଲାଲ ବିଲଡିଂ ଗଳି ସ୍ଥିତ ତ୍ରିନାଥ ମନ୍ଦିର, ବିଶ୍ରା ଡାହାରରୋଡ ସ୍ଥିତ ଶ୍ୟାମ ମନ୍ଦିର, ରେଳଷ୍ଟେସନ୍ ନିକଟସ୍ଥ ସଙ୍କଟମୋଚନ ମନ୍ଦିର, ସିଭିଲ୍ ଟାଉନସିପ୍ ସ୍ଥିତ ତ୍ରିଶକ୍ତି ମନ୍ଦିର ସମେତ ଅନ୍ୟାନ୍ୟ ଶିବ ମନ୍ଦିର ଗୁଡ଼ିକରେ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ ଓ ଜାଗର ଜାଳିଥିଲେ। ବାସନ୍ତୀ କଲୋନୀର ଆଖଣ୍ଡଳମଣି ମନ୍ଦିର, ରେଲୱେ କଲୋନୀ ସ୍ଥିତ କାଳୀମନ୍ଦିର ଶିବାଳୟରେ, ରାଉରକେଲା ରେଳଷ୍ଟେସନ ସଙ୍କଟମୋଚନ ମନ୍ଦିର ଶିବାଳୟରେ, ହନୁମାନ ବାଟିକା ଶିବ ମନ୍ଦିରରେ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହାଛଡା ପାନପୋଷ କାଳୀମନ୍ଦିର ଶିବମନ୍ଦିର, ତାରିଣୀ ମନ୍ଦିର ଶିବ ମନ୍ଦିର, ଉଦିତନଗର ଜଗନ୍ନାଥ ମନ୍ଦିର ଶିବ ମନ୍ଦିର ସମେତ ସେକ୍ଟର ୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ଶିବାଳୟରେ ଶ୍ରଦ୍ଧାଳୁ ମହାଦେବଙ୍କ ଆରାଧନା ପାଇଁ ଧାଡି ଲଗାଇବାର ଦେଖାଯାଇଥିଲା।

ଏହାଛଡ଼ା ଇସ୍ପାତ ସହରର ଅନେକ ଶିବ ମନ୍ଦିର ସମେତ କଳିଙ୍ଗ ବିହାର ଆଖଣ୍ଡଳମଣି ମନ୍ଦିର ଓ ଛେଣ୍ଡ କଲୋନୀର ଶିବାଳୟ ସମେତ ବେଦବ୍ୟାସର ପ୍ରସିଦ୍ଧ ଶୈବପୀଠରେ ଶହ ଶହ ସଂଖ୍ୟାରେ ଶ୍ରାଦ୍ଧଳୁ ମାନଙ୍କୁ ଧାଡିରେ ଦେଖିବାକୁ ମିଳିଥିଲା। ବିଭିନ୍ନ ଶୈବପୀଠ ଗୁଡ଼ିକରେ ମହାଦୀପ ଉଠିବା ପାଇଁ ଆୟୋଜନ କରାଯାଇଥିଲା। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁ ମାନଙ୍କ ପାଇଁ ଟେଣ୍ଟ ପକାଯାଇ ଥିଲା। ଭଜନ ସମାରୋହ, କୀର୍ତ୍ତନରେ ହଜାର ହଜାର ଶ୍ରଦ୍ଧାଳୁ ମନ ମୋହିଥିଲା। ବିଳମ୍ବିତରାତିରେ ବିଭିନ୍ନ ଶୈବ ପୀଠରେ ବିଭିନ୍ନ ସମୟରେ ମହାଦୀପ ଉଠିଥିଲା। ଅପରପକ୍ଷେ ବେଦବ୍ୟାସ ଠାରେ ଜାଗର ମେଳାରେ ମଧ୍ୟ ଭିଡ ପରିଲକ୍ଷିତ ହୋଇଥିଲା। ମେଳାରେ ରାମଦୋଳି, ସୁସ୍ୱାଦୁ ଖାଦ୍ୟପେୟ ସମେତ ଅନ୍ୟ ଆକର୍ଷଣୀୟ ସାମଗ୍ରୀର ଷ୍ଟଲ୍ ଗୁଡ଼ିକର ଲୋକେ ମଜା ଉଠାଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଶେଷ କରି ବେଦବ୍ୟାସ ଅଞ୍ଚଳର ବିଭିନ୍ନ ସ୍ଥାନ ସମେତ ମେଳା ଓ ମନ୍ଦିରରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

ବେଦବ୍ୟାସ ପୀଠରେ ଆରମ୍ଭ ହେଲା ମେଳା



ରାଉରକେଲା: ମହାଶିବରାତ୍ରି ଉପଲକ୍ଷେ ରାଉରକେଲାର ପବିତ୍ର ବେଦବ୍ୟାସ ପୀଠରେ ମେଳା ଆଜିଠାରୁ ଆରମ୍ଭ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲାପାଳ ଡ.ଶୁଭଙ୍କର ମହାପାତ୍ର ବେଦବ୍ୟାସ ମେଳା ଓ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବେଦବ୍ୟାସ ପୀଠର ପ୍ରସିଦ୍ଧ ମେଳା ଚଳିତ ବର୍ଷ ମହାଆଡମ୍ବର ସହକାରେ ପାଳନ କରାଯାଉଛି। ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ମେଳା ଚାଲିବ। ମେଳା ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ତିନି ଦିନ ଧରି ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆୟୋଜିତ ହେବ। ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ଉଲ୍ଲେଖନୀୟ କାର୍ଯ୍ୟର ପ୍ରଦର୍ଶନୀ କରାଯାଉଛି। ଜିଲ୍ଲା କୃଷି ଉଦ୍ୟାନ ବିଭାଗ ସମେତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଆଞ୍ଚଳିକ ପରିବହନ ନିଗମ ତରଫରୁ ପ୍ରଦର୍ଶନୀ ଷ୍ଟଲ୍ କରାଯାଇ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଉଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶ୍ରମ ବିଭାଗ, ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ତରଫରୁ ଦିଆଯାଉଥିବା ବିଭିନ୍ନ ସହାୟକ ଉପକରଣ ଓ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ବିଷୟରେ ସଚେତନତା ଷ୍ଟଲ୍ କରାଯାଇଛି। ଏହା ବ୍ୟତୀତ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜିଲ୍ଲା ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ବିଭିନ୍ନ ସାମଗ୍ରୀ ବିକ୍ରୟ ମଧ୍ୟ କରାଯାଉଛି। ଏହି ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ପ୍ରଶାସନ ପୁଲିସ ଓ ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମହାପାତ୍ର କହିଛନ୍ତି। ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନା ଦସ୍ତଗୀର ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପାୟୁକ୍ତ ଅନୀତା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବଣାଇଁ ବାବା ବାଣେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼





ବଣାଇଁ: ବଣାଇଁର ପ୍ରସିଦ୍ଧ ବାବା ବାଣେଶ୍ୱର ମନ୍ଦିରରେ ପବିତ୍ର ମହାଶିବରାତ୍ରି ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଛି। ଭୋରରୁ ମହାପ୍ରଭୁଙ୍କ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ପରେ ଭକ୍ତମାନଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାବେଶ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ଶୃଙ୍ଖଳାର ସହିତ ଲାଇନରେ ଆସି ବାବା ବାଣେଶ୍ୱରଙ୍କ ଦର୍ଶନ କରିଛନ୍ତି। ସେହିପରି ବଣାଇ ଅଞ୍ଚଳର ଜକେିକେଲା, ଗୋଗୁଆ, କେନାଭେଟା, ତଳିତା, ମହୁଲଡିହା ଇତ୍ୟାଦି ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଦିନ ସାରା ମନ୍ଦିର ଗୁଡ଼ିକରେ ଭକ୍ତଙ୍କ ସମାଗମ ଲାଗି ରହିଥିବା ବେଳେ ସନ୍ଧ୍ୟାରେ ଦୀପ ଜାଳିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ବିଭିନ୍ନ ଅନୁଷ୍ଠାନ ତରଫରୁ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ମହାଦେବଙ୍କ ଦୀପ ମଧ୍ୟରାତ୍ର ୧୨ ଘଟିକା ସମୟରେ ଉଠିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ଶୃଙ୍ଖଳାର ସହିତ ଦର୍ଶନ ପାଇଁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି। ବାବା ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଦର୍ଶନାର୍ଥୀ ମାନଙ୍କ ପାଇଁ ସକାଳୁ ରାତ୍ରି ଯାଏ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି।

ସେକ୍ଟର-୬ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ଜାଗରଯାତ୍ରା

ରାଉରକେଲା: ସ୍ଥାନୀୟ ସେକ୍ଟର-୬ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ଶିବରାତ୍ରି ଓ ଜାଗରଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁସାରେ ସକାଳ ୪ଟାରୁ ମନ୍ଦିର ଖୋଲାଯାଇ ବାବା ସ୍ୱପ୍ନେଶ୍ୱରଙ୍କ ପୂଜାକାର୍ଯ୍ୟ ହୋଇଥିଲା। ପରେ ଭକ୍ତ ମାନଙ୍କୁ ବାବା ଦର୍ଶନ ଦେଇଥିଲେ। ସକଳ ୯ରୁ ମଧ୍ୟାହ୍ନ ୧.୩୦ମିନିଟ୍ ପର୍ଯ୍ୟନ୍ତ ଭକ୍ତ ମାନଙ୍କ ପ୍ରବଳ ଭିଡ଼ ଦେଖାଦେଇଥିଲା। ସନ୍ଧ୍ୟାରେ ଆଳତି ପରେ ପୂଜକ ଭବାନୀଶଙ୍କର ପଣ୍ଡା ପୂଜା ବିଧି ଅନୁଯାଇ ଠାକୁରଙ୍କୁ ବଡସିଙ୍ଗାର ବେଶ ଓ ହରିହର ଦର୍ଶନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରସନ୍ନ ରଥ ଓ ସଂଘମିତ୍ରା ରଥ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରାତ୍ର ୧୨.୩୦ମିରେ ମହାଦୀପ ଉଠିଥିଲା। ଭକ୍ତମାନେ ମହାଦୀପ ଦର୍ଶନ କରି ଠାକୁରଙ୍କ କରୁଣା ଭିକ୍ଷା କରିଥିଲେ। ରଘୁନାଥପଲ୍ଲିର ବିଧାୟକ ଦୁର୍ଗା ଚରଣ ତନ୍ତୀ ଉପସ୍ଥିତ ଥିଲେ। ଜାଗରଯାତ୍ରାରେ ମନ୍ଦିର ପରିଚାଳନା କମିଟିର ଅଶୋକ ସ୍ୱାଇଁ, ଲକ୍ଷ୍ମୀଧର ମିଶ୍ର, ଦିଲ୍ଲୀପ ଦାସ, ବିଭୁତି ଭୂଷଣ ଜେନା, ସରୋଜ ନାୟକ, ସୋମ୍ୟରାଉତ, ରାମାକାନ୍ତ ବେହେରା, ସୁବାଶ ପାତ୍ର, ଉତ୍ତମ ସାହୁ, ପ୍ରଶାନ୍ତ ବାରିକ, ମନୋରଞ୍ଜନ ସାମଲ, ପ୍ରତାପ ଦେଓ, ଦେବଦତ୍ତ ଜେନା, ରାମ ମୋହନ ନାୟକ, ପ୍ରସନ୍ନ ରଥ, ମନୋଜ ମିରକପ, ଆଦିତ୍ୟ ରାଉତରାୟ, ଲୋକେଶ ରାଉତ, ସନ୍ତୋଷ ଜେନା, ଅମୂଲ୍ୟ ନାୟକ, ଶ୍ରୀମନ୍ତ ନନ୍ଦ, ସଞ୍ଜୟ ନାୟକ, ଶ୍ରୀଦାନ ମଲ୍ଲିକ, ସଦାଶିବ ପାତ୍ର, ତ୍ରିନାଥ ପ୍ରଧାନ, ଅର୍ଜୁନ ବେହେରା, ରବିନାରାୟନ ରାଉତ, ସତ୍ୟଜିତ ସ୍ୱାଇଁ, ସଞ୍ଜୟ ପରିଡ଼ା, ଭାସ୍କର ଚଇନି, ରିତେଶ ରାଉତ, ଦିବ୍ୟରଞ୍ଜନ ଜେନା, ତାପସ ବାରିକ, ପ୍ରେମାନନ୍ଦ ପାଣ୍ଡବ, ଜଗଦୀଶ ମୁନ୍ନା, ରଞ୍ଜିତ ପଡ଼ିହାରୀ, ଦିଲ୍ଲୀପ ଲେଙ୍କା, ବିଜୟ ମଣ୍ଡଳ, ଶୁଭମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଭାରତୀୟ ଜନସଂଘର ସମର୍ପଣ ଦିବସ



ରାଉରକେଲା, ୧୫।୨(ସମିସ): ରାଉରକେଲା ସାଙ୍ଗଠନିକ ଜିଲ୍ଲା ଅଧୀନ ସେକ୍ଟର, -୭ ସ୍ଥିତ ମୁଣ୍ଡାରୀ ବସ୍ତିରେ ବିଜେପି ମଣ୍ଡଳ ସଭାନେତ୍ରୀ ପ୍ରତିମା ରାଉତଙ୍କ ଅଧ୍ୟକ୍ଷତାରେ ଭାରତୀୟ ଜନସଂଘର ରାଷ୍ଟ୍ରୀୟ ନେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥିକୁ ସମର୍ପଣ ଦିବସ ରୂପେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ପଣ୍ଡିତ ଦୀନଦୟାଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଦୀନଦୟାଲଜୀଙ୍କ ବାଲ୍ୟକାଳର ଦୁଃଖଦ ଘଟଣାବଳୀ ସହିତ ତାଙ୍କର ସଂଘର୍ଷମୟ ଜୀବନୀ, ଆର୍ଥିକ ଅନାଟନ, ରାଜନୈତିକ ଓ ରାଷ୍ଟ୍ରୀୟ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ସେ ତାଙ୍କର କର୍ମମୟ ଜୀବନ ରାଷ୍ଟ୍ରୀୟ ସ୍ୱୟଂ ସଂଘରୁ ୧୯୩୭ ଆରମ୍ଭକରି, ଭାରତୀୟ ଜନସଂଘର ସଭାପତି ପଦ ପର୍ଯ୍ୟନ୍ତ ଅଳଙ୍କୃତ କରିଥିଲେ। ଏକାଦ ମାନବବାଦ ଦର୍ଶନରେ ବ୍ୟକ୍ତି, ସମାଜ, ରାଷ୍ଟ୍ର, ସୃଷ୍ଟି ଓ ପରମେଷ୍ଠିଙ୍କର ଏକ ସାମଗ୍ରିକ ରୂପକଳ୍ପ ପ୍ରସ୍ତୁତ କରିଥିଲେ। ସେ ଦେଶର ଅର୍ଥାଗମ ନିମନ୍ତେ କୃଷି, ଶିଳ୍ପ, ବାଣିଜ୍ୟ ଏବଂ ସେବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସହ ସଂଯୋଜକ ଅମରେନ୍ଦ୍ର ଶର୍ମା, ବରିଷ୍ଠ ନେତା ସୁବ୍ରତ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ ଆଦି ଦୀନଦୟାଲ ଜୀଙ୍କ ସ୍ମୃତିଚାରଣ କରିବା ସହିତ ଦେଶ ପ୍ରତି ତାଙ୍କର ବଳିଦାନ ଉପରେ ଆଲୋକପାତ କରିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ବାରିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାସ ସାମଲ, ଉପ ସଭାପତି ସୁଶାର ଜେନା, କୋଷାଧ୍ୟକ୍ଷ ସନ୍ତୋଷ ରାଉତ, କାର୍ତ୍ତିକ ସାହୁ, ଅନୀଲ ତନ୍ତୀ, ସଂଯୁକ୍ତା ପାତ୍ର, ଗୌତମ ଡୁଙ୍ଗୁରି, ସରସ୍ୱତୀ ମହାନ୍ତ, ପ୍ରଭାସିନୀ ଡୁଙ୍ଗୁରୀ, ପ୍ରଶାନ୍ତ ଲେଙ୍କା, ଟିଙ୍କୁ ପ୍ରସାଦ, ଶୁଖେନ୍ଦୁ ଜେନା, ଗାଡୁ ବାଗ୍, ଅଜୟ ମଲ୍ଲିକ, ଅଶ୍ୱିନୀ ବେହେରାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

ରାଉରକେଲା ଦିବସ ପାଳନ ପାଇଁ 'କାନଭାସ'ର ପ୍ରସ୍ତୁତି

ରାଉରକେଲା, ୧୫।୨(ସମିସ): ସାମାଜିକ ସଂଗଠନ କାନଭାସ୍ ଚଳିତ ବର୍ଷ ରାଉରକେଲା ଦିବସ ପାଳନ ନେଇ ପ୍ରସ୍ତୁତି ପର୍ବ ଆରମ୍ଭ କରିଛି। କାନଭାସ୍‌ର ଆବାହକ ସୁରେଶ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଚଳିତ ବର୍ଷ ଦିବସ ପାଳନକୁ ସରସ ସୁନ୍ଦର ଓ ଅଧିକ ଲୋକାଭିମୁଖୀ କରାଯିବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ମାର୍ଚ୍ଚ ମାସ ପରୀକ୍ଷା ଋତୁ ହୋଇଥିବାରୁ ପରୀକ୍ଷା ଶେଷ ହେବା ପରେ ମାର୍ଚ୍ଚ ୨୮ ଓ ୨୯ ଦୁଇ ଦିନ ଧରି ଏହି ଦିବସ ପାଳନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ବଲିଉଡ ଓ ଓଲିଉଡ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯୋଜନା ରହିଛି। ଏହା ପୂର୍ବରୁ ମାର୍ଚ୍ଚ ୩ରେ ଏକ ମିନି ମାରାଥନ ଅନୁଷ୍ଠିତ ହେବ। ମାରାଥନ ସେକ୍ଟର-୧୩ରୁ ବାହାରି ଆମ୍ବାଗାନ ଛକ ପର୍ଯ୍ୟନ୍ତ ହେବ। ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସରେ ରକ୍ତ ବର୍ଗ ଚିହ୍ନଟ ଓ ରକ୍ତଦାନ ଶିବିର ବନ୍ଧମୁଣ୍ଡାରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ୧୬ରେ ସାଇକ୍ଲୋଥନ୍ ରାଉରକେଲା ପାଇଁ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାଛଡ଼ା ଗଠିତ ସବ୍ କମିଟି ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ରୂପରେଖ ପ୍ରସ୍ତୁତ କରିବେ ବୋଲି ଜଣାପଡ଼ିଛି।

ଆର୍‌ଏସ୍‌ପିରେ ଅବସର ପୂର୍ବ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ଆୟୋଜିତ

ରାଉରକେଲା, ୧୫।୨(ସମିସ): ରାଉରକେଲା ଇସ୍ପାତ କାରଖାନାର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ସିପିଟିଆଇ ଠାରେ ଆୟୋଜିତ ହୋଇଛି। କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ମେକାନିକାଲ ବିଭାଗର ସିଜିଏମ ଡିକେ ପାଲ ମୁଖ୍ୟ ଅତିଥି ଏବଂ ଏସପିପି ବିଭାଗର ଜିଏମ ଇନଚାର୍ଜ ଡ.ବିକେ ପାଢ଼ୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଫେବୃଆରୀରେ ଆରଏସପିରୁ ଅବସର ଗ୍ରହଣ କରୁଥିବା ୩୨ ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନର ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମଓ ଡ.ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସିଆଣ୍ଡ ଆଇଟି ବିଭାଗର ଡିଜିଏମ ଭିପିଆର୍ଯ୍ୟ ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ଏସପିପି ବିଭାଗର ଇନଚାର୍ଜ ପିକେ ପାଢ଼ୀ ସକାରାତ୍ମକ ମନୋଭାବ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଏଚଆର-ଇଏ, ଜି, ଇଆର ଆଣ୍ଡ ସି ବିଭାଗର ଏଜିଏମ ଅଭିନାଶ ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚଆର ଇସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସପି ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଜିଏମ ଅଭିନାଶ, ଏଚଆର ବିଭାଗର ଡେପୁଟି ମ୍ୟାନେଜର ଏକେ ନାୟକ, ଶ୍ରମ ନିରୀକ୍ଷକ କେକେ ପରିଡ଼ା ଏବଂ ଏଚଆର ଇଆର ଆଣ୍ଡ ସି ବିଭାଗୀୟ ଦଳ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ମୁକ୍ତିକାନ୍ତ ବେହେରା କେନ୍ଦ୍ରୀୟ ଦୋଳ ମେଳଣ ସମିତିର ଆବାହକ ମନୋନୀତ



ରାଉରକେଲା, ୧୫।୨(ସମିସ): ସମାଜସେବୀ ମୁକ୍ତିକାନ୍ତ ବେହେରା କେନ୍ଦ୍ରୀୟ ଦୋଳ ମେଳଣ ସମିତିର ଆବାହକ ଭାବେ ମନୋନୀତ ହୋଇଛନ୍ତି। ଏ ନେଇ ସେକ୍ଟର ୧୫ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କେନ୍ଦ୍ରୀୟ ଦୋଳ ମେଳଣ ସମିତିର ବାର୍ଷିକ ସାଧାରଣ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆଗାମୀ ମାର୍ଚ୍ଚ ୫ ତାରିଖରେ ଦ୍ୱାଦଶ ତମ ଦୋଳ ମେଳଣ ଉତ୍ସବ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ପୂର୍ବ ବର୍ଷର ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଚଳିତ ବର୍ଷର ଦୋଳ ମହୋତ୍ସବ ପାଳିତ ହେବ ବୋଲି ସୂଚନା ମିଳିଛି। ତେବେ ଆବାହକ ଭାବେ ଅନୁଷ୍ଠାନର ଆଜୀବନ ସଦସ୍ୟ ମୁକ୍ତିକାନ୍ତ ବେହେରାଙ୍କୁ ଚୟନ କରାଯାଇଛି। ଦୋଳ ମେଳଣ ସମିତିର ସମସ୍ତ ସଦସ୍ୟ ଆଗାମୀ ବୈଠକରେ ଯୋଗ ଦେବାକୁ ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ସୁଶାନ୍ତ ପ୍ରଧାନ, ଈଶ୍ୱର ଭଞ୍ଜ, ପର୍ଶୁରାମ ପୋଥାଳ ପ୍ରମୁଖ ଅନୁରୋଧ କରିଛନ୍ତି।

ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ଗଠିତ

ଦରବୃଦ୍ଧି ନେଇ ଇଆର୍‌ସିର ଜନଶୁଣାଣିକୁ ବିରୋଧ ନିଷ୍ପତ୍ତି

ରାଉରକେଲା, ୧୫।୨(ସମିସ)



ପଶ୍ଚିମ ଓଡ଼ିଶାର ବିଦ୍ୟୁତ ଉପଭୋକ୍ତାମାନଙ୍କ ପାଇଁ ବିଜୁଳି ଦର ବୃଦ୍ଧି କରିବା ପାଇଁ ଓ ଇଆରସି ପକ୍ଷରୁ ଆଗାମୀ ୧୯ରେ ସମ୍ବଲପୁର ଠାରେ ଜନଶୁଣାଣି ହେବାକୁ ନିଷ୍ପତ୍ତି ହୋଇଛି। ତେବେ ଏହାକୁ ଜୋରଦାର ବିରୋଧ କରିବା ପାଇଁ ସ୍ଥିର କରାହୋଇଛି। ଏନେଇ ରାଉରକେଲାର ସମସ୍ତ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ନେଇ ଛେଣ୍ଡ ଠାରେ ବୈଠକ ହୋଇ ବିଦ୍ୟୁତ ଉପଭୋକ୍ତା ସୁରକ୍ଷା ମଞ୍ଚ ଗଠନ କରାଯାଇଛି। ସମାଜସେବୀ ସଞ୍ଜୀବ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଞ୍ଚର ପଶ୍ଚିମାଞ୍ଚଳ ଜିଲ୍ଲାମାନଙ୍କର ଆବାହକ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଯୋଗ ଦେଇଥିଲେ। ଓଡ଼ିଶାରେ ବିଦ୍ୟୁତ ବିଭାଗକୁ ସରକାର ଘରୋଇକରଣ କଲା ବେଳେ ନିରନ୍ତର, ଗୁଣାତ୍ମକ ବିଦ୍ୟୁତ ସେବା ସାଧାରଣ ଉପଭୋକ୍ତାଙ୍କୁ ମିଳିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଥିରେ ଘୋର ବ୍ୟତିକ୍ରମ ଦେଖାଦେଇଛି। ପ୍ରଥମରାଜ୍ୟ ଭାବେ ଓଡ଼ିଶାରେ ବିଦ୍ୟୁତ ସେବାକୁ ତତ୍କାଳୀନ ସରକାର ଘରୋଇ କମ୍ପାନୀକୁ ଟେକି ଦେଇଥିଲେ। ଏହି ଘରୋଇ କମ୍ପାନୀ ବିଦ୍ୟୁତ ବିତରଣ ହାତକୁ ନେବା ପରେ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ (ଓଏସଇବି) ସମୟରେ ଯାହା ଭିତ୍ତିଭୂମି ଛାଡି ଯାଇଥିଲେ, ସେଥିରେ ଅଧିକ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ନକରି କେବଳ ଖାଉଟି ମାନଙ୍କ ଉପରେ କିଭଳି ଅଧିକ ଶୁଳ୍କ ଲଗାଯିବ ସେ ବ୍ୟବସ୍ଥା କରିଛନ୍ତି। ଟାଟା ପାୱାର କମ୍ପାନୀ ହାତକୁ ବିତରକ ବ୍ୟବସ୍ଥା ଗଲା ପରେ ଖାଉଟିଙ୍କ ଉପରେ ଜୁଲୁମ ଅଧିକ ବଢ଼ିଯାଇଛି। କେତେବେଳେ ସ୍ମାର୍ଟ୍ ମିଟର ବସାଇବାକୁ ନେଇ ତ ଆଉ କେତେବେଳେ ମାସିକ ମିଟର ରିଡିଂରେ ଜାଣିଶୁଣି ସ୍ଲାବକୁ ବଢ଼ାଇ ସାଧାରଣ ଉପଭୋକ୍ତାଙ୍କୁ ଲୁଟ୍ କରାଯାଉଛି। ପ୍ରତି ସପ୍ତାହରେ ରକ୍ଷଣାବେକ୍ଷଣ ନାମରେ ୬ରୁ ୭ ଘଣ୍ଟା ବିଜୁଳି କାଟ ହେଉଛି। ଗୁଣାତ୍ମକ ଓ ନିରନ୍ତର ସେବା ଯୋଗାଇ ଦେବାର ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତି ମଧ୍ୟରେ ସୀମିତ ରହିଛି। ବର୍ତ୍ତମାନ ଆଗାମୀ ୧୯ ତାରିଖରେ ଓଇଆରସି ସମ୍ବଲପୁର ଠାରେ ଜନଶୁଣାଣି କରି ବିଦ୍ୟୁତ ଦର ବଢ଼ାଇବାକୁ ଯାଉଛି। ଏହାକୁ ଜୋରଦାର ବିରୋଧ କରିବା ପାଇଁ ସମସ୍ତ ଉପଭୋକ୍ତାଙ୍କୁ ଏକତ୍ରିତ କରିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି। ବୈଠକରେ ବିଶିଷ୍ଟ ପ୍ରାବନ୍ଧିକ ବ୍ରଜେନ୍ଦ୍ର ଦାଶ, ଶ୍ରମିକ ନେତା ଜାହାଙ୍ଗୀର ଅଲ୍ଲୀ, ଓଏସଇବି ଏମ୍ପୋଇଜ ୟୁନିୟନର ସାଧାରଣ ସମ୍ପାଦକ ସନ୍ତୋଷ ସାହୁ ପ୍ରମୁଖ ଉପଭୋକ୍ତା ମାନଙ୍କୁ ସଂଗଠିତ କରିବା ସହିତ ଆନ୍ଦୋଳନକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରମିକ ନେତା ଶ୍ରୀମନ୍ତ ବେହେରା, ତ୍ରିଲୋଚନ ପରିଡ଼ା, ସୁରେନ୍ଦ୍ର ଦାଶ, ଏସଏନ୍ ପଣ୍ଡା, ଆଇନଜୀବୀ ରାଜକିଶୋର ପ୍ରଧାନ, ଚନ୍ଦ୍ରଭାନୁ ଦାସ, ସୁକାନ୍ତ ଖୁଣ୍ଟିଆ, ବିମାନ ମାଇତି, ବିଜୟ ପ୍ରଧାନ ପ୍ରମୁଖ ପ୍ରସ୍ତାବିତ ଜନଶୁଣାଣିକୁ ମଞ୍ଚ ପକ୍ଷରୁ ବିରୋଧ କରିଥିଲେ। ସେଦିନ ରାଉରକେଲା ଟାଟା ପାୱାର ଅଫିସ୍ ସମ୍ମୁଖରେ ବିକ୍ଷୋଭ ଓ ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ରଖିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ମଞ୍ଚ ପକ୍ଷରୁ ବିଦ୍ୟୁତ ଦରବୃଦ୍ଧି ନେଇ ଓଇଆରସିର ସମ୍ବଲପୁର ଠାରେ ପ୍ରସ୍ତାବିତ ଜନଶୁଣାଣି ଜୋରଦାର ବିରୋଧ କରାଯିବା ସହିତ ରାଉରକେଲା ସ୍ଥିତ ଟାଟା ପାୱାର ଏସଇଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯିବା ସହ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଉପଭୋକ୍ତା ମାନଙ୍କୁ ସଂଗଠିତ କରିବା ପାଇଁ ବ୍ୟାପକ ପ୍ରଚାରପତ୍ର ବଣ୍ଟନ, ମାଇକ ପ୍ରଚାର ଓ ବିଭିନ୍ନ ସ୍ଥାନରେ ସଭା କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ହୃଦୟାନନ୍ଦ ଯାଦବ, ବିଶ୍ୱଜିତ ମାଝୀ, ସଚିନ୍ ରାୟ, ଏନ୍‌କେ ରାଉତରାୟ, ରାଜୀବ ବସନ୍ତରାୟ, ପ୍ରମୋଦ ପରିଡ଼ା, ନନ୍ଦନ ପାତ୍ର, ଏନ୍‌ଏନ୍ ସାମନ୍ତରାୟ, ଜିକେ ରାୟ, ଜିବି ଜେନା ପ୍ରମୁଖ ଆନ୍ଦୋଳନ ପାଇଁ ଅଧିକରୁ ଅଧିକ ଉପଭୋକ୍ତାଙ୍କୁ ସାମିଲ କରିବାକୁ ପ୍ରସ୍ତାବ ରଖିଥିଲେ।

ସକାଳ THE SAKALA

କଟକ

www.sakalaepaper.com

କଟକ ଜିଲ୍ଲାରେ ମହାଶିବରାତ୍ରୀ ଉତ୍ସବ

'ହର ହର ମହାଦେବ' ଧ୍ୱନିରେ କମ୍ପୁଛି ଶୈବପୀଠ

ଆକାଶରେ ଶିବମୟ ଅନୁଭୂତି ଏବଂ ବାୟୁରେ ଶୁଭ୍ର କର୍ପୁରର ସୁବାସ । ପବିତ୍ର 'ମହାଶିବରାତ୍ରୀ' ଅବସରରେ କଟକ ଜିଲ୍ଲାର ଆଧ୍ୟାତ୍ମିକ ପରିବେଶ ଆଜି ଏକ ଭବ୍ୟ ରୂପ ଧାରଣ କରିଛି । କେଉଁଠି ବାବା ଧବଳେଶ୍ୱରଙ୍କ ଜଳବେଷ୍ଟିତ ପୀଠରେ ଶ୍ରଦ୍ଧାଳୁଙ୍କ ଆକୁଳ ନିବେଦନ ତ ପୁଣି କେଉଁଠି ପରମହଂସନାଥଙ୍କ ମନ୍ଦିରରେ ମହାଦେବଙ୍କ ରୁଦ୍ରାଭିଷେକ । ମହାନଦୀ କୂଳଠାରୁ ଆରମ୍ଭ କରି କାଠଯୋଡ଼ିର ଶାନ୍ତ ପରିବେଶ ପର୍ଯ୍ୟନ୍ତ, ପ୍ରତିଟି ଶୈବପୀଠ ଆଜି ଶିବ-ଶକ୍ତିଙ୍କ ଅପୂର୍ବ ମିଳନର ସାକ୍ଷୀ ପାଲଟିଛି । ହାତରେ ଜଳଥାଳି ଏବଂ ମନରେ ଅତୁଟ ବିଶ୍ୱାସ ନେଇ ଭକ୍ତଟିଏ ବର୍ଷକର ଅପେକ୍ଷା ପରେ ଆଜି ପ୍ରଭୁଙ୍କ ମହାଦୀପ ଦର୍ଶନ ପାଇଁ ଉଜାଗର ରହିଛି । ଶଙ୍ଖ, ଘଣ୍ଟ ଏବଂ "ଓଁ ନମଃ ଶିବାୟ" ମନ୍ତ୍ରର ଗୁଞ୍ଜରଣରେ ସାରା ଜିଲ୍ଲା ଏବେ କୈଳାସପୁରୀର ଭ୍ରମ ସୃଷ୍ଟି କରୁଛି ।



ନିଶ୍ଚିନ୍ତକୋଇଲି,୧୫।୨(ସମିସ)

ପବିତ୍ର ଜାଗର ଉତ୍ସବ ଓ ଶିବରାତ୍ରି ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇ ଉଠିଛି । ଏହି ଅବସରରେ ପ୍ରତ୍ୟୁଷରୁ ଭକ୍ତମାନେ ମହାଦେବଙ୍କ ଦର୍ଶନ ପାଇଁ ମନ୍ଦିରରେ ଗହଳି ଲଗାଇଛନ୍ତି । ଜାଗରରେ ଭକ୍ତମାନେ ମହାଦେବଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଛନ୍ତି । ବହୁ ଭକ୍ତ ଦୀପ ଲଗାଇ ଶିବଙ୍କର ସହସ୍ରନାମ ଜପ କରିଛନ୍ତି । ଏହି ଅବସରରେ ପାଟପୁରଠାରେ ଥିବା ଶଙ୍କରେଶ୍ୱର ମହାରୁଦ୍ରଙ୍କ ଜାଗର ମହୋତ୍ସବ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ କରାଯାଇଛି । ଭୋରରୁ ସମସ୍ତ ନିତାକାନ୍ତି ସହ ବାଳଭୋଗ ଅର୍ପଣ ପରେ ଭକ୍ତମାନଙ୍କୁ ଦର୍ଶନର ସୁବିଧା ମିଳିଥିଲା । ପୂର୍ବାହ୍ନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଜଳାଭିଷେକ କରାଯାଇଥିବା ବେଳେ ସଂଧ୍ୟା ୬ଟାରେ ପ୍ରଭୁଙ୍କ ବେଢା ପରିକ୍ରମା ଓ ସଂଧ୍ୟା ଆଳତି, ରାତ୍ର ୯ଟାରେ ଚତୁର୍ଦ୍ଦଶୀ ଦୀପ ଉଠାଣ ହେବା ପରେ ଶଙ୍କରେଶ୍ୱରଙ୍କ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ରାତ୍ର ୧୧ଟାରେ ମହାଦୀପ ଉଠାଯାଇଥିଲା । ସାରା ଦିନ ବ୍ୟାପୀ ମହାଦୀପ ଉଠିଲା ପର୍ଯ୍ୟନ୍ତ ଏହି ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ସେହିପରି ବରପଡାଠାରେ ଥିବା ସୋମନାଥ ମନ୍ଦିରରେ ଜାଗର ମହୋତ୍ସବର ନୀତିକାନ୍ତି ଅନୁଷ୍ଠିତ ହୋଇଥିବା ବେଳେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଏହାଛଡା ବାଣୀନଗରଠାରେ ଥିବା ପ୍ରଭୁ ଶକ୍ତିଶ୍ୱର, ନତକାଇର ବାଙ୍କେଶ୍ୱର, ବଡକ୍ଷୀରର କ୍ଷୀରେଶ୍ୱର, ଓଥକାର ସିଦ୍ଧେଶ୍ୱର, ବରାଦୋର ବେଲେଶ୍ୱର, କଟରପଡାର ସ୍ୱପ୍ନେଶ୍ୱର, ବରପଡା ବାଲୁଙ୍କେଶ୍ୱର, ବାଲିଆପଦାରେ ଭୋଳେଶ୍ୱର, କେନ୍ଦୁପାଟଣା ଶରେଶ୍ୱର, ସାନ୍ତପୁର ବକ୍ରେଶ୍ୱର, ଭଗବାନପୁର ଅନନ୍ତେଶ୍ୱର, କାଶୀପୁରର ମୁକ୍ତେଶ୍ୱର ଆଦି ବହୁ ଶୈବପୀଠରେ ଜାଗର ମହୋତ୍ସବ ସମାରୋହରେ ପାଳିତ ହୋଇଥିଲା ।



ଧବଳେଶ୍ୱର ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ





ଆଠଗଡ଼,୧୫।୨(ସମିସ): ମହାଶିବରାତ୍ରୀ ଜାଗର ଓଷା ପରିପ୍ରେକ୍ଷୀରେ ଆଠଗଡ ଅଞ୍ଚଳର ତଥା ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ମନ୍ଦିରରେ ଭୋର ୪ଟାରୁ ମନ୍ଦିର ପହୁଡ ଖୋଲିଥିଲା । ପବିତ୍ର ମହାନଦୀରୁ ୧୦୮ ଗରା ପାଣିରେ ବାବାଙ୍କୁ ସ୍ନାନ କରାଯାଇ ମଙ୍ଗଳ ଆଳତି, ମଇଲମ ଲାଗି ପରେ ସକାଳ ଧୂପ ସମର୍ପଣ କରାଯାଇଥିଲା । ଭୋର ସମୟରୁ ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ଦର୍ଶନ କରିଥିଲେ । ଦିନତମାମ ହଜାର ହଜାର ଭକ୍ତ ବାବାଙ୍କ ଦର୍ଶନ ଲାଭ କରିଥିଲେ । ଅପରାହ୍ନରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ମନ୍ଦିର ବେଢାରେ ଜାଗର ଦୀପ ଜାଳିଥିଲେ । ଆଠଗଡ ପ୍ରଶାସନ ତଥା ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସନ୍ଧ୍ୟା ଆଳତି ପରେ ବାବାଙ୍କ ପ୍ରାୟ ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୧୦ଟା ବେଳକୁ ମହାଦୀପ ଉଠିଥିଲା । ବ୍ରତ ଧାରଣ ତଥା କାଷ୍ଠା ଉପବାସ ରଖିଥିବା ବ୍ରତଧାରୀମାନେ ମନ୍ଦିର ଦଧିନଉତି ଉପରକୁ ମହାଦୀପ ଉଠିଲା ପରେ ବ୍ରତ ଉଦଯାପନ ସହ ପଣା ପାଇଥିଲେ । ସେହିପରି ଅନ୍ୟତମ ଶୈବପୀଠ ସର୍ପେଶ୍ୱର, ଗୌଡ଼ଝରୀ ଶିବ ମନ୍ଦିର, କନ୍ତୋଲର ଭୁବନେଶ୍ୱର, ବିଶ୍ୱନାଥେଶ୍ୱର, ଆଠଗଡର କାଶୀ ବିଶ୍ୱନାଥ, ସ୍ୱପ୍ନେଶ୍ୱର, ବଡ଼ ପୋଖରୀ ନାଥେଶ୍ୱର, ରାଧାଗୋବିନ୍ଦପୁରର ରାମେଶ୍ୱର, ବୀରକିଶୋରପୁର ମହାଦେବ ମନ୍ଦିର ସମେତ ଗ୍ରାମାଞ୍ଚଳର ସମସ୍ତ ଶୈବପୀଠରେ ଏହି ଉତ୍ସବ ସମ୍ପନ୍ନ ହୋଇଥିଲା । ସମସ୍ତ ଶୈବ ପୀଠରେ ମନ୍ଦିର ପରିଚାଳନା ପକ୍ଷରୁ ଭଜନ କୀର୍ତ୍ତନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।



ଟାଙ୍ଗୀ

ପବିତ୍ର ମହାଶିବରାତ୍ରୀ ତଥା ଜାଗର ଉପଲକ୍ଷେ ଟାଙ୍ଗୀ ଅଞ୍ଚଳରେ ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇଉଠିଛି । ଟାଙ୍ଗୀ କୋଟେଶ୍ୱର ମନ୍ଦିର, କଡ଼େଇ ଝାଡେଶ୍ୱର, ସଫା ଓ ହଳଦୀବସନ୍ତ ସିଦ୍ଧେଶ୍ୱର, ଭଗତପୁର ଓ ନେଳିଆ ନୀଳକଣ୍ଠେଶ୍ୱର, କମଙ୍ଗ ପରମେଶ୍ୱର ତଥା ବିଭିନ୍ନ ଗ୍ରାମରେ ଥିବା ଶୈବପୀଠରେ ଦିନରେ ଅଭିଷେକ, ସନ୍ଧ୍ୟାରେ ଆଳତୀ ଏବଂ ରାତ୍ରିରେ ରାତ୍ର ୧୦ଟା ପରେ ଜନଗହଳି ମଧ୍ୟରେ ମହାଦୀପ ମନ୍ଦିର ଉପରକୁ ଉଠିଥିବା ଜାଣିବାକୁ ମିଳିଛି ।

ତିଗିରିଆ



ତିଗିରିଆ ବ୍ଲକ ନିଜିଗଡ ଥାନା ଛକସ୍ଥିତ ବ୍ରହ୍ମେଶ୍ୱର, ଗଦାଧରପୁର ପଞ୍ଚାୟତ ଅଧୀନ ମାନପୁର ଗ୍ରାମରେ ବିଜେ କପିଳେଶ୍ୱର ମହାଦେବ, ବଡନାଉପୁଟ ପଞ୍ଚାୟତ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବ, ବାଲିପୁଟ ପଞ୍ଚାୟତସ୍ଥିତ ବାଣେଶ୍ୱର ମହାଦେବ, ନିଜିଗଡ଼ ପଞ୍ଚାୟତ ସ୍ଥିତ ଶଙ୍କରେଶ୍ୱର ମହାଦେବ, ଅଚଳକୋଟ ପଞ୍ଚାୟତ ସ୍ଥିତ ମଲ୍ଲିକାନାଥ ଦେବ, ପାଞ୍ଚଗାଁ ପଞ୍ଚାୟତ ସ୍ଥିତ ପଞ୍ଚାନନେଶ୍ୱର ଦେବଙ୍କ ପୀଠ ସହ ବ୍ଲକର ଅନ୍ୟାନ୍ୟ ପଞ୍ଚାୟତରେ ଥିବା ଶୈବ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଜାଗର ଯାତ୍ରା ପାଇଁ ସମସ୍ତ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ମଧ୍ୟ ରାତ୍ରରେ ମହାଦୀପ ଉଠିବାର ବ୍ୟବସ୍ଥା କରାଯାଇଥିଲା । ଏହି ଜାଗର ଉତ୍ସବ ଅବସରରେ ବାଲିପୁଟ ଓ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବାଣେଶ୍ୱର ମହାଦେବଙ୍କ ପୀଠରେ ସକାଳେ ମାଘ ସ୍ନାନ, ପରେ ବାଳ ଭୋଗ, ଶଙ୍ଖୁଡ଼ି ଭୋଗ ନୀତି ଅନୁଷ୍ଠିତ ହୋଇଥିଲା । ଦ୍ୱିପ୍ରହରରେ ଧୂପ ସହ ରାତ୍ରରେ ଚାରି ପହରିଆ ଭୋଗ ନୀତି ଅନୁଷ୍ଠିତ ହୋଇଥିବା ଜଣାପଡିଛି । ଆଜି ଜାଗର ଉତ୍ସବ ଅବସରରେ ପ୍ରଭୁ ଶ୍ରୀ ବାଣେଶ୍ୱର ଦେବଙ୍କର ବଡ଼ ସିଂହାର ବେଶ ଅନୁଷ୍ଠିତ ହୋଇଥିବା ମନ୍ଦିରର ମୁଖ୍ୟପୂଜକ ପ୍ରଭାକର ରଣା ସୂଚନା ଦେଇଛନ୍ତି । ସେହିପରି ମନ୍ଦିର ପରିସରରେ ଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରମୁଖ ଶୈବପୀଠରେ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି ।

ନରସିଂହପୁର



ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତ ମାଳିସାହି ଗ୍ରାମରେ ମୁକ୍ତାନାଥଙ୍କ ପୀଠରେ ପବିତ୍ର ଜାଗର ଯାତ୍ରା ପାଳିତ ହୋଇଯାଇଛି । ଭୋର ୫ ଘଟିକାରୁ ଟଭା, ଚୁଆ ଏବଂ ଖିରରେ ମହାଦେବଙ୍କ ସ୍ନାନ କରାଯାଇଥିଲା ଏବଂ ୧୨ରେ ଠାକୁରଙ୍କ ପାଖରେ ଶଙ୍କୁଡ଼ି ଭୋଗ କରାଯିବା ପରେ ଭକ୍ତମାନଙ୍କ ଦର୍ଶନ ପାଇଁ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା । ସନ୍ଧ୍ୟା ୫ରେ ଧୂପ, ଦୀପ ଜାଳି ଭକ୍ତମାନେ ମନ୍ଦିର ଚାରି ପାଖରେ ବୁଲିଥିଲେ । ରାତ୍ର ୪ଟା ସମୟରେ ମହାଦୀପ ଉଠିଥିଲା । ଜାଗର ଯାତ୍ରା ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ଥିବା ମଣ୍ଡପ ଠାରେ ଏକ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଜନ ସମାରୋହକୁ ବହୁ ସଂଖ୍ୟାରେ ଭକ୍ତ ଉପଭୋଗ କରିଥିଲେ ।

ସାଲେପୁର



ପବିତ୍ର ମହାଶିବରାତ୍ରୀ ଅବସରରେ ସକାଳୁ ଭକ୍ତମାନେ ଦେବାଧିଦେବ ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ସହ ପ୍ରଭୁଙ୍କ କୃପା ଲାଭ କରିଛନ୍ତି । ଏହି ଅବସରରେ ମାନସିକଧାରୀମାନେ ଉପବାସ ରହି ପ୍ରଭୁ ଭୋଳାନାଥଙ୍କ ନିକଟରେ ଜାଗର ଜାଳି ନିଜ ଓ ନିଜ ପରିବାରର ଶୁଭକାମନା କରିଥିଲେ । ସାଲେପୁରର ଚାଟେଶ୍ୱର ମହାଦେବ, କଳାଗ୍ନୀ ମହାଦେବ, ଚନ୍ଦ୍ରଶେଖର, ବଟେଶ୍ୱର, ବିଶେଶ୍ୱର, ବିପ୍ରେଶ୍ୱର ମହାଦେବ, ରୋଧପୁର ଶିବ ମନ୍ଦିର, ଗଙ୍ଗେଶ୍ୱର ମହାଦେବ ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

ପରମହଂସ ମନ୍ଦିର



କନ୍ଦରପୁର: କଟକ ସଦର ଅନ୍ତର୍ଗତ ପରମହଂସ ଠାରେ ମହାପ୍ରଭୁ ଶ୍ରୀ ପରମହଂସ ମହାରାଜଙ୍କ ମହାଶିବରାତ୍ରି ଆଜି ସମସ୍ତ ରୀତିନୀତି ସହ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ୩ ଟାରୁ ଶ୍ରୀ ଦେବଙ୍କ ପହଡ଼ ଖୋଲାଯାଇ ସ୍ନାନ ମାର୍ଜନା ସହ ବାଲ୍ୟ ଭୋଗ କରାଯାଇଥିବା ବେଳେ, ସକାଳ ୬ରେ ସକାଳ ଧୂପ, ୬.୪୫ରେ ମଧ୍ୟାହ୍ନ ଧୂପ ପରେ ପହଡ଼ ପଡ଼ିଥିଲା । ସକାଳ ୭.୩୦ ମିନିଟରୁ ଭକ୍ତମାନଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ସନ୍ଧ୍ୟା ୬.୧୫ରେ ସନ୍ଧ୍ୟା ଆଳତି ସହ ଦର୍ଶନ ଚାଲୁ ରହିଥିଲା । ରାତ୍ର ୧୨ଟା ୩୦ରୁ ମନ୍ଦିର ବନ୍ଦ ରହି ମନ୍ଦିର ଶୁଦ୍ଧି ହୋଇଥିଲା ବେଳେ ରାତ୍ର ପ୍ରାୟ ୨ଟାରୁ ବେଢ଼ା ପରିକ୍ରମା, ଅଭିଷେକ, ହରିହର ଭେଟ ସହ ଭକ୍ତଙ୍କ ଦର୍ଶନ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ରାତ୍ର ୪ଟାରେ ମହାଦୀପ ଆଳତି ସହ ୪.୩୦ରେ ମନ୍ଦିରକୁ ମହାଦୀପ ଉଠିଥିଲା । ଉକ୍ତ କାର୍ଯ୍ୟକ୍ରମରେ ତ୍ରିଲୋଚନ ପଣ୍ଡା, ମାନସ ପଣ୍ଡା, ଅରୁଣ ଦାଶ, ଜଗନ୍ନାଥ ପଣ୍ଡା ପ୍ରମୁଖ ପଣ୍ଡା ମାନେ ଶାନ୍ତିର ସହ ସମସ୍ତ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ବିଜେଡିର ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ବିଷ୍ଣୁପ୍ରିୟା ସେବା ସମିତିର ସଭାପତି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଯୋଗଦେଇଥିବା ବେଳେ ବହୁ ଭକ୍ତମାନଙ୍କ ଭିଡ଼ ସହିତ "ହର ହର ମହାଦେବ" ଧ୍ୱନିରେ ପରିବେଶ ଉଲ୍ଲସିତ ହୋଇ ଉଠିଥିଲା ।

ବଡମ୍ବା

ମହାଶିବ ରାତ୍ରୀ ଜାଗର ପାଇଁ କଟକ ଜିଲ୍ଲା ବଡମ୍ବାର ପ୍ରସିଦ୍ଧ ବାବା ସିଂହନାଥଙ୍କ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି । ହରହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଛି ପରିବେଶ । ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ବାବାଙ୍କ ଦର୍ଶନ କରିଛନ୍ତି । ରାତ୍ର ୧୦ଟାରେ ବାବାଙ୍କ ପୀଠରେ ୧୦୮ ମହାଦୀପ ଉଠିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପୀଠକୁ ଭକ୍ତଙ୍କ ସୁଅ ଛୁଟିଛି । ବାବାଙ୍କ ପ୍ରସିଦ୍ଧ ବାଲି ମକର ଯାତ୍ରା ଏବଂ ଜାଗରକୁ ଦୃଷ୍ଟିରେ ରଖି ଟି-ସେତୁରେ ଭିଡ଼ କମାଇବା ପାଇଁ ଗୋ.ପୀ.ନା.ଥପୁର ପଟୁ ହୋଇଥିବା ଅସ୍ଥାୟୀ କାଠ ପୋଲକୁ ଭାଙ୍ଗି ଦିଆଯାଇଥିବାରୁ ଶ୍ରଦ୍ଧାଳୁମାନେ ଟି-ସେତୁ ଦେଇ ପୀଠକୁ ଯାତୟାତ କରୁଛନ୍ତି । ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୀଠରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୀଠରେ ଆଠଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ବିଶ୍ୱଜିତ ମହାନ୍ତି, ବଡମ୍ବା ଥାନା ଅଧିକାରୀ ପରମାନନ୍ଦ ନାୟକଙ୍କ ସହିତ ୨ ପ୍ଲାଟୁନ ପୁଲିସ ଫୋର୍ସ ପୀଠରେ ମୁତୟନ କରାଯାଇଛି । ଯେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ପୀଠରେ ଦମକଳ ଏବଂ ଓଡ୍ରାଫ ଟିମ ସଜାଗ ରହିଛନ୍ତି । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଟି ସେତୁରୁ ପୀଠକୁ ସମ୍ପୂର୍ଣ୍ଣ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ଭିଡକୁ ଦୃଷ୍ଟିରେ ରଖି ସେତୁ ଉପରେ ଗାଡି ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି । ସେହିପରି ବଡ଼ମ୍ବାର ନୀଳକଣ ଶ୍ୱେଶ୍ୱର ମହାଦେବ,



ବଡ଼ଙ୍କମ୍ବିଲୋ ଖରାଖିଆ ମହାଦେବ, ରତାପାଟ ବାସୁଦେବ, ବିଶ୍ୱନାଥପୁର ସ୍ୱପ୍ନେଶ୍ୱର ମହାଦେବ, ବେଲିଆପାଳ ଧବଳେଶ୍ୱର ମହାଦେବ, ଗୋପପୁର ବାଲୁଙ୍କେଶ୍ୱର ମହାଦେବ, ସୁନାପାଳ କୋଳେଶ୍ୱର ମହାଦେବ, ମଙ୍ଗରାଜପୁର ଲଡୁକେଶ୍ୱର ମହାଦେବ, ମୁଗଗହୀର ସୋମନାଥ ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଛି ।

ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ଆଠଗଡ,୧୫।୨(ସମିସ)



ଆଠଗଡ ବ୍ଲକ ବେଣ୍ଟପଦାସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଅବସରରେ ୪୮ ତମ ଅଷ୍ଟପ୍ରହର ନାମଯଜ୍ଞ ଏକ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଶନିବାର କଳସ ଯାତ୍ରା ଓ ଶୁଭାଧିବାସ ପରେ ରବିବାର ପବିତ୍ର ମହାଶିବରାତ୍ରି ଓ ଜାଗର ଅବସରରେ ନାମଯଜ୍ଞ, ସଂକୀର୍ତ୍ତନ ଓ ବେଢା ପରିକ୍ରମା ସମ୍ପନ୍ନ ହୋଇଥିଲା । ସୋମବାର ନଗରକୀର୍ତ୍ତନ, ଦହିହାଣ୍ଡି ଭଗ୍ନ ସହିତ ଭକ୍ତି ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଛି । ବଢେଇଜଳନ୍ଦା, ପର୍ଶୁରାମପୁର, ହରିଡାଗହିର, ବଡମ୍ବାର କନ୍ତପଡା, ଖଣ୍ଡପଡା ସିଧାମୂଳା ଏବଂ ତିଗିରିଆର ଚଷାଆଁରାର ମହିଳା ଓ ପୁରୁଷ ଦଳ ଅହୋରାତ୍ର ସଂକୀର୍ତ୍ତନ ପରିବେଷଣ କରିଥିଲେ । ପୁରୋଧା ଭାବେ ପ୍ରମୋଦ ମିଶ୍ର ଓ ଗଗନ ବିହାରୀ ମହାପାତ୍ର ସମସ୍ତ ପୂଜାନୀତି ସମ୍ପନ୍ନ କରିଥିଲେ । ଶ୍ରୀ ବାଲୁଙ୍କେଶ୍ୱର ଆଞ୍ଚଳିକ ଯୁବ ମହାସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ବିପିନ ବିହାରୀ ମହାପାତ୍ର, ସଂପାଦକ ବନମାଳୀ ସାହୁ, ଉପସଭାପତି ହରିହର ସାହୁ, ଅଧିକାରୀ ପ୍ରମୋଦ ଚନ୍ଦ୍ର ସାହୁ, ପ୍ରଦୀପ ସାହୁ, ଅକ୍ଷୟ ସାହୁ, ବିଶ୍ୱନାଥ ସାହୁ, ଦୁର୍ଗା ପ୍ରସାଦ ମହାପାତ୍ର, ଦ୍ୱିଜବର ସାହୁ, ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବେଣ୍ଟପଦା ଓ ଆଖପାଖ ଗ୍ରାମର ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା ।

ଦୀପରୁ ନିଆଁ ଲାଗି ମହିଳା ଆହତ

ତିଗିରିଆ,୧୫।୨(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ମାନପୁର ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ କପିଳେଶ୍ୱର ଦେବଙ୍କ ପବିତ୍ର ଜାଗର ଯାତ୍ରା ସମୟରେ ଏକ ଦୁଃଖଦ ଅଘଟଣ ଘଟିଛି । ମନ୍ଦିରକୁ ଦୀପ ଜାଳିବାକୁ ଆସିଥିବା ଜଣେ ମହିଳା ଦୀପ ନିଆଁରେ ପୋଡ଼ି ହୋଇ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ମାଣିଆବନ୍ଧ ଥାନା ଅନ୍ତର୍ଗତ କଙ୍କଡ଼ାଯୋଡ଼ି ଗ୍ରାମର ଉକ୍ତ ମହିଳା ଜଣକ ଦିନ ସମୟରେ ମନ୍ଦିରକୁ ଦୀପ ଜାଳିବା ପାଇଁ ଆସିଥିଲେ । ମାତ୍ର ଦୀପ ଜାଳି ମନ୍ଦିରରୁ ବାହାରକୁ ଫେରୁଥିବା ସମୟରେ ହଠାତ୍ ତାଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଥିଲା । ନିଆଁର ପ୍ରକୋପ ଯୋଗୁଁ ମହିଳାଙ୍କ ପିନ୍ଧିଥିବା ଶାଢ଼ୀଟି ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ତାଙ୍କ ଶରୀରର ବିଭିନ୍ନ ଅଂଶରେ ଆଘାତ ଲାଗିଛି । ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା । ଜାଗର ପରି ଶୁଭ ଅବସରରେ ଏଭଳି ଅପ୍ରୀତିକର ପରିସ୍ଥିତି ଶ୍ରଦ୍ଧାଳୁଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଖେଳାଇ ଦେଇଥିଲା ।

ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ଲକ୍ଷାଧିକ ଭକ୍ତ







ଭଦ୍ରକ/ଆରଡ଼ି, ୧୫ା୨(ସମିସ)

ରବିବାର ପବିତ୍ର ଜାଗର ଯାତ୍ରା ପାଇଁ ଉତ୍ସବମୁଖର ହୋଇ ଉଠିଥିଲା ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଆଖଣ୍ଡଳମଣିଙ୍କ ପୀଠ। ନିର୍ଦ୍ଧାରିତ ସମୟ ଅନୁଯାୟୀ ଭୋର୍ ୪ଟାରେ ମନ୍ଦିର ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, ପରମ୍ପରା ଅନୁଯାୟୀ କନିକା ରାଜାଙ୍କ ପକ୍ଷରୁ ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପରେ ବାବାଙ୍କୁ ନୂଆ ବସ୍ତ୍ର ଲାଗି କରାଯାଇ ଦିଗମ୍ବର ବେଶରେ ପାଳିଆ ସେବାୟତ ପକ୍ଷରୁ ବଡ଼ାଭାତ(ଖେଚୁଡ଼ି ଅନ୍ନନୀତି) ଭୋଗ ଲାଗି କରାଯାଇଥିଲା। ସକାଳ ୫ଟାରୁ ରାତି ୧୨ଟା ଯାଏ

▶▶ ରାତି ୧ଟାରେ ସୁନାବେଶ, ଭୋର୍ ୪ଟା ୩୦ରେ ଉଠିଲା ମହାଦୀପ
▶▶ କନିକା ରାଜାଙ୍କ ପକ୍ଷରୁ ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ

ସାହାଣମେଳା ଦର୍ଶନରେ ଶ୍ରଦ୍ଧାଳୁ ଭକ୍ତମାନେ ସ୍ୱତନ୍ତ୍ର ବ୍ୟାରିକେଡ଼୍‌ରେ ଯାଇ ବାବାଙ୍କୁ ଦର୍ଶନ କରିଥିଲେ। ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅଗଣିତ ଭକ୍ତ ଧାଡ଼ି ଦର୍ଶନରେ ବାବାଙ୍କୁ ପୂଜାର୍ଚ୍ଚନା କରିବା ସହ ଦୀପ ଜାଳିଥିଲେ। ସନ୍ଧ୍ୟା ୬ଟାରୁ ରାତି ୧୨ଟା ଯାଏଁ ଚାରିପ୍ରହର ରୁଦ୍ରାଭିଷେକ, ଘର୍ଷଣଲାଗି ସହ ପଞ୍ଚ ଉପଚାର ନୀତି ସମ୍ପନ୍ନ ହେବା ପରେ ରାତି ୧ଟାରେ ଦୁର୍ଲଭ ସୁନାବେଶରେ ଦର୍ଶନ ଦେବେ ବାବା। ରାତି ୩ଟାରେ ମହାଦୀପ ସେବାୟତଙ୍କ ପକ୍ଷରୁ ପ୍ରସ୍ତୁତ ହେବା ପରେ ମହାଦୀପକୁ ଗୁପ୍ତ ଷୋଡ଼ଶ ଉପଚାରରେ ପ୍ରତିଷ୍ଠା କରାଯିବା ସହିତ ଅଗ୍ନି ସଂଯୋଗ କରାଯିବା ପରେ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଭୋର୍ ୪ଟା ୩୦ରୁ ୫ଟା ମଧ୍ୟରେ ମନ୍ଦିରଚୂଡ଼ାକୁ ମହାଦୀପ ଉଠିଥିଲା। ପୀଠରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ଲାଗି ରହିଥିବାରୁ ପୀଠରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ସହ ମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ଜଳପଥରେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ନିୟୋଜିତ ରହିଥିଲେ।

ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ପବିତ୍ର ମହାଶିବରାତ୍ରି ଓ ଜାଗରଯାତ୍ରା ରବିବାର ପାଳିତ ହୋଇଛି। ଭକ୍ତମାନେ ଉପବାସ ରହିବା ସହ ଶୈବପୀଠ ଦର୍ଶନ କରି କାଗଜ ନିର୍ମିତ ଛତା, ଦୀପ ଦାନ କରିଥିଲେ। ବେଲପତ୍ର ପାଦୁକା ସେବନ ପୂର୍ବକ ପ୍ରଭୁଙ୍କୁ ଉପାସନା କରିଥିଲେ। 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରି ଶ୍ରଦ୍ଧାଳୁମାନେ ମନ୍ଦିର ଉପରେ ପ୍ରଜ୍ୱଳିତ ମହାଦୀପକୁ ଦର୍ଶନ କରିବା ନିମନ୍ତେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଜାଗର ରହିଥିଲେ। ଏହି ଉପଲକ୍ଷେ ବିଭିନ୍ନ ଶିବ ମନ୍ଦିରକୁ ଆକର୍ଷଣୀୟଭାବେ ସଜ୍ଜିତ କରାଯାଇଥିଲା। ମୁଡ଼ାପଦାର ପ୍ରସିଦ୍ଧ ବାବା ବୈଦ୍ୟନାଥ ମନ୍ଦିର ଓ ଦାଣ୍ଡକୂଳର ବାବା ଝାଡ଼େଶ୍ୱର ମନ୍ଦିରରେ ଭଦ୍ରକ ଓ ଯାଜପୁରର ଜିଲ୍ଲାର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ରଣଜିତ୍ ପଞ୍ଚାୟତର ନୂଆନଇ ନିକଟ ଅପୂଜା ମହାଦେବ ପୀଠରେ ବିପୁଳ ସଂଖ୍ୟକ ଭକ୍ତମାନେ ବାବାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ବାବା ଶୀତିକଣ୍ଠେଶ୍ୱର, ମେଡିକାଲ ପରିସରରେ ରାମେଶ୍ୱର, ଭଣ୍ଡାରିପୋଖରୀ ବଜାରରେ ଦର୍ପେଶ୍ୱର, ଅଗେଇବେହେରାର ଆଖଣ୍ଡଳେଶ୍ୱର, ଥଇଳାର ଥାନେଶ୍ୱର ଓ ଦୁଃଖେଶ୍ୱର, ରହଣିଆର କଚେରୀଶ୍ୱର ଓ ଉତ୍ତରେଶ୍ୱର, ରାଢ଼ୋର ବିଶ୍ୱେଶ୍ୱର, ମାଳଦାର ଛୋଟେଶ୍ୱର ଓ ନୂଆମହାଦେବ, ନଗୁଆଁର ନାଗେଶ୍ୱର ଓ ଭଗେଶ୍ୱର, ଝୁଟଣାର ଅଷ୍ଟଶମ୍ଭୁ ଓ ସ୍ୱପ୍ନେଶ୍ୱର, ଦେଓପଦାର ଶୈବପୀଠ, ଝଟୁଣାର ସ୍ୱପ୍ନେଶ୍ୱର, ସାତଶୋଳାର ଅଖିଳେଶ୍ୱର, ବାରିକପୁର ମେଡିକାଲ ପରିସର ଶିବମନ୍ଦିର, ପନଖାର ନୀଳକଣ୍ଠେଶ୍ୱର, ନାଆମୀର ଧବଳେଶ୍ୱର, ପାଳଦା ଉତ୍ତରବାଡ଼ ବାବା ଜମ୍ଭେଶ୍ୱର ମହାଦେବ, ଦକ୍ଷିଣବାଡ଼ ମହାଦେବ ମନ୍ଦିର, ବନ୍ଧାଲୋର ଗତେଶ୍ୱର, ରାଜେନ୍ଦ୍ରପୁରର ସର୍ବେଶ୍ୱର, ସାରୋର ବିଘ୍ନେଶ୍ୱର ଓ ସିଦ୍ଧେଶ୍ୱର, ଶାସନର ଭାବେଶ୍ୱର, ଆକୁଳିକଣାର ବରୁଣେଶ୍ୱର, ଜଗନ୍ନାଥପ୍ରସାଦର ଲୋକନାଥେଶ୍ୱର, ଆଖୁଆପଦାର ହରପାର୍ବତୀ ଆଦି ପ୍ରସିଦ୍ଧ ଶିବ ମନ୍ଦିର ସହ ଗାଁ ଗହଳିରେ ଥିବା ସମସ୍ତ ଶିବମନ୍ଦିରରେ ବିପୁଳ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା।



ବାରିକପୁର

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଶୈବପୀଠରେ ଭାବ ଭକ୍ତିର ସହିତ ପବିତ୍ର ଜାଗରଯାତ୍ରା ପାଳିତ ହୋଇଯାଇଛି। ସବୁଠି ହରହର ମହାଦେବ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହୋଇଛି। ବ୍ଲକର ପ୍ରସିଦ୍ଧ ଆଖୁଆପଦା ହର-ପାର୍ବତୀ ପୀଠରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପୂଜା କମିଟି ପକ୍ଷରୁ ବ୍ରାହ୍ମଣଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁଯାୟୀ ହର-ପାର୍ବତୀଙ୍କୁ ପୂଜା କରାଯାଇଛି। ରହଣିଆ ଉତ୍ତରେଶ୍ୱର ପୀଠ, ନୂଆ ମହାଦେବ ଓ ରାଢ଼ୋ ବିଶ୍ୱେଶ୍ୱର ମହାଦେବଙ୍କ ପୀଠରେ ମଧ୍ୟ ଜାଗରଯାତ୍ରା ପାଳିତ ହୋଇଛି। ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଭକ୍ତମାନେ ପୀଠରେ ପହଞ୍ଚି ମହାଦେବଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଛନ୍ତି। ପୀଠରେ ଅଭିଷେକ ପୂଜା, ବେଲପତ୍ର ଅର୍ପଣ, ଉପଚାର ପୂଜା ଅନୁଷ୍ଠିତ ହୋଇଛି। ମାଳଦା ଛୋଟେଶ୍ୱର ପୀଠ, ମଞ୍ଜୁରୀ ଅପୂଜା ମହାଦେବ ପୀଠ, ଆକୁଳିକଣା ବରଣେଶ୍ୱର ପୀଠ, ଥାନା ପରିସରରେ ଥିବା ଶୀତକଣ୍ଠେଶ୍ୱର ପୀଠରେ ମଧ୍ୟ ଜାଗର ଉତ୍ସବ ପାଳିତ ହୋଇଛି। ବ୍ରତଧାରୀ ପୁରୁଷ ଓ ମହିଳାମାନେ ମନ୍ଦିରରେ ଅଖଣ୍ଡ ଦୀପ ଦେଇ ଶିବ ଉପାସନା କରିଛନ୍ତି। ସନ୍ଧ୍ୟା ପରେ ବିଭିନ୍ନ ପୀଠରେ ହୋମଯଜ୍ଞ ସହିତ ପର୍ଯ୍ୟାୟକ୍ରମେ ମହାଦୀପ ଉଠିଛି। ଜାଗରଯାତ୍ରା ଉପଲକ୍ଷେ କେତେକ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକକଳା ପାଲା, ନାମ ସଙ୍କୀର୍ତ୍ତନ ସହିତ ଅପେରା ପ୍ରଦର୍ଶନ ହୋଇଛି।

ତିହିଡ଼ି

ତିହିଡ଼ି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି (ଜାଗର) ଉତ୍ସବ ମହାସମାରୋହରେ ପାଳିତ ହେଉଛି। ବିଭିନ୍ନ ଶିବ ମନ୍ଦିରରେ ବେଶ୍ ଭିଡ଼ ଲାଗିଥିବାବେଳେ କେତେକ ଶିବ ମନ୍ଦିର ପରିସରରେ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ସହସ୍ର ଶିବଙ୍କ ଗ୍ରାମ କୁହାଯାଉଥିବା ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ଓ ଛତ୍ରପଦା ଗ୍ରାମରେ ବିଭିନ୍ନ ଶିବ ଲିଙ୍ଗ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଉଛି। ଏହି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଶହଶହ ଶିବ ଲିଙ୍ଗ ଖୋଲା ଆକାଶ ତଳେ ପୂଜା ପାଉଥିବାବେଳେ ମାତ୍ର ୬ଟି ସ୍ଥାନରେ ମନ୍ଦିର ନିର୍ମାଣ ହୋଇପାରିଛି। ବରଦେଶ୍ୱର, ଭୂତେଶ୍ୱର, ତାଡ଼କେଶ୍ୱର, ବେଲେଶ୍ୱର, କଟା ମହାଦେବ, ବାଟେଶ୍ୱର ଓ ଆଳେଶ୍ୱର ଆଦି ମହାଦେବ ବେଶ୍ ଖ୍ୟାତ। ପାଟଣାସାହି, ବରେହୀସାହି, ନାୟକସାହି, ଘାଟିଆସାହି ଓ ମାଝିସାହି ଆଦି ସାହି ଲୋକେ ବହୁ ଧୁମ୍‌ଧାମରେ ପାଳନ କରୁଛନ୍ତି ଜାଗର ଯାତ୍ରା। ଏହି ପୀଠର ବିଶେଷତ୍ୱ ହେଉଛି ଯେ ଅନ୍ୟ ସ୍ଥାନଗୁଡ଼ିକରେ ମହାଦେବଙ୍କ ବାହନ ରୂପେ ବାସୁଆ ବଳଦ ପୂଜା ପାଉଥିବାବେଳେ ଏଠାରେ କିନ୍ତୁ ସିଂହ ପୂଜା ପାଉଛନ୍ତି।



ଶ୍ରଦ୍ଧାଳୁମାନେ ନଦୀରୁ ଜଳ ନେଇ ଭୂତେଶ୍ୱରଙ୍କ ଉପରେ ଢାଳିଛନ୍ତି। ଅନ୍ୟ ଶୈବପୀଠଗୁଡ଼ିକ ମଧ୍ୟରୁ ଶଙ୍ଖିଡାର ଶଙ୍କଡ଼େଶ୍ୱର, ନୂଆଶାସନର କୁମାରେଶ୍ୱର, ବାରୋ ମହାଦେବଡିହରେ ପିମ୍ପଳେଶ୍ୱର, ବାଉଁଶବାଗର ମୁକ୍ତେଶ୍ୱର, ଝିଙ୍କିରିଆର ଅମରେଶ୍ୱର, ମୂଷାଙ୍ଗ ଗ୍ରାମର ବାଲୁକେଶ୍ୱର, ବଡ଼ଗାଲୋ ଗ୍ରାମର ବୁଢ଼ା ମହାଦେବ, ଷାଟିବାଟିରେ ଗଙ୍ଗେଶ୍ୱର ମହାଦେବ, ମହାଦେବ ସାହିର ମହେଶ୍ୱର, ମହରମପୁରରେ ମହାଲିଙ୍ଗେଶ୍ୱର, ରାଣୀପୁରରେ ରାମେଶ୍ୱର, ତିହିଡ଼ିରେ ସ୍ୱପ୍ନେଶ୍ୱର ଓ ବଟେଶ୍ୱର, ହରିପୁରରେ ଷେଣ୍ଡେଶ୍ୱର, ବଡ଼ଗାଲୋରେ ବକ୍ରେଶ୍ୱର, ଗଳଗଣ୍ଡପୁରରେ ଗଜେନ୍ଦ୍ରେଶ୍ୱର, କାଳିମେଘାରେ ନୀଳକଣ୍ଠେଶ୍ୱର, ଅଲିନଗର ଶିବ ମନ୍ଦିର, ରାଢ଼ଙ୍ଗ ହରିହର ପୀଠରେ ସିଦ୍ଧେଶ୍ୱରଜୀଉ ଆଦି ଶିବ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିରହିଛି। ଗୋବିନ୍ଦପୁର ପଞ୍ଚାୟତର ପଇଡିପୁର ଓ ମାଧପୁର ଗ୍ରାମରେ ଥିବା ଶିବ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସେହିପରି ତିହିଡ଼ି ଥାନା ପକ୍ଷରୁ ଥାନା ପାର୍ଶ୍ୱରେ ଥିବା ମହାଦେବ ମନ୍ଦିରରେ ଶିବରାତ୍ରି ପାଳନ ଅବସରରେ ପୂଜାର୍ଚ୍ଚନା କରାଯାଉଛି। ପବିତ୍ର ଶିବରାତ୍ରି ଅବସରରେ ବିଭିନ୍ନ ମନ୍ଦିରଗୁଡ଼ିକରେ ମଧ୍ୟ ପୂଜାର୍ଚ୍ଚନା କରାଯାଉଛି।

ବନ୍ତ/ଆଗରପଡ଼ା

ପ୍ରତିଥର ପରି ଏଥର ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ଶୈବପୀଠଗୁଡ଼ିକ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିବା ସହ ଶହଶହ ବ୍ରତଧାରୀ ଉଜାଗର ହୋଇ ଦୀପ ଜାଳି ମନ୍ଦିର ପରିସରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତି ଭାବରେ ବସି ରହିଥିଲେ। ଏହି ପର୍ବ ଉପଲକ୍ଷେ ମନ୍ଦିରଗୁଡ଼ିକୁ ଆଲୋକମାଳାରେ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ସନ୍ଧ୍ୟା ସମୟରେ ଶିବଙ୍କୁ ଦର୍ଶନ କରିଥିଲେ। ଏହା ଛଡ଼ା ପ୍ରତି ସ୍ଥାନରେ ଭଜନ, କୀର୍ତ୍ତନ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ସହିତ ପଣା ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ଆଗରପଡ଼ାସ୍ଥିତ ଅଣିଜୋରେ ସିନ୍ଧୁକେଶ୍ୱର, ବିଟିପୁରରେ ରାମେଶ୍ୱର, ପୁରୁଷଣ୍ଡରେ ପାରକେଶ୍ୱର, ତ୍ରିସାଲିଆରେ ସୁବର୍ଣ୍ଣେଶ୍ୱର, ଅଡ଼ାଳପଙ୍କର ରାମେଶ୍ୱର, କପିଳେଶ୍ୱର, ଆଡ଼ିଆର ଆରଡ଼େଶ୍ୱର, ଜିରିଣା ଆଦି ସ୍ଥାନରେ ପୂଜା ପାଉଥିବା ଶୈବପୀଠଗୁଡ଼ିକରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ତୁଣ୍ଡାସ୍ଥିତ କପିଳେଶ୍ୱର ମହାଦେବ ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗିଥିଲା। ଏହି ଶୈବପୀଠରେ ଦୀର୍ଘ ବର୍ଷ ହେବ ଉକ୍ତ ସ୍ଥାନରେ ଜାଗର ଯାତ୍ରା ତିନି ଦିବସ ଧରି ପାଳନ ହେଉଥିବାବେଳେ, ପ୍ରାରମ୍ଭରେ ଗ୍ରାମ୍ୟ ପୁଷ୍କରିଣୀରୁ ୧୧ଟି କଳସ ଉତ୍ତୋଳନ କରାଯାଇ ଗ୍ରାମ ବଜାର ପରିକ୍ରମା କରି ଯଜ୍ଞସ୍ଥଳକୁ ଅଣାଯାଇଥିଲା। ପୂଜାରୀ ପୀତାମ୍ବର ମିଶ୍ର, ବିଭୂତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅଧିବାସ, ରାଜାଭିଷେକ ଓ ପୂର୍ଣ୍ଣାହୁତି କାର୍ଯ୍ୟ ସହିତ ସମସ୍ତ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ସମ୍ପାଦନ କରିଥିଲେ। ପୂଜାରେ କର୍ତ୍ତା ମାନସ ରଞ୍ଜନ ମହାପାତ୍ର, ଦେବସ୍ମିତା ମହାପାତ୍ର କାର୍ଯ୍ୟ ତୁଲାଇଥିବା ବେଳେ ଭାସ୍କର ମହାପାତ୍ର, ଉମାକାନ୍ତ ରାଉଳ, ରଘୁନାଥ ରାଉଳ, ବଳରାମ ନାୟକ, ରାଧେଶ୍ୟାମ ନାୟକ, ରବୀନ୍ଦ୍ର ସେଠୀ, ଦୁର୍ଗାପ୍ରସନ୍ନ ମହାପାତ୍ର, ସୁଧାଂଶୁ ଶେଖର ମହାପାତ୍ର, ଅଶୋକ ସେଠୀ, ହିମାଂଶୁ ମହାପାତ୍ର, ଉଦ୍ଧବ ନାୟକ, ଦୁର୍ଗାପ୍ରସନ୍ନ ମହାପାତ୍ର, ଚିନ୍ମୟ ମହାପାତ୍ର, ନବ ରାଉଳ ସମେତ ସମସ୍ତ ଗ୍ରାମବାସୀ ପୂଜା କାର୍ଯ୍ୟକୁ ସମାପନ କରିଥିଲେ। ରାତି ୧୦ଟାରେ ମହାଦୀପ ଉଠିଥିବା କମିଟି ପକ୍ଷରୁ ସୂଚନା ମିଳିଥିଲା।

ସେହିପରି ଓଡ଼ଙ୍ଗ ପଞ୍ଚାୟତ ବୋଡ଼କପାଟଣାଠାରେ ବୋଡ଼କେଶ୍ୱର ମହାଦେବ ପୀଠରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଶୈବ ପୀଠ ଭଦ୍ରକ ଜିଲ୍ଲାର ସର୍ବପୁରାତନ। ପୂଜାରୀ କୁଳମଣି ନନ୍ଦ, ଆଦିକନ୍ଦ ନନ୍ଦ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଶୈବପୀଠ ଏକ ଅଲୌକିକ। ଏହି ପୀଠ ପୁଷ୍କରିଣୀରେ ବୁଡ଼ ପକାଇଲେ ବିଭିନ୍ନ ରୋଗ ଯନ୍ତ୍ରଣା ଦୂର ହୁଏ ବୋଲି ଗ୍ରାମବାସୀ ମତବ୍ୟକ୍ତ କରିଥିଲେ। ଏଥିସହିତ ମହାଦେବଙ୍କ ନିକଟରେ ମାନସିକ ରଖିଲେ ମାନସିକ ପୂରଣ ହୋଇଥାଏ। ସେହିପରି ବୃନ୍ଦାବନପୁର ବାବାମଣିଙ୍କ ପୀଠରେ ଜାଗର ଓ ମହାଶିବରାତ୍ରି ପୂଜା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁ ଦାଶ ପୂଜା କାର୍ଯ୍ୟ ତୁଲାଇଥିବାବେଳେ, ପୂଜା କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଗଣିଜାଙ୍ଗ ଶାସନସ୍ଥିତ ଭକ୍ତେଶ୍ୱର ଶୈବପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିବାବେଳେ, ପରିଶେଷରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପଳସା ବଜାର ବାବା ଖଗେଶ୍ୱର ମହାଦେବ ପୀଠରେ ୩ ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବ। ଏହି ମହାଦେବ ପୀଠରେ ପୂଜାରୀ ଫକୀର ଚରଣ ତ୍ରିପାଠୀ, ଶୁକଦେବ ତ୍ରିପାଠୀ, ସୁବାସ ତ୍ରିପାଠୀ, ରମେଶ ତ୍ରିପାଠୀ ମନ୍ଦିରର ପୂଜା କାର୍ଯ୍ୟ ସମ୍ଭାଳିଥିବା ବେଳେ ବଜାର କମିଟି ଦ୍ୱାରା ଉକ୍ତ ପୂଜା ଅନୁଷ୍ଠିତ ହେଉଛି। ହାସିନପୁର ପଣ୍ଡା ସାହି ଜମ୍ଭେଶ୍ୱର, ମଙ୍ଗୁଳି ନାରାୟଣେଶ୍ୱର, ରୁପୁଡ଼ି ବାବା ବିଶେଶ୍ୱର, କାଶୀପୁର କାଶୀବିଶେଶ୍ୱର, ବଗଦା ଶାସନ ଭଦ୍ରେଶ୍ୱର, ଗଙ୍ଗେଶ୍ୱର, ଇରଖଟିଆ ଲୋକନାଥ, ଓଡ଼ଙ୍ଗ ବାଲୁଙ୍କେଶ୍ୱର, ପାରାବନ୍ଦ, ଗଣିଜାଙ୍ଗ, ଛୟାଳସିଂ, ରାମପୁର, ରାମକୃଷ୍ଣପୁର, ଓଡ଼ଙ୍ଗ, ଟିଲୋ, ସେଣ୍ଡତିରା ସମେତ ବନ୍ତ ବ୍ଲକର ୨୫ଟି ପଞ୍ଚାୟତର ଗ୍ରାମ ଓ ବଜାରରେ ଥିବା ବିଭିନ୍ନ ଶୈବପୀଠରେ ଧୁମ୍‌ଧାମରେ ପାଳନ ହୋଇଛି ମହାଶିବରାତ୍ରି ପୂଜା।

ଧାମନଗର

ପବିତ୍ର ମହାଶିବରାତ୍ରି ଓ ଜାଗର ଯାତ୍ରା ଉପଲକ୍ଷେ ଗାଁଠୁ ସହର ଉତ୍ସବମୁଖର ହୋଇଥିବାବେଳେ ଭାବଭକ୍ତି, ଆନନ୍ଦ, ଶ୍ରଦ୍ଧା ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇଛି। ଏହି ଅବସରରେ ଧାମନଗର ବ୍ଲକ ଓ ସହରାଞ୍ଚଳରେ ବିଭିନ୍ନ ଶିବ ମନ୍ଦିରରେ ରବିବାର ସକାଳୁ ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ସବୁଠି ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଛି। ପ୍ରତ୍ୟେକ ଶିବ ମନ୍ଦିର ପରିସରରେ ମହିଳା ଓ ପିଲା ଭକ୍ତମାନଙ୍କ ସଂଖ୍ୟା ଅଧିକ ଥିବାର ଦେଖାଯାଇଥିଲା। ଧାମନଗର ଅଞ୍ଚଳର ପ୍ରଖ୍ୟାତ ଶୈବପୀଠ କରଦା ଅଞ୍ଚଳର ବାବା କିଲାଳେଶ୍ୱର ମହାଦେବଙ୍କ ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ବୟାଙ୍ଗଡ଼ିହି କମାରବନ୍ଧ ଗାଁର ବାବା ରାମେଶ୍ୱର ମହାଦେବ, ପଳିକିରୀର ବାବା ଉତ୍ତରେଶ୍ୱର, ଭଗବାନପୁରର ଭକ୍ତେଶ୍ୱର, ଇଛଦାର ବାବା ତପନେଶ୍ୱର, ଅନହରପୁରର ବାବା ଅମରେଶ୍ୱର, ଧାମନଗର ସହରରେ ଧର୍ମେଶ୍ୱର ତାଳପଦା, ଗଡ଼ଗଡ଼ିଆ ମହାଦେବ ମନ୍ଦିର ଶ୍ୟାମପୁର, ଅଟେଶ୍ୱର, ବାସନ୍ତୀ ଗୁର୍ଗା, ମେଡିକାଲ ପରିସରରେ ମୁକ୍ତେଶ୍ୱର ମନ୍ଦିର, ବ୍ଲକ ନିକଟସ୍ଥ ରାମ ମନ୍ଦିର ପରିସରରେ ଥିବା ମୁକ୍ତେଶ୍ୱର, ଶିବ ସାଇ ମନ୍ଦିର, ଆମ୍ବିଳିଗାଁର ଆମ୍ବିଳେଶ୍ୱର, ଭଙ୍ଗସାହିର ଦିନେଶ୍ୱର, ବାମେଶ୍ୱର, ଫଳପୁରର ଅରଳେଶ୍ୱର, ବ୍ରାହ୍ମଣପାଳ ଦକ୍ଷିଣକାଳୀ ପୀଠସ୍ଥିତ ସ୍ୱପ୍ନେଶ୍ୱର, ବାଲିପାଟଣାର ବାଲୁଙ୍କେଶ୍ୱର, ବସାସାହିର ଭଙ୍ଗେଶ୍ୱର, ବାଘୁଆରିର ବଟେଶ୍ୱର, ଦିହୁଡ଼ି ଆନନ୍ଦପୁରର କପଟେଶ୍ୱର, ମଗରେଶ୍ୱର, ପଧାନିର ବାବା ମୁକ୍ତେଶ୍ୱର, ବନ୍ଧଟିଆର ରାମେଶ୍ୱର ପ୍ରମୁଖ ଶୈବପୀଠରେ ଜାଗରଯାତ୍ରା ଭାବଭକ୍ତିର ସହ ପାଳନ କରାଯାଇଛି। ପ୍ରାୟ ଏସବୁ ମନ୍ଦିରରେ ରାତି ୯ଟା ମଧ୍ୟରେ ମହାଦୀପ ଉଠିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଶୈବପୀଠଗୁଡ଼ିକରେ ଭଜନକୀର୍ତ୍ତନର ଆସର ହେଉଥିବାବେଳେ କେତେକ ମନ୍ଦିର ପରିସରରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ହେବା ସହ ପ୍ରସାଦସେବନର ବ୍ୟବସ୍ଥା ହୋଇଥିବାର ଦେଖାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଆଇଆଇସି ସୁବ୍ରଜିତ୍ ଦାସ, ଧୂଷୁରୀ ଆଇଆଇସି ଅଜୟ ବେଜଙ୍କ ନିର୍ଦ୍ଦେଶରେ ଅଧିକାଂଶ ମନ୍ଦିରରେ ପୁଲିସ ମୁତୟନ କରାଯାଇଥିଲା।



ଅସୁରାଳି

ମହାଶିବରାତ୍ରିରେ ଗୋବିନ୍ଦପୁରର ଉତ୍ତରେଶ୍ୱର ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼, ରାତିଭରି ଭଜନ, ଧ୍ୟାନ ଓ ଆରତି କରାଯାଇଛି। ଝାରଡ଼ିଆର ଝାଡ଼େଶ୍ୱର ପୀଠଠାରେ ଶିବଲିଙ୍ଗରେ ଅବିରତ ଅଭିଷେକ, ଦୀପାଳିକା ଓ ଭକ୍ତମାନଙ୍କ ଜାଗରଣ ଦେଖିବାକୁ ମିଳିଥିଲା। କୋରୁଆର କପିଳେଶ୍ୱର ପୀଠଠାରେ ସାମୂହିକ ଭକ୍ତି, ମହାପ୍ରସାଦ ବଣ୍ଟନ ଓ ଶିବ-ପାର୍ବତୀଙ୍କ ବିବାହ ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟାନ୍ୟ ସ୍ଥାନରେ ଉତ୍ସବୀୟ ଆଡ଼ମ୍ବର ତଥା ହରିହଂସ, ବନମାଳୀ ନଗର, ଧୂଷୁରୀ ବଜାର, ଓଲଟପୁର, ପଙ୍ଗଟା, ହସନାବାଦ, ପାଳସାହି, ଦୋହରାପାଟଣା, ସାହଜିପାଟଣା, ସାହୁ ସାହି, ବେତାଳି ଗାଁ ବଜାର, ନୂଆସାହୁ, ବମକୁରା, ପତ୍ରିସାହି ଆଦି ସ୍ଥାନରେ ମଧ୍ୟ ମହାଶିବରାତ୍ରି ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଥିଲା।



ବିଶେଷତଃ ବନମାଳୀ ନଗରସ୍ଥିତ ପିନାକେଶ୍ୱର ମନ୍ଦିରରେ ରାତି ୯ଟା ୩୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ଏହି ଦୃଶ୍ୟ ଭକ୍ତମାନଙ୍କୁ ଅତ୍ୟନ୍ତ ଭାବବିହ୍ୱଳ କରିଥିଲା ଓ ଶିବଙ୍କ ଦିବ୍ୟତାର ପ୍ରତୀକ ଭାବେ ସ୍ମରଣୀୟ ହୋଇ ରହିଲା। ମହାଶିବରାତ୍ରି କେବଳ ଧାର୍ମିକ ପର୍ବ ନୁହେଁ, ଏହା ଲୋକମାନଙ୍କୁ ଏକତା, ଭକ୍ତି ଓ ସାମୁଦାୟିକ ସମ୍ପ୍ରିତିରେ ବାନ୍ଧିଥାଏ। ଗାଁରେ ଗାଁରେ ଶିବମନ୍ଦିରରେ ଭକ୍ତମାନଙ୍କ ଭିଡ଼, ଭଜନକୀର୍ତ୍ତନ, ଧାର୍ମିକ ଆଲୋଚନା ଓ ସାମୂହିକ ଭୋଜରେ ଏହି ପର୍ବର ଆଡ଼ମ୍ବର ସ୍ପଷ୍ଟ। ମହାଶିବରାତ୍ରିରେ ଶିବଙ୍କୁ ଭଜିବାରେ ଲୋକମାନେ ନିଜର ଆତ୍ମାକୁ ପବିତ୍ର କରନ୍ତି, ନୂତନ ଶକ୍ତି ଓ ଆଶାରେ ଜୀବନକୁ ଆଗକୁ ବଢ଼ାନ୍ତି। ଗୋବିନ୍ଦପୁର, ଝାରଡ଼ିଆ, କୋରୁଆ, ବନମାଳୀ ନଗର ଓ ଅନ୍ୟାନ୍ୟ ପୀଠରେ ହୋଇଥିବା ଉତ୍ସବୀୟ ଆଡ଼ମ୍ବର, ଶ୍ରଦ୍ଧାଳୁମାନଙ୍କ ସାମୂଦାୟିକ ଭକ୍ତିର ଅଦ୍ଭୁତ ଦୃଶ୍ୟ ପ୍ରକାଶ କରିଛି।

ଦୋବଲ

ପବିତ୍ର ଜାଗର ଯାତ୍ରା ଅବସରରେ ଧାମନଗର ଅଞ୍ଚଳରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳୁଛି। ବିଭିନ୍ନ ଶୈବପୀଠ ମଧ୍ୟରୁ ଧାମନଗର ବ୍ଲକ କରଦା ପଞ୍ଚାୟତରେ ଅବସ୍ଥିତ ବାବା ଖିଲାଟେଶ୍ୱରଙ୍କ ପୀଠରେ ଭକ୍ତଙ୍କ ସମାଗମ ଲକ୍ଷ୍ୟ କରାଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ହଜାର ହଜାର ଭକ୍ତ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପୀଠରେ ପହଞ୍ଚିଥିଲେ। ଭକ୍ତମାନଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି ଯେ, ଏଠାରେ ଉଜାଗର ରହି ଦୀପଦାନ କଲେ ପୁଣ୍ୟଫଳ ପ୍ରାପ୍ତି ସହ ମନସ୍କାମନା ପୂର୍ଣ୍ଣ ହୁଏ। କିମ୍ବଦନ୍ତୀ ଅନୁଯାୟୀ, ଜଳ ବା କିଲାଳରୁ ଉତ୍ପତ୍ତି ହେବାରୁ ପ୍ରଭୁଙ୍କ ପ୍ରାରମ୍ଭିକ ନାମ 'କିଲାଳେଶ୍ୱର' ଥିଲା। ଯାହା କାଳକ୍ରମେ 'ଖିଲାଟେଶ୍ୱର' ଭାବେ ପରିଚିତ ହୋଇଛି। ଏହି ଖିଲାଟେଶ୍ୱର ପୀଠର ବିଶେଷ ଆକର୍ଷଣ ହେଉଛି ମହାଦେବଙ୍କ ସହ ହର-ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ପୂଜା। ବିବାହରେ ବାଧା ଦୂରୀକରଣ ପାଇଁ ଏଠାରେ ହର-ପାର୍ବତୀଙ୍କ ପୂଜା କଲେ ମନସ୍କାମନା ସିଦ୍ଧି ହୁଏ ବୋଲି ଭକ୍ତମାନେ କହନ୍ତି। ମନ୍ଦିରରେ ସ୍ୱୟଂ ନାରାୟଣଙ୍କୁ ଦ୍ୱାରପାଳ ଭାବେ ପୂଜା କରାଯାଉଥିବା ବୈଶିଷ୍ଟ୍ୟ ମଧ୍ୟ ଏହି ପୀଠକୁ ଅନ୍ୟ ଶୈବଧାମରୁ ଅଲଗା କରିଛି। ପବିତ୍ର ବୈତରଣୀ ଓ କାଳନ୍ଦୀ ନାଳ ପାର୍ଶ୍ୱରେ ଅବସ୍ଥିତ ଏହି ପୀଠ ଐତିହ୍ୟ ଓ ଆସ୍ଥାର ଅନନ୍ୟ ପ୍ରତୀକ ଭାବେ ପରିଚିତ। ପୁରାତନ ଗ୍ରନ୍ଥ ପଦ୍ମପୁରାଣ ସହ ଅନ୍ୟାନ୍ୟ ଧାର୍ମିକ ସାହିତ୍ୟରେ ମଧ୍ୟ ଏହି ପୀଠ ସମ୍ପର୍କରେ ଉଲ୍ଲେଖ ମିଳିଥାଏ। ଜାଗର ଯାତ୍ରା ଅବସରରେ ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିବା ସହ ଉଜାଗର ରହି ମହାଦୀପ ଦର୍ଶନ କରିଥାନ୍ତି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଧାମନଗର ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅନ୍ୟପକ୍ଷେ ଏହି ପୁରାତନ ଶୈବପୀଠର ଆହୁରି ସଂରକ୍ଷଣ ଓ ଉନ୍ନତି ପାଇଁ ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ



ଭଦ୍ରକ, ୧୫ା୨(ସମିସ): ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଉତ୍କଳ ସାମ୍ବାଦିକ ସଂଘ ସହ ବନ୍ଧିତ ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ପବିତ୍ର ଜାଗର ଯାତ୍ରା ଉପଲକ୍ଷେ ଭଦ୍ରକର ଲୋକନାଥ ମନ୍ଦିର ପରିସରରେ ରବିବାର ଦିନ ୧୦ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି। ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଏହି ଦହି ସର୍ବତ ବଣ୍ଟନ କରାଯାଇଥିଲା। ୩ ବର୍ଷ ଧରି ବାବା ଆଖଣ୍ଡଳମଣିଙ୍କ ପୀଠରେ ଦହି ସର୍ବତ ବଣ୍ଟନ କରାଯାଇଥିବା ବେଳେ ଚଳିତ ବର୍ଷ ଭଦ୍ରକର ପ୍ରସିଦ୍ଧ ଶୈବପୀଠ ବାବା ଲୋକନାଥଙ୍କ ଜାଗର ଯାତ୍ରା ଉପଲକ୍ଷେ ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ହଜାର ହଜାର ଭକ୍ତଙ୍କୁ ଦହି ସର୍ବତ, ଥଣ୍ଡା ପାଣି ବଣ୍ଟନ କରାଯାଇଛି। ଜିଲ୍ଲା ସଭାପତି ସଭାପତି ରବିନାରାୟଣ ଖିଲାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମ୍ବାଦିକ ରାମନାରାୟଣ ମହାନ୍ତି, ସଞ୍ଜୀବ ନାୟକ, ସୁଜୟ ପାଢ଼ୀ, ଅବଦୁଲ ଫିରୋଜ ଖାଁ, ପ୍ରଶାନ୍ତ ସାହୁ, ଅମର ନାୟକ, ପ୍ରଦୀପ ବଳ, ସହସମ୍ପାଦକ ଅଶୋକ ସାହୁ, ଆଲୋକ ନାୟକ, ମୁକ୍ତିକାନ୍ତ ନାୟକ, ନବଘନ ଦାସ, ରଞ୍ଜିତ୍ ଜେନା, ପ୍ରଭାକର ବାରିକ, ସନ୍ତୋଷ ସାହୁ, ମାନସ ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ଏଭଳି ମହତ୍ କାର୍ଯ୍ୟ କରାଯାଇଛି।

ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପଣା ବଣ୍ଟନ

ଭଣ୍ଡାରିପୋଖରୀ, ୧୫ା୨(ସମିସ): ଭଣ୍ଡାରିପୋଖରୀ ବ୍ଲକର ଆକୁଳିକଣା ବାବା ବରୁଣେଶ୍ୱରରେ ଜାଗରଯାତ୍ରା ପାଳନ ଅବସରରେ ଭକ୍ତମାନଙ୍କୁ ସର୍ବତ ବିତରଣ କରାଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତ୍ରିଲୋଚନ ଦାଶଙ୍କ ଦ୍ୱାରା ବିତରଣ ହୋଇଥିବା କେନ୍ଦ୍ରକୁ ସମାଜସେବୀ ଅକ୍ଷୟ ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ସାମଲ, ଦେବେନ୍ଦ୍ର ବରାଳ, ନଗେନ୍ଦ୍ର ଧଳ, ପ୍ରଶାନ୍ତ ସ୍ୱାଇଁ, କୀର୍ତ୍ତନ ଧଳ ପ୍ରମୁଖ ସ୍ଥାନୀୟ ବ୍ୟକ୍ତିବିଶେଷ ସହଯୋଗ କରିଥିଲେ। ଟ୍ରଷ୍ଟ ସଦସ୍ୟ ସୌମ୍ୟରଞ୍ଜନ ସାହୁ, ଶିବାନୀ ଶଙ୍କର ସ୍ୱାଇଁ, ସତ୍ୟଜିତ୍ ରାଉତ, ନିତ୍ୟାନନ୍ଦ ଜେନା, ପ୍ରତାପ ନାୟକ ପ୍ରମୁଖ କେନ୍ଦ୍ର ପରିଚାଳନା କରିଥିଲେ।



ରହି ଉଜାଗର ପୂଜିଲେ ହର

ଜିଲ୍ଲାବ୍ୟାପୀ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼






ଖୋର୍ଦ୍ଧା, ୧୫।୨(ସମିସ)

ପବିତ୍ର ମହା ଶିବରାତ୍ରି ତଥା ଜାଗର ଅବସରରେ ଜିଲ୍ଲାବ୍ୟାପି ଶୈବପୀଠ ଗୁଡ଼ିକ ଦେଖାଯାଇଛି ଚଳଚଞ୍ଚଳ। ଝିଲିମିଲି ଆଲୋକମାଳାରେ ଶୈବ୍ୟପୀଠ ଗୁଡ଼ିକ ଝଲସୁଥିବାବେଳେ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଓଁ କାରାୟ ନମୋନମଃ ଶବ୍ଦରେ ଶୈବପୀଠ ଗୁଡ଼ିକ କମ୍ପମାନ ହେଉଥିବା ଦେଖାଯାଇଛି। ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱର ପୀଠରେ ପାଖା ପାଖି ୧୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଜାଗର ଅବସରରେ ହୋଇଥିବାବେଳେ ବାଘମାରୀ ଅଟ୍ରୀ ସ୍ଥିତ ବାବା ହଟକେଶ୍ୱର, ବେଗୁନିଆ ଗୋଡ଼ାଲୋକନାଥ, ଖୋର୍ଦ୍ଧା ପଲ୍ଲୀସ୍ଥିତ ଲୋକଶ୍ୱେର, ଜରିପୁଟସ୍ଥିତ ବାଲୁଙ୍କେଶ୍ୱର, ଲୋକନାଥ, ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଟି.ଏଲ.ସି ସ୍ଥିତ ତାରକେଶ୍ୱର, ଶ୍ରୀରାମ ନଗର ଦକ୍ଷେଶ୍ୱର, କୁମାରବସ୍ତସ୍ଥିତ ଲୋକନାଥ ଦେବ, ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ରାମ ମନ୍ଦିରସ୍ଥିତ ଚନ୍ଦ୍ରଶେଖର ଦେବ, ପାଣ୍ଡବପାଟଣା ନୀଳକଣ୍ଠେଶ୍ୱର ଦେବ, ଡ଼ିଆ କପିଳେଶ୍ୱର ଦେବ, ଲେଣ୍ଡୁ ସିଦ୍ଧେଶ୍ୱର ଦେବ, ସିକୋର ଚନ୍ଦ୍ରଶେଖର ଦେବ ପ୍ରମୁଖ ଶୈବ୍ୟ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଶିବଙ୍କ ଆରାଧନା କରୁଥିବା ଦେଖିବାକୁ ମିଳିଛି।

ଭୋରୁ ମନ୍ଦିର ପହଡ଼ ଖୋଲିବା ପରେ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତି, ଅବକାଶ ନୀତି, ମହାସ୍ନାନ, ସୂର୍ଯ୍ୟପୂଜା ଏବଂ ପ୍ରଭୁଙ୍କ ସାହାଣମେଲା ଦର୍ଶନ ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଥିଲା।ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଟ୍ରଷ୍ଟି ଏବଂ ପୁଲିସ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୀଠ ଗୁଡ଼ିକରେ ମହାଦେବଙ୍କ ଶ୍ରୀଜୀଉବେଶ, ମାଜଣା, ହରିହରଭେଟ, ବଡ଼ସିଂହାର ନୀତିକାନ୍ତି ସମ୍ପୂର୍ଣ୍ଣ ହୋଇଥିବାବେଳେ ସନ୍ଧ୍ୟା ସାଢେ ୬ଟାରେ ଦୀପ ପ୍ରଜ୍ୱଳନ କରାଯାଇଥିବା ଦେଖାଯାଇଛି।

କେତକ ଶୈବପୀଠରେ ଶିବ ସ୍ତୋତ୍ର ପଠନ ଏବଂ ସମୂହ ୧୦୮ ସମ୍ପୁଟଯୁକ୍ତ ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ ଓ ଧ୍ୟାନ ସମେତ ଶିବତତ୍ୱ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖାଯାଇଛି। ବିଶ୍ୱାସ ରହିଛି ମହା ଶିବରାତ୍ରି ରେ ଓଁ ନମଃ ଶିବାୟ ନାମ ଜପ କରି ଦୀପ ଦାନ କଲେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ।ଭକ୍ତିର ସହିତ ଦେବଃ ଦେବଃ ମହାଦେବଙ୍କ ଉପାସନା କଲେ ଠାକୁର ପ୍ରଶନ୍ନ ହୋଇଥାନ୍ତି ମଧ ବୋଲି ବିଶ୍ୱାସ ମଧ ରହିଛି। ସେହିପରି ମହାଦୀପ ଉଠିବା ଦେଖିଲେ କୋଟି ଜନ୍ମର ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ହଜାର ହଜାର ମାନସିକଧାରୀ ଶ୍ରଦ୍ଧାଳୁ ମହାଦୀପ ଉଠିବା ଯାଏଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ଦୃର୍ଶ୍ୟ ଦେଖିବାକୁ ମିଳିଥିଲା। ରାତି ପ୍ରାୟ ସାଢେ ୧୧ ବେଳକୁ ଧବଳେଶ୍ୱର ଓ ୧୨ଟାବେଳକୁ ହଟକେଶ୍ୱରଙ୍କ ପୀଠରେ ମହାଦୀପ ଉଠିଛି।

ଭୂଷଣ୍ଡପୁର: ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଗ୍ରାମପଞ୍ଚାୟତର ଉରୁମୁଖୀର ବ୍ରାହ୍ମଣଶାସନ ସନ୍ନିକଟ ରାଜପ୍ରତିଷ୍ଠିତ ପଶ୍ଚିମାଭିମୁଖୀ ଐଶାନେଶ୍ୱରଙ୍କ ପୀଠରେ ଆଜି ମହାଶିବ ରାତ୍ରି ପାଳିତ ହୋଇଛି। ସନ୍ଧ୍ୟାରେ ଶହ ଶହ ମହିଳା ଓ ପୁରୁଷ ସମବେତ ହୋଇ ଦୀପ ଜାଳିଥିଲେ। ଠାକୁରଙ୍କ ସମସ୍ତ ନୀତିକାନ୍ତିକୁ ସେବାୟତ ମହାପାତ୍ର ଆଉ ବ୍ରାହ୍ମଣମାନଙ୍କ ଦ୍ୱାରା ସୁଚାରୁ ରୂପେ ସମ୍ପାଦନ କରିଥିବାବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଠାକୁରଙ୍କ ଜାଗର ଯାତ୍ରାରେ ଆସି ପହଁଚି ଥିଲେ।

ଟାଙ୍ଗୀ: ଜାଗର ଅବସରରେ ଚଣ୍ଡେଶ୍ୱର ଠାରେ ପ୍ରଭୁ ଚଣ୍ଡିହରଦେବ, ସୁନ୍ଦରପୁର ର ମୁକ୍ତେଶ୍ୱରଦେବ, ଟାଙ୍ଗୀ ର ପଶ୍ଚିମାଭିମୁଖୀ ଲୋକନାଥ ଦେବ, ବଡପାରୀ ନିଳକଣ୍ଠେଶ୍ୱର ଦେବ, ଟାଙ୍ଗୀ ବିଲବାଲୁଙ୍କେଶ୍ୱର ଦେବ, କନ୍ଦନୟାଗଡ଼ସ୍ଥିତ ଇଶାଣେଶ୍ୱର, ମଙ୍ଗଳାଯୋଡିର ନିଳକଣ୍ଠେଶ୍ୱର, ଜିରିପଡ଼ା କେଦାରେଶ୍ୱର ଙ୍କ ପ୍ରସିଦ୍ଧ ଶୈବ ପୀଠ



ସମେତ ପ୍ରତି ଗ୍ରାମରେ ଥିବା ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ନାହିଁନଥିବା ଭିଡ ପରିଲକ୍ଷିତ ହୋଇଛି। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରମୁଖ ଶୈବ ପୀଠ ଗୁଡିକରେ ପୁଲିସ ମୁତୟନ ହୋଇଥିବା ଜଣାପଡ଼ିଛି।

ନିରାକାରପୁର: ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ଡିଆ କପିଳେଶ୍ୱର ଦେବ, ପାଣ୍ଡବପାଟଣା କପିଳେଶ୍ୱର ଦେବ, ନିରାକାରପୁର ରାମ ମନ୍ଦିର ପରିସର ବାବା ଚନ୍ଦ୍ରଶେଖର ଦେବ, ସିଦ୍ଧେଶ୍ୱର ଦେବ, ସିକୋ ବାବା ଚନ୍ଦ୍ରଶେଖର ଦେବ, ରମାବିଲି ନୀଳକଣ୍ଠେଶ୍ୱର ଦେବ, ପଦ୍ମପୁର ସୋମନାଥ ଦେବ ପ୍ରମୁଖ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଡିଆ କପିଳେଶ୍ୱର ଦେବଙ୍କ ପୀଠରେ ଆଜି ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

ବାଙ୍କୋଇ ତାରେଶ୍ୱର ଦେବଙ୍କ ପୀଠ: ମହା ଶିବରାତ୍ରି ଅବସରରେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ ବାଙ୍କୋଇ ଶ୍ରୀଶ୍ରୀ ତାରେଶ୍ୱର ଦେବଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଛି। ଭକ୍ତଙ୍କ ଭିଡ଼ ଲାଗି ରହିଛି। ରାତିରେ ଅନ୍ଧକାରକୁ ପଛରେ ପକାଇ ମନ୍ଦିର ଚୁଡାକୁ ଉଠିଛି ମହାଦୀପ। ମହାଦୀପ ଦର୍ଶନ କରି ମାନସିକ ପୂରଣ କରିଛନ୍ତି ଶିବଭକ୍ତ।

ମନ୍ଦିର ସମ୍ମୁଖରୁ ବାହାର ପର୍ଯ୍ୟନ୍ତ ଭକ୍ତଙ୍କ ଧାଡି ଲାଗି ରହିଥିଲା। ପ୍ରାୟ ୨୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୪ ଟାରୁ ମନ୍ଦିର ଖୋଲାଯାଇ ଠାକୁରଙ୍କ ପହଡ଼ ଖୋଲିଥିଲା। ସାଢେ ୪ଟା ପର୍ଯ୍ୟନ୍ତ ଠାକୁରଙ୍କର ଅବକାଶ ନୀତି ହୋଇଥିଲା। ପରେ ସକାଳ ୮ଟା ପର୍ଯ୍ୟନ୍ତ ଠାକୁର ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସକାଳ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା, ନୀତି ଓ ସକାଳର ସମସ୍ତ ଧୂପ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସର୍ବ ସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟାରୁ ସଢ଼େ ୭ଟା ପର୍ଯ୍ୟନ୍ତ ସନ୍ଧ୍ୟା ସନ୍ଧ୍ୟାନୀତି ଚାଲିଥିଲା। ପରେ ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ପୁଣି ସର୍ବ ସାଧାରଣ ଦର୍ଶନ କରିଥିଲେ। ମନ୍ଦିର ସଫାସୁତରା କରାଯାଇ ରାତିରେ ଠାକୁରଙ୍କ ମହାଶିବରାତ୍ରି ନୀତି ମାଘ ସ୍ନାନ ତିନି ଧୂପ ଓ ଚାରି ଅବକାଶ ପରେ ହରିହର ଭେଟ ଓ କେତକୀ, ପଲାସ ଆଦି ଫୁଲ ଲାଗି ହୋଇଥିଲା। ପରିଶେଷରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା ବେଳେ ଚଳନ୍ତି ପ୍ରତିମା ଚନ୍ଦ୍ର ଶେଖର ମନ୍ଦିର ଭିତରକୁ ପ୍ରବେଶ କରିଥିଲେ।

ବାଲୁଗାଁ: ସମଗ୍ର ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ରବିବାର ପାରମ୍ପରିକ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ଦିନତମାମ ହଜାର ହଜାର ଉପାସନାକାରୀ ଠାକୁରଙ୍କ ଦର୍ଶନ କରିବା ସହ ଜଳ, କ୍ଷୀର, କେତକୀ ଫୁଲ ଓ ଭୋଗ ଲାଗି କରି ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ସନ୍ଧ୍ୟାରୁ ରାତ୍ରି ତମାମ ଦୀପ ଜାଳି ଶ୍ରଦ୍ଧାଳୁ ଉଜାଗର ରହିଥିଲେ। ପରମ୍ପରା ତଥା ପୂର୍ବ ସମୟ ନିର୍ଘଣ୍ଟଅନୁଯାୟୀ ରାତ୍ରି ୧୦ଘଟିକା ସମୟରେ ଶ୍ରୀ ଉମାମହେଶ୍ୱର ଦେବଙ୍କ ବେଢ଼ା ଅନୁଷ୍ଠିତ ହୋଇଥିବା ବେଳେ ଠାକୁରଙ୍କ ସହ ଶ୍ରଦ୍ଧାଳୁ ମାନେ ମନ୍ଦିର ବେଢ଼ାକୁ ସାତ ଥର ପରିକ୍ରମା କରିଥିଲେ। ପୀଠରେ ଜାଗର ଜାଳୁଥିବା ଉପାସନାକାରୀଙ୍କ ନିମନ୍ତେ ରାତ୍ର ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ସେହିପରି ସର୍ବପୁରାତନ ଶୈବପୀଠ ଶ୍ରୀ ରାମେଶ୍ୱର ଦେବ ପୀଠ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା, ଜଗତେଶ୍ୱରଦେବ ସୁବୁଦ୍ଧିପାଟଣା, ଗାଦିଶ୍ୱରଦେବ ବଡ଼କୁଳ, ସିଙ୍ଗୀନାଥ ଦେବ ସିଙ୍ଗେଶ୍ୱର, କଳିଯୁଗେଶ୍ୱର ଦେବ ମଠପୁର, ଧବଳେଶ୍ୱର ଦେବ ଧୂଆଁଳ, ବାଣପୁରର ଗୁପ୍ତେଶ୍ୱରଦେବ ଗାଲୁଆ, ଭେଟିନାଥ ଦେବ ଭେଟେଶ୍ୱର, ବୁଢ଼ାକପିଳେଶ୍ୱର ଦେବ ଆଦି ବାଲୁଗାଁ ବାଣପୁର ଅଞ୍ଚଳର ପ୍ରମୁଖ ଶୈବପୀଠ ଓ ବାଲୁଗାଁ ମାମୁଁ ଭଣଜା ପାହାଡ଼ ସ୍ଥିତ ସାଇବାବା ମନ୍ଦିରେ ମହାସମାରୋହରେ ଜାଗରଯାତ୍ରା ପାଳିତ ହୋଇଯାଇଛି।

ବ୍ରହ୍ମାକୁମାରୀ ଆଶ୍ରମରେ ଜାଗର ଉତ୍ସବ



ଖୋର୍ଦ୍ଧା, ୧୫।୨(ସମିସ): ସ୍ଥାନୀୟ ଗୋଡ଼ିପୋଖରୀଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ମହାଶିବରାତ୍ରି ଜାଗର ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି ଓ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକ ଯୋଗଦାନ କରି ବିଶ୍ୱଶାନ୍ତି ପାଇଁ ପ୍ରଦୀପ ପ୍ରଜ୍ୱଳନ ସହିତ ପରମାତ୍ମା ଶିବ ବାବାଙ୍କର ଧ୍ୱଜା ଉତୋଳନ କରିଥିଲେ। ବିଭିନ୍ନ ଗ୍ରାମରେ ଥିବା ବ୍ରହ୍ମା କୁମାରୀ ପାଠାଶାଳାରୁ ୩୦୦ ଭାଇ ଭଉଣୀ ସୁସଜ୍ଜିତ ରଥରେ ଶିବ ଭଗବାନଙ୍କୁ ସ୍ଥାପନ କରି ଏକ ଶାନ୍ତି ଶୋଭାଯାତ୍ରାରେ ଖୋର୍ଦ୍ଧା ସହର ପରିକ୍ରମା କରିଥିଲେ। ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ପରମାତ୍ମା ଶିବ ବାବାଙ୍କର ଧରାବତରଣର ବାର୍ତା, ମହିମା ଓ ଗୁଣଗାନ କରିଥିଲେ। ବ୍ରହ୍ମା କୁମାରୀ ରଶ୍ମି ଓ କଳ୍ପନା ଭଉଣୀ ମଞ୍ଚାଶିନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ତିଳକ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ସହରରେ ଥିବା ସମସ୍ତ ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଶିବ ଭକ୍ତମାନଙ୍କୁ ଶିବ ବାବାଙ୍କର ପରିଚୟ ପତ୍ର ବଣ୍ଟନ କରାଯାଇଥିଲା।

ଶକ୍ତିଶ୍ରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଚିଲିକା, ୧୫।୨(ସମିସ): ନାଚୁଣୀ ମହାବିଦ୍ୟାଳୟ ପରିସର ମଧ୍ୟରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍‌ଫ ଦ୍ୱାରା ଆୟୋଜିତ ଆରକ୍ଷା କୌଶଳ ଶିବର କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡ. ସୁନୀଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନାଚୁଣୀ ଥାନାର ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରଶେଖର ଜେନା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ସଠିକ୍ ପ୍ରୟୋଗ ଉପରେ ସୂଚାଇ ଥିଲେ। ଏହି ଉଦଯାପନୀ ଉତ୍ସବରେ କୃଡି ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ବିତରଣ କରାଯାଇଥିଲା। ଛାତ୍ରୀମାନେ ଟ୍ରେନର୍ ଲେଫ୍ଟନାଣ୍ଟ ମିଲି ବେହେରାଙ୍କ ଦ୍ୱାରା ପ୍ରଶିକ୍ଷିତ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସଭାରେ ସହ-ସଂଯୋଜିକା ଅଧାପିକା ଲୋପାମୁଦ୍ରା ମିଶ୍ର, ଅଧାପିକା ଶୁଭ୍ର ଜ୍ୟୋସ୍ନା ବିଶ୍ୱାଳ, ଅଧାପିକା ଲିପ୍ସା ବେହେରା, ଅଧାପିକା ଚେତନା ଚର୍ଚ୍ଚିତା ଚମ୍ପତିରାୟ ଓ ଅଧାପିକା ରାଜଲକ୍ଷ୍ମୀ ବେହେରା ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶକ୍ତିଶ୍ରୀ ସଂଯୋଜିକା ଅଧାପିକା ସି. ମଞ୍ଜୁଲତା।

କପିଳେଶ୍ୱର ଦେବ ପୀଠରେ କ୍ଷୀର ସାଗର ଉତ୍ସବ



ନିରାକାରପୁର, ୧୫।୨ (ସମିସ): ନିରାକାରପୁର ବାଇଶଦେଶ ଯାଦବସମିତି ଦ୍ୱାରା ଆଜି ବିଂଶତମ ବାର୍ଷିକ କ୍ଷୀର ସାଗର ଓ ୧୨୧ ତମ ବାର୍ଷିକ ସମ୍ମିଳନୀ ଜାଗରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାଇଦେଶ ଯାଦବ ସମିତି ନିରାକାରପୁର ମଞ୍ଜାରିଆପାଟଣାସ୍ଥିତ ମା ଦହିଖାଇ ଠାକୁରାଣୀଙ୍କ ପୀଠରେ ପୂଜା ଅର୍ଚ୍ଚନା ଶେଷକରି ଏକ ବିରାଟ ପଟୁଆରରେ କ୍ଷୀର ଡ୍ରମଗୁଡ଼ିକୁ ଡିଆ ବାବା କପିଳେଶ୍ୱର ଦେବଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ପ୍ରାୟ ୧୦ହଜାର ଲିଟର କ୍ଷୀରରେ ବାବା କପିଳେଶ୍ୱର ଦେବଙ୍କ କ୍ଷୀରାଭିଷେକ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବାଇଶଦେଶ ଯାଦବ ସମିତି ସଭାପତି ରତ୍ନାକର ବେହେରା, ସମ୍ପାଦକ ନିରଞ୍ଜନ ବେହେରା, କୋଷାଧକ୍ଷ ଆନନ୍ଦ ଚନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା, ଯାମିନୀ ମୋହନ ବେହେରା, ଲକ୍ଷ୍ମୀଧର ବେହେରା, ବିଶ୍ୱନାଥ ବେହେରା ଓ ବଂଶୀଧର ବେହେରା ପ୍ରମୁଖ। ଦହିଖାଇ ଠାକୁରାଣୀଙ୍କ ପୀଠକୁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଆସି ଠାକୁରାଣୀଙ୍କ ଆର୍ଶିବାଦ କାମନା କରିଥିଲେ।

ବଡ଼ପଦର ଜାଗର ମହୋତ୍ସବ ଉଦ୍‌ଘାଟିତ



ବେଗୁନିଆ, ୧୫।୨(ସମିସ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡପଦର ଗ୍ରାମ ସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ଯୁବକ ସଂଘ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଜାଗର ମହୋତ୍ସବ ଉଦଘାଟିତ ହୋଇଛି। ଏଥିରେ ବିଜେପି ଦଳର ରାଜ୍ୟ ଉପସଭାପତି ଡ. ଯତୀନ କୁମାର ମହାନ୍ତି ମୁଖ୍ୟଅତିଥି, ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ମୁଖ୍ୟବକ୍ତା, ପୂର୍ବତନ ଜିଲ୍ଲା ସଭାପତି ରୁଦ୍ର ନାରାୟଣ ବାହିନୀପତି, ମଳିପଦର ଆମ ଗାଁ ମହୋତ୍ସବର ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ସେନା କର୍ମଚାରୀ ଭୁବନାନନ୍ଦ ସାହୁ, ଲକ୍ଷ୍ମୀପ୍ରିୟା ପଣ୍ଡା, ଶିଶିର କୁମାର ଛୁଆଳସିଂହ ଓ ଗିରିଶ ପଟ୍ଟନାୟକ ସମେତ ଅତିଥି ମାନେ ଯୋଗ ଦେଇ ମତ ପ୍ରକାଶ କରିଥିଲେ। ଖୋର୍ଦ୍ଧା ଡିଭାଇନ ଡ୍ୟାନସ ଗ୍ରୁପ, ବୀଣାପାଣି ଡ୍ୟାନସ ଗ୍ରୁପ ଶିଶୁ କଳାକାର ଗାର୍ଗୀ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ସହ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ମତୁଆଲା କରିଥିଲା।

ନୂତନ ପ୍ରବଚନ ମଣ୍ଡପ ଉଦ୍‌ଘାଟିତ

ବାଣପୁର, ୧୫।୨(ସମିସ): ବାଣପୁରର ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ଦୀର୍ଘ ୨୦ ବର୍ଷ ହେଲା ଆରାଧ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠରେ ସାମୁହିକ ହନୁମାନ ଚାଳିଶା ପଠନ ଓ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ତିନି ଦିନ ଧରି ଶ୍ରୀ ରଙ୍ଗନାଥ ଦେବଙ୍କ ମନ୍ଦିରରେ ଆଡମ୍ବର ସହ ଅନୁଷ୍ଠିତ ହୋଇ ଯାଇଛି। ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟିର ଅନୁରୋଧ କ୍ରମେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀଙ୍କ ନିଜସ୍ୱ ଅନୁଦାନରେ ନୂତନ ମଣ୍ଡପ ନିର୍ମାଣ ହୋଇଥିବା ବେଳେ ରବିବାର ମହାଶିବରାତ୍ରିରେ କମିଟି ତରଫରୁ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମଣ୍ଡପର ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ କମିଟି ତରଫରୁ ସଦସ୍ୟ ମାନେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ମନ୍ତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ବହୁ ଶ୍ରଦ୍ଧାଳୁ ସାମିଲ ହୋଇ ଥିଲେ।

ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସଯାତ୍ରା

ନିରାକାରପୁର, ୧୫।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୁ ପଞ୍ଚାୟତ ଆରେଡି ଗ୍ରାମରେ ଗ୍ରାମେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପ ଧାରୀ ମହିଳା ପୁରୁଷ ମାନେ ନିକଟସ୍ଥ ନଦୀରୁ ଜଳ ଆଣିଥିଲେ। ଦୈନନ୍ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର ଅଛି।

ରାଜ ଜଙ୍କିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଟାଙ୍ଗୀ, ୧୫।୨(ସମିସ): ରାଜ ଜଙ୍କିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପ୍ରଫୁଲ କୁମାର ଭଟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରଣପୁର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ, ମୁଖ୍ୟବକ୍ତା ଶିକ୍ଷକ ଫେଡେରସନ ମହାସଚିବ ଜ୍ୟୋତି ରଞ୍ଜନ ଦାଶ, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରତ୍ନ ମଞ୍ଜରୀ ପ୍ରଧାନ, ସମିତି ସଭ୍ୟା କଲ୍ୟାଣୀ ଦଳାଇ, ଶିକ୍ଷକ ନୀଳମଣି ବେହେରା, ଏନ ପି ଏସ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ କର, ସିଆରସିସି ପ୍ରମୋଦ କୁମାର ମଲିକ, ଅବସରପ୍ରାପ୍ତ ଶିକ୍ଷକ ସୁରଥ ଚନ୍ଦ୍ର ସ୍ୱାଇଁ, ଧନେଶ୍ୱର ରାଉତରାୟ, ବାଳକୃଷ୍ଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟତ୍ରୀ ଦିପ୍ତୀମୟୀ ଭୋଳ, ଶିବ ଚନ୍ଦନ ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ, ପର୍ଶୁରାମ ବଳିୟାର ସିଂ ପ୍ରମୁଖ ଯୋଗଦେଇ ଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ଆଦ୍ୟାଶା ପାଇକରାୟ, ଶୁଭଲକ୍ଷ୍ମୀ ମାର୍ଥୀ, ପ୍ରେୟାସ ପ୍ରଣତିଙ୍କୁ ସମ୍ବର୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ରଣବିଜୁଳି ଧନ୍ୟବାଦ ପ୍ରଦାନ କରିଥିଲେ।

ପ୍ରାଥମିକ ଚିକିତ୍ସା ସେବା ଶିବିର

ବେଗୁନିଆ, ୧୫।୨ (ସମିସ): ବେଗୁନିଆ ବ୍ଲକ ଗୋଡ଼ା ଗ୍ରାମସ୍ଥିତ ବାବା ଲୋକନାଥ ଦେବ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଜାଗର ଯାତ୍ରା ଉପଲକ୍ଷେ ଜୁନିୟର ରେଡ଼କ୍ରସ ପକ୍ଷରୁ ପ୍ରାଥମିକ ଚିକିତ୍ସା ସେବା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ ପବିତ୍ର ମୋହନ ଖାଡଙ୍ଗାଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ତୋଫାନ ରାଉତଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଜିଲ୍ଲା ଜୁନିଅର ରେଡ଼କ୍ରସ ସହକାରୀ ସମ୍ପାଦକ ଉପେନ୍ଦ୍ରନାଥ ଦାସ, ଶିକ୍ଷାବିତ୍ ବିଜୟ କୁମାର ରାଉତରାୟ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତୀକ୍ଷା ପ୍ରଜ୍ଞା, କାଉନସେଲର ସିଦ୍ଧେଶ୍ୱର କର ଓ ସ୍କାଉଟ ଶିକ୍ଷକ କେଦାରନାଥ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁବପୀଢ଼ି ସେବା ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଇନ୍ଦ୍ରମଣି ରଣ ବିଜୁଳି, ଭୀମ ସାମନ୍ତରାୟ, ପୁଷ୍ପଲତା ସାହୁ, ବିଶ୍?ଦୀପ ପ୍ରଧାନ ଓ ଝୁମୁଲି ଚମ୍ପତିରାୟ ପ୍ରମୁଖ ସହଯୋଗ କରିଥିଲେ।

ସହିଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବାଲୁଗାଁ, ୧୫।୨(ସମିସ) : ବାଲୁଗାଁ ନିକଟସ୍ଥ ଛେଡାପଦର ଗ୍ରାମର ବୁଲେଟ କ୍ଲବ ତରଫରୁ କଳା ଦିବସ ପାଳନ ଅବସରରେ କ୍ଲବର ସଦସ୍ୟମାନେ ଗ୍ରାମ ପ୍ରାରମ୍ଭରେ ଥିବା ସହିଦ୍ ଦୁଷ୍ମନ୍ତ କୁମାର ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ନିରବ ପ୍ରାର୍ଥନା କରିଥିବା ବେଳେ ସେଠାରୁ ଶହୀଦ ବୀର ଯବାନ ଅମର ରହେ ଆଦି ବିଭିନ୍ନ ସ୍ଲୋଗାନ ଦେଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସମଗ୍ର ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଗ୍ରାମର ପୂର୍ବତନ ବାୟୁସେନା ବାହିନୀର ଜଗଦୀଶ ମୁଆଁଖିଆ, ଶହୀଦ ଦୁଷ୍ମନ୍ତ କୁମାର ସାମନ୍ତଙ୍କ ଭାଇ ଜୟନ୍ତ କୁମାର ସାମନ୍ତଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ବିଶେଷ ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

ଖୋର୍ଦ୍ଧା ନା ଖୋରଧା; ମିଶ୍ର ପ୍ରତିକ୍ରିୟା ରଖିଲେ ବୁଦ୍ଧିଜୀବୀ

ନିଉ ଥିଙ୍କିଂ ଫୋରମ୍ ପକ୍ଷରୁ ଆଲୋଚନାଚକ୍ର



ଖୋର୍ଦ୍ଧା, ୧୫।୨(ସମିସ)

ଜେଲରୋଡ଼ସ୍ଥିତ ଶ୍ୟାମମାଧବ ପାଠାଗାର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ନିଉ ଥିଙ୍କିଙ୍ଗ୍ ଫୋରମ୍’ ଆନୁକୂଲ୍ୟରେ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ଆବାହକତ୍ୱରେ ଖୋର୍ଦ୍ଧାର ନାମକରଣକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇନ୍ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ବୃନ୍ଦାବନ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ଆଲୋଚନାର ଶୀର୍ଷକ ଥିଲା କେଉଁଟି ଠିକ୍ - ଖୋର୍ଦ୍ଧା, ଖୋର୍‌ଧା ଓ ଖୋରଧା। ଏଥିରେ ସ୍ଥାନୀୟ ଐତିହାସିକ, ଅଧାପକ, ସାହିତ୍ୟିକ, ଆଇନଜୀବୀ ତଥା ସାଧାରଣ ଜନତା ଉପସ୍ଥିତ ହୋଇ ମାଦଳା ପାଞ୍ଜି, ଚଇନି ଚକଡ଼ା, ଶୀଳାଲେଖ, ଖୋର୍ଦ୍ଧା ଇତିହାସ, ଖୋର୍ଦ୍ଧା ଦର୍ପଣ, ମଧ୍ୟଯୁଗର ସବୁ କାର୍ଯ୍ୟରେ ‘ଖୋରଧା’ ଲେଖାଯାଉଥିଲା ବୋଲି ମତପ୍ରକାଶ ପାଇଥିଲା।

ଅନ୍ୟପକ୍ଷରେ କିଛି ବୁଦ୍ଧିଜୀବୀ, ଆଇନ୍‌ଜୀବୀ, ସମାଜସେବୀ, ସାହିତ୍ୟିକ, ସମବାୟବିତ୍, ଶିକ୍ଷକନେତା, ନାରୀନେତ୍ରୀମାନେ ମତ ରଖିଥିଲେ ଯେ, ବର୍ତ୍ତମାନ ସମସାମୟିକ ଯୁଗରେ ବିଭିନ୍ନ ସ୍ଥାନରେ ଯଥା-ବିଚାରାଳୟ, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ପାଠ୍ୟପୁସ୍ତକ, ରାସ୍ତାଘାଟର ହୋଡ଼ିଂ, ନିମନ୍ତ୍ରଣ ପତ୍ର, ସମ୍ବାଦପତ୍ର, ବ୍ୟବସାୟିକ ଅନୁଷ୍ଠାନ, ପୂଜାପାର୍ବଣ, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତିରେ ଖୋର୍ଦ୍ଧା ଲେଖାଯାଉଥିବାର ଦୃଢ଼ଯୁକ୍ତି ବାଢ଼ିଥିଲେ।

ଏଥିରେ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ ଯେ, ଯୁଗର ପରିବର୍ତନ ଅନୁଯାୟୀ ଉଚ୍ଚାରଣର ପରିବର୍ତ୍ତନ ଘଟୁଛି। ‘ଖୋରଧା’ ଲେଖାଗଲେ ବୀରମାଟିର ଗାମ୍ଭିର୍ଯ୍ୟତା ପ୍ରକାଶ ପାଉନାହିଁ। ଯୁବପିଢ଼ୀ, ସାଧାରଣ ଜନତା, ଐତିହାସିକ, ସାହିତ୍ୟିକ, ଆଇନ୍‌ଜୀବୀ, କବି, ରାଜନେତା ସମସ୍ତେ ଖୋରଧା ଲେଖିଲେ ମଧ ‘ଖୋରଧା’ ନ କହି ‘ଖୋର୍ଦ୍ଧା’ ଉଚ୍ଚାରଣ କରୁଛନ୍ତି। ତେଣୁ ଏହି ବୁଦ୍ଧିଜୀବୀଙ୍କ ମତାନୁଯାୟୀ ‘ଖୋରଧା’ କୁ ‘ଖୋର୍ଦ୍ଧା’ ବୋଲି ଉଚ୍ଚାରଣ କରାଗଲେ ବର୍ତମାନ ଯୁଗରେ ଏହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବ। ଏହି ବିଷୟବସ୍ତୁକୁ ସ୍ଥାନୀୟ ଜିଲ୍ଲାପାଳଙ୍କ ପାଖରେ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଫୋରମ୍‌ର ସଭାପତି ଶ୍ରୀ ପୃଷ୍ଟିଙ୍କ ଦ୍ୱାରା ଆହୁତ ଏହି ଆଲୋଚନା ଚକ୍ରରେ ସଂଯୋଜନା କରିଥିଲେ ଶିକ୍ଷାବିତ୍ ଡ. ନିରଞ୍ଜନ ମହାନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଐତିହାସିକ ବୈକୁଣ୍ଠନାଥ ରାଜଗୁରୁ, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମ୍‌ଦାର, ଆଇନ୍‌ଜୀବୀ ବିଜୟ ସାମନ୍ତସିଂହାର, ଭବାନୀ ପ୍ରସାଦ ଦାସ, ସମ୍ପର୍କର ସଭାପତି ଲଳିତ ସ୍ୱାଇଁ, ଶିକ୍ଷକ ନେତା ଯୁଧିଷ୍ଠିର ସାହୁ, ଗବେଷକ ଗୋପାଳକୃଷ୍ଣ ଦାସ, ସମବାୟବିତ୍ ଡ.ବିମଳ ଷଡ଼ଙ୍ଗୀ, ସମାଜସେବୀ ବୈକୁଣ୍ଠ ମହାପାତ୍ର, ପୁଷ୍ପଲତା ମହାପାତ୍ର, ସ୍ମୃତି ମିଶ୍ର, ମାମିନା ପ୍ରଧାନ, ଉର୍ମିଳା ବେହେରା, ଡ.ଚପଳା ପଣ୍ଡା, ଅଧକ୍ଷ ଗଙ୍ଗାଧର ଦାସ, ମଦନ ଅଗ୍ରୱାଲା, ବାସୁଦେବ ମିଶ୍ର, ମହାଦେବ ମହାପାତ୍ର, ଗିରିଜା ପଟ୍ଟନାୟକ, ଅମିୟ ପରିଡ଼ା, ବୈଦେହୀ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆଠଗଡ଼ରେ ରାଜନୈତିକ ଟଣାଓଟରା

୧୫୬ ପ୍ରକଳ୍ପକୁ ମିଳୁନି ଅନୁଦାନ; ଉନ୍ନୟନ କାର୍ଯ୍ୟ ଠପ୍

- ବିକଶିତ ଗାଁ ଯୋଜନାରେ ବାଧା
- ଗତ ବର୍ଷର ୩୨ ପ୍ରକଳ୍ପ ଅଧପନ୍ତରିଆ
- ଚଳିତ ବର୍ଷ ପାଇଁ ମଞ୍ଜୁର ହୋଇନି ଗୋଟିଏ ବି ଟଙ୍କା

ଆଠଗଡ଼,୧୫।୨(ସମିସ): ରାଜ୍ୟ ରାଜନୀତିରେ କ୍ଷମତା ପରିବର୍ତ୍ତନ ପରେ ଏହାର ପ୍ରଭାବ ଏବେ ଆଠଗଡ଼ ବ୍ଲକର ବିକାଶ ଉପରେ ପଡ଼ିଛି। ରାଜନୈତିକ ବଳ କଷାକଷି ଯୋଗୁଁ ଆଠଗଡ଼ ବ୍ଲକରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ବିଶେଷ କରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚିହ୍ନଟ ହୋଇଥିବା ୧୫୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ଅନୁଦାନ ମଞ୍ଜୁର ହୋଇପାରି ନାହିଁ। ଫଳରେ ଗାଁ ଗହଳିର ବିକାଶମୂଳକ କାର୍ଯ୍ୟଗୁଡ଼ିକ ଆରମ୍ଭ ହୋଇପାରୁ ନାହିଁ। ଗତ ପଞ୍ଚାୟତ ସମିତି ବୈଠକରେ ବ୍ଲକ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସମୟରେ ବିଭାଗୀୟ ବିଫଳତାର ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ୮୦ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୧୬ଟି କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ୩୨ଟି ପ୍ରକଳ୍ପ ଆଦୌ ଆରମ୍ଭ ହୋଇପାରି ନାହିଁ। ଏଥିସହ ନିର୍ବାଚିତ ଜନପ୍ରତିନିଧିଙ୍କ ଅଜାଣତରେ ୬ଟି ପ୍ରକଳ୍ପକୁ ବଦଳାଇ ଦିଆଯାଇଥିବା ଭଳି ଗମ୍ଭୀର ଅଭିଯୋଗ ମଧ୍ୟ ଉଠିଛି। ୩ କୋଟି ୫୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଧ୍ୟରୁ ମାତ୍ର ୭୨ ପ୍ରତିଶତ ଅର୍ଥ ବିନିଯୋଗ ହୋଇପାରିଛି। ଆଠଗଡ଼ ବିଜେଡି ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବିଜେପି ସରକାର ଥିବା ବେଳେ ପଞ୍ଚାୟତସ୍ତରରେ ବିଜେଡିର ଜନପ୍ରତିନିଧି ବହୁ ସଂଖ୍ୟାରେ ରହିଛନ୍ତି। ଏହି ରାଜନୈତିକ ଟଣାଓଟରା ଯୋଗୁଁ ସରକାର ଅନୁଦାନ ପ୍ରଦାନରେ ପାତରଅନ୍ତର କରୁଛନ୍ତି। "ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଆଠଗଡ଼ରେ ବାଟବଣା ହୋଇଥିବା ବେଳେ ଏକଦା ଉନ୍ନୟନ କାର୍ଯ୍ୟରେ ଅଗ୍ରଣୀ ଥିବା ଏହି ବ୍ଲକ ଏବେ ପଛରେ ପଡ଼ିଯାଇଛି। ନୂଆ ଆର୍ଥିକ ବର୍ଷ ପାଇଁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ପାଇଁ ଗୋଟିଏ ବି ଟଙ୍କା ନ ଆସିବା ସାଧାରଣ ଲୋକଙ୍କ ପାଇଁ ଦୁର୍ଭାଗ୍ୟଜନକ ପାଲଟିଛି। ରାଜନୈତିକ ବିବାଦ କାରଣରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ, ପାନୀୟଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପ୍ରଭାବିତ ହେଉଛି। ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଅଟକି ରହିଥିବା ଅନୁଦାନ ଯୋଗାଇଦେବାକୁ ଦାବି ହୋଇଛି।



ବସନ୍ତ ପବନରେ ଝୁଲୁଛି ଆମ୍ବ ବଉଳ; ମହମହ ବାସନାରେ ମହକୁଛି ଚତୁର୍ଦ୍ଦିଗ

ବନପାଳଙ୍କ କାର୍ଯ୍ୟାଳୟରେ ଜଳିଗଲା ଗୁରୁତ୍ୱପୂର୍ଣ୍ଣ କାଗଜ

ବାରଙ୍ଗ,୧୫।୨(ସମିସ): ଶନିବାର ବିଳମ୍ବିତ ରାତିରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପ୍ରଶାସନିକ କାର୍ଯ୍ୟାଳୟର ଜନ୍ତୁବିଭାଗ ପରିଚାଳନା ଦାୟିତ୍ୱରେ ରହୁଥିବା ବନପାଳଙ୍କ କାର୍ଯ୍ୟାଳୟରେ ନିଆଁ ଲାଗି ଏସି, ଫ୍ୟାନ ସହ କିଛି ଇଲୋକ୍ଟ୍ରନିକ ସାମଗ୍ରୀ, ଅନେକ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡିଯାଇଛି। ସୌଭାଗ୍ୟବଶତଃ ପାଖରେ ଥିବା ଦୁଇଟି ଅଧିକାରୀଙ୍କ କାର୍ଯ୍ୟାଳୟ ନିଆଁ କବଳରୁ ବର୍ତ୍ତି ଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ବିଦ୍ୟୁତ ସର୍ଟସର୍କିଟରୁ ନିଆଁ ଲାଗି ଯାଇଥିବା ଅନୁମାନ କରାଯାଉଛି। ତେବେ ରବିବାର ସକାଳେ ସଫେଇ କର୍ମଚାରୀମାନେ ସଫା କରିବା ପାଇଁ ଉକ୍ତ କାର୍ଯ୍ୟାଳୟ ଖୋଲିବା ପରେ ବନପାଳଙ୍କ କାର୍ଯ୍ୟାଳୟ ନିଆଁ ଲାଗି ଲିଭିଯାଇଥିବାର ଜଣାପଡିଥିଲା। ଅନ୍ୟପଟେ, ଘଟଣାର ତଦନ୍ତ କରିବା ପାଇଁ ଏକ କମିଟି ଗଠନ କରାଯାଇଛି ବୋଲି ନନ୍ଦନକାନନ ଜନ୍ତୁ ବିଭାଗ ଏସିଏଫ ରୁଦ୍ରପ୍ରସାଦ ରଥ ସୂଚନା ଦେଇଛନ୍ତି।

ଗୀତା ପଟ୍ଟନାୟକଙ୍କ ବିୟୋଗରେ ଶୋକ

କଟକ,୧୫।୨(ସମିସ): ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ବିୟୋଗରେ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଏକ ଶୋକ ବାର୍ତ୍ତାରେ ପରଲୋକଗତ ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଏହା ଓଡ଼ିଶା ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ସ୍ୱର୍ଗତ ପଟ୍ଟନାୟକଙ୍କ କଣ୍ଠମାଧୁର୍ଯ୍ୟ ସର୍ବଦା ଶ୍ରୋତାଙ୍କ ମନରେ ଜୀବନ୍ତ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଦୁଃଖଦ ସମୟରେ ଡାକ୍ତର ସାହୁ ଶୋକାକୂଳ ପରିବାରବର୍ଗଙ୍କୁ ନିଜର ଗଭୀର ସମବେଦନା ଜଣାଇଛନ୍ତି।

କଟକ କଲେଜ ରେଡ୍‌କ୍ରସ୍ ପକ୍ଷରୁ ସେବା ଶିବିର



କଟକ,୧୫।୨(ସମିସ): ପବିତ୍ର ମହା ଶିବରାତ୍ରୀ ଅବସରରେ କଟକ କଲେଜ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ଅଧ୍ୟକ୍ଷା ଡ. ଶୁଭଦର୍ଶିନୀ ମହାନ୍ତିଙ୍କ ଅନୁମୋଦନ କ୍ରମେ ନୂଆ ବଜାର ଅନ୍ତର୍ଗତ ଶ୍ରୀ ଶ୍ରୀ ବେଲେଶ୍ୱର ମନ୍ଦିରରେ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଚିନ୍ମୟ ଦାସ, ରେଡ୍‌କ୍ରସ୍ ଅଫିସର କୁମାର ପ୍ରଦୀପ୍ତ ମିଶ୍ର, ଅଧ୍ୟାପକ ମଣ୍ଟୁ ଜେନା, ଅଧ୍ୟାପକ ଡ. ଦେବେନ୍ଦ୍ର କୁମାର ଓଝା ଓ ଆର୍‌ଆର୍‌ସି ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାମାଜିକ ସେବା ଶିବିରରେ ରେଡ୍ କ୍ରସ୍ ୟୁନିଟ୍ ସଦସ୍ୟ ମାନେ ଦର୍ଶନାର୍ଥୀ ମାନଙ୍କୁ ଦହି ଓ ପାନୀୟ ଜଳ ବଣ୍ଟନ, ବରିଷ୍ଠ ନାଗରିକଙ୍କୁ ଦର୍ଶନରେ ସହାୟତା ସମେତ ମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟ ସମ୍ପନ୍ନ କରିଥିଲେ। ବରିଷ୍ଠ ରେଡ୍‌କ୍ରସ୍ ସଦସ୍ୟ ସତ୍ୟବ୍ରତ ପାଣିଗ୍ରାହୀ, ରାଜୀବ ସ୍ୱାଇଁ ଓ ହିତେଶ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

■ ରାମକୃଷ୍ଣ ନନ୍ଦଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜୟନ୍ତୀ

ଶିକ୍ଷକ ସଂଗ୍ରାମ କେଶରୀ ରାଉତରାୟଙ୍କୁ 'ପ୍ରତିଭା ସମ୍ମାନ'



କଣ୍ଟାପଡ଼ା,୧୫।୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକର ବାଇରୋଇ ଗ୍ରାମସ୍ଥିତ ସୌଦାମିନୀ ପାଠାଗାର ପରିସରରେ ପୁଣ୍ୟାତ୍ମା ରାମକୃଷ୍ଣ ନନ୍ଦଙ୍କ ୧୨୦ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଏବଂ ଡ. ତ୍ରିନାଥ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ସାହିତ୍ୟ ଏକାଡେମୀ ସହସଚିବ ସଞ୍ଜୟ କୁମାର ଛୁଆଳସିଂହ, କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଓ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସ୍ୱର୍ଗତ ନନ୍ଦଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଥିବା ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିଷଦର ସ୍ମରଣିକା "ସୌଦାମିନୀ' ସମେତ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀଙ୍କ "କାୟାସ୍ପର୍ଶ', ସଂଯୁକ୍ତା ବେହେରାଙ୍କ "ଅକୁହା କଥା', ରମାକାନ୍ତ ସ୍ୱାଇଁଙ୍କ "ଯାଜ୍ଞସେନୀର ଜିଜ୍ଞାସା', ସୁରେନ୍ଦ୍ର ଛୋଟରାୟଙ୍କ "ଦିବ୍ୟ ଦର୍ଶନ' ଏବଂ ଡ଼. ତ୍ରିନାଥ ପଟ୍ଟନାୟକଙ୍କ ସମ୍ପାଦିତ "ଅସୀମା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶିକ୍ଷକ ସଂଗ୍ରାମ କେଶରୀ ରାଉତରାୟଙ୍କୁ "ରାମକୃଷ୍ଣ ନନ୍ଦ ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ପରିଷଦର ପ୍ରତିଷ୍ଠାତା ସମ୍ପାଦକ ପ୍ରକାଶ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ସାହିତ୍ୟାନୁରାଗୀ ସହଯୋଗ କରିଥିଲେ।

ଅଷ୍ଟଶମ୍ଭୁ ପୀଠ ଦର୍ଶନ କଲେ ଡ୍ରିମ୍‌ସ ଅଧ୍ୟକ୍ଷ

କଟକ,୧୫।୨(ସମିସ): ପବିତ୍ର ମହାଶିବ ରାତ୍ରୀ ଓ ଜାଗର ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଟାଙ୍ଗୀ ଓ ସାଲେପୁର ଅଞ୍ଚଳରେ ଥିବା ଅଷ୍ଟଶମ୍ଭୁ ପୀଠକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଟାଙ୍ଗୀର ଆରାଧ୍ୟ ଶ୍ରୀ କୋଟେଶ୍ୱର ମହାଦେବ ଓ ବାଣେଶ୍ୱର, କିସିନାପୁରର ପୁରାଣ ପ୍ରସିଦ୍ଧ ଶ୍ରୀ ଚାଟେଶ୍ୱର, ସଉରୀର କାମେଶ୍ୱର, ରାମକୃଷ୍ଣପୁରର ପୁରାତନ ପୀଠ ଶ୍ରୀ ସାମେଶ୍ୱର, ଦୁର୍ଗାପୁରର ବାବା ଆଖଣ୍ଡଳମଣି, କଡେଇର ବାବା ଝାଡେଶ୍ୱର ଓ ବନ୍ଧାଳର ବାବା ବଟେଶ୍ୱର ମହାଦେବଙ୍କୁ ସେ ଦର୍ଶନ ସହ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ମନ୍ଦିରର ପୂଜକ ଓ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଠାକୁରଙ୍କ ଜାଗର ନୀତିକାନ୍ତି ସଂପର୍କରେ ଡ. ରଥଙ୍କୁ ଅବଗତ କରାଯିବା ସହ ସମ୍ମାନିତ କରାଯାଇଥିଲା। 'ଡ୍ରିମ୍‌ସ'ର ସହଅଧ୍ୟକ୍ଷ ଇଂ



ଦୁର୍ଗାପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଶତପଥୀ, ଅଶୋକ ଦାଶ, ଶିବପ୍ରସାଦ ରଥ, ରମେଶ ବେହେରା, ଜଗବନ୍ଧୁ ସାହୁ, ରବିନ୍ଦ୍ର ନାଥ ଲେଙ୍କାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ମହାପ୍ରଭୁଙ୍କ ଦର୍ଶନ ଓ ଦୀପଦାନ କରିଥିଲେ।

● ଗୋପାଳପୁରରେ ହାତୀ ଆତଙ୍କ

ବ୍ୟାପକ ଫସଲ ନଷ୍ଟ; ଚାଷୀ ଅସନ୍ତୋଷ



ବଡମ୍ବା,୧୫।୨(ସମିସ): ଆଠଗଡ଼ ବନଖଣ୍ଡ ବଡ଼ମ୍ବା ବନାଞ୍ଚଳ ଅଧୀନ ଗୋପପୁର ରେଞ୍ଜରେ ଗତ କିଛି ଦିନ ହେବ ଏକ ଦନ୍ତା ହାତୀର ପ୍ରାଦୁର୍ଭାବ ଯୋଗୁଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧୨ ତାରିଖରୁ ଏହି ଦନ୍ତା ହାତୀଟି ଗୋଠମୁଣ୍ଡିଆ ପାହାଡ଼ ତଳେ ଥିବା ଜମିଗୁଡ଼ିକରେ ପଶି କୋଳଥ, ଚଣା ଓ ପିଆଜ ଚାଷ ନଷ୍ଟ କରିବା ସହିତ ପ୍ରାୟ ୨୦୦ରୁ ଅଧିକ କଦଳୀ ଗଛ ଦଳି ଚକଟି ଦେଇଛି। ଗୋପାଳପୁର, ଅମାନ୍ତିଆ, ଡମଣଗାଡ଼ିଆ ଓ ରତାପାଟ ଅଞ୍ଚଳର ବହୁ ଚାଷୀଙ୍କ ମକା ସମେତ ବିଭିନ୍ନ ରବି ଫସଲ ହାତୀ ଆକ୍ରମଣରେ ଉଜୁଡ଼ି ଯାଇଛି। ହାତୀ ଭୟରେ ଅଞ୍ଚଳବାସୀ ଏବେ ଗାଁରେ ରହିବାକୁ ମଧ୍ୟ ସୁରକ୍ଷିତ ମଣୁନାହାନ୍ତି। ବାରମ୍ବାର ଫସଲ ନଷ୍ଟ ହେବା ନେଇ ଚାଷୀମାନେ ଅଭିଯୋଗ କରୁଥିଲେ ହେଁ ସ୍ଥାନୀୟ ବନ ବିଭାଗ କୌଣସି ଠୋସ୍ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ବନ ବିଭାଗ ପକ୍ଷରୁ ହାତୀ ଜଗୁଆଳି ନିୟୋଜିତ ହୋଇଥିଲେ ମଧ୍ୟ ସେମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ହାତୀକୁ ଘଉଡ଼ାଇବାରେ ବିଭାଗ ବିଫଳ ହୋଇଛି। ଏନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ସହ ହାତୀ ଘଉଡ଼ାଇବା ପାଇଁ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ସେବାକାର୍ଯ୍ୟ

କଟକ,୧୫।୨(ସମିସ): ରବିବାର ସ୍ଥାନୀୟ ଚହଟେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ଅଜୟ କୁମାର ସେନାପତିଙ୍କ ଆମନ୍ତ୍ରଣ କ୍ରମେ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ନିର୍ଦ୍ଦେଶକ୍ରମେ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭାରତ ସ୍କାଉଟ୍ସ ଓ ଗାଇଡ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନ୍ଦିର ପ୍ରାଙ୍ଗଣରେ ସେବା କାର୍ଯ୍ୟ କରାଯାଇଛି। ଛାତ୍ରଛାତ୍ରୀମାନେ ଭକ୍ତମାନଙ୍କୁ ମନ୍ଦିର ମଧ୍ୟକୁ ଧାଡିରେ ଛାଡିବା ସହ ମନ୍ଦିର ପରିସରକୁ ପରିଷ୍କାର କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ଭୁକ୍ତା ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍କାଉଟ୍ସ ଓ ଗାଇଡର ରାଜ୍ୟ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର ଓ ମନ୍ଦିରର କର୍ମକର୍ତ୍ତାମାନେ ଛାତ୍ରଛାତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସ୍କାଉଟ୍ସ ମାଷ୍ଟର ଅଜୟ ଜଟ, ନୀଳମଣି ବିଶ୍ୱାଳ ଓ ଗାଇଡ କ୍ୟାପଟେନ୍ ସ୍ନେହଲତା ବେହେରା ଓ କିରଣବାଳା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କେନାଲରେ ଦୂଷିତ ପାଣି; ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସାଲେପୁର,୧୫।୨(ସମିସ): ଡ୍ରେନେଜ ମାଧ୍ୟମରେ ସାଲେପୁର ସହରର ଆବର୍ଜନା ପାଣି ଯାଉଥିବାବେଳେ ଆବର୍ଜନା ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରାଯାଇ ନ ଥିବାରୁ ଏହି ଆବର୍ଜନା ପାଣି ଗୁଡିକ ଚାଷ ଜମି ଦେଇ ଯାଇଥିବା କାଡ଼ା କେନାଲରେ ପଡିଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସାଲେପୁର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ସାଲେପୁର ସହରର ଦୂଷିତ ଆବର୍ଜନା ପାଣି ଡ୍ରେନେଜ ଦେଇ ଲୁଣାହାର ଅଞ୍ଚଳର ଚାଷ ଜମିକୁ ଜଳସେଚନ ପାଇଁ ଥିବା କାଡ଼ା କେନାଲରେ ପଡିଥିବାରୁ ଡ୍ରେନେଜ୍ ପାଣି ଗୁଡିକ କାଡ଼ାରେ ପଡି ଚାଷ ଜମିରେ ମାଡୁଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଆବର୍ଜନା ଦୂଷିତ ପାଣି ଚାଷ ଜମିରେ ମାଡ଼ିବାରୁ ଚାଷୀମାନେ ସଠିକ୍ ଭାବେ ଚାଷ କରିପାରୁନାହାଁନ୍ତି କି ଚାଷ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ। ଏହି ସମସ୍ୟା ନେଇ ଏହି ଅଞ୍ଚଳର ଚାଷୀମାନେ ସାଲେପୁର ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଥିବା ଜଣାଯାଇଛି।

● ଏସ୍‌ସିବି ମେଡିକାଲରୁ ଗାଡ଼ି ଚୋରି

ଚୋର ଗିରଫ: ୪ ଗାଡ଼ି ଜବତ

କଟକ,୧୫।୨(ସମିସ): ଏସ୍‌ସିବି ମେଡିକାଲରୁ ଗାଡି ଚୋରାଇବା ଉଦ୍ୟମ ବେଳେ ଜଣେ ପେସାଦାର ଚୋରକୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ବିଡାନାସୀ ଥାନା ଅନ୍ତର୍ଗତ ସେଲଟର ଛକ ନିକଟ ଜଗନ୍ନାଥ ସାହିର ଆବିଦ ଖାନ(୩୬)। ତା' ପାଖରୁ ୪ଟା ଦୁଇ ଚକିଆ ଚୋରା ଗାଡ଼ି, ଗୋଟିଏ ମୋବାଇଲ ଓ ଦୁଇଟି ମାଷ୍ଟର ଚାବି ଜବତ କରାଯାଇଛି।

ମାହାଙ୍ଗା ବାଲିତୋଟା ଗାଁର ମକର ସାହୁ ଏସସିବି ମେଡିକାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ଓଟିରେ କାର୍ଯ୍ୟ କରନ୍ତି। ସବୁଦିନ ଭଳି ଗତ ୧୧ ତାରିଖ ସକାଳେ ସେ ଡ୍ୟୁଟିକୁ ଆସିଥିଲେ। ନିଜର ବାଇକକୁ ବିଭାଗର ପାର୍କିଂରେ ରଖିଥିଲେ। କିଛି ଘଣ୍ଟା ପରେ ଡ୍ୟୁଟି ସାରି ପାର୍କିଂକୁ ଆସି ଦେଖିଲେଯେ, ଗାଡି ନାହିଁ। ଅଭିଯୋଗ ପରେ ମଙ୍ଗଳାବାଗ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ମେଡିକାଲ ପରିସର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ଜଣେ ସନ୍ଦିଗ୍ଧକୁ ଚିହ୍ନଟ କରିଥିଲା। ଅଭିଯୁକ୍ତ ମୁହଁ ଘୋଡାଇଥିବାରୁ ତାକୁ ଚିହ୍ନଟ କରିବା କଷ୍ଟକର ହୋଇଥିଲା। ଏହାମଧ୍ୟରେ ରବିବାର ପୂର୍ବାହ୍ନରେ ମେଡିକାଲ ପରିସରରେ ଜଣେ ଯୁବକ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିବା ସିସିଟିଭିରେ ଦେଖିବାକୁ ମିଳିଲା। ସନ୍ଦିଗ୍ଧ ଯୁବକ ମେଡିକାଲର କୌଣସି ୱାର୍ଡ ଭିତରକୁ ନଯାଇ ପାର୍କିଂ ସ୍ଥାନଗୁଡିକରେ ଏକୁଟିଆ ବୁଲୁଥିବା ଦେଖାଗଲା। ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ ତୁରନ୍ତ ପୁରୁଣା ମେଡିସିନ ୱାର୍ଡ ପାର୍କିଂରେ ପହଞ୍ଚି ଅଭିଯୁକ୍ତକୁ ମାଡିବସିଥିଲେ। ସେ ସମୟରେ ଆବିଦ ଅନ୍ୟ ଏକ ଗାଡିର ତାଲା ଖୋଲିବାକୁ ଉଦ୍ୟମ କରୁଥିଲା। ତଲାସୀ ନେବାରୁ ତା' ପାଖରୁ ୨ଟି ମାଷ୍ଟର ଚାବି ମିଳିଥିଲା। ଥାନାକୁ ଧରିଆଣି ଜେରା କରିବାରୁ ଆବିଦ ଜଣେ ପେସାଦାର ଚୋର ବୋଲି ଜଣାପଡିଛି। ନିୟମିତ ବ୍ୟବଧାନରେ ସେ ଏସସିବି ମେଡିକାଲକୁ ଆସି ଲୋକଙ୍କ ବ୍ୟସ୍ତତାର ସୁଯୋଗ ନେଇ ଗାଡି ଚୋରାଇ ନେଉଥିଲା। ଗତ ୧୧ ତାରିଖରେ ମେଡିକାଲ କର୍ମଚାରୀ ମକରଙ୍କ ଗାଡି ମଧ୍ୟ ଚୋରାଇଥିବା ନେଇ ଆବିଦ ସ୍ୱୀକାର କରିଥିଲା। ପୂର୍ବରୁ ତା' ନାମରେ ବିଡାନାସୀ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଛି।

୧୯୮୨ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବଣଭୋଜି

ନିଶ୍ଚିନ୍ତକୋଇଲି,୧୫।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ପାଟପୁରଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୨ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବଣଭୋଜି ଭିତରକନିକା ଜାତୀୟ ଉଦ୍ୟାନଠାରେ ଅନୁଷ୍ଠିତ ହୋଇଛି। ପୁରାତନ ବିଦ୍ୟାର୍ଥୀ ଅଜୟ ରାଉତ, ଉତ୍ସବ ଚନ୍ଦ୍ର ଭଞ୍ଜ, ବାଣୀରଞ୍ଜନ ସାମଲ, ବୀଣାପାଣି ଦାସ, ସୁକାନ୍ତ ଶତପଥିଙ୍କ ସଂଯୋଜନାରେ ଏଥିରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବାଣୀ ରଞ୍ଜନ ସାମଲଙ୍କର ପୌରହିତ୍ୟରେ ଆୟୋଜିତ ଏକ ସମାବେଶରେ ନିରଞ୍ଜନ ପଣ୍ଡା, ହେମନ୍ତ ଦାସ, ସୁଲୋଚନା ସେଠୀ, ରେବତୀ ରାଉତ, ବ୍ରହ୍ମାନନ୍ଦ ରାଉତ, ବାନାମ୍ବର ଦାସ, ଜଗବନ୍ଧୁ ଦାସ, କନକଲତା ରାଉତ, ସତ୍ୟାନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ।



ସତ୍ତା ହରାଉଛି ଜଳାଶୟ

- ପୁଣି ହାଇକୋର୍ଟରେ ହେବ ଶୁଣାଣି
- ବେଆଇନ ପୋତା ପାଇଁ ଜଳବନ୍ଦୀ ସମସ୍ୟା

କଟକ,୧୫।୨(ସମିସ): କଟକ ସହରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଏପର୍ଯ୍ୟନ୍ତ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ଜଳାଶୟଗୁଡିକର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଉଥିବା ନେଇ ଏକଦା ମହାନଗର ନିଗମ ପକ୍ଷରୁ ହାଇକୋର୍ଟଙ୍କୁ ବହୁ ପୂର୍ବରୁ ଅବଗତ କରାଯାଇଥିଲେ ବି ଏବେ ବି ୪୦ରୁ ଅଧିକ ପ୍ରାଚୀନ ଜଳାଶୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସେହିଭଳି ଜଳାଶୟଗୁଡିକ ଅନେକାଂଶରେ ସହର ଜଳମଗ୍ନ ହେବାର କାରଣ ବୋଲି ବିବେଚନା କରାଯାଉଛି। ଏବେ ପୁଣି ଏହି ପ୍ରସଙ୍ଗ ହାଇକୋର୍ଟରେ ଶୁଣାଣି ହେବ ବୋଲି ଧାର୍ଯ୍ୟ କରାଯାଇଛି।

ଏକଦା ୧୪୬୬ଜଳାଶୟ ରହିଥିବା ବେଳେ ଏହା କାଳକ୍ରମେ କମି କମି ଚାଲିଥିଲା। ୯୦ଦଶକରେ ଯେଉଁଠି ମାତ୍ର ୪୨୪ ଜଳାଶୟ ଥିଲା। ୨୦୦୬ ବେଳକୁ ଏହା ୨୪୫କୁ ହ୍ରାସ ପାଇଥିଲା। ଏବେ ଏହା ୬୬ରେ ସୀମିତ ରହିଯାଇଛି; ଯେଉଁଗୁଡିକ ବ୍ୟବହାର ଅନୁପଯୋଗୀ। ୨୦ରୁ କିଛି କମ ବ୍ୟବହାର ଉପଯୋଗୀ ରହିଛି। ତଥ୍ୟ ଅନୁସାରେ, ଗତ ତିନି ଦଶନ୍ଧି ମଧ୍ୟରେ କଟକ ସହରରେ ପ୍ରାୟ ୩୦୦ରୁ ଅଧିକ ଜଳାଶୟ ସତ୍ତା ହରାଇଛି। ବେଆଇନ ଭାବେ ଜଳାଶୟ ପୋତା ଯାଇଥିବା ବେଳେ ବାକି ରହିଯାଇଥିବା ଜଳାଶୟ ଗୁଡିକର ପୁନରୁଦ୍ଧାର ଯୋଜନା ଅଧପନ୍ତରିଆ ହୋଇଛି। ଜଳାଶୟଗୁଡିକର ଶୋଚନୀୟ ସ୍ଥିତି ସମ୍ପର୍କରେ ହାଇକୋର୍ଟ ମଧ୍ୟ ଅତୀତରେ ଉଦବେଗ ପ୍ରକାଶ କରିଛନ୍ତି। ୨୦୧୨ରେ ଜଳାଶୟ କିସମ ଜମିକୁ ସଂରକ୍ଷିତ କରିବା ଓ ଏହାର ପୁନରୁଦ୍ଧାର ପାଇଁ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ଜଳାଶୟ କମିଟି ମଧ୍ୟ ଗଠନ ହୋଇ କାର୍ଯ୍ୟ କରୁଛି। ଏହି କମିଟି ହିଁ ଜଳାଶୟ କିସମ ପରିବର୍ତ୍ତନ ପାଇଁ ହେଉଥିବା ଆବେଦନର ବିଚାର କରିଥାଏ। ତେବେ କିସମ ପରିବର୍ତ୍ତନ ନହୋଇ କେତେକ ଜଳାଶୟ କିସମରେ ବେଆଇନ ନିର୍ମାଣ କାର୍ଯ୍ୟର ତଦନ୍ତ ହେଉ ନଥିବା ଅଭିଯୋଗ ହେଉଛି। ଇତିମଧ୍ୟରେ ୧୦ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ହାତଗଣତି ମାତ୍ର ୧୦-୧୨ଟି ଜଳାଶୟ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଥିଲା। ଗତ ୨୦୦୧ ମସିହା ପରଠାରୁ ମଧ୍ୟ ଜଳାଶୟ କିସମ ଜମିରେ ଉପରେ କୋ÷ଣସି ପ୍ରକାର ନିର୍ମାଣ ପାଇଁ ସିଡିଏ ଅନୁମତି ପ୍ରଦାନ କରୁନାହିଁ। ଏସବୁ ସତ୍ତ୍ୱେ ବେପରୁଆ ଭାବେ କଟକ ସହରର ଜଳାଶୟ କିସମ ଜମି ଉପରେ କୋଠାବାଡି ଛିଡା ହୋଇଥିଲା। ଜଳାଶୟଗୁଡିକ ପୋତାଯିବା ଜଳବନ୍ଦୀ ସମସ୍ୟାର ମୁଖ୍ୟ କାରଣ ବୋଲି କୁହାଯାଉଥିବା ବେଳେ ଏହି ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟରେ ଗତ ୨୦୦୫ରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ୨୦୧୨ରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁପାଳନ କରାଯାଉ ନଥିବା ନେଇ ୨୦୧୯ରେ ମୈତ୍ରୀ ସଂସଦ ପକ୍ଷରୁ ଜଳଶୟ ପୁନରୁଦ୍ଧାର ପ୍ରସଙ୍ଗରେ ଆଉ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇ ହାଇକୋର୍ଟରେ ଶୁଣାଣି ହୋଇଆସୁଛି।

ଚାଷୀଙ୍କୁ ଭରସା ଦେଲା ସୋରିଷ ଚାଷ

ଅମ୍ବାଭୋନା, ୧୫।୨(ସମିସ)



ଓଡ଼ିଶାର ଭାତହାଣ୍ଡି ଭାବେ ସୁନାମ ଅର୍ଜନ କରିଥିବା ବରଗଡ଼ ଜିଲ୍ଲାର ଅଣଜଳସେଚିତ ବ୍ଲକ ଅମ୍ବାଭୋନା ରବି ଋତୁରେ ତୈଳଜାତୀୟ ଫସଲ ଚାଷ ପାଇଁ ପରିଚିତ। ଗୋଟିଏ ପଟେ ପଟେ ବାରପାହାଡ ପର୍ବତମାଳା ଓ ଅନ୍ୟ ପଟେ ମହାନଦୀ ସହ ହୀରାକୁଦ ଜଳାଶୟ ନିକଟରେ ଥିଲେ ମଧ୍ୟ, ଜଳସେଚନ ସୁବିଧା ଅଭାବରୁ ଏହି ଅଞ୍ଚଳ ବାରମ୍ବାର ମରୁଡ଼ିର ସମ୍ମୁଖୀନ ହୋଇଆସୁଛି। ରବି ଋତୁରେ ପାର୍ବତୀଗିରି ମେଘା ଉଠା ଜଳସେଚନ ବ୍ୟବସ୍ଥା ମାଧ୍ୟମରେ ଏଠାରେ ପ୍ରଚୁର ପରିମାଣରେ ସୋରିଷ ଭଳି ତୈଳଜାତୀୟ ଫସଲ ଚାଷ ହେଉଛି। ଚଳିତ ବର୍ଷ ବରଗଡ଼ ଜିଲ୍ଲାରେ ସମୁଦାୟ ୩୨୫୪ ହେକ୍ଟର ଜମିରେ ସୋରିଷ ଚାଷ ହୋଇଥିବା ବେଳେ, ଅମ୍ବାଭୋନା ବ୍ଲକରେ ୧୭୧୦ ହେକ୍ଟର ଜମିରେ ଏହି ଚାଷ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ବର୍ଷ ଅନୁକୂଳ ଜଳବାୟୁ କାରଣରୁ ସୋରିଷ ଫସଲ ବେଶ ଭଲ ହୋଇଥିବା ସୂଚନା ରହିଛି। ଚାଷୀଙ୍କ କହିବା ଅନୁସାରେ ଏକ ଏକର ଜମି ପାଇଁ ଟ୍ରାକ୍ଟର ଭଡାରେ ଜମି ପ୍ରସ୍ତୁତି ପାଇଁ ପ୍ରାୟ ୨୦୦୦ ଟଙ୍କା, ବିହନ (୪ କେଜି) ପାଇଁ ୪୦୦ ଟଙ୍କା, ସାର ଓ କୀଟନାଶକ ପାଇଁ ୩୫୦୦ ଟଙ୍କା, ଅମଳ ଖର୍ଚ୍ଚ ୨୦୦୦ ଟଙ୍କା ଏବଂ ଜଳସେଚନ ସହ ଶ୍ରମିକ ମଜୁରୀ ପାଇଁ ୨୦୦୦ ଟଙ୍କା ମିଶାଇ ମୋଟ ଖର୍ଚ୍ଚ ପ୍ରାୟ ୧୦ ହଜାର ଟଙ୍କା ହେଉଛି। ଏକ ଏକରରୁ ସାଧାରଣତଃ ୪ କ୍ୱିଣ୍ଟାଲ ପର୍ଯ୍ୟନ୍ତ ସୋରିଷ ଅମଳ ହେଉଥିବା ବେଳେ, ବଜାରରେ କ୍ୱିଣ୍ଟାଲ ପ୍ରତି ପ୍ରାୟ ୫ ହଜାର ଟଙ୍କା ଦରରେ ବିକ୍ରି ହେଉଛି। ଏହା ଫଳରେ ଏକ ଏକର ପ୍ରତି ପ୍ରାୟ ୨୦ ହଜାର ଟଙ୍କା ଆୟ ହେଉଛି। ଅମ୍ବାଭୋନା ବ୍ଲକର କଣ୍ଡିପାଲି, ମୁଚମଲଦା, ତେଲିପାଲି, ଚିଚୋଲି, ରୁଚିଦା, ଉତ୍ତମ, ଲଖନପୁର ଓ ଅମ୍ବାଭୋନା ଆଦି ଗାଁମାନଙ୍କରେ ଏହି ଚାଷ ବହୁଳ ଭାବେ ହୋଇଛି। କମ ପାଣି, କମ ଶ୍ରମ ଓ କମ ଖର୍ଚ୍ଚରେ ଭଲ ଲାଭ ମିଳୁଥିବାରୁ ଚାଷୀମାନେ ସୋରିଷ ଚାଷ ପ୍ରତି ଆଗ୍ରହୀ ହେଉଛନ୍ତି। କିନ୍ତୁ ସରକାରୀ ସହାୟତା ଓ ସୁବିଧାର ଅଭାବ ହେତୁ ବେଳେ ବେଳେ କ୍ଷତି ସହିବାକୁ ପଡୁଥିବା ଚାଷୀମାନେ ଅଭିଯୋଗ

ପାର୍ବତୀଗିରି ଲିଫ୍ଟ ଜଳସେଚନରେ ଫଳିଛି ସୋରିଷ ଫସଲ

କରୁଛନ୍ତି। ବିଶେଷ କରି ଉନ୍ନତ ବିହନ, ସାର, କୀଟନାଶକ ସହାୟତା, ଜଳସେଚନ ବ୍ୟବସ୍ଥା, ମଣ୍ଡି ସୁବିଧା, କ୍ଷୟକ୍ଷତି ହେଲେ ଇନପୁଟ ସହାୟତା ଓ ବୀମା ବ୍ୟବସ୍ଥା ମିଳିଲେ ଆଗାମୀ ଦିନରେ ଏହି ଚାଷ ଆହୁରି ବୃଦ୍ଧି ପାଇବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି।

ବଣାଇଁଗଡ଼ ବ୍ଲକ୍‌ରେ ୧୧୬୩ ଛାତ୍ରଛାତ୍ରୀ ଦେବେ ମାଟ୍ରିକ ପରୀକ୍ଷା

ବଣାଇ, ୧୫।୨(ସମିସ): ସମଗ୍ର ରାଜ୍ୟରେ ଆସନ୍ତା ୧୯ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଛାତ୍ରଛାତ୍ରୀ ମଧ୍ୟ ପରୀକ୍ଷା ଦେବାକୁ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ବଣାଇ



ବ୍ଲକରୁ ସମୁଦାୟ ୧୧୬୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ବୋର୍ଡ ପକ୍ଷରୁ ବଣାଇର ରାଜା ଧରଣୀଧର ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ବଡ ଗୋଗୁଆ, କେନାଭେଟା, ବଲାଙ୍ଗ, ବଇଦପାଲି, ରୁଗୁଡା ୭ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଏଥିପାଇଁ ରାଜା ଧରଣୀଧର ହାଇସ୍କୁଲରେ ନୋଡାଲ ସେଣ୍ଟର ଖୋଲା ଯାଇଛି। ଏହି ସ୍କୁଲରେ ପ୍ରଶ୍ନପତ୍ର କଡା ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗ ରୁମରେ ରଖାଯିବ। ପରୀକ୍ଷା ସୂଚାରୁ ଭାବେ କରିବା ପାଇଁ ରାଜା ଧରଣୀଧର ହାଇସ୍କୁଲରେ ଆଜି ଏକ ଟ୍ରେନିଂ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଶିକ୍ଷକ ମାନଙ୍କୁ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଦିନ ସକାଳ ୯ ଟାରେ ପରୀକ୍ଷା ଥିବାବେଳେ ସକାଳ ୮ରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିବେ। ପ୍ରଶ୍ନପତ୍ର ଆସିବା ଠାରୁ ପରୀକ୍ଷା ସାରି ଉତ୍ତରଖାତା ଯିବା ପର୍ଯ୍ୟନ୍ତ ଟିକିନିଖି ତଦାରଖ ହେବ। ବିଇଓ, ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ରହିବ। ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ପରୀକ୍ଷା ସମୟରେ ଅନ୍ୟ କେହି ବି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ନେଇପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ଦୁଇ ନିଖୋଜ ନାବାଳକ ଉଦ୍ଧାର

ରିଆମାଳ, ୧୫।୨(ସମିସ): ଆମାଳ ଥାନା ଅଞ୍ଚଳର ଦୁଇ ଜଣ ୧୧ ବର୍ଷୀୟ ନାବାଳକ ଆଜି ସକାଳୁ ନିଖୋଜ ହୋଇଥିବା ବେଳେ ସନ୍ଧ୍ୟାରେ ରେଙ୍ଗାଲବେଡା ମାର୍କେଟରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ବାବରାକୋଟ ଗାଁର ମନୋଜ ସ୍ୱାଇଁଙ୍କ ପୁଅ ସତ୍ୟଜିତ ସ୍ୱାଇଁ ଓ ଟିମୁର ଗାଁର ଦିଲ୍ଲୀପ ସାହୁଙ୍କ ପୁଅ ସୁଦିପ ସାହୁ। ଉଭୟ ସାଙ୍ଗ ହୋଇ ଘରେ କାହାକୁ କିଛି ନ କହି ଦେବଗଡ଼ ଅଞ୍ଚଳକୁ କ୍ରିକେଟ ଖେଳିବାକୁ





ଯାଇଥିଲେ। ମାତ୍ର ବେଳ ହେବାରୁ ଘରକୁ ନ ଫେରିବାରୁ ପରିବାର ଲୋକ ଚାରିଆଡେ ଖୋଜାଖୋଜି କରି ପାଇ ନ ଥିଲେ। ଫଳରେ ପୁଲିସ ଓ ସାମାଜିକ ଗଣମାଧ୍ୟମରେ ନିଖୋଜ ଥିବା ସୂଚନା ଦେଇଥିଲେ। ଏହାପରେ ପରିବାର ଓ ପୁଲିସ ଜୋରଦାର ଖୋଜାଖୋଜି କରିଥିଲେ। ଶେଷରେ ସନ୍ଧ୍ୟାରେ ଉଭୟ ନାବାଳକଙ୍କୁ ରେଙ୍ଗାଲବେଡା ମାର୍କେଟରେ ଦେଖିବାକୁ ମିଳିଥିଲା। ତୁରନ୍ତ ପରିବାରକୁ ଖବର ଦିଆ ହୋଇଥିଲେ। ଉଭୟ ସୁରକ୍ଷିତ ଭାବେ ଘରକୁ ଫେରିଥିବା ଜଣାପଡ଼ିଛି।

ଆର୍‌ଏସ୍‌ପି ଷ୍ଟିଲ୍ ମେଲ୍ଟିଂ ସପ୍-୧ କନଭର୍ଟରର ଲାଇନିଂ ଲାଇଫରେ ନୂତନ ରେକର୍ଡ

ରାଉରକେଲା, ୧୫।୨(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ୍-୧ (ଏସଏମଏସ-୧) ବିଭାଗର କନଭର୍ଟର 'କ୍ୟୁ' କନଭର୍ଟରର ଲାଇନିଂ ଲାଇଫରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଅଗଷ୍ଟ ୨୦୧୪ରେ ୨, ୧୨୫ ହିଟ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଉଲ୍ଲେଖନୀୟ ଯେ, ଏଯାବତ ଉକ୍ତ କନଭର୍ଟରର କାର୍ଯ୍ୟକ୍ଷମତା ଜାରି ରହିଛି। ପ୍ରକ୍ରିୟା ପରିମାପକତା ଗୁଡ଼ିକର ଦୃଢ ନିୟନ୍ତ୍ରଣ, ଶ୍ରେଷ୍ଠ ରିଫ୍ରାକ୍ଟ୍ରି ପରିଚାଳନା ଅଭ୍ୟାସ ଏବଂ କନଭର୍ଟରର କାର୍ଯ୍ୟ ସମୟରେ ମାନକ ପରିଚାଳନା ପ୍ରକ୍ରିୟାଗୁଡ଼ିକର ନିରନ୍ତର ଅନୁପାଳନ ମାଧ୍ୟମରେ ଲାଇନିଂ ଲାଇଫରେ ଉଲ୍ଲେଖନୀୟ ଉନ୍ନତି ହାସଲ କରାଯାଇଛି। ଏହି ସଫଳତା କାର୍ଯ୍ୟକ୍ଷମ ଉତ୍କର୍ଷତା, ସିଫ୍ଟ ଇନଚାର୍ଜ ଏବଂ ଅପରେଟିଂ ଦଳଙ୍କ ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟ, ବ୍ଲୋଅର୍ ଏବଂ ଲାନ୍ସ ଅପରେଟରମାନଙ୍କ ଦ୍ୱାରା ସୂକ୍ଷ୍ମ ପ୍ରକ୍ରିୟା ନିୟନ୍ତ୍ରଣ ସହିତ ସମସ୍ତ ଏସଏମଏସ-୧ କର୍ମଚାରୀଙ୍କ ଉତ୍ସର୍ଗୀକୃତ ଦଳଗତ କାର୍ଯ୍ୟକୁ ପ୍ରତିଫଳିତ କରିଛି। ପ୍ରମୁଖ ଯୋଗଦାନକାରୀ କାରକଗୁଡ଼ିକ ମଧ୍ୟରେ ନିୟନ୍ତ୍ରିତ ବ୍ଲୋଇଂ ଅଭ୍ୟାସ, ଉନ୍ନତ ସ୍ଲାଗ୍ ବ୍ୟବସ୍ଥାର ପରିଚାଳନା, ପ୍ରଭାବଶାଳୀ ଏଣ୍ଡପଏଣ୍ଟ ନିୟନ୍ତ୍ରଣ ଏବଂ ରିଫ୍ରାକ୍ଟ୍ରି ଲାଇନିଂର ସମୟୋଚିତ ଗନ୍ ତଥା ପ୍ୟାଚିଂ ଅନ୍ତର୍ଭୁକ୍ତ। ଥର୍ମାଲ୍ ଲୋଡ୍, ବାଥ୍ ଆଜେଟିସନ୍ ଏବଂ ସ୍ଲାଗ୍ କେମିଷ୍ଟ୍ରିର ଇନଚାର୍ଜ ଏବଂ ସିଫ୍ଟ ଚାର୍ଜଙ୍କ ଦ୍ୱାରା ସଠିକ ତଦାରଖ, ଉତ୍ତପ୍ତ ଧାତୁ ଏବଂ ସ୍କ୍ରାପ୍ ଗୁଣବତ୍ତା ଉପରେ ଶୃଙ୍ଖଳିତ ନିୟନ୍ତ୍ରଣ ସହିତ, କ୍ଷରଣକୁ କମ କରିବା ସଙ୍ଗେ ସଙ୍ଗେ ଲାଇନିଂ ଅଭିଯାନର ସ୍ଥାୟିତ୍ୱ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ଅଭିଯାନ,



ରେଫ୍ରାକ୍ଟୋରୀ, ମେକାନିକାଲ୍ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ଏଲଡିବିପି, ବିଏଫ ଏବଂ ଆରସିଏଲ ଟିମ ମଧ୍ୟରେ ବର୍ଦ୍ଧିତ ସମନ୍ୱୟକୁ ମଧ୍ୟ ଏହି ସଫଳତାର ଶ୍ରେୟ ଦିଆଯାଇଛି। ଯାହା ସମଗ୍ର ଅଭିଯାନରେ ସ୍ଥିରତା ଏବଂ ଦୃଢ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରିଛି। ଏସଏମଏସ - ୧ ବିଭାଗର ସିଜିଏମ ବି. ସୁନୀଲ କାର୍ଥା ଏବଂ ରେଫ୍ରାକ୍ଟୋରୀ ବିଭାଗର ସିଜିଏମ ଏସଏସ ପଣ୍ଡାଙ୍କ ସାମଗ୍ରିକ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରାଯାଇଥିଲା। କନଭର୍ଟର 'କ୍ୟୁ'ର ବର୍ଦ୍ଧିତ ଲାଇନିଂ ଲାଇଫ ଫଳରେ କନଭର୍ଟର ଉପଲବ୍ଧତାରେ ଉନ୍ନତି ଆସିଛି। ପ୍ରତି ହିଟ୍ ରିଫ୍ରାକ୍ଟୋରୀ ବ୍ୟବହାର ହ୍ରାସ ପାଇଛି। ରିଲାଇନିଙ୍ଗ ଡାଉନଟାଇମ୍ ହ୍ରାସ ପାଇଛି ଏବଂ ଏସଏମଏସ -୧ କାର୍ଯ୍ୟର ଉତ୍ପାଦକତା ସହିତ ମୂଲ୍ୟ ନିପୁଣତାରେ ସାମଗ୍ରିକ ବୃଦ୍ଧି ହୋଇଛି। ଉଲ୍ଲେଖନୀୟ ଯେ, ଏସଏମଏସ-୧ ଭାରତୀୟ ଇସ୍ପାତ ଶିଳ୍ପର ସବୁଠାରୁ ପୁରୁଣା ଓ ସବୁଠାରୁ ସମ୍ମାନଜନକ କନଭର୍ଟର ସପ୍ ମଧ୍ୟରୁ ଅନ୍ୟତମ। ୧୯୫୯ ମସିହାରେ କାର୍ଯ୍ୟକ୍ଷମ ହୋଇଥିବା ଏସଏମଏସ-୧ ଏସିଆର ପ୍ରଥମ ଏବଂ ବିଶ୍ୱରେ ଦ୍ୱିତୀୟ ଏଲଡି କନଭର୍ଟର ସପ ହେବାର ଅନନ୍ୟ ଗୌରବ ବହନ କରୁଛି। ସର୍ବନିମ୍ନ ସ୍ୱୟଂଚାଳିତତା ସତ୍ତ୍ୱେ ଏସଏମଏସ-୧ ବିଭାଗର ସିଜିଏମ ବି. ସୁନୀଲ କାର୍ଥାଙ୍କ ମାର୍ଗଦର୍ଶନରେ, ବିଭାଗ ଶୃଙ୍ଖଳିତ ଅଭ୍ୟାସ, ଦୃଢ଼ ପ୍ରକ୍ରିୟା ନିୟନ୍ତ୍ରଣ, ପ୍ରେରଣାଦାୟକ ଏବଂ ଉଚ୍ଚ ଦକ୍ଷ ମାନବସମ୍ବଳ ଦ୍ୱାରା ପରିଚାଳିତ ଅସାଧାରଣ କାର୍ଯ୍ୟକ୍ଷମ କ୍ଷମତା ପ୍ରଦର୍ଶନ କରିଚାଲିଛି।

ଜଗନ୍ନାଥ ମନ୍ଦିରର ୪୦ତମ ପ୍ରତିଷ୍ଠା ଉତ୍ସବ

ବ୍ରଜରାଜନଗର, ୧୫।୨(ସମିସ): ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୪୦ ତମ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ୧୩ ତାରିଖ କଳସ ସ୍ଥାପନ ତଥା ଶୁଭ ଅଧିବାସ କର୍ମ ହୋଇଥିଲା। ଶନିବାର ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ଆଜି ମହାଶିବରାତ୍ରିରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ସଂଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି ସମୟରେ ବହୁ ଶ୍ରଦ୍ଧାଳୁ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମାଗମ ଦେଖିବାକୁ ମିଳିଥିଲା। ବିଶ୍ୱଶାନ୍ତି ମହାଯଜ୍ଞରେ ଅରବିନ୍ଦ ବିୟ୍ୟାଲା ଓ ତାଙ୍କ ଧର୍ମପତ୍ନୀ ସିମା ବିୟ୍ୟାଲା କର୍ତ୍ତା ଭାବେ ରହିଥିଲେ। ପୁରୀରୁ ଆସିଥିବା ପଣ୍ଡିତ ଅଭିମନ୍ୟୁ ଷଡଙ୍ଗୀ, ଅନିଲ ପ୍ରିୟଦର୍ଶିନୀ ନନ୍ଦ ଓ କଳ୍ପତରୁ ଶତପଥୀଙ୍କ ବେଦମନ୍ତ୍ର ଉଚ୍ଚାରଣରେ ସହରରେ ଧାର୍ମିକ ଓ ଶାନ୍ତିର ବାତାବରଣ ସୃଷ୍ଟି କରିଥିଲା। ମନ୍ଦିର ପରିଚାଳନା କମିଟିର ଯୁଧିଷ୍ଠିର ନାୟକ, ଅର୍ଜୁନ ଧଳ, ଆର୍ତ୍ତତ୍ରାଣ ବେହେରା, ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମନ୍ଦିର ପୂଜକ ଶ୍ରୀଧର ଦାଶ, ଗଦାଧର ଦାଶ, ମୁରଲୀଧର ପଣ୍ଡା ଓ ମନ୍ଦିର ସେବକ ବୈକୁଣ୍ଠ ଘୋଷ ସମସ୍ତ ପୂଜା କାର୍ଯ୍ୟକୁ ପରିଚାଳନା କରିଥିଲେ।

ବ୍ଲକସ୍ତରୀୟ ଶିକ୍ଷକ ତାଲିମ ପ୍ରବୋଧନ ଆରମ୍ଭ



ପଦ୍ମପୁର, ୧୫।୨ (ସମିସ): ରାଜବୋଡାସମ୍ବର ବ୍ଲକରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ୨୦୨୫ ରୂପାୟନ ଉଦ୍ଦେଶ୍ୟରେ ପଞ୍ଚଦିବସୀୟ ବ୍ଲକ ସ୍ତରୀୟ ଶିକ୍ଷକ ତାଲିମ ପ୍ରବୋଧନ ମହୁଲପାଲି ଉଚ୍ଚ ବିଦ୍ୟାଳୟରେ ତାଲିମ କାର୍ଯ୍ୟକ୍ରମର କେନ୍ଦ୍ର ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଜବୋଡାସମ୍ବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ସାହୁ ଯୋଗ ଦେଇ ପ୍ରଶିକ୍ଷାର୍ଥୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପାଠ୍ୟକ୍ରମ ରୂପାୟନ, ଭାରତୀୟ ଜ୍ଞାନ ପରମ୍ପରା, ପାଠ୍ୟକ୍ରମ ରୂପରେଖ, ନୂତନ ପାଠ୍ୟ ପୁସ୍ତକର ବୈଶିଷ୍ଟ୍ୟ, ଶିକ୍ଷଣ ଶିକ୍ଷାଦାନର ପଞ୍ଚପଦୀ ପଦ୍ଧତି, ପଞ୍ଚକୋଷୀୟ ବିକାଶ ଓ ଅନୁଭୂତି ଓ ଦକ୍ଷତା ଆଧାରିତ ଶିଶୁକେନ୍ଦ୍ରିକ ଶିକ୍ଷା ଉପରେ ମାର୍ଗଦର୍ଶନ ଦେଇଥିଲେ। ତାଲିମ କାର୍ଯ୍ୟକ୍ରମ ସାଧନକର୍ମୀ ଭାବେ ନେତ୍ରାନନ୍ଦ ସାହୁ, ଗୋବର୍ଦ୍ଧନ ବରିହା, ଶେଷଦେବ ସାହୁ, ପ୍ରେମସାଗର ପଧାନ, ରାଜ ସାହୁ, ବିଜୟ ସାହୁ ପରିଚାଳନା କରୁଛନ୍ତି। ସୁରେନ୍ଦ୍ର ରଣା ପ୍ରଧାନଶିକ୍ଷକ, ମହୁଲପାଲି ଉଚ୍ଚ ବିଦ୍ୟାଳୟ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ପରିଚାଳନା ହେଉଛି।

ଘୁଘୁରାପାଲିରେ ଆମ୍ବେଦକର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଅମ୍ବାଭୋନା, ୧୫।୨(ସମିସ): ଅମ୍ବାଭୋନା ବ୍ଲକ ଅଧୀନ ଘୁଘୁରାପାଲି ଗାଁ ଠାରେ ସମ୍ବିଧାନ ନିର୍ମାତା ବାବାସାହେବ ଡ.ବି. ଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକରବାଦୀ ଟିକଚନ୍ଦ୍ର ଦେହେରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆମ୍ବେଦକର ଯୁବା ସଂଘ ବରଗଡ଼ର ପୁରନ୍ଦର ଭୋସାଗର, ଅଚ୍ୟୁତ ସର, ସାମପାଲି ଆମ୍ବେଦକର ଯୁବା ସଂଘର ସଭାପତି ପଦ୍ମନ ଦେହେରୀ, ଡ. ବିଆର୍ ଆମ୍ବେଦକର ୱେଲଫେୟାର ଟ୍ରଷ୍ଟର ବିମଳ କିଶୋର ନାଗ ଯୋଗ ଦେଇଥିଲେ। ବାବାସାହେବଙ୍କ ୧୩୫ତମ ଜନ୍ମ ଜୟନ୍ତୀ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳନ କରାଯାଇଥାଏ। ଏହି ଦୃଷ୍ଟିରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ସମ୍ଭବ ନ ହେବାରୁ ୧୯ ଏପ୍ରିଲ ରବିବାର ଦିନ ଜନ୍ମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ କରାଯିବାର ବୈଠକରେ ସ୍ଥିରୀକୃତ ହୋଇଛି। ସଭାରେ ଗାଁର ହେମନ୍ତରଣବୀର, ଅର୍ଜୁନ ଦେହେରୀ, ବୁଦ୍ଧଦେବ ମହାନନ୍ଦ, ନିଳକଣ୍ଠ ଦେହେରୀ, ପୂର୍ଣ୍ଣ ମହାନନ୍ଦ ପିଙ୍କୁ ଜାମଡୁଲିଆ, ଅଭିମନ୍ୟୁ ଛତର, ଚିରଞ୍ଜିତ ଛତର, ସୁରେଶ ମହାନନ୍ଦ, ନିରଞ୍ଜନକୁମ୍ଭାର ହରି ଦେହେରୀଙ୍କ ସମେତ ସମସ୍ତ ପଡ଼ାବାସୀ ଉପସ୍ଥିତ ଥିଲେ।

ମହାଶିବରାତ୍ରିରେ ଶୈବପୀଠରେ ପୂଜାର୍ଚ୍ଚନା

ଝାରସୁଗୁଡ଼ା, ୧୫।୨(ସମିସ): ମହାଶିବରାତ୍ରି ଅବସରରେ ଝାରସୁଗୁଡ଼ା ସ୍ଥିତ ଝାଡେଶ୍ୱର, ପାହାଡେଶ୍ୱର, ମୁକ୍ତେଶ୍ୱର ସହ ଅନ୍ୟାନ୍ୟ ଶୈବପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ସହ ପୂଜାର୍ଚ୍ଚନା ହୋଇଥିଲା। ସେହିପରି ଗ୍ରାମାଞ୍ଚଳରେ ଥିବା ସିଆଲରମା, ଧୁତରା, ଟାଳମାଳ, ନକ୍ସାପାଲି,



ସାରସମାଳର ଶିବମନ୍ଦିର ମାନଙ୍କରେ ଲୋକେ ନଡିଆ, ଫଳଫୁଲ ସହ ଜଳାଭିଷେକ କରୁଥିବା ଦେଖିବାକୁ ମିଳିଥିଲା। ବାଗଡ଼ିହି ସ୍ଥିତ ଭାରତର ଦ୍ୱିତୀୟ ମହାକାଳ ମନ୍ଦିର ରୂପେ ମହାକାଳ ମନ୍ଦିର ଠାରେ ପ୍ରଭାତରେ ଦୂରଦୂରାନ୍ତରୁ ଆସି ପହଞ୍ଚିଥିବା ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିଲା ଏବଂ ଭକ୍ତମାନେ ବିଧିବିଧାନ ଅନୁଯାୟୀ ଜଳାଭିଷେକ ଓ ପୂଜାଭିଷେକ କରିଥିଲେ। ଏହାସହ ବାଗଡ଼ିହିର ପ୍ରାଚୀନ ରାଧାକୃଷ୍ଣ ମନ୍ଦିରରେ ମଧ୍ୟ ଭକ୍ତମାନଙ୍କ ଦ୍ୱାରା ରୁଦ୍ରାଭିଷେକ ହୋଇଥିଲା। ମହାଶିବରାତ୍ରି ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମହାକାଳ ଭଗବାନ ଶଙ୍କରଙ୍କ ଦର୍ଶନ କରିଥିଲେ। ଏହାସହ ଅଞ୍ଚଳର ସମସ୍ତଙ୍କୁ ଶିବରାତ୍ରିର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

ଗମ୍ଭାରୀପାଲି ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ

ଅତାବିରା, ୧୫।୨(ସମିସ): ଅତାବିରା ବ୍ଲକ ଗମ୍ଭାରୀପାଲିସ୍ଥିତ ଶ୍ରୀଶ୍ରୀ ସୋମନାଥ ବାବା ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ବିଶ୍ୱନାଥ ମହାପାତ୍ର ସୋମନାଥ ବାବାଙ୍କର ପୂଜା କରିଥିଲେ। ସକାଳ ୧୦ଟା ସମୟରେ ବାବା ସୋମନାଥଙ୍କର ରୁଦ୍ରାଭିଷେକ ପୂଜା କରାଯାଇଥିଲା। ଜୟନ୍ତ କର୍ଣ୍ଣ ଓ ସସ୍ମିତା କର୍ଣ୍ଣ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଶାନ୍ତନ ମହାପାତ୍ର ଓ ପଣ୍ଡିତ ପୁରନ୍ଦର ପାଣିଗ୍ରାହୀ ରୁଦ୍ରାଭିଷେକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭକ୍ତ ମାନଙ୍କର ଲାଗି ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଓ ଗ୍ରାମବାସୀ ସାହାଯ୍ୟ ସହଯୋଗ କରିଥିଲେ। ରବିବାର ସୋମନାଥ ବାବାଙ୍କର ମହାଶିବରାତ୍ରି ଉତ୍ସବ ପାଳନ ହେବ।

ଅନିତ ଚକ୍ରବର୍ତ୍ତୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସମ୍ବଲପୁର ଚାମ୍ପିଅନ

ବ୍ରଜରାଜନଗର, ୧୫।୨(ସମିସ): ମହାବୀରନଗର ସ୍ଥିତ ଇଣ୍ଟିଗ୍ରିଟି କ୍ଲବ୍ ଦ୍ୱାରା ଆୟୋଜିତ ପ୍ରଥମ ଅନିତ ଚକ୍ରବର୍ତ୍ତୀ ମେମୋରିଆଲ ଅଖିଳ ଭାରତୀୟ ଟି-୨୦ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଖେଳ ରବିବାର ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ସ୍ୱର୍ଗତ ଅନିତ ଚକ୍ରବର୍ତ୍ତୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସଂଘର୍ଷମୟ ଜୀବନ ଓ ସମାଜ ପ୍ରତି ଅର୍ପିତ ମନୋଭାବ ଯୁବପିଢି ପାଇଁ ସଦା ପ୍ରେରଣାଦାୟକ ରହିବ ବୋଲି ସେ କହିଥିଲେ। ଏହି ଅବସରରେ ବ୍ରଜରାଜନଗର ନଗରପାଳ ଗୋପାଳକୃଷ୍ଣ ସିତାନୀ ମଧ୍ୟ ଉପସ୍ଥିତ ଥିଲେ। ଫାଇନାଲ୍ ମ୍ୟାଚ୍‌ରେ ବ୍ରଜରାଜନଗର ଏମ୍ବିଶନ୍ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭରରେ ୧୦୯ ରନ୍ କରିଥିଲା। ଜବାବରେ ସମ୍ବଲପୁର ଦଳ



୧୬ ଓଭରରେ ୫ଟି ୱିକେଟ୍ ହାରାଇ ଲକ୍ଷ୍ୟ ହାସଲ କରି ଫାଇନାଲର ବିଜୟୀ ହୋଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ବିଜେତା ସମ୍ବଲପୁର ଦଳକୁ ଟ୍ରଫି ଓ ୩୧ ହଜାର ଟଙ୍କାର ଚେକ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। କ୍ଲବ୍‌ର ସଭାପତି ଅଭିଷେକ ସିଂ, ଚନ୍ଦନ ଶ୍ରୀବାସ୍ତବ, ପ୍ରଦୀପ ମହାନ୍ତି, ରାକେଶ ଶ୍ରୀବାସ୍ତବ, ଭିକି ପାତ୍ର, କିସମତ ଅଲି, ଅବଦୁଲ ହୁସେନ ପ୍ରମୁଖ ଖେଳରେ ସହଯୋଗ କରିଥିଲେ ଏବଂ ଖେଳାଳି, ସ୍ୱେଚ୍ଛାସେବୀ, ଦର୍ଶକ ଓ ଅନ୍ୟାନ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଉଦ୍‌ଘାଟିତ



ଭେଡେନ, ୧୫।୨(ସମିସ): ଭେଡେନ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆପତକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାପାଇଁ ଏକ ନୂତନ ଆମ୍ବୁଲାନ୍ସ ଚାଲୁ ହୋଇଛି। ଭେଡେନ ହସ୍ପିଟାଲର ଇନଚାର୍ଜ ଡ.ସୁଧୀର ମେହେର ବରଗଡ଼ ଜିଲ୍ଲା ୧୦୮ ଆମ୍ବୁଲାନ୍ସର କ୍ଲଷ୍ଟରର ବୈରାଗୀ ଚରଣ ପସାୟତଙ୍କ ଉପସ୍ଥିତିରେ ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରିଥିଲେ। ଆମ୍ବୁଲାନ୍ସ ଚାଳକ ଝସକେତନ କଣ୍ଡା, ଫାର୍ମାସିଷ୍ଟ କ୍ଷୀରସିନ୍ଧୁ ନାଗ ଓ ସହଯୋଗୀ ସୂର୍ଯ୍ୟବନ୍ତ ଛୁରିଆ, ଜିତୁ ବନଛୋରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ପଶ୍ଚିମ ଓଡ଼ିଶାର ଅସ୍ମିତାର ପରିଚୟ ଧନୁଯାତ୍ରା

ବରଗଡ଼, ୧୫।୨(ସମିସ)

ବରଗଡ଼ ଜିଲ୍ଲାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଗୁରୁ ଭଗବାନ ମିଶ୍ର ସ୍ମୃତି ସମିତି ତରଫରୁ ଆଲୋଚନାଚକ୍ର 'ପଶ୍ଚିମ ଓଡ଼ିଶାର ଅନନ୍ୟ ଯାତ୍ରା: ଧନୁଯାତ୍ରା' ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ହିନ୍ଦୀ ବିଭାଗ) ପରିସର ମଧ୍ୟରେ ଆୟୋଜିତ ହୋଇଯାଇଛି। ସମିତିର ସଭାପତି ପ୍ରିତମ ସିଂଙ୍କ ଅଧ୍ୟକ୍ଷତାରେ ତଥା ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରଟି ଡ.ରବିନାରାୟଣ ସାହୁଙ୍କ ସଦ୍ୟ ପ୍ରକାଶିତ ପୁସ୍ତକ ଉପରେ ପର୍ଯ୍ୟବେସିତ ଥିଲା। ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଅଶୋକ ମହାପାତ୍ର ଓ ପଞ୍ଚାୟତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ.ଶେଷନ ବିଶି ପୁସ୍ତକର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ଉକ୍ତ ପୁସ୍ତକଟି ପାଠକଲେ ଜଣେ ପାଠକ ବରଗଡ଼ ତଥା ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଧନୁଯାତ୍ରା ବିଷୟରେ ଜ୍ଞାନ ଆହରଣ କରି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଧନୁଯାତ୍ରା କେବଳ ବରଗଡ଼ ନୁହେଁ ବରଂ ସମଗ୍ର ପଶ୍ଚିମ ଓଡ଼ିଶାର ଅସ୍ମିତାର ପରିଚୟ ବୋଲି ତାଙ୍କର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସରସରା ମହାବିଦ୍ୟାଳୟର ଅଧକ୍ଷ ଗୋପାଳକୃଷ୍ଣ ମିଶ୍ର



ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଆଲୋକରଞ୍ଜନ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପୁସ୍ତକର ରଚୟିତା ଡ.ରବିନାରାୟଣ ସାହୁ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ଓ ସମିତିର ସଂଯୋଜକ ଅଧ୍ୟାପକ ନବକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁପ୍ରଭା ସାମଲଙ୍କ ସମ୍ପାଦିତ ମହିଳା ପତ୍ରିକା 'ସୂର୍ଯ୍ୟସ୍ନାତ'ର ଚଳିତ ସଂଖ୍ୟା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସହରର ବହୁ ପ୍ରତିଷ୍ଠିତ ସାହିତ୍ୟିକଙ୍କ ମଧ୍ୟରୁ ରୋହିତ ଦାଶ, ମନୋରଞ୍ଜନ ମେହେର, ଦାମୋଦର ସାହୁ, ତୁଳସୀ ଚରଣ ଦାଶ, ଡ ଯଶବୀର ସିଂ, ଗୌରୀଶଙ୍କର ପଣ୍ଡା, ହୈମବତୀ ମିଶ୍ର, ତିଳକରାମ ପ୍ରଧାନ, ଦୟାନିଧି ମହାପାତ୍ର, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

ସିଆଇଆଇର କର୍ମଶାଳା ଉଦ୍‌ଘାଟିତ

ପୂର୍ବ ଭାରତର ପରବର୍ତ୍ତୀ ଗ୍ରୋଥ୍ ଇଞ୍ଜିନ ହେବ ସମ୍ବଲପୁର: ଧର୍ମେନ୍ଦ୍ର







ସମ୍ବଲପୁର, ୧୫।୨(ସମିସ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ସମ୍ବଲପୁରରେ 'ଡିଜିଟାଲ୍ ରୂପାନ୍ତର ଏବଂ ଦକ୍ଷତା ମାଧ୍ୟମରେ ବ୍ୟବସାୟକୁ ସଶକ୍ତ କରିବା' ଉପରେ ବିଭିନ୍ନ ପଦକ୍ଷେପ ଏବଂ କର୍ମଶାଳା ଉଦ୍‌ଘାଟିତ ହୋଇଛି। ହୀରାକୁଦସ୍ଥିତ ଇକୋ ରିଟ୍ରିଟ ରିସର୍ଟଠାରେ ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। କୋଇଲା, ଉର୍ଜା, ଶିକ୍ଷାନୁଷ୍ଠାନ ଏବଂ ସମୃଦ୍ଧ ଟେକ୍ସଟାଇଲ ପରମ୍ପରାର ସମନ୍ୱୟରେ ସମ୍ବଲପୁର ନୂତନ ଭାରତର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ପୂର୍ବ ଭାରତର ପରବର୍ତ୍ତୀ ଗ୍ରୋଥ୍ ଇଞ୍ଜିନ ଭାବେ ଉଭା ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଶିଳ୍ପ ନେତୃବୃନ୍ଦ, ନୀତି ନିର୍ମାତା, ଉଦ୍ୟୋଗୀ ଓ ଯୁବପିଢ଼ିଙ୍କୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା କ୍ଷେତ୍ରରେ ଶିଳ୍ପ-ନେତୃତ୍ୱାଧୀନ ଦକ୍ଷତା ବିକାଶ ଓ ଉଦ୍ଭାବନର ମହତ୍ୱକୁ ଆଲୋକପାତ କରିଛନ୍ତି। ଶିକ୍ଷା ଓ ସଶକ୍ତିକରଣ ମଧ୍ୟରେ ରହିଥିବା ସଂଯୋଗକୁ ସୁଦୃଢ଼ କରିବା ଦ୍ୱାରା ତାହା ପଶ୍ଚିମ ଓଡ଼ିଶାରେ ଯୁବପିଢ଼ିଙ୍କୁ ସଶକ୍ତ କରିବ ଏବଂ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ଫସଲ, ମତ୍ସ୍ୟଚାଷ ଓ ଦୁଗ୍ଧ ଜାତୀୟ ସାମଗ୍ରୀ ଜୀବିକା ପ୍ରଣାଳୀର ବଜାର-ନେତୃତ୍ୱାଧୀନ ପରିବର୍ତ୍ତନ ପାଇଁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଡ଼ିଶା ୟୁନିଭର୍ସିଟି ଅଫ୍ ଆଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି) ଏବଂ ସିଆଇଆଇ ଫୁଡ୍ ଆଣ୍ଡ ଆଗ୍ରିକଲ୍‌ଚର ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏଫଏସିଇ) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

କୃଷି, ମତ୍ସ୍ୟ ଏବଂ ଦୁଗ୍ଧ ଜୀବିକା ପ୍ରଣାଳୀର ବଜାରଭିତ୍ତିକ ରୂପାନ୍ତରଣ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନର୍ଜୀ ଆଞ୍ଚଳିକ ଶିଳ୍ପ ଇକୋସିଷ୍ଟମକୁ ମଜବୁତ କରିବା ପାଇଁ ଏମଏସଏମଇଗୁଡ଼ିକ ସହିତ ବୃହତ ଶିଳ୍ପଗୁଡ଼ିକୁ ସଂଯୋଗ କରିବାର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସିଆଇଆଇ ୱେଷ୍ଟ ଓଡ଼ିଶା ଜୋନାଲ କାଉନ୍ସିଲର ଅଧ୍ୟକ୍ଷ ଏବଂ ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡର ଅଧ୍ୟକ୍ଷ ଓ ପୂର୍ଣ୍ଣକାଳିନ ନିର୍ଦ୍ଦେଶକ ଅନୀଲ କୁମାର ସିଂହ ଉପସ୍ଥିତି ପ୍ରତିନିଧି ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ସମୟରେ ୫୦ ଜଣ ହିତାଧିକାରୀଙ୍କୁ ନିଯୁକ୍ତିପତ୍ର ବିତରଣ କରାଯାଇଥିଲା। ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନର୍ଜୀଙ୍କ ଯୋଗାଯୋଗ ଅଧିବେଶନରେ ସେ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ।

■ **ଓଁ ନମଃ ଶିବାୟ ଧ୍ୱନିରେ କମ୍ପିଲା ଶୈବପୀଠ**

ଅଖଣ୍ଡ ଦୀପ ଜାଳି ଉଜାଗର ରହିଲେ ଶ୍ରଦ୍ଧାଳୁ

ସମ୍ବଲପୁର, ୧୫ ।୨(ସମିସ): ମହାଶିବରାତ୍ରି ପାଇଁ ସକାଳୁ ସମ୍ବଲପୁରର ବିଭିନ୍ନ ଶିବାଳୟ ଚଳଚଞ୍ଚଳ ହୋଇଉଠିଥିଲା। ଓଁ ନମଃ ଶିବାୟ ଧ୍ୱନିରେ ସମସ୍ତ ଶୈବପୀଠ ପ୍ରକମ୍ପିତ ହୋଇଥିଲା। ସକାଳ ଦର୍ଶନ ପାଇଁ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାତିରେ ଅଖଣ୍ଡ ଜାଗର ଜାଳି ଭକ୍ତମାନେ ଉଜାଗର ରହିଥିଲେ। ଶିବରାତ୍ରି ପାଇଁ ବିଭିନ୍ନ ସ୍ଥାନରେ ଭଜନ ଓ କିର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମ୍ବଲପୁର ଜିଲ୍ଲାର ଅଷ୍ଟଶମ୍ଭୁ ମନ୍ଦିର ମଧ୍ୟରୁ ଅନ୍ୟତମ ମାଳତୀ ଯୋର କୂଳରେ ଥିବା ମାନେଶ୍ୱରର ମାନ୍ଧାତା ବାବା ପୀଠରେ ଥିବା ପୋଖରୀର କଇଁଛମାନଙ୍କୁ ଭକ୍ତମାନେ ଖାଦ୍ୟ ଦେଉଥିବା ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟତମ ଅଷ୍ଟଶମ୍ଭୁ ପୀଠ ହୁମା ସ୍ଥିତ ବିମଳେଶ୍ୱର ମହାଦେବଙ୍କ ପୀଠରେ ହଜାର ସଂଖ୍ୟାରେ ଥିବା କୁଡ଼ୋ ମାଛମାନଙ୍କୁ ଶ୍ରଦ୍ଧାଳୁମାନେ ଲଡୁ ଖାଇବାକୁ ଦେଇଥିଲେ। ସମ୍ବଲପୁର ସହରର ଝାଡ଼ୁଆପଡ଼ା ସ୍ଥିତ ଲୋକନାଥ ମନ୍ଦିର ପରିସରରେ ମହାଶିବରାତ୍ରି ଉପଲକ୍ଷେ ତ୍ରିଦିବସୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେହିଭଳି ସମ୍ବଲପୁରର ବାଲିବନ୍ଧାର ସୋମନାଥ, ବୁଢ଼ାରଜାର କୋଶଳେଶ୍ୱର, ଯୁଯୁମୁରାର ହାତିବାରୀରେ



କଙ୍କେଶ୍ୱର, ବଡ଼ରମାର ମୁକ୍ତେଶ୍ୱର, ବୁର୍ଲାର ଈଶାନେଶ୍ୱର, ମଦଲିଆର ଗୁଡ଼େଶ୍ୱର, ମୁଦିପଡ଼ାର ଜାଗେଶ୍ୱର, ଫାଟକର ମହାକାଳେଶ୍ୱର, ଉତ୍ରାର ସ୍ୱପ୍ନେଶ୍ୱର, ଧନକଉଡ଼ାର ଚନ୍ଦ୍ରଶେଖର, ପଡ଼ିଆବାହାଲର ନୀଳକଣ୍ଠେଶ୍ୱର, ଝାଡ଼ୁଆପଡ଼ାର ଲୋକନାଥ, ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱର, ଗେଇଟୀରୋଡ଼ ଗୁଡ଼ିଆଲି ବନ୍ଧର ଭୁବନେଶ୍ୱର, ବଡ଼ବଜାରର ଶୀତଳେଶ୍ୱର, ମ୍ୟୁନିସିପାଲଟି ଛକର ଗୁପ୍ତେଶ୍ୱର, ଜିଲ୍ଲାସ୍କୁଲ ଛକର ବିଶ୍ୱନାଥ, ପୁଲିସ ଲାଇନର ବିଶ୍ୱେଶ୍ୱର ପ୍ରଭୃତି ଶୈବପୀଠଗୁଡ଼ିକ ମଧ୍ୟ ମହାଶିବରାତ୍ରି ପାଇଁ ଚଳଚଳ ହୋଇଉଠିଥିଲା। ମହାଦୀପ ଉଠିବା ପର୍ଯ୍ୟନ୍ତ ଏଠାରେ ଭକ୍ତମାନେ ଜାଗରଦୀପ ଜାଳି ଅପେକ୍ଷା କରିଥିଲେ।

ସମ୍ବଲପୁର ସିଟି ଗାର୍ଡେନ ପ୍ରତିଯୋଗିତାରେ ଏମ୍ସ ପ୍ରଥମ



ସମ୍ବଲପୁର, ୧୫।୨(ସମିସ): ସମ୍ବଲପୁର ସହର ସୌନ୍ଦର୍ଯ୍ୟକରଣ ଏବଂ ପରିବେଶ ସୁରକ୍ଷା ପାଇଁ ଆୟୋଜିତ ସମ୍ବଲପୁର ସିଟି ଗାର୍ଡେନ ପ୍ରତିଯୋଗିତାରେ ସ୍ଥାନୀୟ ଏମ୍ସ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପ୍ରଥମ ପୁରସ୍କାର ଲାଭ କରିଛି। କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ 'ବୃହତ ଅନୁଷ୍ଠାନ' ବର୍ଗରେ ଏମ୍ସ କଲେଜ ଶ୍ରେଷ୍ଠ ବିବେଚିତ ହୋଇଛି। ସୂଚନାଯୋଗ୍ୟ, ଏମ୍ସ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଗତ ୧୬ ବର୍ଷ ଧରି ନିଜର ସମସ୍ତ କ୍ୟାମ୍ପସରେ ସୁନ୍ଦର ଫୁଲ ବଗିଚା କରି ପରିବେଶକୁ ସବୁଜ ସୁନ୍ଦର କରି ରଖିବାର ପରମ୍ପରା ଜାରି ରଖିଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହି ଅନୁଷ୍ଠାନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କଲେଜର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ଉଚ୍ଚ ଶ୍ରେଣୀର ରେଜଲ୍ଟ କରିବା ସହ ବିଜ୍ଞାନ ବିଭାଗରେ ପଶ୍ଚିମ ଓଡ଼ିଶା ଟପ୍ପର ହେବାର ଗୌରବମୟ ରେକର୍ଡ ମଧ୍ୟ ବଜାୟ ରଖିଛନ୍ତି। ପାନ୍ଥନିବାସ ସ୍ଥିତ ଭିଏସଏସ ହଲ୍‌ଠାରେ ଅନୁଷ୍ଠିତ ଏହି ଉତ୍ସବରେ କଲେଜ କର୍ତ୍ତୃପକ୍ଷଙ୍କୁ ପୁରସ୍କୃତ କରାଯାଇଛି। ଏହି ସଫଳତା ପାଇଁ ଅନୁଷ୍ଠାନର ସମ୍ପାଦକ ଶ୍ରୀନିବାସ ପାତ୍ର, ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର, ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ. ଅବିନାଶ ମିଶ୍ର ଏବଂ ଅଧ୍ୟକ୍ଷ ଅଭିଜିତ ବାବୁଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଖୁସିବ୍ୟକ୍ତ କରିଛନ୍ତି।

ମହାଶିବରାତ୍ରି ପାଇଁ ଶିବାଳୟ ଚଳଚଞ୍ଚଳ

କୁଚିଣ୍ଡା, ୧୫।୨(ସମିସ): କୁଚିଣ୍ଡା ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠ ରବିବାର ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି। ଝୁଲେନ ପୋଲ ନିକଟସ୍ଥ ଶ୍ମଶାନ ପାଖରେ ଥିବା ବିଶେଶ୍ୱର ମହାଦେବ, କୁଣ୍ଡାପୋଷି ବାବା କୁଣ୍ଡେଶ୍ୱର, ସିଙ୍ଗଲପୋଷୀର ବାବା ସ୍ୱପ୍ନେଶ୍ୱର, କିରାଶାସନର ପ୍ରସିଦ୍ଧ ଶୈବ ପୀଠ, ରାଜା ରାଜୁଡା ସମୟର ଶଗଡ଼େଶ୍ୱର, ଜୟପୁର ଗଡ଼ର ଶୈବ ପୀଠ, ପତ୍ରାପାଲିର ଚୈତ୍ରଶ୍ୱର, ବକ୍ସମା, ଶ୍ରଦ୍ଧାପାଲି, ସୁବର୍ଣ୍ଣପାଲି, ପାନପାଲି ସହ ଅଞ୍ଚଳର ସମସ୍ତ ଶୈବ ପୀଠରେ ଭୋରୁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। କୁଣ୍ଡାପୋଷି ଶିବ ମନ୍ଦିରରେ ଜାଗର ଜାଳୁଥିବା ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ମନ୍ଦିର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଝୁଲେନ ପୋଲ ସ୍ଥିତ ଶ୍ମଶାନ ନିକଟସ୍ଥ ସର୍ବପୁରାତନ ଶିବ ମନ୍ଦିରରେ ମଧ୍ୟ ପୂଜା କମିଟି ପକ୍ଷରୁ ନିର୍ବିଘ୍ନରେ ଦୀପଜାଳି ଉଜାଗର ରହିବାକୁ ଥିବା ବ୍ରତଧାରୀଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ସବୁ ଶୈବପୀଠ ମାନଙ୍କରେ ମଧ୍ୟ ରାତ୍ରିରେ ମହାଦୀପ ଉଠିବାର ପ୍ରସ୍ତାବ ରଖିଛନ୍ତି ପୂଜା କମିଟି।



ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି

ଜମନକିରା, ୧୫।୨(ସମିସ): ଜମନକିରା ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିର ସହ ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଛି। ଜମନକିରା ମୁକ୍ତେଶ୍ୱର ମନ୍ଦିରରେ ଭୋରରୁ ସମସ୍ତ ରୀତିନୀତି ପରେ ସନ୍ଧ୍ୟା ୬ଟାରେ ପ୍ରଥମ ପ୍ରହର ପୂଜା ହୋଇଥିଲା। ପ୍ରଥମ ପ୍ରହର ପରେ ସମସ୍ତ ଉପାସ ଧାରି ନିଜ ନିଜ ଦୀପ ଜଳାଇଥିଲେ। ସେହିପରି ବାବା ଶଗଡ଼େଶ୍ୱର, ଅର୍ଜୁନେଶ୍ୱର, ବାବା ଗଙ୍ଗେଶ୍ୱର, ବାବା ଦେବେଶ୍ୱର, ବାବା ଭୂତେଶ୍ୱର ପ୍ରଭୃତି ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି ସହ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ପ୍ରହର ପରେ ବେଢ଼ା ପରିକ୍ରମା କରି ମହାଦୀପ ମନ୍ଦିରକୁ ଉଠିଥିଲା। ଜୟ ଶ୍ରୀ ରାମ କୃଷ୍ଣ ଗୁରୁ ଭଜନ ମଣ୍ଡଳୀ ତଲାବିରା ଓ କଟକର ସୁମି ଡେନ୍ସ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁକ୍ତେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ପିକେ କନ୍‌ପାନ, ସମ୍ପାଦକ ସାଲେକରାମ ପଧାନ, ରମେଶ ସାହୁ, ଆଦି ପ୍ରସାଦ ମହାକୁଲ, ମାନ ଭଞ୍ଜନ ମେହେର, ଅଶୋକ ମେହେର, ରାଜୁ କେଡିଆ, ନରେଶ କୁମାର ଅଗ୍ରୱାଲ, ଗୋଲକ ପ୍ରଧାନ, ରିଙ୍କୁ ସାହୁ, ସୁରଜ ପଟେଲ ସହଯୋଗ କରିଥିଲେ। ଆଜି ମୁକ୍ତେଶ୍ୱର ମନ୍ଦିରରେ ମୁଖ୍ୟ ପୂଜକ ଭାବରେ ଶ୍ୟାମ ସୁନ୍ଦର ମହାପାତ୍ର, ଶ୍ରଦ୍ଧାକର ମହାପାତ୍ର, ମାଧମ ମହାପାତ୍ର, ଅଜିତ ମହାପାତ୍ର, ଅଲେଖ ମହାପାତ୍ର, ବିନୋଦ ମହାପାତ୍ର, ରୁଦ୍ର ମହାପାତ୍ର ପୂଜାରେ ସହଯୋଗ କରିଥିଲେ।



ରେଢ଼ାଖୋଲରେ ମହାଶିବରାତ୍ରି



ରେଢ଼ାଖୋଲ, ୧୫।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଏବଂ ବ୍ଲକ ଅନ୍ତର୍ଗତ ୧୪ ଗୋଟି ଗ୍ରାମପଞ୍ଚାୟତର ପ୍ରତ୍ୟେକ ଗାଁ ଶିବ ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ରେଢ଼ାଖୋଲର ବାବା କାଶୀ ବିଶ୍ୱନାଥ, ଦେହୁରୀସାହି ଶୈବ ପୀଠ, ଖନ୍ଦାଡ଼ିପ ସ୍ଥିତ ବୃନ୍ଦାବନ ବିହାର ଶୈବ ପୀଠ, ଚାରମାଳ ସ୍ଥିତ ଖୁବେଲ ଗ୍ରାମର ବାବା କପିଳେଶ୍ୱର ମନ୍ଦିର, କଦଳିଗଡ଼ ଗ୍ରାମର ଶିବ ମନ୍ଦିର, ଖୁଲଗଡ଼ ଶୈବ ପୀଠ ସମେତ ବିଭିନ୍ନ ଗ୍ରାମର ଶୈବପୀଠ ଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଥିଲା। ମଧ୍ୟରାତ୍ରିରେ ମହାଦୀପ ମନ୍ଦିର ଉପରକୁ ଚଢ଼ି ସରିବା ପରେ ଭକ୍ତମାନେ ନିର୍ଜଳା ଉପବାସ ଭଙ୍ଗ କରିଥିଲେ।

ମା' ଝାଡେଶ୍ୱରୀ କଲେଜର ୨ ଦିନିଆ ଶିବିର



ସମ୍ବଲପୁର, ୧୫।୨ (ସମିସ): ଜାଗରମେଳାଠାରୁ ସାତ ଦିନ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ପ୍ରସିଦ୍ଧ ହୁମା ମେଳା ପରିପ୍ରେକ୍ଷୀରେ ଧମା ସ୍ଥିତ ମା' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ଦୁଇଦିନିଆ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମେଳା କମିଟିର ସଭାପତି ସୁଜିତ କୁମାର ସାହୁ, ସମ୍ପାଦକ ଅନିଲ ଦାଶ, ଧମା ଥାନା ଅଧିକାରୀ ମମତା ମିଶ୍ର ଏବଂ ବିଦ୍ୟାଳୟର ପୂର୍ବତନ ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ମହାପାତ୍ର ଅତିଥି ଭାବରେ ଯୋଗଦେଇଥିଲେ। ସଭାରେ ପରମାନନ୍ଦ ସେଠି, ରମେଶ ପ୍ରଧାନ, ସୁରେଶ ଷଡଙ୍ଗୀ, ରାଧାକୃଷ୍ଣ ପଣ୍ଡା ମହେନ୍ଦ୍ର ଦେଓ, ଗୋବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର ସଭାକାର୍ଯ୍ୟ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଏନ୍‌ଏଲ୍‌ସିର ଆରପିଡିଏସି ବୈଠକ



ସମ୍ବଲପୁର, ୧୫।୨(ସମିସ): ସ୍ଥାନୀୟ ରାଜସ୍ୱ ଉତ୍ତରାଞ୍ଚଳ ବିଭାଗ ସମ୍ମିଳନୀ କକ୍ଷରେ ଆଜି ଏନ୍‌ଏଲସି ଇଣ୍ଡିଆ ଲିମିଟେଡର ତଲାବିରା ସମ୍ବନ୍ଧୀୟ ପୁନର୍ବାସ ଏବଂ ପରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ସମିତି (ଆରପିଡିଏସି)ର ତୃତୀୟ ବୈଠକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି ସଭାରେ ଦ୍ୱିତୀୟ ଆରପିଡିଏସି ବୈଠକର ସୁପାରିଶଗୁଡ଼ିକ ଉପରେ ଗୃହୀତ କାର୍ଯ୍ୟ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ସ୍ଥାନୀୟ ଲୋକଙ୍କ ସମସ୍ୟା, ପୁନର୍ବାସନ, ପୁନସ୍ଥାପନ, ଜୀବିକା ସୁନିଶ୍ଚିତକରଣ ଓ ପାରିପାର୍ଶ୍ୱିକ ଅଞ୍ଚଳର ସମଗ୍ର ଉନ୍ନତି, ପ୍ରକଳ୍ପ କାର୍ଯ୍ୟ ନିଷ୍ପାଦନ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। କମ୍ପାନୀ ପକ୍ଷରୁ ତଲାବିରା ପ୍ରକଳ୍ପ ସମ୍ବନ୍ଧୀୟ ପୁନର୍ବାସ ଓ ଅଞ୍ଚଳ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ରିପୋର୍ଟ ଉପସ୍ଥାପନ ହୋଇଥିଲା। ପ୍ରଭାବିତ ପରିବାରମାନଙ୍କ ସୁବିଧା, ମୌଳିକ ସେବା, ଶିକ୍ଷା, ରୋଜଗାର ସୁଯୋଗ ଓ ସାମାଜିକ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ସମସ୍ୟାର ଯଥାସମୟରେ ସମାଧାନ ପାଇଁ ପ୍ରଶାସନ ଓ ସଂସ୍ଥା ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଥିଲା।

ଏମ୍‌ସିଏଲ୍ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍‌ର ଶୁଭାରମ୍ଭ

'୨୦୩୬ ଅଲିମ୍ପିକ୍ସ ପାଇଁ ୨୦୨୬ରୁ ପ୍ରୟାସ ଆରମ୍ଭ କରିବାକୁ ହେବ'

ସମ୍ବଲପୁର, ୧୫।୨(ସମିସ)

ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଆମକୁ ୨୦୨୬ରୁ ହିଁ ଏପରି ପ୍ରୟାସ କରିବାକୁ ହେବ ଯେପରି ସମ୍ବଲପୁର ଏବଂ ଓଡ଼ିଶାର ପ୍ରତିଭାବାନ ପିଲାମାନେ ବିଶ୍ୱସ୍ତରରେ ମେଡାଲ ଜିତିବେ। ରବିବାର ସମ୍ବଲପୁରରେ ଐତିହାସିକ ହୀରାକୁଦଠାରେ ଏମସିଏଲ୍ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏମସିଏଲ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍ ୨୦୨୬ର ଉଦ୍‌ଘାଟନ କରି ଏପରି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ହୀରାକୁଦର ସୁଉଚ୍ଚ ମାଟି ବନ୍ଧ ଉପରେ ଆୟୋଜିତ ଏହି ଭବ୍ୟ ମାରାଥନରେ ଚଳିତ ବର୍ଷ ଓଡ଼ିଶା ସମେତ ଦେଶ-ବିଦେଶରୁ ୧୦ ହଜାରରୁ ଅଧିକ କ୍ରୀଡ଼ାବିତ୍ ଓ ଯୁବସାଥୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ମୁଖ୍ୟତଃ ୨୧ କିମି, ୧୦ କିମି, ୫ କିମି ଏବଂ ୧.୫ କିମି ଭଳି ଚାରୋଟି ଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲା। କୃତି ପ୍ରତିଭାଙ୍କୁ ଅତିଥିମାନେ ପ୍ରାୟ ୫୫ ଲକ୍ଷ ଟଙ୍କାର ଆର୍ଥ ରାଶି ପୁରସ୍କୃତ କରିଥିଲେ।

ମାରାଥନରେ ଭାଗନେଲେ ଓଡ଼ିଶା ସମେତ ଦେଶ, ବିଦେଶର ୧୦ ହଜାର ଧାବକ

ହୀରାକୁଦ ଆନ୍ତର୍ଜାତୀୟ ହାଫ୍ ମାରାଥନ୍ ସ୍ପୋର୍ଟ୍ସ ମ୍ୟାନ ସ୍ପିରିଟକୁ ପ୍ରଦର୍ଶିତ କରୁଛି

ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ



ଏହି ମାରାଥନରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରତିଯୋଗୀମାନେ ସାମିଲ ହୋଇଥିଲେ। ରାଜ୍ୟ ବାହାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ଛତିଶଗଡ଼, ବିହାର, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ହରିୟାଣା, ରାଜସ୍ଥାନ, ମଧ୍ୟ ପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ, ଆସାମ, ଉତ୍ତରାଖଣ୍ଡ, କେରଳ, ତାମିଲନାଡୁ, ମେଘାଳୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଜମ୍ମୁ ଓ କାଶ୍ମୀରରୁ ଧାବକ ସାମିଲ ହୋଇଥିଲେ। ଆନ୍ତର୍ଜାତୀୟସ୍ତରରେ ଏହି ମାରାଥନର କେନିଆ, ଇଥିଓପିଆ, ନାଇଜେରିଆ, ନେପାଳ, ଶ୍ରୀଲଙ୍କା, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ ଏବଂ ସିରିଆ ଭଳି ବିଦେଶୀ ରାଷ୍ଟ୍ରର ଧାବକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଜୟ ନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ମହାନ୍ତି, ଅଗସ୍ତି ବେହେରା, ଟଙ୍କଧର ତ୍ରିପାଠୀ, ସୁଦର୍ଶନ ହରିପାଲଙ୍କ ସମେତ ପଦ୍ମଶ୍ରୀ ବିଜେତା ଏବଂ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ମହିଳା ବର୍ଗରେ ସୋନିକା ଏବଂ ପୁରୁଷ ବର୍ଗରେ ପଞ୍ଚାନନ ବେରା ହାଫ ମାରାଥନର ପ୍ରଥମ ସ୍ଥାନ ହାସଲ କରି ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପାଇଥିଲେ। ୨୧ କିଲୋମିଟରରେ ଭାରତୀ ଦ୍ୱିତୀୟ, ଶମ୍ପା ଗେନ ତୃତୀୟ, ନାଇଜେରିଆର ସାରୋନ ମୋଲ୍ଲା ୟିଗଜା ଚତୁର୍ଥ ଓ କେଏମ ଜ୍ୟୋତି ପଞ୍ଚମ ସ୍ଥାନ ହାସଲ କରିଥିଲେ। ସେହିପରି ପୁରୁଷ ବର୍ଗରେ ନାଇଜେରିଆର ନଗାଙ୍ଗ ଜର୍ଜ ଦ୍ୱିତୀୟ, ଶୈଳେଶ ଖୁସୱା ତୃତୀୟ, ସୁନୀଲ ଜିନାଭାଇ ଚତୁର୍ଥ ଓ ଶୁଭମ ସିନ୍ଧୁ ପଞ୍ଚମ ସ୍ଥାନ ହାସଲ କରିଥିଲେ। ୧୦ କିଲୋମିଟର ମହିଳା ବର୍ଗରେ ଅଞ୍ଜୁ ପ୍ରଥମ, ପୂଜା ବର୍ମା ଦ୍ୱିତୀୟ, ମିତାଲି ତୃତୀୟ, ରୁବି ଚତୁର୍ଥ ଓ ନେହା ପଟେଲ ପଞ୍ଚମ ସ୍ଥାନ ହାସଲ କରିଥିଲେ। ୧୦ କିମି ପୁରୁଷ ବର୍ଗରେ ଗୌରବ ପ୍ରଥମ, ମୋନୁ କୁମାର ୨ୟ, ଲୋକେଶ ଚୌଧୁରୀ ୩ୟ, ରବି ଚୌଧୁରୀ ୪ର୍ଥ ଓ ଅଙ୍କିତ ୫ମ ସ୍ଥାନ ହାସଲ କରିଥିଲେ। ସେହିପରି ୫ କିଲୋମିଟର ଦୌଡରେ ମହିଳା ବର୍ଗରେ ଭାରତୀ ନୈନ ପ୍ରଥମ, ରାଜେଶ୍ୱରୀ ଦ୍ୱିତୀୟ, ଭଗବତୀ ୩ୟ, ସୁଷମା ୪ର୍ଥ ଓ ନିଶା କୁମାରୀ ପ୍ରଥମ ହୋଇଥିଲେ। ପୁରୁଷ ବର୍ଗରେ ଚନ୍ଦେରପାଲ ପ୍ରଥମ, ପ୍ରକାଶ ୨ୟ, ସାଉଦ ୩ୟ, ଅମନ ୪ର୍ଥ ଓ ବବଲୁ ପଞ୍ଚମ ସ୍ଥାନ ହାସଲ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।



ଭୁବନେଶ୍ୱର ସିଟି



ଭୁବନେଶ୍ୱର,୧୫।୨(ସମିସ):


ନିର୍ଦ୍ଧାରିତ ନୀତି ପୂର୍ବରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଛି। ରାତି ୧୦ଟାରେ ମହାଦୀପ ଉଠିବାକୁ ଥିବାବେଳେ ରାତି ୮.୩୦ରେ ଲିଙ୍ଗରାଜଙ୍କ ମହାଦୀପ ଉଠିଛି। ଯାହାଫଳରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିବା ସହ ଓଁ ନମଃ ଶିବାୟମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସାରା ଏକାମ୍ର କ୍ଷେତ୍ର। ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ରହିଥିଲା ଏକାମ୍ର କ୍ଷେତ୍ର। ରାତି ୧୦ଟାରେ ମହାଦୀପ ଉଠିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଦିନ ତମାମ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭୋର୍ ୩ଟାରୁ ନୀତିକାନ୍ତି ଆରମ୍ଭ ହୋଇଥିବାବେଳେ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରାୟ ଦେଢ଼ ଘଣ୍ଟା ବ୍ୟବଧାନରେ ମହାଦୀପ ମନ୍ଦିର ଉପରକୁ ଉଠିଥିଲା।

ଓମ୍ ନମଃ ଶିବାୟରେ ଗୁଞ୍ଜରିତ ହେଲା ଏକାମ୍ର କ୍ଷେତ୍ର

ରାତି ସାଢ଼େ ୮ଟାରେ ଉଠିଲା ଲିଙ୍ଗରାଜଙ୍କ ମହାଦୀପ

ଆରାଧନା ଓ ଉପାସନାରେ ଭକ୍ତମାନେ ଜାଗର ପର୍ବକୁ ପାଳନ କରିଛନ୍ତି। ଏହି ଅବସରରେ ଓଁ ନମଃ ଶିବାୟ ପଞ୍ଚାକ୍ଷର ମନ୍ତ୍ରରେ ଗୁଞ୍ଜରିତ ହୋଇଥିଲା ଏକାମ୍ର କ୍ଷେତ୍ର। ଛୋଟରୁ ବଡ଼ ସମସ୍ତେ ହର ହର ମହାଦେବ ଓ ଜୟ ଶିବଶମ୍ଭୁ ମନ୍ତ୍ରକୁ ଉଚ୍ଚାରଣ କରୁଥିଲେ। କିଏ ନମଃ ପାର୍ବତୀ ପତି ହର ହର ମହାଦେବ ଧ୍ୱନୀ ଉଚ୍ଚାରଣ କରିଥିଲେ ତ ଆଉ କିଏ ଜୟ ଜୟ କୈଳାସବାସୀ ନାମକୁ ବାରମ୍ବାର ଗୁଞ୍ଜରିତ ହେଉଥିଲେ। ମହାଶିବରାତ୍ରୀ ପର୍ବ ଅବସରରେ ଏକାମ୍ର କ୍ଷେତ୍ରକୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥିଲା। ଏକାମ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଭକ୍ତମାନେ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପାଇଁ ରାତି ୨ଟାରୁ ଧାଡ଼ିରେ ଠିଆ ହୋଇଥିଲେ। କିଏ ହାତରେ ଲିଙ୍ଗରାଜଙ୍କ ପାଇଁ କେତକୀ ଫୁଲ ଧରିଥିଲା ତ ଆଉ କିଏ ଦୁଦୁରା, କିଆ ସହିତ ବେଲପତ୍ର, କ୍ଷୀର ଧରି ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ଲିଙ୍ଗରାଜ ମନ୍ଦିରରେ ନୂଆ ନୀତି ଅନୁଯାୟୀ ରବିବାର ରାତି ୩ଟାରୁ ସାଢ଼େ ୩ଟା ମଧ୍ୟରେ ମନ୍ଦିର ପହୁଡ଼ ଖୋଲି ମଙ୍ଗଳ ଆଳତି ଓ ଅବକାଶ ହୋଇ ସାହଣମେଲା ଦର୍ଶନ ଭୋର୍ ସାଢ଼େ ୩ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ରାତି ସାଢ଼େ ୮ଟାରେ ମହାଦୀପ ଉଠିଥିଲା।

ଆରାଧନା ଓ ଉପାସନାରେ ପାଳିଲେ ଜାଗର ପର୍ବ





ଦେଢ଼ ଘଣ୍ଟା ପୂର୍ବରୁ ଉଠିଲା ମହାଦୀପ



■ ଭିଡ଼ରେ ଉଛୁଳିଲା ଲିଙ୍ଗରାଜ ମନ୍ଦିର

ମହାଶିବରାତ୍ରୀ ଅବସରରେ ଲିଙ୍ଗରାଜ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାଶିବରାତ୍ରୀ ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏକାମ୍ର କ୍ଷେତ୍ରକୁ ସୁଅ ଲଗାଇଥିଲେ। ଗତ ଶନିବାର ରାତିରୁ ଏକାମ୍ର କ୍ଷେତ୍ରରେ ଭକ୍ତଙ୍କ ଗହଳି ଲାଗିରହିଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଭକ୍ତମାନେ ଏକାମ୍ର କ୍ଷେତ୍ରରେ ରହିଥିବା ବିଭିନ୍ନ ମଠ ଓ ମନ୍ଦିରରେ ରହିଥିଲେ। ଭକ୍ତମାନଙ୍କୁ ଖରାରୁ ସୁରକ୍ଷା ଦେବା ପାଇଁ ଟେଣ୍ଟ ସହିତ ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯାଇଥିଲା। ଏଥିସହିତ କିଛି ଭକ୍ତ ଧାଡ଼ି ଦର୍ଶନ ବ୍ୟବସ୍ଥା ଉପରେ ଅଭିଯୋଗ କରିଛନ୍ତି। ଭକ୍ତମାନେ କହିଛନ୍ତି କି ଭିଆଇପି ଓ ଅନ୍ୟ ଅଧିକାରୀଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯାହା ଫଳରେ ସାଧାରଣ ଲୋକେ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

■ ସେବାୟତ ଓ ପୁଲିସ ମଧ୍ୟରେ ଯୁକ୍ତିତର୍କ

ମହାଶିବରାତ୍ରୀ ପାଇଁ ଚାରିଆଡ଼େ ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ପୁଣି ଲିଙ୍ଗରାଜ ମନ୍ଦିରରେ ସେବାୟତ ପୁଲିସ ମୁହାଁମୁହିଁ ହୋଇଥିବାର ଦେଖିବାକୁ ମିଳିଥିଲା। ସେବାୟତଙ୍କ ପରିବାର ଲୋକଙ୍କୁ ଅଟକାଇବାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେବାୟତଙ୍କ ପରିବାର ପାଇଁ ଉତ୍ତରଦ୍ୱାରରେ ପ୍ରବେଶ ଥିବାବେଳେ କିଛି ସେବାୟତ ସେମାନଙ୍କ ପରିବାର ଲୋକଙ୍କୁ ଦକ୍ଷିଣ ଦ୍ୱାରରେ ଭିତରକୁ ନେବା ବେଳେ ପୁଲିସ ସେବାୟତଙ୍କୁ ଅଟକାଇଥିଲା। ଯାହା ଫଳରେ ସେବାୟତ ଓ ପୁଲିସ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ସହିତ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ହେଲେ ଏଠାରେ କଥା ଉଠୁଛି ଯେ ମହାଶିବରାତ୍ରୀ ପୂର୍ବରୁ ଘନ ଘନ ବୈଠକ ଓ ନେତା ମନ୍ତ୍ରୀଙ୍କ ମନ୍ଦିରକୁ ଆଗମନ ସହ ତଦାରଖ କରିବାର ଫଳ କ'ଣ ମିଳିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।



ଭକ୍ତଙ୍କୁ ପଣା ଓ ସର୍ବତ ବଣ୍ଟନ

ମହାଶିବରାତ୍ରୀରେ ଅନେକ ଭକ୍ତ ମାନସିକ କରିଥା'ନ୍ତି। ଏହି ପରିପ୍ରେକ୍ଷୀରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଭକ୍ତମାନଙ୍କ ପାଇଁ ଦହି ସର୍ବତ, ଲେମ୍ବୁପାଣି, ଗ୍ଲୁକୋଜ, ମାଜା ଆଦି ବଣ୍ଟନ କରୁଥିଲେ। ଲିଙ୍ଗରାଜ ମନ୍ଦିର ଭିତରେ ମଧ୍ୟ ଅନେକ ସ୍ୱେଚ୍ଛାସେବୀ ପାଣି ମଧ୍ୟ ଭକ୍ତଙ୍କୁ ବାଣ୍ଟୁଥିଲେ। ଏହି ସବୁ ସଂଗଠନ ମଧ୍ୟରୁ ଲିଓରା ନାମକ ଏକ ସଂଗଠନ ପକ୍ଷରୁ ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ଗ୍ଲୁକୋଜ୍, ମାଜା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ୟ ଥଣ୍ଡା ପାନୀୟର ବ୍ୟବସ୍ଥା କରାଯାଇଥିଲା।

ଅସୁସ୍ଥ ହୋଇ ପଡ଼ିଲେ ମହିଳା ଭକ୍ତ

ମହାଶିବରାତ୍ରୀ ଅବସରରେ ଲିଙ୍ଗରାଜ ମନ୍ଦିରକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଦର୍ଶନ କରିବାକୁ ଆସିଥିବାବେଳେ ଜଣେ ମହିଳା ଭକ୍ତ ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ସଙ୍ଗେସଙ୍ଗେ ସ୍ୱେଚ୍ଛାସେବୀମାନେ ଅସ୍ଥାୟୀ ଆଶୁ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

■ ଧାଡ଼ିରେ ଠିଆ ହୋଇ ଅସନ୍ତୋଷ ଝାଡ଼ିଲେ ଭକ୍ତ

ଭୋର୍ ୪ଟାରୁ ଧାଡ଼ିରେ ଠିଆ ହୋଇଛୁ, ଦିନ ୧୨ଟା ହେଲାଣି ଦର୍ଶନ କରିପାରିଲୁ ନାହିଁ। ଯାହାଦ୍ୱାରା ଅନେକ ଭକ୍ତ ଅସନ୍ତୋଷ ପ୍ରକାଶ କରିଥିଲେ। ଦୂରଦୂରାନ୍ତରୁ ଆସିବା ସହିତ ନିର୍ଜଳା ଉପବାସ କରି ଧାଡ଼ିରେ ଏତେ ସମୟ ଠିଆ ହେବା ସମ୍ଭବ ହେଉନାହିଁ ଯେଉଁଥିପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଛି ତାହାକୁ ଆଉ ଟିକେ ଅଧିକ ତ୍ୱରାନ୍ୱିତ କରିଲେ ଭଲ ହୁଅନ୍ତା ବୋଲି ନୟାଗଡ଼ରୁ ଆସିଥିବା ଅଭିଲିପ୍ସା ସାହୁ କହିଛନ୍ତି।



■ ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କଠାରୁ ଅଧିକ ସ୍ୱେଚ୍ଛାସେବୀ

ମନ୍ଦିର ଭିତରେ ଶ୍ରଦ୍ଧାଳୁମାନେ ଯେତିକି ଥିଲେ ତାଙ୍କଠାରୁ ଅଧିକ ରହିଥିଲେ ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀ। ଏହି ସବୁ ସ୍ୱେଚ୍ଛାସେବୀ ଭକ୍ତମାନଙ୍କୁ ଧାଡ଼ିରେ ଯିବାର ମାର୍ଗ ଦେଖାଉଥିବାବେଳେ ଆଉ କିଛି ସ୍ୱେଚ୍ଛାସେବୀ ଦିବ୍ୟାଙ୍ଗ ଭକ୍ତମାନଙ୍କ ଦର୍ଶନ କରାଇବାରେ ସାହାଯ୍ୟ କରୁଥିଲେ।

■ ଭକ୍ତଙ୍କ ହାତରେ କିଆ, କେତକୀ

ଲିଙ୍ଗରାଜ ମନ୍ଦିରକୁ ଦର୍ଶନ କରିବା ପାଇଁ ଆସିଥିବା ଭକ୍ତମାନଙ୍କ ହାତରେ କିଆ, କେତକୀ ଫୁଲ ଦେଖିବାକୁ ମିଳିଥିଲା। ଏହି ମହାଶିବରାତ୍ରୀରେ ମହାଦେବଙ୍କୁ କିଆ, କେତକୀ, ଦୁଦୁରା ଫୁଲ ଅର୍ପଣ କଲେ କୋଟି ପୁଣ୍ୟର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ମନ୍ଦିରର ଚତୁଃପାର୍ଶ୍ୱରେ ଏହି ଫୁଲ ବିକ୍ରି ହେବା ସହିତ ପ୍ରାୟ ସମସ୍ତ ଭକ୍ତଙ୍କ ହାତରେ ଏହି ଫୁଲ ରହିଥିଲା।

■ ବିଶାଳ ଚାନ୍ଦୁଆରେ ଝଟକିଲା ଗର୍ଭଗୃହ

ମହାଶିବରାତ୍ରୀ ପାଇଁ ଲିଙ୍ଗରାଜ ମନ୍ଦିର ଗର୍ଭଗୃହରେ ଲାଗିଛି ଏକ ବିଶାଳ ଚାନ୍ଦୁଆ। ୨୨ ଫୁଟ୍ ଚଉଡ଼ା ଓ ୨୨ ଫୁଟ୍ ଲମ୍ବ ବିଶିଷ୍ଟ ଏହି ଚାନ୍ଦୁଆକୁ ଜଣେ ଭକ୍ତ ଦାନ କରିଛନ୍ତି। ମନ୍ଦିର ପ୍ରଶାସନ ସହଯୋଗରେ ଏଏସ୍ଆଇ ଏହାକୁ ଲଗାଇଛି।

ବାହାରେ ଶିବ ଭିତରେ ଶିବ

ଲିଙ୍ଗରାଜ ମନ୍ଦିର ଭିତରେ ଶିବଙ୍କର ଏକ ଚିତ୍ରକୁ ବିକେ ଆର୍ଟ କଲେଜର ଜଣେ ଛାତ୍ରୀ ବସି ଅଙ୍କନ କରୁଥିବାବେଳେ ବାହାରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏକ ଶିବଙ୍କ ପ୍ରତିମୂର୍ତ୍ତି ଅଙ୍କନ କରାଯାଇଥିଲା ଯାହା ଦେଖଣାହାରିଙ୍କୁ ଅଧିକ ବିମୋହିତ କରିଥିଲା।





ଭୁବନେଶ୍ୱର ସିଟି



ମନ୍ଦିରମାଳିନୀ ସହରରେ ମହାଶିବରାତ୍ରୀ

'ଓଁ ନମଃ ଶିବାୟ' ଧ୍ୱନିରେ କମ୍ପିଲା ଶୈବପୀଠ



ଭୁବନେଶ୍ୱର,୧୫।୨(ସମିସ):

ମନ୍ଦିରମାଳିନୀ ସହରରେ ମହାଶିବରାତ୍ରି ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଚାରିଆଡ଼େ ଆଧ୍ୟାତ୍ମିକ ପରିବେଶ। ଶିବ ପଞ୍ଚାକ୍ଷର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶୈବପୀଠ। ଏକାମ୍ରକ୍ଷେତ୍ର ଅଧିଷ୍ଠିତ ଲିଙ୍ଗରାଜ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ମେଘେଶ୍ୱର ମନ୍ଦିର ସମେତ କେଦାରଗୌରୀ ମନ୍ଦିର, ଚିନ୍ତାମଣିଶ୍ୱର ମନ୍ଦିର, ଜିଜିପି କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ନୀଳାଦ୍ରିବିହାରସ୍ଥିତ ଈଶାନେଶ୍ୱର, ଚନ୍ଦ୍ରଶେଖରପୁରସ୍ଥିତ ଶିବମନ୍ଦିର ଆଦି ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। ସହରର ପ୍ରତ୍ୟେକ ଛୋଟବଡ଼ ଶିବ ମନ୍ଦିରରେ ଆଜି ସକାଳୁ ଭକ୍ତଙ୍କ ଭିଡ଼ ଜମିଥିବାବେଳେ ସନ୍ଧ୍ୟାରେ ଭକ୍ତିମୟ ପରିବେଶ ମଧ୍ୟରେ ଶ୍ରଦ୍ଧାଳୁ ଜାଗର ଜାଳି ବସିଥିଲେ। ଶୈବପୀଠରେ ଯଥାବିଧି ରାତିନୀତି ଅନୁସାରେ ପୂଜାର୍ଚ୍ଚନା ହେବା ସହ ରାତିରେ ମହାଦୀପ ଉଠିଥିଲା।



ଜିଜିପି କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ ମହାଦୀପ ଉଠୁଛି

■ ୟୁନିଟ-୫ ଚଣ୍ଡେଶ୍ୱର ଓ ଜଗନ୍ନାଥ ମନ୍ଦିର

ୟୁନିଟ-୫ସ୍ଥିତ ଚଣ୍ଡେଶ୍ୱର ଓ ଜଗନ୍ନାଥ ମନ୍ଦିରରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଦୁକ ନଳା ସହିତ ତତ୍‌ସଂଲଗ୍ନ ଅଞ୍ଚଳ ସଫାସୁତୁରା କରାଯାଇ ସମ୍ପୂର୍ଣ୍ଣ ମନ୍ଦିର ପରିସରକୁ ସୁସଜ୍ଜିତ ତୋରଣ, ଫୁଲରେ ସଜା ଯାଇଥିବାବେଳେ ରଙ୍ଗ ନ ଆଲୋକମାଳରେ ସଜା ଯାଇଥିଲା। ଭୋରରୁ ମଙ୍ଗଳ ଆଳତୀ, ଅବକାଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ଜାଗର ବେଶ, ଦ୍ୱିପହର ଧୂପ, ସନ୍ଧ୍ୟା ଆଳତୀ, ବେଶ ଶୃଙ୍ଗାର, ବେଢା ପରିକ୍ରମା ଆଦି ନୀତି ପରେ ରାତ୍ରି ୧୦.୧୦ରେ ମହାଦୀପ ଉଠିଥିଲା। ଚଣ୍ଡେଶ୍ୱର ମହାପ୍ରଭୁଙ୍କ ମନ୍ଦିର ସମ୍ମୁଖରେ ଅପରାହ୍ନରୁ ହୋମ ଯଜ୍ଞ ଆରମ୍ଭ ହୋଇ ମହାଦୀପ ପୂର୍ବରୁ ପୂର୍ଣ୍ଣାହୁତି ହୋଇଥିଲା। ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ପରିବେଷଣ ଓ ଭଜନ ସମାରୋହରେ ଭକ୍ତିମୟ ପରିବେଷ ସୃଷ୍ଟି କରିଥିଲା। ଏହାପରେ ସମୂହ ଦୀପଦାନ ଅନୁଷ୍ଠିତ ହୋଇଛି। ମହାଦୀପ ପରେ ଉପସ୍ଥିତ ସବୁ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।





ଜାଳିଲେ ଜାଗର, ପୂଜିଲେ ହର

ବଡ଼ରଘୁନାଥପୁର, ୧୫।୨ (ସମିସ): ଭୁବନେଶ୍ୱର ଉପକଣ୍ଠ ବଡ଼ରଘୁନାଥପୁର ଗ୍ରାମର ନୀଳକଣ୍ଠେଶ୍ୱରଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ସକାଳୁ ଆଖପାଖ ପ୍ରାୟ ୨୦ଟି ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶିବ ଦର୍ଶନ ପାଇଁ ଲମ୍ବା ଧାଡ଼ି ଲଗାଇଥିଲେ। ସନ୍ଧ୍ୟାରେ ପ୍ରାୟ ୪ ହଜାରରୁ ଅଧିକ ଶ୍ରଦ୍ଧାଳୁ ଜାଗର ଜାଳିଥିଲେ। ରାତି ୧୦ ଟା ବେଳକୁ ମହାଦୀପ ଉଠିଥିଲା। ଏହି ଅବସରରେ ସପ୍ତାହ ବ୍ୟାପୀ ବାଦୀପାଲା ଆୟୋଜନ କରାଯାଇଛି। ଏସବୁ କାର୍ଯ୍ୟରେ ବଡ଼ରଘୁନାଥପୁର ଗ୍ରାମବାସୀ, ବଡ଼ରଘୁନାଥପୁର ବ୍ୟବସାୟୀ ସଂଘ, ଯୁବଶ୍ରୀ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

ହଂସପାଳ: ଜାଗର ଉପଲକ୍ଷେ ହଂସପାଳର ବଟୁକେଶ୍ୱର ମନ୍ଦିର, ବାଲିଅନ୍ତାର ଶ୍ରୀ ନିକୁଞ୍ଜବିହାରୀ ମନ୍ଦିରରେ ଦିନତମାମ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସମସ୍ତ କାର୍ଯ୍ୟକ୍ରମ ମନ୍ଦିର କମିଟି ପକ୍ଷରୁ ପରିଚାଳନା କରାଯାଇଥିଲା। ସନ୍ଧ୍ୟାରେ ଗ୍ରାମବାସୀ ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳନ କରିଥିଲେ। ମନ୍ଦିର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶାନ୍ତିଶୃଙ୍ଖଳା ସହ ଦର୍ଶନ ପାଇଁ ବାଲିଅନ୍ତା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ଭାବରେ ସମେଇଗଡ଼ିଆ ସୋମନାଥ ମନ୍ଦିର, ପାହାଳ ଲକ୍ଷେଶ୍ୱର ମନ୍ଦିର, ତଳଗଡ଼ ବେଲେଶ୍ୱର, ଅଟଳା ଶିବମନ୍ଦିର, ବେଣୁପୁର ନୀଳକଣ୍ଠ ମନ୍ଦିରରେ ମଧ୍ୟ ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

ଯାଁଳା: ଯାଁଳା ଓ ଏହାର ଆଖପାଖ ଗ୍ରାମରେ ଥିବା ଶୈବପୀଠରେ ଜାଗର ଯାତ୍ରା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମୁଣ୍ଡମୁହାଣ ଗ୍ରାମେଶ୍ୱର ମନ୍ଦିରରେ ଭଜନ ସମାରୋହ ସହ ଶ୍ରଦ୍ଧାଳୁ ମାନଙ୍କ ପାଇଁ ମହାଦୀପ ଉଠିବା ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଯାଁଳା ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ୭ ଦିନ ବ୍ୟାପି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ଆଜି ମହାଶିବରାତ୍ରିରେ ପୂର୍ଣ୍ଣାହୁତି ହୋଇଛି। ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଜାଗର ଉପଲକ୍ଷେ ଭଜନ ସମାରୋହ ଓ ୭ଦିନ ବ୍ୟାପି ବାଦିପାଲା ଅନୁଷ୍ଠିତ ହେବ। ନଁପୁଟ ଶିବ ମନ୍ଦିର,ଗଙ୍ଗପଡା ଗଙ୍ଗେଶ୍ୱର ମନ୍ଦିର, ମଦନପୁର, ଛତାବର ଆଦି ଶୈବ ପୀଠରେ ଆଜି ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି।



ଜାଗରରେ ଦିବ୍ୟାଙ୍ଗ ବାପିନାଙ୍କ ଜଳଦାନ

ଭୁବନେଶ୍ୱର,୧୫।୨(ସମିସ): ସେ ଭିନ୍ନକ୍ଷମ ହେଲେ ବି ସମାଜ ପ୍ରତି ତାଙ୍କ ଅବଦାନ ସବୁବେଳେ ତାଙ୍କୁ ସକ୍ଷମ କରିଛି। ଦେଉଳିଆପାଟଣାର ବାପିନା ମହାପାତ୍ର। ସେ ପ୍ରତିବର୍ଷ ଜାଗର ଭଳି ଦିନରେ ଲୋକଙ୍କୁ ଖରାରେ ଜଳଦାନ ଭଳି ସେବା ଯୋଗାଇ ଆସୁଛନ୍ତି। ଏଥର ମଧ୍ୟ ଜାଗରରେ ବଡ଼ରଘୁନାଥପୁର ନୀଳକଣ୍ଠେଶ୍ୱର ମନ୍ଦିରରେ ଦହିପଣା ପ୍ରଦାନ ସହ ଗ୍ଲୁକୋଜ୍ ପାଣି ପ୍ରଦାନ କରିଛନ୍ତି। ଏଥିରେ ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟର ୧୦ ଛାତ୍ରଛାତ୍ରୀ ମଧ୍ୟ ସାହାଯ୍ୟ କରିଛନ୍ତି। ସକାଳ ୯ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ସେବା ଯୋଗାଇଥିଲେ ବାପିନା। ଏଥିରେ ପାଖାପାଖି ଦେଢ଼ ହଜାରରୁ ଅଧିକ ଲୋକଙ୍କୁ ଏହି ସେବା ମିଳିଥିଲା।



ମହାଶିବରାତ୍ରିରେ ଏହି ସେବା ଯୋଗାଇବା କ୍ଷେତ୍ରରେ ବଡ଼ରଘୁନାଥପୁର ଗ୍ରାମବାସୀଙ୍କ ମଧ୍ୟ ଢେର୍ ସହଭାଗିତା ଦେଖିବାକୁ ମିଳିଛି।

ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଜାତୀୟସ୍ତରୀୟ ଭଜନ ସମାରୋହ

ଡମ୍ବରୁ ବାଲେ ଶଙ୍କରା ତୁଝେ କରୁ ପ୍ରଣାମ...

ଭୁବନେଶ୍ୱର,୧୫।୨(ସମିସ): ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ୩୭ତମ ଜାତୀୟସ୍ତରୀୟ ଭଜନ ସମାରୋହ ରବିବାର ଲିଙ୍ଗରାଜ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଓ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍‌ପାଟି ଯୋଗଦେଇଥିଲେ। ଏହି ଅବସରେ ଆରମ୍ଭ ହୋଇଥିଲା ଭକ୍ତିମୟ ସାଂସ୍କୃତିକ କାର୍ଯ୍ୟକ୍ରମ। କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ପ୍ରଥମେ ଶ୍ରୀଜଗନ୍ନାଥ ଧାରାବାହିକର ନୀଳସିନ୍ଧୁ ତୀରେ ନୀଳାଚଳେ...ଗାଇଥିଲେ। ପରେ ପରେ ମୁମ୍ବଇ ବର୍ଦ୍ଧନ ସିଂହେ ଡମ୍ବରୁବାଲେ ଶଙ୍କରା ତୁଝେ କରୁ ପ୍ରଣାମ..., ମୁମ୍ବଇର ନୀତିନ୍ ମୁକେଶ୍ ଜୋତ୍ ସେ ଜୋତ୍ ମିଲ୍‌ତେ ଚଲୋ..., ପ୍ରେମ୍ କି ଗଙ୍ଗା ବହତେ ଚଲୋ..., ବନାରସର ଖୁଶବୁ ତିୱାରୀ ହେ ଜଗନ୍ନାଥ ଚକା ନୟନ, ତୁ ସାମାଲେ... ଏ ଦୁନିଆ ବନାନେ ବାଲେ କହେକୋ ଦୁନିଆ ବନୟା.... ଭଳି ହୃଦୟ ଭରା ଭକ୍ତି ସଙ୍ଗୀତ ପରିବେଷଣ କରି ଆଧ୍ୟାତ୍ମିକତାର ବାତାବରଣ ସୃଷ୍ଟି କରିଥିଲେ।

ସେହିପରି ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ଶ୍ରୀଚରଣ, କୁମାର ବାପି, ଶୈଳଭାମା ମହାପାତ୍ର, ସୌରଭ ନାୟକ, ଦିପ୍ତାରେଖା ପାଢ଼ୀଙ୍କ ସମେତ ୩୦ରୁ ଅଧିକ ଆଗଧାଡ଼ିର କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ସଙ୍ଗୀତ ଜଗତର ଖ୍ୟାତନାମା କଳାକାର ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ "ଏକାମ୍ର ଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅଭିଭାଷଣ ରଖିଥିଲେ। ତତ୍‌ସହିତ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂହ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ସନତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରତିକାନ୍ତ ମହାସ୍ୱାର, ଲଲାଟେନ୍ଦୁ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

ନୀତିନ୍ ମୁକେଶଙ୍କ ଭଜନରେ ମତୁଆଲା ହେଲେ ଦର୍ଶକ

ଶିବରାତ୍ରୀ ପାଇଁ ଆର୍ଟ ଅଫ୍ ଲିଭିଂ ଅନ୍ତର୍ଜାତୀୟ କେନ୍ଦ୍ରରେ ୧୮୦ ଦେଶର ଭକ୍ତ

ଭୁବନେଶ୍ୱର,୧୫।୨(ସମିସ): ବିଶ୍ୱର ୧୮୦ ଟି ଦେଶରୁ ଲକ୍ଷ ଲକ୍ଷ ଭକ୍ତ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଦିବ୍ୟ ସାନ୍ନିଧ୍ୟରେ ଭବ୍ୟ ମହାଶିବରାତ୍ରି ଉତ୍ସବ ପାଳନ ପାଇଁ ଆର୍ଟ ଅଫ୍ ଲିଭିଂ ଅନ୍ତର୍ଜାତୀୟ କେନ୍ଦ୍ରରେ ପହଞ୍ଚିଛନ୍ତି। ରୁଦ୍ର ପୂଜା - ଭଗବାନ ରୁଦ୍ରଙ୍କ ଉପାସନା ପାଇଁ ସମର୍ପିତ ଏକ ଶକ୍ତିଶାଳୀ ବୈଦିକ କ୍ରିୟା, ଗୁରୁଦେବଙ୍କ ଉପସ୍ଥିତିରେ ଭଗବାନ ଶିବଙ୍କ କରୁଣାମୟ ରୂପର ଉପାସନା। ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ପ୍ରାଚୀନ ବେଦମନ୍ତ୍ର 'ଶ୍ରୀ ରୁଦ୍ରମ୍' ଉପରେ ଆଧାରିତ ଏହି ଆଚାର, ପରିବେଶକୁ ପବିତ୍ର କରିବା ସହ ସାମୂହିକ ସଚେତନତାକୁ ଉନ୍ନତ କରେ ଓ ବ୍ୟକ୍ତି ଏବଂ ସମାଜ ପାଇଁ ଶାନ୍ତି, ସମୃଦ୍ଧି ଓ କଲ୍ୟାଣ ଆଣିଥାଏ ବୋଲି ବିଶ୍ୱାସ କରାଯାଏ। ଶିବରାତ୍ରିରେ ୨.୫ ରୁ ୩ ଲକ୍ଷ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ରବି ଶଙ୍କର କହିଛନ୍ତି, ଶିବରାତ୍ରି ହେଉଛି ଏହି ଭୌତିକ ଜଗତ ଓ ତୁମ ଅନ୍ତର୍ନିହିତ ସୂକ୍ଷ୍ମ ଜଗତ ମଧ୍ୟରେ ଏକ ସେତୁ। ଏହି ଆନ୍ତରିକ ଯାତ୍ରା ବହୁତ ଅଧିକ ବାହ୍ୟ ବ୍ୟସ୍ତତା ବା କୋଳାହଳ ସହିତ ସମ୍ଭବ ନୁହେଁ। ଏହା ଏକ ଆନ୍ତରିକ ସଂଯୋଗର ସ୍ଥାନ, ମନୋରଞ୍ଜନର ନୁହେଁ। କେହି ଏହାକୁ କେବଳ ଏକ ଧାର୍ମିକ କ୍ରିୟା ଭାବେ ଦେଖନ୍ତି, ଆଉ କେହି ମନୋରଞ୍ଜନ ଭାବେ, ଉଭୟକ୍ଷେତ୍ରରେ ସେମାନେ ପ୍ରଧାନ ବିଷୟକୁ ହରାନ୍ତି - ଯେ ଶିବରାତ୍ରି ହେଉଛି ଧ୍ୟାନମୟ ସଚେତନତା ବିଷୟରେ। ଆନନ୍ଦ ଓ ଭକ୍ତିରେ ଲୀନ ହେବାର ଅବସର।



ଆର୍ଯ୍ୟ ସମାଜ ପକ୍ଷରୁ ମହର୍ଷି ଦୟାନନ୍ଦ ଋଷିବୋଧ ଉତ୍ସବ

ଭୁବନେଶ୍ୱର,୧୫।୨(ସମିସ): ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦଙ୍କ ଋଷିବୋଧ ଉତ୍ସବ ରବିବାର ଆର୍ଯ୍ୟ ସମାଜ ପକ୍ଷରୁ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ସଚ୍ଚ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ମହର୍ଷି ଦୟାନନ୍ଦ ଆଜକୁ ୨୦୨ ବର୍ଷ ତଳେ ଭାରତବର୍ଷର ଗୁଜୁରାଟ ପ୍ରଦେଶ କାଥିକାବାଡ଼ ଜିଲ୍ଲାର ଟଙ୍କରା ଗ୍ରାମରେ ଏକ ସାମନ୍ତ ବ୍ରାହ୍ମଣ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ପବିତ୍ର ଶିବରାତ୍ରୀରେ ଉଜାଗର ରହି ଶିବଙ୍କୁ ଉପାସନା କରିବା ସମୟରେ ସେ ପ୍ରକୃତ ଶିବଙ୍କ ଦର୍ଶନ ପାଇ ବ୍ୟାକୁଳ ହୋଇ ଉଠିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର, ଅନ୍ୟତମ ଅତିଥି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିନୋଦ ବିହାରୀ ଦାସ, ବେଦପାଠ ଓ ସ୍ୱାଗତ ଭାଷଣ ଏବଂ ପ୍ରମୋଦ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନଳିନୀକାନ୍ତ ରାଉତ ଓ ଭବାନୀକାନ୍ତ ରାଉତ ପରି.ଳନା କରିଥିଲେ।



ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ପର୍ବ ଉଦ୍‌ଯାପିତ

'ଓଡ଼ିଆ ଅସ୍ମିତା ଔଦ୍ଧତ୍ୟ ନୁହେଁ, ବରଂ ଅହଂର ଓଁକାର'

ଭୁବନେଶ୍ୱର,୧୫।୨(ସମିସ): ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ପର୍ବର ମୁକ୍ତ ଅଧିବେଶନରେ ଓଡିଆ ଅସ୍ମିତା, ଭାଷା ଓ ସାହିତ୍ୟ ଉପରେ ବ୍ୟାପକ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ରାଜନେତା ପ୍ରସାଦ ହରିଚନ୍ଦନ, ସମାଜସେବୀ ନମ୍ରତା ଚଢା ଓ ସୁଲେଖକ ଅଭିରାମ ବିଶ୍ୱାଳ ମତପ୍ରଦାନ କରି ଓଡିଆ ଅସ୍ମିତା ଔଦ୍ଧତ୍ୟ ନୁହେଁ, ବରଂ ଅହଂର ଓଁକାର ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ରକ୍ଷକ ନାୟକ ପୌରୋହିତ୍ୟ କରିଥିଲେ। ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ ସିଂହ ସ୍ୱାଗତ ସୂଚନା ଦେଇଥିଲେ। ଦୁଇଦିନ ମଧ୍ୟରେ 'ଭାରତୀୟତା : ନୂଆ ସମୟ ନୂଆ ଭୂମିକା' ପ୍ରସଙ୍ଗ ଉପରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କଲ୍ୟାଣ ରାୟ, ସୌମେନ୍ଦ୍ର ଜେନା, ନବଜ୍ୟୋତି ରାୟ ଓ ନେତାଜୀ ଅଭିନନ୍ଦନ ବକ୍ତବ୍ୟ ରଖିଥିଲେ। 'ନେପଥ୍ୟରୁ ସ୍ୱର: କଣ୍ଠ କାରିଗର' ଶୀର୍ଷକ ଆଲୋଚନାରେ ଭଏସ୍ ଆର୍ଟିଷ୍ଟ ସୁଧାକର ଦାସ, ରାକ୍ଷୀ ଦାସ ଓ ଶରତ ନାୟକ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନ 'ସମକାଳୀନ ଓଡିଆ କଥାସାହିତ୍ୟ: ଦୃଷ୍ଟିପାତ' ଉପରେ ମୋନାଲିସା ମିଶ୍ର, ସ୍ୱାଗତିକା ସ୍ୱାଇଁ, ତପନ ମହାପାତ୍ର, ଆଶିଷ ଗଡନାୟକ ଓ ଅଧ୍ୟାପକ ଆଭାସ ବରାଳ ଆଲୋଚନା କରିଥିବାବେଳେ 'ଓଡିଆ ଭାଷା: ଭବିଷ୍ୟତ ଓ ଆହ୍ୱାନ' ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ, ଅଧ୍ୟାପକ ଡ. ସଦାନନ୍ଦ ନାୟକ, ଡ. ଅମ୍ବରୀଶ ଶତପଥୀ ଓ ଡ. ହିମାଦ୍ରିତନୟା ମିଶ୍ର।